# ଧରିତ୍ରୀ
DHARITRI

ସୋମବାର, ଜୁନ୍ ୧/୨୦୨୦ (୨୦ ପୃଷ୍ଠା) Monday, June 1/2020

୪୭ଶ ଭାଗ ୧୮୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




### ବଲିଉଡ୍‌ରେ ଜ୍ୟାକଲିନ୍‌ଙ୍କ ୧୧ ବର୍ଷ

୨୦୦୯ରେ 'ଆଲାଦିନ' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ପାଦ ରଖିଥିବା ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଡିଜ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ୧୧ ବର୍ଷ ପୂରଣ କରିଛନ୍ତି।

**୧୦ ୨୦**

### ଖେଳରତ୍ନ ପୁରସ୍କାର ଦୌଡ଼ରେ ଫୋଗଟ୍

ଭାରତୀୟ କୁସ୍ତି ମହାସଂଘ ପୁଣି ଥରେ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ଭିନେଶ ଫୋଗଟ୍‌ଙ୍କ ନାମ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରିବା।



# ଜୁନ୍ ୧୭ ନୁହେଁ ଜୁଲାଇରେ ଖୋଲିବ ସ୍କୁଲ

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପୂର୍ବ ଘୋଷଣା ମୁତାବକ ଜୁନ୍ ୧୭ରେ ସ୍କୁଲ ଖୋଲିବ ନାହିଁ। ବର୍ତ୍ତମାନ ସ୍ଥିତିକୁ ଅନୁଧ୍ୟାନ କରିବାପରେ ସରକାର ଏହି ନିଷ୍ପତ୍ତି ନେଇଥିବା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରବିବାର ସୂଚନା ଦେଇଛନ୍ତି। ସମୀର କହିଛନ୍ତି ଯେ,ସୋମବାରଠାରୁ ଲକ୍‌ଡାଉନ କଟକଣା କୋହଳ ହେବାକୁ ଯାଉଛି। ଅନ୍ୟପଟେ କେନ୍ଦ୍ରର ନୂଆ ମାର୍ଗଦର୍ଶିକା ଅନୁଯାୟୀ ଶିକ୍ଷାନୁଷ୍ଠାନ ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାର ନେଇପାରିବେ। ଜୁଲାଇ ମାସରେ ସ୍କୁଲ ଖୋଲିବା ନେଇ ନିଷ୍ପତ୍ତି ନିଆଯିବ। ରାଜ୍ୟରେ କରୋନା ସ୍ଥିତିକୁ ନେଇ ଜୁନ୍ ୧୭ରେ ସ୍କୁଲ ଖୋଲିବା ଉପରେ ମନ୍ତ୍ରୀ ପରିଷଦ ବୈଠକରେ ଆଲୋଚନା ହୋଇଥିଲା। ସେହି ଅନୁଯାୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟକୁ ଫାଇଲ ମଧ୍ୟ ଯାଇଛି। ମାତ୍ର ଇତିମଧ୍ୟରେ କେନ୍ଦ୍ରର ଲକ୍‌ଡାଉନ ୫ର ଗାଇଡଲାଇନ ଆସିଛି। ଏଥିରେ ଶିକ୍ଷାନୁଷ୍ଠାନ ଖୋଲିବା ନେଇ ଜୁଲାଇ ପ୍ରଥମ ସପ୍ତାହରେ ରାଜ୍ୟ ସରକାରମାନଙ୍କ ସହ କେନ୍ଦ୍ର ଆଲୋଚନା କରି ନିଷ୍ପତ୍ତି ନେଇ ପାରିବେ ବୋଲି ଉଲ୍ଲେଖ ରହିଥିବା ସମୀର କହିଛନ୍ତି। ମାତ୍ର ଏନେଇ ସରକାରଙ୍କ ପକ୍ଷରୁ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇନାହିଁ। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଜୁଲାଇ ୧୫ରେ ସ୍କୁଲ ପୃଷ୍ଠା-୪



- ଜୁଲାଇ ୧୫ରେ ଖୋଲିପାରେ, ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକୁ ଅପେକ୍ଷା
- ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ହେବ ନିଷ୍ପତ୍ତି
- ଆଜିଠୁ ଅନ୍‌ଲାଇନ୍‌ରେ ଯୁକ୍ତ୨ ମୂଲ୍ୟାୟନ

# ଜି ୧୧ରେ ସାମିଲ ହେବ ଭାରତ

**ୱାଶିଂଟନ,୩୧।୫ (ପି.ଟି./ଆଇଏଏନ୍‌ଏସ୍)**

- ଜି ୭ର ବିସ୍ତାର ଚାହାନ୍ତି ଡୋନାଲ୍ଡ ଟ୍ରମ୍ପ୍
- ଫେରିବ ରୁଷିଆ, ସେପ୍ଟେମ୍ବରରେ ସମ୍ମିଳନୀ
- ଚାଇନାକୁ ମାତ୍ ଦେବାକୁ ଆମେରିକାର ରଣନୀତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜି ୭ ସମ୍ମିଳନୀକୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଘୁଞ୍ଚାଇଦେଇଛନ୍ତି। ଏହାସହ ସେ ଏହି ପୁରୁଣା ବ୍ଲକ୍‌କୁ ଜି ୧୦ କିମ୍ବା ଜି ୧୧ ଯାଏ ବିସ୍ତାର କରି ଭାରତ ସମେତ ଆଉ ୩ଟି ଦେଶକୁ ସାମିଲ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଚାଇନା ବିରୋଧରେ ବିଶ୍ୱକୁ କରୋନା ଭାଇରସ୍ ପଠାଇଥିବା ଅଭିଯୋଗ ଆଣି ବେଜିଂକୁ ମାତ୍ ଦେବା ପାଇଁ ଟ୍ରମ୍ପ୍ ଏପରି ରଣନୀତି ପ୍ରସ୍ତୁତ କରିଥିବା କୁହାଯାଉଛି।

ଜି ୭ ହେଉଛି ବିଶ୍ୱର ସବୁଠୁ ବଡ଼ ୭ଟି ଅର୍ଥନୀତିକୁ ନେଇ ଗଠିତ ରାଷ୍ଟ୍ର ସମୂହ। ଏହି ଏଲିଟ୍ ଗ୍ରୁପ୍‌ରେ ବର୍ତ୍ତମାନ ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ ଓ କାନାଡା ଅଛନ୍ତି। ଜି ୭ ସଦସ୍ୟ ରାଷ୍ଟ୍ରଗୁଡ଼ିକର ମୁଖ୍ୟମାନେ ପ୍ରତିବର୍ଷ ଅନ୍ତର୍ଜାତୀୟ ଅର୍ଥନୀତି ଓ ଆର୍ଥିକ ପ୍ରସଙ୍ଗଗୁଡ଼ିକୁ ନେଇ ସମ୍ମିଳନୀ କରିଥାନ୍ତି। ଅଧ୍ୟକ୍ଷତା କରୁଥିବା ଦେଶ ସାଧାରଣତଃ ସ୍ୱତନ୍ତ୍ର ନିମନ୍ତ୍ରଣ ଜରିଆରେ ଆଉ ଗୋଟିଏ କିମ୍ବା ଦୁଇଟି ରାଷ୍ଟ୍ରକୁ ସମ୍ମିଳନୀକୁ ଡାକିଥାନ୍ତି। ଗତବର୍ଷ ଆୟୋଜକ ରାଷ୍ଟ୍ର ଫ୍ରାନ୍ସର ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଉକ୍ତ ସମ୍ମିଳନୀକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରିଥିଲେ। ଚଳିତବର୍ଷ ଆମେରିକା ଜି ୭ର ଅଧ୍ୟକ୍ଷତା କରୁଛି। କରୋନା ଭାଇରସ୍ ସଂକ୍ରମଣ ଦୃଷ୍ଟିରୁ ଏଥର ଏହି ସମ୍ମିଳନୀ ଭିଡିଓ କନ୍‌ଫରେନ୍ସ ଜରିଆରେ କରାଯିବ ବୋଲି ପୂର୍ବରୁ ଆଲୋଚନା ହେଉଥିଲା। କିନ୍ତୁ ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡ଼ିକର ମୁଖ୍ୟମାନେ ବ୍ୟକ୍ତିଗତ ଭାବେ ଆସି ଏଥିରେ ଯୋଗଦିଅନ୍ତୁ ବୋଲି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଚାହୁଁଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପ୍ ଶନିବାର ଫ୍ଲୋରିଡାରୁ ୱାଶିଂଟନ ଡିସିକୁ ଏୟାରଫୋର୍ସ ୱାନ୍‌ରେ ଯାତ୍ରା କରୁଥିବାବେଳେ ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, ସେ ଜି ୭ ସମିଟକୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ଥଗିତ କରିଦେଇଛନ୍ତି। ବିଶ୍ୱରେ ଯାହା ଚାଲିଛି ତାକୁ ନେଇ ଜି ୭ ଉପଯୁକ୍ତ ପ୍ରତିନିଧିତ୍ୱ କରିପାରୁ ନାହିଁ କି ସମାଧାନର ବାଟ ବାହାର କରି ପାରୁନାହିଁ। ଏହା ହେଉଛି ରାଷ୍ଟ୍ର ସମୂହର ପୁରୁଣାକାଳିଆ ଗୋଷ୍ଠୀ। ତେଣୁ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ଶେଷ ହେବା ପରେ ଏହାକୁ ଜି ୧୦ କିମ୍ବା ଜି ୧୧ରେ ପରିଣତ କରାଯାଇପାରିବ। ସେପ୍ଟେମ୍ବରରେ ୧୫ରେ ହେବାକୁ ଥିବା ଜାତିସଂଘ ସାଧାରଣ ସଭା ଅଧିବେଶନ ପୂର୍ବରୁ ଏହାର ସମ୍ମିଳନୀ ଆୟୋଜନ ସମ୍ଭବ। ବିଶ୍ୱ ଅର୍ଥନୀତିର ଏହି ୭ ସଦସ୍ୟ ବିଶିଷ୍ଟ ଗ୍ରୁପ୍‌କୁ ପୁନର୍ଗଠନ କରି ଏଥିରେ ରୁଷିଆ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ ଓ ଭାରତକୁ ସାମିଲ ହେବା ପାଇଁ ନିମନ୍ତ୍ରଣ କରିବା ଯୋଜନା ରହିଛି। ଏନେଇ ସେ ୪ ରାଷ୍ଟ୍ରର ନେତାମାନଙ୍କ ସହ ଅନୌପଚାରିକ ଭାବେ ଆଲୋଚନା କରିଛନ୍ତି। ଆମେ ଅଷ୍ଟ୍ରେଲିଆ, ଭାରତ ଓ ଦକ୍ଷିଣ ଆଫ୍ରିକାକୁ ଚାହୁଁଛୁ ବୋଲି କହିବାବେଳେ ଟ୍ରମ୍ପ୍ ରୁଷିଆର ନାମ ନେଇ ନ ଥିଲେ। ଏହା ପୂର୍ବରୁ ସେ ଏହି ରାଷ୍ଟ୍ରଗୋଷ୍ଠୀରେ ଯୋଗଦେବା ପାଇଁ ରୁଷିଆକୁ ନିମନ୍ତ୍ରଣ କରିଥିଲେ। କାରଣ ପୂର୍ବରୁ ଏହା ଜି ୮ ଥିବାବେଳେ ରୁଷିଆ ଏଥିରେ ସାମିଲ ଥିଲା। କିନ୍ତୁ ୨୦୧୪ରେ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ସମୟରେ ରୁଷିଆ ନିଜ ଭୂଖଣ୍ଡରେ କ୍ରିମେଆକୁ ଯୋଡ଼ିବା ପରେ ମସ୍କୋକୁ ବାହାର ବାଟ ଦେଖାଇ ଦିଆଯାଇଥିଲା। ଏବେ ରୁଷିଆକୁ ଏଥିରେ ପୁଣିଥରେ ସାମିଲ ପାଇଁ ଯୋଜନା ଚଳାଇଛନ୍ତି ଟ୍ରମ୍ପ୍। ସେହିପରି ହ୍ୱାଇଟ୍ ହାଉସ୍‌ର ଷ୍ଟ୍ରାଟେଜିକ୍ କମ୍ୟୁନିକେଶନ୍ସ ନିର୍ଦ୍ଦେଶକ ଆଲିସା ଆଲେକ୍ସଜାଣ୍ଡ୍ରା କହିଛନ୍ତି, ଚାଇନାର ଭବିଷ୍ୟତ ନେଇ ରଣନୀତି ପ୍ରସ୍ତୁତ କରିବା ପାଇଁ ଜି ୭କୁ ବ୍ୟାପକ କରାଯାଇ ଏଥିରେ ଆମର ପାରମ୍ପରିକ ସହଯୋଗୀମାନଙ୍କୁ ସାମିଲ କରାଯିବ।

ପ୍ରକାଶ ଯେ, ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ନଭେମ୍ବର ୩ରେ ହେବ। ହ୍ୱାଇଟ୍ ହାଉସ୍‌କୁ ପୁଣିଥିରେ ଯିବା ପାଇଁ ଟ୍ରମ୍ପ୍ ଦ୍ୱିତୀୟ ଥର ଏହି ନିର୍ବାଚନ ଲଢ଼ୁଛନ୍ତି। ପୃଷ୍ଠା-୪



ଡୋନାଲ୍ଡ ଟ୍ରମ୍ପ୍




# ଆଜିଠାରୁ ଗଡ଼ିବ ୨୦୦ ସ୍ୱତନ୍ତ୍ର ଟ୍ରେନ୍

**ନୂଆଦିଲ୍ଲୀ,୩୧।୫**

ଜୁନ୍ ପହିଲାରୁ ସାରା ଦେଶରେ ୨୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବା ନେଇ ରବିବାର ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ପ୍ରଥମ ଦିନରେ ଏହି ଟ୍ରେନ୍‌ଗୁଡ଼ିକରେ ୧.୪୫ ଲକ୍ଷ ଯାତ୍ରୀ ଯାତ୍ରା କରିବା ନେଇ ଯୋଜନା ଧାର୍ଯ୍ୟ ହୋଇଛି। ଜୁନ୍ ପହିଲାଠାରୁ ୩୦ ତାରିଖ ଯାଏ ୨୬ ଲକ୍ଷ ଯାତ୍ରୀ ଟ୍ରେନ୍ ଯାତ୍ରା ଲାଗି ଆଗୁଆ ଟିକେଟ ସଂରକ୍ଷିତ କରିଛନ୍ତି। ମେ ୧୨ଠାରୁ ସରକାର ଶ୍ରମିକ ସ୍ପେଶାଲ ଟ୍ରେନ୍ ଏବଂ ୩୦ ସ୍ୱତନ୍ତ୍ର ଏସି ଟ୍ରେନ୍ ଚଳାଚଳ ନେଇ ବ୍ୟବସ୍ଥା କରିଛନ୍ତି। ଯାତ୍ରାର ୯୦ ମିନିଟ ଆଗରୁ ଷ୍ଟେଶନରେ ପହଞ୍ଚିବାକୁ କୁହାଯାଇଛି। ଯେଉଁ ଯାତ୍ରୀ ସଂରକ୍ଷିତ ଟିକେଟ ରଖିଛନ୍ତି ସେମାନଙ୍କୁ ଷ୍ଟେଶନ ପରିସରକୁ ଛଡ଼ାଯାଉଛି। କୋଭିଡ୍‌ର କୌଣସି ଲକ୍ଷଣ ନ ଥିବା ଯାତ୍ରୀଙ୍କୁ ଯାତ୍ରା ପାଇଁ ବୋର୍ଡରେ ଅନୁମତି ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ବର୍ତ୍ତମାନ ସୁଦ୍ଧା ୪୦୫୦ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍‌ରେ ୫୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଯାତ୍ରା କରିଛନ୍ତି।

**ଆଜିର ସମ୍ପାଦକୀୟ**

**କନ୍ଦାଇ ଦେଲେ**

### ଆଜିଠୁ ଅନ୍‌ଲକ୍-୧



ରବିବାର ଲକ୍‌ଡାଉନ୍-୪ର ଶେଷ ଦିବସରେ ରାଜଧାନୀ ରାସ୍ତାର ସ୍ୱାଭାବିକ ସ୍ଥିତି ।

# ମହାକାଶଚାରୀଙ୍କୁ ଅନ୍ତରୀକ୍ଷରେ ପହଞ୍ଚାଇଲା ସ୍ପେସ୍‌ଏକ୍ସ

**ଇତିହାସ ରଚିଲା ଆମେରିକାର ଘରୋଇ କମ୍ପାନୀ**

**ୱାଶିଂଟନ,୩୧।୫**

ଆମେରିକା ଏହାର ଦୁଇଜଣ ମହାକାଶଚାରୀଙ୍କୁ ଅନ୍ତରୀକ୍ଷକୁ ପଠାଇ ଇତିହାସ ରଚିଛି। ଶନିବାର ରାତିରେ ଫ୍ଲୋରିଡାର କେନେଡି ମହାକାଶ କେନ୍ଦ୍ରରୁ ଘରୋଇ ବ୍ୟବସାୟିକ ସଂସ୍ଥା ସ୍ପେସ୍‌ଏକ୍ସର କ୍ରିଉ ଡ୍ରାଗନ ମହାକାଶଯାନ ସଫଳତାର ସହ ନାସାର ଦୁଇ ମହାକାଶଚାରୀଙ୍କୁ ନେଇ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରେ ପହଞ୍ଚାଇଛି। ପାଖାପାଖି ଏକ ଦଶନ୍ଧି ମଧ୍ୟରେ ଆମେରିକା ମାଟିରୁ କକ୍ଷପଥକୁ ମହାକାଶଚାରୀଙ୍କୁ ପ୍ରେରଣ କରାଯିବା ଏହା ପ୍ରଥମ ଘଟଣା।

ନାସାର କେନେଡି ମହାକାଶ କେନ୍ଦ୍ରର ଲଞ୍ଚ୍ କମ୍ପ୍ଲେକ୍ସ ୩୯ଏରୁ ସ୍ପେସ୍‌ଏକ୍ସର ଫାଲକନ୍ ୯ ରକେଟ୍ ଶନିବାର ରାତିରେ ପଠାଯାଇଥିଲା। ନାସାର ମହାକାଶଚାରୀ ବବ୍ ବେନ୍‌କେନ(୪୯) ଏବଂ ଡୁଗ୍ ହର୍ଲି (୫୩) ମହାକାଶକୁ ଯାଇଛନ୍ତି। ସେଠାକୁ ମାନବ ପଠାଇବାରେ ସ୍ପେସ୍‌ଏକ୍ସ ପ୍ରଥମ ଘରୋଇ କମ୍ପାନୀ। କିନ୍ତୁ ପୂର୍ବରୁ ଏହି ସଫଳତା ତିନୋଟି ଦେଶ ଆମେରିକା, ରୁଷିଆ ଏବଂ ଚାଇନା ସରକାରଙ୍କୁ ମିଳିଥିଲା। କ୍ରିଉ ଡ୍ରାଗନ ମହାକାଶ ଯାନ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନରେ ପହଞ୍ଚିବାକୁ ୧୯ ଘଣ୍ଟା ଲାଗିଥିଲା।

ଗତ ବୁଧବାର ଖରାପ ପାଗ ଯୋଗୁ ଏହି ଉତ୍‌କ୍ଷେପଣ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା। କରୋନା ମହାମାରୀରେ ଆମେରିକା ସର୍ବାଧିକ ସଂକ୍ରମିତ ହୋଇଥିବାବେଳେ ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ୪୦ ନିୟୁତ ଲୋକ ନିଯୁକ୍ତି ହରାଇବା ସହ ଅର୍ଥନୀତି ମାନ୍ଦାବସ୍ଥା ମଧ୍ୟକୁ ଠେଲିହୋଇଯାଇଛି। ଏଭଳି ଏକ ବିପତ୍ତି ସମୟରେ ସ୍ପେସ୍‌ଏକ୍ସର ଏହି ସଫଳତା ଦେଶବାସୀଙ୍କ ପାଇଁ ଖୁସି ଆଣିଛି। ମହାକାଶ ଯାନ ପ୍ରେରଣର ସିଧାପ୍ରସାରଣ ଦେଖିବା ପାଇଁ ରବିବାର ଅପରାହ୍ନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍‌ଙ୍କ ସମେତ ହଜାର ହଜାର ଆମେରିକୀୟ କେନେଡି ମହାକାଶ କେନ୍ଦ୍ରରେ ଉପସ୍ଥିତ ଥିଲେ। ଏହି ସଫଳତା ପୃଷ୍ଠା-୪






# ପଙ୍ଗପାଳ ଦମନରେ ଧର୍ମବିଶ୍ୱାସ ପ୍ରତିବନ୍ଧକ

- ୧୮୧୨ରୁ ୧୮୮୯ ମଧ୍ୟରେ ଭାରତରେ ୮ଥର ଉପଦ୍ରବ
- ଏବେ ଡିଜେ, ଡ୍ରୋନ୍ ସହାୟତାରେ ଚାଲିଛି ଲଢ଼େଇ

**ନୂଆଦିଲ୍ଲୀ,୩୧।୫**

ମଧ୍ୟପ୍ରଦେଶର ପାନ୍ନା ଅଞ୍ଚଳରେ ଗତ ସପ୍ତାହରେ ବାଜିଥିଲା ପୋଲିସ ସାଇରନ। ହେଲେ ତାହା ଚୋରଙ୍କୁ ଗୋଡ଼ାଇବା ଲାଗି ନୁହେଁ ବରଂ ମାରାତ୍ମକ କୀଟ ପଙ୍ଗପାଳ ଦଳଠାରୁ ରକ୍ଷା ପାଇଁ। ଏହି ବିଧ୍ୱଂସକ ବିଦେଶାଗତ କୀଟ ପ୍ରତିଦିନ ତା' ଓଜନର ତାଜା ଖାଦ୍ୟ ଖାଇପାରେ। ତେଣୁ ୧ ବର୍ଗ କିଲୋମିଟର ବ୍ୟାପ୍ତ ଦଳରେ ରହୁଥିବା ପ୍ରାୟ ୧୫ କୋଟି ପଙ୍ଗପାଳ କେତେ ଫସଲ ନଷ୍ଟ କରିଦେବେ ତାହା ସହଜେ ଅନୁମେୟ। ବର୍ତ୍ତମାନ ରାଜସ୍ଥାନ, ଗୁଜରାଟ, ପଞ୍ଜାବ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ଏରିୟଲ ସ୍ପ୍ରେୟର ବ୍ୟବହାର କରାଯାଉଛି। ବିଶେଷକରି ଅପହଞ୍ଚ ଅଞ୍ଚଳରେ ଡ୍ରୋନ ଦ୍ୱାରା ରାସାୟନିକ ସିଞ୍ଚନ କରାଯାଉଛି। କୃଷକମାନେ ନିଜ ଉପାୟରେ ଏହି କୀଟକୁ ଘଉଡ଼ାଇବା ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇଛନ୍ତି। ଏପରି କି ସେମାନେ ବିବାହ ଉତ୍ସବରେ ବ୍ୟବହୃତ ଡ୍ରମ୍ ବାଜା, ଡିଜେ(ବହୁ ଲାଉଡ୍ ସ୍ପିକର ସଂଲଗ୍ନ) ଥାଳି ଓ ଅନ୍ୟାନ୍ୟ ବାସନକୁସନ ମଧ୍ୟ ବଜାଉଛନ୍ତି। ପଙ୍ଗପାଳଙ୍କୁ ଭୟଭୀତ କରି ଦୂରେଇବା ପାଇଁ ଉଚ୍ଚ ଶବ୍ଦ ଅନ୍ୟତମ ଉପାୟ ହୋଇପାରିଛି। ହେଲେ ଏହି ଲଢ଼େଇ ଏବେକାର ନୁହେଁ। ୨୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଆସିଛି ଫସଲ ବଞ୍ଚାଇବା ଅଭିଯାନ। କିନ୍ତୁ ଲୋକଙ୍କ ଖାଦ୍ୟାଭ୍ୟାସ, ଧାର୍ମିକ ଓ ଅନ୍ଧବିଶ୍ୱାସ ଅନେକ ସମୟରେ ପଙ୍ଗପାଳ ଦମନ କାର୍ଯ୍ୟରେ ପ୍ରତିବନ୍ଧକ ସାଜିଥିବାର ନଜିର ରହିଛି।

ପଙ୍ଗପାଳ ମୁକାବିଲା କରିବାରେ ଭାରତର ଯଥେଷ୍ଟ ଅଭିଜ୍ଞତା ରହିଛି। ୧୮୧୨ରୁ ୧୮୮୯ ମଧ୍ୟରେ ଭାରତରେ ୮ଥର ପଙ୍ଗପାଳ ପ୍ରକୋପ ଦେଖିବାକୁ ମିଳିଥିବା ସରକାରୀ ରେକର୍ଡରୁ ଜଣାପଡ଼ିଛି। ପଙ୍ଗପାଳଙ୍କ ୯ମ ଆକ୍ରମଣ ୧୮୯୬-୧୮୯୭ରେ ହୋଇଥିଲା। ସେହିପରି ୧୯୨୬ ରୁ ୧୯୩୧ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ଧରି ପଙ୍ଗପାଳଙ୍କ ଆକ୍ରମଣରେ ୨ କୋଟି ଟଙ୍କାର ଫସଲ ହାନି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ୧୯୩୦ରେ କେନ୍ଦ୍ରୀୟ ପଙ୍ଗପାଳ ବ୍ୟୁରୋ ପ୍ରତିଷ୍ଠା କରାଯାଇଥିଲା। ୧୯୩୯ରେ ବ୍ୟୁରୋକୁ ପଙ୍ଗପାଳ ଚେତାବନୀ ସଂଗଠନ (ଏଲ୍‌ଡବ୍ଲ୍ୟୁଓ) ଭାବେ ପରିବର୍ତ୍ତନ କରାଯାଇଥିଲା। ଦିଲ୍ଲୀରେ ତାହାର ମୁଖ୍ୟାଳୟ ଏବଂ କରାଚୀରେ ଏକ ସବ୍‌ଷ୍ଟେଶନ କରାଯାଇଥିଲା। ରାଜସ୍ଥାନର ବିଶାଳ ମରୁଭୂମି ଅଞ୍ଚଳ, ଗୁଜରାଟ ଏବଂ ହରିୟାଣାରେ 'ମରୁଭୂମି ପଙ୍ଗପାଳ' ଉପରେ ନଜର ରଖିବା ଓ ନିୟନ୍ତ୍ରଣ କରିବା ଏଲ୍‌ଡବ୍ଲ୍ୟୁଓ ଦାୟିତ୍ୱ ଥିଲା। କିନ୍ତୁ ଦଳବଦ୍ଧ ହୋଇ ଉଡ଼ିଆସୁଥିବା କୀଟଙ୍କୁ ଟ୍ରାକ କରିବା ସବୁବେଳେ ସହଜ ନୁହେଁ। ୧୯୬୧ରେ ରାଜସ୍ଥାନର ଜୟସାଲମେର୍‌ରେ କାର୍ଯ୍ୟରତ ପଙ୍ଗପାଳ ବୈଷୟିକ ଅଧିକାରୀ ଡ. ହରିଶ ଚନ୍ଦ୍ର ଏଲ୍‌ଡବ୍ଲ୍ୟୁଓର ୫୦ ବର୍ଷର ଇତିହାସ ସମ୍ପର୍କିତ ଏକ ପୁସ୍ତକ ରଚନା କରିଛନ୍ତି, ଯାହା ଜାତିସଂଘର ଖାଦ୍ୟ ପୃଷ୍ଠା-୪





# ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବେ ୮.୬ କୋଟି ପିଲା

**ନୂଆଦିଲ୍ଲୀ,୩୧।୫**

ମହାମାରୀ କରୋନା ଯୋଗୁ ସାରା ବିଶ୍ୱରେ ଘୋର ଆର୍ଥିକ ଅବନତି ଘଟିଛି। ଏହାର ପ୍ରଭାବରେ ୨୦୨୦ ଶେଷ ସୁଦ୍ଧା ସ୍ୱଳ୍ପ ଏବଂ ମଧ୍ୟମ ଆୟକାରୀ ଦେଶଗୁଡ଼ିକର ଗରିବ ପରିବାରରେ ରହୁଥିବା ପିଲାଙ୍କ ସଂଖ୍ୟା ୮.୬ କୋଟି (୧୫%) ବୃଦ୍ଧି ହୋଇ ୬୭.୨ କୋଟିରେ ପହଞ୍ଚିପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

ୟୁନିସେଫ୍ ଏବଂ ମାନବିକ ସଂଗଠନ 'ସେଭ ଦି ଚିଲ୍‌ଡ୍ରେନ୍' ପକ୍ଷରୁ ମିଳିତ ଭାବେ କରାଯାଇଥିବା ଏହି ଅଧ୍ୟୟନରେ କୁହାଯାଇଛି ଯେ, କୋଭିଡ୍-୧୯ ଜନିତ ଆର୍ଥିକ ଦୁର୍ଦ୍ଦଶା ୮.୬ କୋଟି ଅଧିକ ପିଲାଙ୍କୁ ଚଳିତବର୍ଷ ଶେଷ ସୁଦ୍ଧା ପାରିବାରିକ ଦରିଦ୍ର ଅବସ୍ଥା ମଧ୍ୟକୁ ଠେଲିଦେବ। ମହାମାରୀ ଯୋଗୁ ଘୋର ଆର୍ଥିକ ସଙ୍କଟରେ ପଡ଼ିଥିବା ପରିବାରଗୁଡ଼ିକୁ ରକ୍ଷା କରିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବା ଜରୁରୀ। ନଚେତ୍ ସ୍ୱଳ୍ପ ଏବଂ ମଧ୍ୟମ ଆୟକାରୀ ଦେଶରେ ଜାତୀୟ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ମୋଟ ପିଲାଙ୍କ ପୃଷ୍ଠା-୪

**କରୋନା ମହାମାରୀର ପ୍ରଭାବ**



- ୨୦୨୦ ଶେଷ ସୁଦ୍ଧା ବିଶ୍ୱର ଗରିବ ପିଲାଙ୍କ ସଂଖ୍ୟା ୬୭.୨ କୋଟିରେ ପହଞ୍ଚିବ

ଲଦାଖ ସୀମାରେ ଭାରତ ଓ ଚାଇନା ମେ ୫ରେ ମୁହାଁମୁହିଁ ହେବା ପରଠୁ ସ୍ଥିତି ବିଗିଡ଼ିବାରେ ଲାଗିଛି। ଉଭୟ ଦେଶର ସେନା ପ୍ରକୃତ ନିୟନ୍ତ୍ରଣରେଖାରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମହଜୁଦ ରଖିବାରେ ଲାଗିଛନ୍ତି। ଏଭଳି ସମୟରେ ଭାରତ ଓ ଚାଇନା ମଧ୍ୟରେ ରବିବାର ଟୁଇଟର୍ ୱାର୍ ଆରମ୍ଭ ହୋଇଛି।



# କ୍ରୋଧର ନିଆଁରେ ଆମେରିକା

## କୃଷ୍ଣକାୟଙ୍କ ପ୍ରତି ପୋଲିସ ବର୍ବରତା ପ୍ରତିବାଦରେ ତେଜିଲା ହିଂସା



**ୱାଶିଂଟନ,୩୧।୫**

କୃଷ୍ଣକାୟ ଆମେରିକୀୟ ଜର୍ଜ ଫ୍ଲୋୟଡ୍‌ଙ୍କୁ ଜଣେ ପୋଲିସ ଅଧିକାରୀ ଆଣ୍ଠୁରେ ଚପାଇରଖି ମାରିଦେବା ପରେ ଦେଶରେ ବର୍ଣ୍ଣବୈଷମ୍ୟ ବିରୋଧୀ ପ୍ରଦର୍ଶନ ତେଜିବାରେ ଲାଗିଛି। ପୋଲିସ ବର୍ବରତା ବିରୋଧରେ ଆମେରିକାର ମିନିଆପଲିସ ସହରରେ ଆରମ୍ଭ ହୋଇଥିବା ବିକ୍ଷୋଭ ପ୍ରଥମେ ହିଂସା ଓ ପରେ ଦଙ୍ଗାର ରୂପ ନେଇଛି। ଏହି ଆନ୍ଦୋଳନର ନିଆଁ ଏବେ ସାରା ଆମେରିକାକୁ ବ୍ୟାପିଛି। ବିକ୍ଷୋଭ ବେଳେ ୨ ଜଣ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ଅନେକେ ଆହତ ହୋଇଛନ୍ତି।

କରୋନା ଭାଇରସ୍ ଆମେରିକାକୁ ବେହାଲ କରିଦେଇଥିବାବେଳେ ଜର୍ଜ ଫ୍ଲୋୟଡ୍‌ଙ୍କ ହତ୍ୟା ପରେ ସବୁଠି ଭଙ୍ଗାରୁଜା, ଜଳାପୋଡ଼ା ଓ ରାହାଜାନି ଦେଖିବାକୁ ମିଳିଛି। ବିକ୍ଷୋଭକାରୀମାନେ ଧରିଥିବା ପ୍ଲାକାର୍ଡରେ ଲେଖାଅଛି, 'ବ୍ଲାକ୍ ଲାଇଭ୍ସ ମ୍ୟାଟର୍'। ଲୋକେ ସ୍ଲୋଗାନ ଦେଉଛନ୍ତି 'ଆଇ କାଣ୍ଟ ବ୍ରେଦ୍', ଯାହାକି ଜର୍ଜ ଫ୍ଲୋୟେଡ୍‌ଙ୍କ ମୃତ୍ୟୁ ପୂର୍ବରୁ ଶେଷ ଶବ୍ଦ ଥିଲା। ଶନିବାର ବିଳମ୍ବିତ ରାତିରେ ଦେଶବ୍ୟାପୀ ହିଂସ୍ର ଆନ୍ଦୋଳନ ଦେଖାଦେଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ଲୁହବୁହା ବାଷ୍ପ ଓ ରବର ବୁଲେଟ୍ ପ୍ରୟୋଗ କରିଥିଲା। ଏହାର ପ୍ରତିବାଦରେ ପୋଲିସ ଅଧିକାରୀମାନଙ୍କ କାର୍‌ଗୁଡ଼ିକରେ ଉତ୍ତ୍ୟକ୍ତ ଲୋକେ ନିଆଁ ଲଗାଇବା ସହ ସେମାନଙ୍କ ସମ୍ପତ୍ତି ଭଙ୍ଗାରୁଜା କରିଥିଲେ। ଲସ୍ ଏଞ୍ଜେଲ୍ସ, ମିଆମି ଓ ଶିକାଗୋରେ ରାତିସାରା କର୍ଫ୍ୟୁ ଜାରି କରାଯାଇଥିଲା। ଜର୍ଜଙ୍କ ହତ୍ୟାକାରୀ ଡେରେକ୍ ଶଉଭିନ୍‌ଙ୍କୁ ଗିରଫ କରାଯାଇଥିବାବେଳେ ହତ୍ୟା ପାଇଁ ଦାୟୀ ଅନ୍ୟ ୪ ପୋଲିସ ଅଫିସରଙ୍କୁ ମଧ୍ୟ ଗିରଫ କରିବା ଦାବିରେ ଲୋକେ ଅଡ଼ିବସିଛନ୍ତି। ସ୍ଥିତି ନିୟନ୍ତ୍ରଣ ପାଇଁ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ ସୈନ୍ୟଙ୍କୁ ମୁତୟନ କରାଯାଇଛି। ଆନ୍ଦୋଳନକାରୀଙ୍କ ଟେକାମାଡ଼ ଓ ଛୁରାମାଡ଼ରେ ଅନେକ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପୋଲିସ ୨୨ ସହରରେ ଅନ୍ୟୂନ ୧,୬୬୯ ଜଣଙ୍କୁ ଗିରଫ କରିଛି। ହ୍ୱାଇଟ୍ ହାଉସ୍ ବାହାରେ ବିକ୍ଷୋଭ ବେଳେ ପୋଲିସ ଓ ଜନତା ମୁହାଁମୁହିଁ ହୋଇଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ 'ଲୁଟିଂ ହେଲେ ଶୁଟିଂ ମଧ୍ୟ ହେବ' ମନ୍ତବ୍ୟ ନିଆଁରେ ଘିଅ ଢାଳିଛି।

**ଜର୍ଜ ଫ୍ଲୋୟଡ୍ କିଏ**

୪୬ ବର୍ଷୀୟ ଜର୍ଜ ଫ୍ଲୋୟଡ୍ ଜଣେ କୃଷ୍ଣକାୟ ଆମେରିକୀୟ ଥିଲେ। ନର୍ଥ କାରୋଲିନାର ଫାୟେଟେଭିଲେରେ ଜନ୍ମିତ ଫ୍ଲୋୟଡ୍ ଟେକ୍ସାସର ହ୍ୟୁଷ୍ଟନ ସହରରେ ବଢ଼ିଥିଲେ। ସେ ସେଣ୍ଟ ଲୁଇସ୍ ପାର୍କରେ ରହୁଥିଲେ ଓ ନିକଟସ୍ଥ ମିନିଆପୋଲିସ ସହରରେ ୫ ବର୍ଷ ଧରି ରେଷ୍ଟୁରାଣ୍ଟ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। କରୋନା ମହାମାରୀ ଯୋଗୁ ମିନେସୋଟାରେ 'ଘରେ ରୁହ'



ନିର୍ଦ୍ଦେଶ ଦିଆଯାଇଥିବାବେଳେ ସେ ଚାକିରି ହରାଇଥିଲେ। ହ୍ୟୁଷ୍ଟନରେ ଫ୍ଲୋୟଡ୍‌ଙ୍କ ଦୁଇଜଣ ଝିଅ ଅଛନ୍ତି, ଯାହାଙ୍କ ବୟସ ଯଥାକ୍ରମେ ୬ ଓ ୨୨ ବର୍ଷ।

**ଡେରେକ୍ ମାଇକେଲ ଶଉଭିନ୍**

୧୯୭୬ ମାର୍ଚ୍ଚ ୧୯ରେ ଜନ୍ମିତ ଡେରେକ୍ ମାଇକେଲ୍ ଶଉଭିନ୍ ମିନିଆପଲିସ ପୋଲିସ ଡିପାର୍ଟମେଣ୍ଟରେ ୨୦୦୧ରୁ କାର୍ଯ୍ୟରତ ଥିଲେ। ଏହି ୪୪



ବର୍ଷୀୟ ଅଧିକାରୀଙ୍କ ବିରୋଧରେ ୧୮ଟି ମାମଲା ରହିଥିଲା। ସେ ପୂର୍ବରୁ ୩ଟି ଗୁଳିକାଣ୍ଡରେ ସମ୍ପୃକ୍ତ ଥିଲେ। ପୂର୍ବତନ କ୍ଲବ୍ ମାଲିକାଣୀ ମାୟା ସାନ୍ତାମାରିଆଙ୍କ ମତରେ ଉଭୟ ଫ୍ଲୋୟଡ୍ ଓ ଶଉଭିନ୍ ଲାଟିନ୍ ନାଇଟ୍ କ୍ଲବ୍ ଏଲ୍ ନ୍ୟୁଏଭୋ ରୋଡେଓରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ।

**କ'ଣ ଘଟିଥିଲା**

ମେ ୨୫ ତାରିଖରେ ଡେରେକ୍ ଓ ମିନିଆପଲିସ ପୋଲିସ ଡିପାର୍ଟମେଣ୍ଟର ଅନ୍ୟ କେତେଜଣ ଅଧିକାରୀ ଏକ ଜାଲିଆତି ଅଭିଯୋଗରେ ଫ୍ଲୋୟଡ୍‌ଙ୍କୁ ଗିରଫ କରିଥିଲେ। ମିନିଆପଲିସ ନିକଟସ୍ଥ ପାଉଡରହର୍ନସ୍ଥିତ ଶିକାଗୋ ଏଭିନ୍ୟୁ ସାଉଥ୍‌ସ୍ଥିତ ଏକ ଦୋକାନରେ ବିଲ୍ ବୁଝାଇବାକୁ ଯାଇ ଫ୍ଲୋୟଡ୍ ୨୦ ଡଲାରର ଜାଲ୍ ନୋଟ୍ ବ୍ୟବହାର କରିଥିଲେ। ଡେରେକ୍ ତାଙ୍କୁ ଧରିବା ପରେ ତଳେ ଚପାଇଦେଇ ନିଜ ଆଣ୍ଠୁରେ ଫ୍ଲୋୟଡ୍‌ଙ୍କ ବେକକୁ ଦବାଇ ରଖିଥିଲେ। ଫ୍ଲୋୟଡ୍ କହୁଥିଲେ, ଦୟାକରି ମୋତେ ହତ୍ୟା କରନାହିଁ, ଛାଡ଼ିଦିଅ। ମୁଁ ନିଃଶ୍ୱାସ ପ୍ରଶ୍ୱାସ ନେଇପାରୁ ନାହିଁ। ମୋ ଜୀବନ ଚାଲିଯିବ। ତାଙ୍କର ବାରମ୍ବାର ଅନୁରୋଧ ସତ୍ତ୍ୱେ ବି ଡେରେକ୍ ଛାଡ଼ି ନ ଥିଲେ। ସେ ନିଜର ସବୁ ବଳ ଫ୍ଲୋୟଡ୍‌ଙ୍କ ଉପରେ ଖଟାଇଦେଇଥିଲେ। ୮ ମିନିଟ ୪୬ ସେକେଣ୍ଡ ଧରି ଏପରି ଅବସ୍ଥାରେ ରହିବା ପରେ ଶେଷରେ ଅଣନିଃଶ୍ୱାସୀ ହୋଇ ଫ୍ଲୋୟଡ୍‌ଙ୍କ ଜୀବନ ଚାଲିଗଲା। ଏକ ଆମ୍ବୁଲାନ୍ସ ଆସି ତାଙ୍କ ମୃତଦେହକୁ ନେଇଗଲା। ଦେଖଣାହାରୀମାନେ ଏହି ଦୃଶ୍ୟକୁ ମୋବାଇଲ୍ ଫୋନ୍‌ରେ କଏଦ୍ କରିଥିଲେ। ଏହି ବର୍ବରତା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ବିରୋଧୀ ହିଂସା ଦେଖାଦେଇଥିଲା। କ୍ରମଶଃ ଏହା ଆନ୍ଦୋଳନର ରୂପ ନେଇ ସାରା ଆମେରିକାକୁ ବ୍ୟାପିଛି।




**ତା' ପରେ କ'ଣ**

ମେ ୨୬ ତାରିଖରେ ମିନିଆପଲିସ ପୋଲିସ ମୁଖ୍ୟ ମେଡାରିଆ ଆରାଡୋଣ୍ଡୋ ଘୋଷଣା କଲେ ଯେ, ଡେରେକ୍ ଓ ଅନ୍ୟ ପୋଲିସ ଅଧିକାରୀମାନଙ୍କୁ ଛୁଟିରେ ପଠାଇଦିଆଯାଇଛି। ସେପଟେ ଡେରେକ୍‌ଙ୍କୁ ଗିରଫ କରିବା ପାଇଁ ଦାବି ଜୋର୍ ଧରିଥିଲା। ଫଳରେ ତାଙ୍କ ସହ ୪ ଅଧିକାରୀଙ୍କୁ ନିଲମ୍ବନ କରାଗଲା। ଚାରିଆଡୁ ଚାପ ପଡ଼ିବା ପରେ ଆମେରିକାର ଗୋଇନ୍ଦା ସଂସ୍ଥା ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ)କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ୨୯ ତାରିଖରେ ଡେରେକ୍‌ଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯାଇଛି। ତେବେ କୃଷ୍ଣକାୟଙ୍କ ଉପରେ ଆମେରିକା ପୋଲିସର ଅତ୍ୟାଚାରର ପ୍ରତିବାଦରେ ଉଠିଥିବା କ୍ରୋଧର ନିଆଁକୁ ଆୟତ୍ତ କରାଯାଇ ପାରିନାହିଁ।

**୨୦୧୪ର ପୁନରାବୃତ୍ତି**

୨୦୧୪ ଜୁଲାଇ ୧୭ରେ ଷ୍ଟାଟେନ୍ ଆଇଲାଣ୍ଡରେ କୃଷ୍ଣକାୟ ଏରିକ୍ ଗାର୍ନରଙ୍କୁ ଏପରି ଢଙ୍ଗରେ ହତ୍ୟା



କରାଯାଇଥିଲା। ସେତେବେଳେ ସେ ମଧ୍ୟ କହୁଥିଲେ, ମୁଁ ନିଃଶ୍ୱାସ ପ୍ରଶ୍ୱାସ ନେଇପାରୁ ନାହିଁ। ଦୟାକରି ମୋତେ ଛାଡ଼ିଦିଅ ବୋଲି ୧୧ ଥର କହିଥିଲେ। ନ୍ୟୁୟର୍କର ପୋଲିସ ଅଧିକାରୀମାନେ ତାଙ୍କ ବେକକୁ ଛାଡ଼ି ନ ଥିଲେ। ଏରିକ୍‌ଙ୍କ ମୃତ୍ୟୁ ପରେ ଆମେରିକାରେ ଏପରି ଆନ୍ଦୋଳନ ମୁଣ୍ଡ ଟେକିଥିଲା।

## ଆର୍‌ପିଆଇ ନେତାଙ୍କ ଫାର୍ମହାଉସରେ ଗୁଳିକାଣ୍ଡ

**ନୂଆଦିଲ୍ଲୀ,୩୧।୫(ପି.ଟି.):** ରିପବ୍ଲିକ ପାର୍ଟି ଅଫ୍ ଇଣ୍ଡିଆ (ଆର୍‌ପିଆଇ) ନେତା ସମିମ୍ ସୈଫ୍‌ଙ୍କ ଦିଲ୍ଲୀ ଫାର୍ମହାଉସ୍‌ରେ ରବିବାର ସକାଳେ ଜଣେ ଅଜ୍ଞାତ ବ୍ୟକ୍ତି ତାଙ୍କ ସୁରକ୍ଷା କର୍ମୀଙ୍କୁ ଗୁଳି କରିଛନ୍ତି। ଗୁରୁତର ଅବସ୍ଥାରେ ସୁରକ୍ଷା କର୍ମୀ ହରିନାଥଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଜ୍ଞାତ ବ୍ୟକ୍ତି ଜଣକ ଫାର୍ମ ହାଉସରେ ପ୍ରବେଶ କରିବାକୁ ଉଦ୍ୟମ କଲାବେଳେ ସୁରକ୍ଷା କର୍ମୀ ଅଟକାଇବାରୁ ସେ ୫ ରାଉଣ୍ଡ ଗୁଳି ଚଳାଇଥିଲେ। ଫଳରେ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା।

## ୩ରେ ମହାରାଷ୍ଟ୍ର, ଗୁଜରାଟରେ ବାତ୍ୟା

**ମୁମ୍ବାଇ,୩୧।୫(ପି.ଟି.):** ଆରବ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସାମୁଦ୍ରିକ ବାତ୍ୟାର ରୂପ ନେବାକୁ ଯାଉଛି। ଏହା ଜୁନ୍ ୩ରେ ମହାରାଷ୍ଟ୍ର ଓ ଗୁଜରାଟ ଉପକୂଳ ଅତିକ୍ରମ କରିପାରେ ବୋଲି ରବିବାର ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଦକ୍ଷିଣପୂର୍ବ ଏବଂ ପୂର୍ବକେନ୍ଦ୍ରୀୟ ଆରବ ସାଗର ସମେତ ଲାକ୍ଷାଦ୍ୱୀପ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହୋଇଛି। ଏହା ପରବର୍ତ୍ତୀ ୪୮ ଘଣ୍ଟାରେ ବାତ୍ୟାର ରୂପ ନେବାକୁ ଯାଉଛି। ଏହା ଉତ୍ତର ଦିଗରେ ଗତି କରି ୩ ତାରିଖରେ ଉତ୍ତର ମହାରାଷ୍ଟ୍ର ଓ ଗୁଜରାଟ ଉପକୂଳ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ଉତ୍ତରାଖଣ୍ଡ ମନ୍ତ୍ରୀ ଓ ସ୍ତ୍ରୀଙ୍କୁ କରୋନା

**ଡେରାଡୁନ୍,୩୧।୫:** ଉତ୍ତରାଖଣ୍ଡର କ୍ୟାବିନେଟ ମନ୍ତ୍ରୀ ସତ୍‌ପାଲ ମହାରାଜ ଓ ତାଙ୍କ ସ୍ତ୍ରୀ ଅମ୍ରିତା ରାୱତଙ୍କଠାରେ କରୋନା ପଜିଟିଭ୍ ଥିବା ପରୀକ୍ଷାରୁ ଜଣାପଡ଼ିଛି। ଶନିବାର ଅମ୍ରିତାଙ୍କୁ କରୋନା ସଂକ୍ରମଣ ହୋଇଥିବା ଜଣାପଡ଼ିବା ପରେ ତାଙ୍କୁ ଋଷିକେଶସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଛି। ଏହା ପରେ ସରକାରୀ ବାସଭବନରେ ରହୁଥିବା ମନ୍ତ୍ରୀଙ୍କ ସମେତ ୪୧ ଜଣ କ୍ୱାରାଣ୍ଟାଇନରେ ରହିଥିଲେ ଓ ସମସ୍ତଙ୍କ ସ୍ୱାବ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ଶନିବାର ଉତ୍ତରାଖଣ୍ଡରେ ୨୨ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ।

## କେନ୍ଦ୍ରକୁ ୫୦୦୦ କୋଟି ମାଗିଲେ ଦିଲ୍ଲୀ ସରକାର

### ବେତନ ଦେବାକୁ ଟଙ୍କା ନାହିଁ

**ନୂଆଦିଲ୍ଲୀ,୩୧।୫**

କର୍ମଚାରୀମାନଙ୍କୁ ବେତନ ଦେବାକୁ ଦିଲ୍ଲୀ ସରକାରଙ୍କ ପାଖରେ ଟଙ୍କା ନାହିଁ। ତେଣୁ ତୁରନ୍ତ ୫,୦୦୦ କୋଟି ଟଙ୍କା ସହାୟତା ଯୋଗାଇ ଦେବାକୁ ଦିଲ୍ଲୀ



ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଛନ୍ତି। କରୋନା ମହାମାରୀର ମୁକାବିଲା କରିବାରେ ସରକାରଙ୍କ ସମସ୍ତ ରାଜସ୍ୱ ବ୍ୟୟ ହୋଇଯାଇଛି। ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ମଧ୍ୟ ଦିଲ୍ଲୀ ସରକାରଙ୍କୁ ଏପର୍ଯ୍ୟନ୍ତ ଅର୍ଥ ମିଳିନାହିଁ। ତେଣୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ଅର୍ଥ ବିଭାଗ ଦାୟିତ୍ୱରେ ଥିବା ସିସୋଡିଆ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ପାଖକୁ ପତ୍ର ଲେଖିଛନ୍ତି। ସେ କହିଛନ୍ତି, କର୍ମଚାରୀଙ୍କ ବେତନ ଓ ଅଫିସ ଖର୍ଚ୍ଚ ବାବଦରେ ମାସକୁ ପାଖାପାଖି ୩,୫୦୦ କୋଟି ଟଙ୍କା ଆବଶ୍ୟକ। ଗତ ଦୁଇମାସରେ ଜିଏସ୍‌ଟି ସଂଗ୍ରହ ୫୦୦ କୋଟି ଲେଖାଏ ହୋଇଛି। ଏଥିସହିତ ଅନ୍ୟ ଆୟକୁ ମିଶାଇ ୧,୭୩୫ କୋଟି ଟଙ୍କା ସଂଗୃହୀତ ହୋଇଥିବା ସିସୋଡିଆ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ପିଓକେର ସବୁ ଲଞ୍ଚପ୍ୟାଡ୍‌ରେ ଆତଙ୍କବାଦୀ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ଥିବା ସମସ୍ତ ୧୫ଟି ଲଞ୍ଚପ୍ୟାଡ୍‌ରେ ବହୁସଂଖ୍ୟକ ଆତଙ୍କବାଦୀ ରହିଛନ୍ତି ବୋଲି ସେନାର ବରିଷ୍ଠ କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ବି.ଏସ୍. ରାଜୁ ସୂଚନା ଦେଇଛନ୍ତି। ରାଜୁ କହିଛନ୍ତି, ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନରେ ଆତଙ୍କବାଦୀମାନଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଜମ୍ମୁ-କଶ୍ମୀରରେ ସ୍ଥାନୀୟ ଲୋକେ ଶାନ୍ତିରେ ଅଛନ୍ତି। ଉପତ୍ୟକାରେ ଆଇନଶୃଙ୍ଖଳା ବଜାୟ ରହିଛି। ପାକିସ୍ତାନ ଏହାକୁ ହଜମ କରିପାରୁ ନାହିଁ। ତେଣୁ ଆତଙ୍କବାଦୀମାନଙ୍କୁ ତାଲିମ ଓ ପ୍ରଶିକ୍ଷଣ ଦେଇ ଉପତ୍ୟକାରେ ଅନୁପ୍ରବେଶ କରାଇବା ପାଇଁ ପାକିସ୍ତାନୀ ସେନା ଉଦ୍ୟମ ଚଳାଇଛି।

## ମାନଚିତ୍ର ସଂଶୋଧନ ଲାଗି ନେପାଳ ପାର୍ଲାମେଣ୍ଟରେ ବିଲ୍ ଆଗତ

**କାଠମାଣ୍ଡୁ,୩୧।୫:** ନେପାଳ ସରକାର ଭାରତର ୩ଟି ଅଞ୍ଚଳକୁ ନେଇ ନୂଆ ରାଜନୈତିକ ମାନଚିତ୍ର ପ୍ରସ୍ତୁତ କରିଥିବାବେଳେ ଏହାକୁ ଅନୁମୋଦନ କରିବା ପାଇଁ ରବିବାର ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଛନ୍ତି। ମୁଖ୍ୟ ବିରୋଧୀ ଦଳ ନେପାଳୀ କଂଗ୍ରେସ ବିଲ୍‌କୁ ସମର୍ଥନ ଦେବା ପରେ ଆଇନ, ନ୍ୟାୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶିବମାୟ ତୁମ୍ବହାଙ୍ଗଫେ ଗୃହରେ ବିଲ୍ ଉପସ୍ଥାପନ କରିଥିଲେ। ନିକଟରେ ନେପାଳ ଛାଡ଼ିଥିବା ନୂଆ ମାନଚିତ୍ରରେ ଭାରତର ସୀମାନ୍ତ ଅଞ୍ଚଳ ଲିପୁଲେଖ, କାଲାପାନି ଓ ଲିମ୍ପିୟାଧୁରାକୁ ସ୍ଥାନ ଦିଆଯାଇଛି। ଭାରତ ଏହାର ବିରୋଧ କରିବା ସହିତ ଏଭଳି ମାନଚିତ୍ର ଗ୍ରହଣୀୟ ନୁହେଁ ବୋଲି କହିଛି।



ନୂଆଦିଲ୍ଲୀରେ କରୋନାରୁ ମୁକ୍ତି ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରସ୍ତୁତ ପ୍ରାଚୀର ଚିତ୍ର।

# ପୂର୍ବାଞ୍ଚଳର ବିକାଶରେ ଦେଶ ଆଗେଇବ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



- ଅମ୍ଫାନ ମୁକାବିଲାରେ ଓଡ଼ିଶାବାସୀଙ୍କ ସାହସକୁ ପ୍ରଶଂସା
- କରୋନା ବିରୋଧରେ ସଫଳତା ସାମୂହିକ ସଂକଳ୍ପଶକ୍ତିର ପରିଣାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ୬୫ତମ ସଂସ୍କରଣରେ ଦେଶବାସୀଙ୍କୁ ନିଜ ମନର କଥା କହିଛନ୍ତି। କରୋନା ମହାମାରୀକୁ ନିୟନ୍ତ୍ରଣରେ ରଖିବା ଲାଗି ଘୋଷଣା ହୋଇଥିବା ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନର ଶେଷ ଦିନ ତଥା ଦ୍ୱିତୀୟ ପାଳି ସରକାରର ଦ୍ୱିତୀୟ ବର୍ଷ ପ୍ରଥମ ଦିନରେ ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରି କହିଥିଲେ, ଦେଶରେ ଏବେ ଅର୍ଥନୈତିକ କାରବାର ସକ୍ରିୟ ହୋଇଛି। ଶିଳ୍ପ ସଂସ୍ଥାଗୁଡ଼ିକ ସ୍ୱାଭାବିକ ଅବସ୍ଥାକୁ ଫେରିଛନ୍ତି। ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ସମେତ ବସ୍ ଓ ଦେଶ ଭିତରେ ବିମାନ ଚଳାଚଳ କରିଛି ଓ ସୋମବାରଠାରୁ ଅଧିକ ଟ୍ରେନ ଚଳାଚଳ କରିବାକୁ ଯାଉଛି। ଏଭଳି ସ୍ଥିତିରେ ଆମକୁ ଅଧିକ ସତର୍କ ଓ ଯତ୍ନବାନ୍ ହେବାକୁ ପଡ଼ିବ। ଯଥାସମ୍ଭବ ଘରେ ରହିବା, ୬ ଫୁଟ୍ ସାମାଜିକ ଦୂରତା ବଜାୟ ରଖିବା ସହ ମାସ୍କ ପିନ୍ଧିବାକୁ ହେବ। ସମସ୍ତଙ୍କ ସହଯୋଗରେ କୋଭିଡ୍-୧୯ ବିରୋଧରେ ଭାରତର ଲଢ଼େଇ ଜୋର୍‌ଦାର ହୋଇପାରିଛି ବୋଲି ମୋଦି କହିଥିଲେ। ଭାରତ ଭଳି ଜନବହୁଳ ଦେଶରେ କରୋନା ସଂକ୍ରମଣ ଓ ମୃତ୍ୟୁହାର ଅନ୍ୟ ଦେଶ ତୁଳନାରେ ଯଥେଷ୍ଟ କମ୍ ରହିଛି। ତାହା ନିଶ୍ଚିତ ଭାବେ ଦେଶର ସାମୂହିକ ସଂକଳ୍ପଶକ୍ତିର ପରିଣାମ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ପୂର୍ବାଞ୍ଚଳରେ ଦେଶର ବିକାଶ ଇଞ୍ଜିନ ହେବାର କ୍ଷମତା ରହିଛି। ଯେଉଁ ଶ୍ରମିକଙ୍କ ବାହୁବଳ ଦେଶକୁ ନୂଆ ଶିଖରରେ ପହଞ୍ଚାଇବାର ସାମର୍ଥ୍ୟ ରଖିଛି, ସେହି ପୂର୍ବଭାଗର ବିକାଶ ଅତି ଜରୁରୀ। ପୂର୍ବ ଭାରତର ବିକାଶରେ ହିଁ ଦେଶର ସମତୁଲ ଆର୍ଥିକ ବିକାଶ ସମ୍ଭବ। ଦେଶ ଯେତେବେଳେ ତାଙ୍କୁ ସେବା କରିବାର ସୁଯୋଗ ଦେଲା, ସେତେବେଳଠୁ ସେ ପୂର୍ବ ଭାରତର ବିକାଶକୁ ପ୍ରାଧାନ୍ୟ ଦେଇଆସିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ସାମୁଦ୍ରିକ ବାତ୍ୟା ଅମ୍ଫାନର ମୁକାବିଲା କ୍ଷେତ୍ରରେ ଓଡ଼ିଶା ଓ ପଶ୍ଚିମବଙ୍ଗର ଜନସାଧାରଣ ଯେପରି ସାହସ ଦେଖାଇଛନ୍ତି, ତାହାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ଅମ୍ଫାନ ଯୋଗୁ ଦୁଇ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଦେଶ ସେମାନଙ୍କ ସହ ଛିଡ଼ା ହୋଇଛି ବୋଲି ମୋଦି କହିଥିଲେ। କରୋନା ମହାମାରୀ ବେଳେ ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶା ଓ ପଶ୍ଚିମବଙ୍ଗବାସୀଙ୍କ ଲାଗି ଅନେକ ଦୁର୍ଦ୍ଦଶା ଆଣିଛି। ବହୁ ଘର ଭାଙ୍ଗିଥିବାବେଳେ କୃଷକମାନେ ବିପୁଳ କ୍ଷତି ସହିଛନ୍ତି। ଗତ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ଦୁଇ ରାଜ୍ୟକୁ ଯାଇ ଆକାଶମାର୍ଗରୁ ବାତ୍ୟା କ୍ଷୟକ୍ଷତି ଆକଳନ କରିବା ସହ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ସମୀକ୍ଷା ବୈଠକରେ ଯୋଗଦେଇଥିଲେ ଓ ତତ୍କାଳ ଓଡ଼ିଶାକୁ ୫୦୦ କୋଟି ଏବଂ ପଶ୍ଚିମବଙ୍ଗକୁ ୧୦୦୦ କୋଟିର ଅନ୍ତରୀଣ ସହାୟତା ଘୋଷଣା କରିଥିଲେ।

କରୋନା ମହାମାରୀ ଯୋଗୁ ଦେଶର ସବୁ ବର୍ଗ ପ୍ରଭାବିତ ହୋଇଥିବାବେଳେ ଦାଦନ ଓ ଗରିବ ଜନସାଧାରଣ ସବୁଠୁ ବେଶି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି, ଯାହାକୁ ବର୍ଣ୍ଣନା କରିବା ପାଇଁ ଭାଷା ନାହିଁ ବୋଲି ମୋଦି କହିଥିଲେ। ସ୍ୱତନ୍ତ୍ର ଟ୍ରେନ୍ ଓ ବସରେ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ଘରକୁ ପଠାଗଲାଣି। ସେମାନଙ୍କ ପାଇଁ ଖାଦ୍ୟ ଓ କ୍ୱାରାଣ୍ଟାଇନର ବ୍ୟବସ୍ଥା କରାଯାଇଛି। ଆତ୍ମନିର୍ଭର ଭାରତ ଅଭିଯାନ ମାଧ୍ୟମରେ ଚଳିତ ଦଶନ୍ଧିରେ ଦେଶକୁ ବହୁ ଆଗକୁ ନିଆଯାଇପାରିବ। ଏହା ଦ୍ୱାରା ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସାଙ୍ଗକୁ ଆତ୍ମନିଯୁକ୍ତି ଓ କ୍ଷୁଦ୍ରଶିଳ୍ପ ସୃଷ୍ଟି ହୋଇପାରିବ।

କରୋନା ଭୂତାଣୁ ବିଶେଷ ଭାବରେ ଆମର ଶ୍ୱାସକ୍ରିୟା ବ୍ୟବସ୍ଥାକୁ ପ୍ରଭାବିତ କରୁଥିବାରୁ ଯୋଗ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି। ତେଣୁ ଜୀବନରେ ଯୋଗ ଅଭ୍ୟାସ ବଢ଼ାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ଉଦ୍ୟମ ଜାରି ରଖିଛନ୍ତି। 'ମାଇଁ ଲାଇଫ୍, ମାଇଁ ଯୋଗ' ଅନ୍ତର୍ଜାତୀୟ ଭିଡିଓ ବ୍ଲଗ୍ ପ୍ରତିଯୋଗିତାରେ ସମସ୍ତେ ସାମିଲ ହେବା ସହ ଅନ୍ତର୍ଜାତୀୟ ଯୋଗ ଦିବସରେ ଭାଗନେବା ଲାଗି ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ଏକ କୋଟିରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ହିତାଧିକାରୀ ଗ୍ରାମାଞ୍ଚଳର ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଦେଶରେ ଏବେ ପଙ୍ଗପାଳ ଆତଙ୍କ ସୃଷ୍ଟି କରିଛି। ଏମାନେ ଅଞ୍ଚଳରେ ଫସଲ ଖାଇ ନଷ୍ଟ କରିଦେଲେଣି। ଏଥିରୁ କୃଷି କ୍ଷେତ୍ରକୁ ରକ୍ଷା କରିବାରେ ଆମେ ସଫଳ ହେବା। କୃଷକଙ୍କୁ ସହାୟତା କରିବା ଲାଗି କେନ୍ଦ୍ର, ରାଜ୍ୟ ସରକାର, କୃଷି ବିଭାଗ ଓ ସ୍ଥାନୀୟ ପ୍ରଶାସନ ଆଧୁନିକ ସମ୍ବଳର ବିନିଯୋଗ କରୁଛନ୍ତି। ଜୁନ୍ ୫ରେ ବିଶ୍ୱ ପରିବେଶ ଦିବସ ପାଳନ ହେବାକୁ ଯାଉଛି। ଚଳିତ ବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି ଜୈବ ବିବିଧତା, ଯାହାକି ବର୍ତ୍ତମାନ ସ୍ଥିତିରେ ପ୍ରାସଙ୍ଗିକ। ସେହିପରି ଜଳ ହିଁ ଜୀବନ ହୋଇଥିବାରୁ ଏହାର ସଂରକ୍ଷଣ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ନିଖୋଜ ପୋଷ୍ଟର

## ମା' ଗଲା ପରେ କେହି ମୋତେ ଖୋଜିବାକୁ ପ୍ରୟାସ କରୁଛନ୍ତି: ପ୍ରତାପ ଷଡ଼ଙ୍ଗୀ

**ବାଲେଶ୍ୱର ଅଫିସ, ୩୧।୫**

ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ରବିବାର ପୂର୍ବାହ୍ନରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିଖୋଜ ହୋଇଥିବା ନେଇ ସହରର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଛି। ଷ୍ଟେଶନଛକ, ଫାଣ୍ଡିଛକ, କଚେରୀ, ସଦରବ୍ଲକ, ଅଦାଲତ, ଜିଲାପାଳ ଅଫିସ ପାଚେରି ଓ ସୂଚନା ଓ ଲୋକସମ୍ପର୍କ ଅଫିସ ସମ୍ମୁଖରେ ଏହି ପୋଷ୍ଟର ଦେଖିବାକୁ ମିଳିଛି।

ପୋଷ୍ଟର ଇଂରାଜୀ ଭାଷାରେ ଲେଖାଯାଇଛି। 'ଆମର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ନିଖୋଜ, ଦୟାକରି ଖୋଜିବାରେ ସାହାଯ୍ୟ କରନ୍ତୁ ବାଲେଶ୍ୱର ଅଧିବାସୀ'। ଏହି ପୋଷ୍ଟର ଦେଖି ସହରବାସୀ କିଛି ସମୟ ପାଇଁ ଭୟଭୀତ ହୋଇପଡ଼ିଥିଲେ। ଧୀରେ ଧୀରେ ଏହାର ରହସ୍ୟ ପଦାକୁ ଆସିଛି। ମହାମାରୀ କରୋନା ଏବଂ 'ଅମ୍ଫନ' ଭଳି ବାତ୍ୟା ବିପତ୍ତି ସମୟରେ ଜିଲାବାସୀ ଏମ୍‌ପିଙ୍କୁ ଦେଖିବାକୁ ପାଇ ନ ଥିବାରୁ ବିରୋଧୀ ଗୋଷ୍ଠୀ ପକ୍ଷରୁ ଏଭଳି ପୋଷ୍ଟର ଲଗାଯାଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, କରୋନା ମହାମାରୀ ପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ସାରାଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ପୂର୍ବରୁ ପାର୍ଲାମେଣ୍ଟରେ ଅଧିବେଶନ ଚାଲିଥିଲା। ଏଭଳି ପରିସ୍ଥିତିରେ କୌଣସି କାରଣରୁ ବାଲେଶ୍ୱର ଫେରିବା ସମ୍ଭବ ହୋଇପାରିଲାନି। କିନ୍ତୁ ଦିଲ୍ଲୀରେ ରହି ସରକାରୀ ସହାୟତା ସହିତ ବ୍ୟକ୍ତିଗତ ଭାବରେ ପ୍ରାୟ ୨୦ହଜାର ଲୋକଙ୍କୁ ସହାୟତା କରିଛି। ବିଭିନ୍ନ ରୋଗର ଆକ୍ରାନ୍ତଙ୍କୁ ସାହାଯ୍ୟ କରିଚାଲିଛି। ନିଖୋଜ ପୋଷ୍ଟର ଲଗାଇଲେ ବିରୋଧୀଙ୍କୁ କୌଣସି ଫଳ ମିଳିବ ନାହିଁ। ଏହାସହ ସେ କହିଥିଲେ ଯେ, ବହୁତ ଦିନ ତାଙ୍କୁ ମା' ନ ଦେଖିଲେ ଖୋଜନ୍ତି। ମା'ଙ୍କ ମୃତ୍ୟୁ ପରେ ବାଲେଶ୍ୱରବାସୀଙ୍କ ଏପରି ବ୍ୟବହାର ତାଙ୍କ ପାଇଁ ଶୁଭଙ୍କର। ଏ ସମ୍ପର୍କରେ ଜିଲା ଭାଜପା ପକ୍ଷରୁ ସହଦେବଖୁଣ୍ଟା ମଡ଼େଲ ଥାନାରେ ଏତଲା ଦିଆଯାଇଛି ବୋଲି ଭାଜପା ମିଡ଼ିଆ ସେଲ୍ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରକାଶ କରିଛନ୍ତି।



ଷ୍ଟେଶନଛକ ଓ ଏସ୍‌ଡିଜେଏମ୍ ଅଦାଲତ ସମ୍ମୁଖରେ ଲାଗିଥିବା କେନ୍ଦ୍ରମନ୍ତ୍ରୀଙ୍କ ନିଖୋଜ ପୋଷ୍ଟର।

### ସହଦେବଖୁଣ୍ଟା ଥାନାରେ ଏତଲା ଦେଲା ଭାଜପା

# ପିପିଇ କିଟ୍ ମାଗିଦେଲେ, ଏବେ ରଖୁନାହାନ୍ତି

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**



■ ୭ ଦିନ ହେବ ପଡ଼ି ରହିଛି ୪୦ରୁ ଅଧିକ ଟ୍ରକ୍
■ ଆଜି ହୋଇପାରେ ଚୂଡ଼ାନ୍ତ ନିଷ୍ପତ୍ତି

ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାବେଳେ ଏମାନଙ୍କ ଚିକିତ୍ସା କରୁଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ପାଇଁ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପମେଣ୍ଟ(ପିପିଇ) କିଟ୍ ଜରୁରୀ ହୋଇପଡ଼ିଛି। ତେବେ ଉଚ୍ଚକୋଟୀର ପିପିଇ କିଟ୍ ପାଇବା ଏବେ ରାଜ୍ୟଗୁଡ଼ିକ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏଭଳିସ୍ଥଳେ କିନ୍ତୁ ହାତକୁ ଆସିଥିବା ପିପିଇ କିଟ୍ ରଖୁନି ଓଡ଼ିଶା। ଏକାଧିକ ସଂସ୍ଥାକୁ ଲକ୍ଷାଧିକ ପିପିଇ କିଟ୍ ପାଇଁ ଅର୍ଡର ଦିଆଯାଇଥିଲେ ମଧ୍ୟ ଏବେ ତାହାକୁ ରଖିବାକୁ ମନା କରିଦେଇଛି ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେଶନ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ୍)। ଫଳରେ ରାଜ୍ୟ ବାହାରୁ କିଟ୍ ନେଇ ଆସିଥିବା ୪୦ରୁ ଊର୍ଦ୍ଧ୍ୱ ଟ୍ରକ୍ ଏବେ ରାମମନ୍ଦିର ନିକଟ ଓଏସ୍‌ଏମ୍‌ସିଏଲ୍ ୱେର୍‌ହାଉସ୍ ସାମ୍ନାରେ ୭ଦିନରୁ ଊର୍ଦ୍ଧ୍ୱ ହେବ ଅଟକି ରହିଛି। ଯଥାର୍ଥ କାରଣ ନ ଦର୍ଶାଇ ଓଡ଼ିଶା ସରକାର କିଟ୍‌ଗୁଡ଼ିକ ଗ୍ରହଣ କରିବାକୁ ମନା କରିଦେଇଥିବା କିଟ୍ ନିର୍ମାଣକାରୀ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଅଭିଯୋଗ କରିଛନ୍ତି।

କରୋନା ମୁକାବିଲା କ୍ଷେତ୍ରରେ ଓଏସ୍‌ଏମ୍‌ସିଏଲ୍ ପ୍ରମୁଖ ଭୂମିକା ଗ୍ରହଣ କରିଛି। କୋଭିଡ୍ ଟେଷ୍ଟ କିଟ୍‌ରୁ ଆରମ୍ଭ କରି ପିପିଇ ପର୍ଯ୍ୟନ୍ତ ସବୁକିଛି ଆଣିବା ଦାୟିତ୍ୱ କର୍ପୋରେଶନ ଉପରେ ନ୍ୟସ୍ତ ରହିଛି। ନିକଟରେ ଓଏସ୍‌ଏମ୍‌ସିଏଲ୍ ପ୍ରାୟ ୧୫ଲକ୍ଷ ୭୦ ହଜାର ପିପିଇ କିଟ୍ ପାଇଁ ରାଜ୍ୟ ବାହାରର ଏକାଧିକ ବିତରକ ସଂସ୍ଥାକୁ ଅର୍ଡର ଦେଇଥିଲା। ଏହାସହ ୨.୨ କୋଟି ଟ୍ରିପଲ୍-ଲେୟାର ମାସ୍କ, ୭ ଲକ୍ଷ ୫୦ ହଜାର ଏନ୍୯୫ ମାସ୍କ, ୧.୭ କୋଟି ନୋଜ୍ କ୍ଲିପ୍ ଆଡପ୍ଟେବୁଲ୍ ମାସ୍କ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଆବଶ୍ୟକ ଅନ୍ୟ ସାମଗ୍ରୀ ଲାଗି ଅର୍ଡର ଦିଆଯାଇଥିଲା। ଅର୍ଡର ନେଇଥିବା ଏକ କମ୍ପାନୀର ଜଣେ ଅଧିକାରୀ କହିଛନ୍ତି, ଟେଣ୍ଡର ଅନୁଯାୟୀ ଜୁଲାଇ ଶେଷ ତାରିଖ ରହିଥିଲେ ମଧ୍ୟ ପରେ ଏହାକୁ ପରିବର୍ତ୍ତନ କରି ମେ' ୨୬ ତାରିଖ ପରେ ଡେଲିଭରି ଗ୍ରହଣ କରିବୁନି ବୋଲି ଓଏସ୍‌ଏମ୍‌ସିଏଲ୍ କହିଥିଲା। ହେଲେ ନିର୍ଦ୍ଧାରିତ ସମୟରେ ଟ୍ରକ୍‌ଗୁଡ଼ିକ ସମସ୍ତ ଅର୍ଡର ନେଇ ୱେର୍‌ହାଉସ୍‌ରେ ପହଞ୍ଚିଥିଲେ ବି କେହି ଏହାକୁ ରଖୁ ନ ଥିବା ସେ କହିଛନ୍ତି। ଉତ୍ତରାଖଣ୍ଡରୁ ସାମଗ୍ରୀ ଧରି ଆସିଥିବା ଜଣେ ଟ୍ରକ୍ ଡ୍ରାଇଭର ରୋଶନ କହିଛନ୍ତି, ଲକ୍‌ଡାଉନ୍ ସମୟରେ ଅନ୍ୟ ଏକ ରାଜ୍ୟରେ ଆସି ସପ୍ତାହେରୁ ଅଧିକ ଦିନ ହେବ ଫସି ରହିବା କଷ୍ଟଦାୟକ। ଖାଇବା ପିଇବାରେ ଆମକୁ ବହୁ ସମସ୍ୟା ହେଉଛି। ନା କମ୍ପାନୀ ଏଠାରୁ ଯିବାକୁ ଦେଉଛି ନା ଏମାନେ ଆମ ଅର୍ଡର ରଖୁଛନ୍ତି। ଟ୍ରକ୍‌ରେ ସେମିତି ପଡ଼ିରହିଛୁ।

ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ଆମ ପାଖରେ ପର୍ଯ୍ୟାପ୍ତ ସଂଖ୍ୟାରେ ପିପିଇ କିଟ୍ ଗଚ୍ଛିତ ଅଛି। ତେଣୁ ଆମେ ଆଉ କିଟ୍ ନ ପଠାଇବାକୁ ବିତରକମାନଙ୍କୁ କହିଥିଲୁ। ହେଲେ ଏହାମଧ୍ୟରେ ଅନେକ ଟ୍ରକ୍ ସାମଗ୍ରୀ ନେଇ ପହଞ୍ଚିସାରିଛନ୍ତି। ସୋମବାରଦିନ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ତେବେ ଏନେଇ ଆମେ ଓଏସ୍‌ଏମ୍‌ସିଏଲ୍ ଏମ୍‌ଡି ଯାମିନୀ ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ବାଲେଶ୍ୱର ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର,୩୧।୫ (ବ୍ୟୁରୋ)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସୋରିଷପାଳ ଗ୍ରାମର ଅନ୍ନପୂର୍ଣ୍ଣା ପାତ୍ରୀଙ୍କର ପରିବାର ନିୟୋଜନ ଅସ୍ତ୍ରୋପଚାର ପରେ ମୃତ୍ୟୁ ହୋଇଥିଲା। ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରକୁ ପରିବାର ଲୋକେ ଦାୟୀ କରି ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ମାମଲାକୁ ଗୁରୁତ୍ୱର ସହ ନେଇ ମୃତକଙ୍କ ପରିବାରକୁ ଦିଆଯାଇଥିବା ଆର୍ଥିକ ସହାୟତାର ପ୍ରମାଣ ସହ ତଦନ୍ତ ରିପୋର୍ଟ ଜୁଲାଇ ୬ ସୁଦ୍ଧା ଦାଖଲ କରିବାକୁ ବାଲେଶ୍ୱର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ଜୁଲାଇରେ ଅନ୍ନପୂର୍ଣ୍ଣାଙ୍କର ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାର ହୋଇଥିଲା। ଘରକୁ ଫେରିବା ପରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯିବାରୁ ପ୍ରଥମେ ବାଲେଶ୍ୱର ଓ ପରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ସହଯୋଗ ସତ୍ତ୍ୱେ ଚାଲିପାରୁନି ବସ୍

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

■ ମନ୍ତ୍ରୀ କହିଲେ କଥା ସତ, ହେଲେ କ'ଣ କରିବେ ସରକାର
■ ବସ୍ ଚଳାଚଳ ପାଇଁ ଅନୁକୂଳ ପରିବେଶ ଲୋଡ଼ା: ସଂଘ

କରୋନା ଯୋଗୁ ଲକ୍‌ଡାଉନ ଜାରି ରହିଥିବାରୁ ଗତ ମାର୍ଚ୍ଚ ୨୨ତାରିଖରୁ ଯାତ୍ରୀବାହୀ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଲକ୍‌ଡାଉନ ହେବାର ୬୦ଦିନରୁ ଅଧିକ ଦିନ ବିତିବାପରେ ବର୍ତ୍ତମାନ ରାଜ୍ୟରେ ଗାଡ଼ି ଚଳାଚଳ ଧୀରେ ଧୀରେ ସ୍ୱାଭାବିକ ହେବାକୁ ଯାଉଛି, କିନ୍ତୁ ମାଲିକମାନଙ୍କୁ ଏଥିପାଇଁ ବ୍ୟାପକ କ୍ଷତି ସହିବାକୁ ପଡୁଛି; ଯେଉଁଥିଲାଗି ଯାତ୍ରୀବାହୀ ଗାଡ଼ି ତଥା ବସ୍ ଚଳାଚଳ ସେତେଟା ସମ୍ଭବ ହେଉନାହିଁ ବୋଲି ବସ୍ ମାଲିକ ସଂଘ ମଧ୍ୟ କହିଲାଣି। ମାଲିକ ସଂଘ ସହ ବହୁ ଆଲୋଚନା ହେବାପରେ ରାଜ୍ୟ ସରକାର ସେମାନଙ୍କର କେତୋଟି ସର୍ତ୍ତକୁ ମାନି ଗାଡ଼ି ଚଳାଚଳ ଲାଗି ଅନୁମତି ଦେଲେ। ତଥାପି ପରିସ୍ଥିତି ଯାହାକୁ ତାହା, କାରଣ ଗାଡ଼ି ଚାଲିବା ଲାଗି ଅନୁକୂଳ ପରିବେଶ ସୃଷ୍ଟି ହୋଇପାରି ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ପ୍ରଥମେ ସରକାର ବସ୍‌ରେ ୫୦ପ୍ରତିଶତ ଲୋକଙ୍କୁ ଧରି ଯାଇହେବ ବୋଲି କହିଥିଲେ। ହେଲେ ଏଥିରେ ବସ୍ ମାଲିକମାନେ ରାଜି ହେଲେ ନାହିଁ, ଫଳରେ ଆଉଥରେ ବୈଠକ ବସିଲା। ଶେଷରେ ସରକାର ଗତ ୨୯ ତାରିଖରେ ଯାତ୍ରୀବାହୀ ଗାଡ଼ିଗୁଡ଼ିକ ଲାଗି ୩ ମାସର ଟିକସ ଆଦାୟ ଛାଡ଼ କରିଛନ୍ତି। ସରକାର ଏପ୍ରିଲ, ମେ ଏବଂ ଜୁନ୍ ମାସର ଟିକସ ଛାଡ଼ କରିଛନ୍ତି। ଦେଖିବାକୁ ଗଲେ ସରକାର ଗୋଟିଏ ମାସର ଟିକସ ଲାଭ ଆକାରରେ ବସ୍ ମାଲିକମାନଙ୍କୁ ପ୍ରଦାନ କରାଯାଇଛି। ଏହାସତ୍ତ୍ୱେ ବସ୍ ଗଡ଼ିବା ସମ୍ଭବ ହେଉନାହିଁ। ଲୋକ ନ ହେବା ଯୋଗୁ ବସ୍‌କୁ କ୍ଷତି ସହିବାକୁ ପଡୁଛି। ଭୁବନେଶ୍ୱର ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ବରଦା ଆଚାର୍ଯ୍ୟ କହିଛନ୍ତି ଯେ, ଗତ ଗୁରୁବାରଠାରୁ ବସ୍ ଚଳାଇବା ଆରମ୍ଭ ହୋଇଛି। ମାତ୍ର ବସ୍‌ରେ ଯାତ୍ରୀ ହେଲେ ତ ଗାଡ଼ି ଯିବ। ଗାଡ଼ିର ପରମିଟ୍ ଅନୁଯାୟୀ ୪୦ପ୍ରତିଶତ ଲୋକ ହେଲେ ମଧ୍ୟ ବାଟରୁ ଉଠିବେ ଭାବି ଗାଡ଼ି ଚଳାଇହେବ। କିନ୍ତୁ ଏହା ସମ୍ଭବ ନୁହେଁ, ଯେପର୍ଯ୍ୟନ୍ତ ଲୋକ ଆସିନାହାନ୍ତି ସେପର୍ଯ୍ୟନ୍ତ ଗାଡ଼ି ଚାଲିବନି। କୌଣସି ପେଟ୍ରୋଲ ପମ୍ପ ବାକିରେ ତେଲ ଦେବେ ନାହିଁ। ଡ୍ରାଇଭର, ହେଲ୍‌ପର ଏବଂ କଣ୍ଡକ୍ଟରଙ୍କ ଟଙ୍କା ଦେଲାବେଳକୁ କଷ୍ଟ ହେଉଛି। ଗାଡ଼ି ଯଦି ଏମିତି ଗଡ଼େ ତେବେ ଯାନର ମେଣ୍ଟେନାନ୍ସ କେମିତି ହେବ। ଗୋଟିଏ ମାତ୍ର ଗାଡ଼ିକୁ ଭୁବନେଶ୍ୱରରୁ ପୁରୀ ଏବଂ ପୁରୀରୁ କଟକ ଯାଇ ଫେରିବାପରେ ସବୁ ଯାଇ ମାତ୍ର ୫୦୦ଟଙ୍କା ମାଲିକର ବଞ୍ଚିଲା। ତେଣୁ ଗାଡ଼ି ସବୁ ରଖି ଦିଆଗଲାଣି। ଆଗକୁ ବହୁ ମାଲିକ ଏକାଠି ବ୍ୟାଙ୍କ ସହ କଥା ହୋଇ ଆତ୍ମସମର୍ପଣ କରିବୁ, ନଚେତ୍ ସରକାରଙ୍କୁ ଗାଡ଼ି ଦେଇଦେବୁ ମାସକୁ ଯାହା କିଛି ଟଙ୍କା ଦେବେ ଆଣିବୁ ବୋଲି ସେ କହିଛନ୍ତି।

ଖୋଦ୍ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମଧ୍ୟ ବସ୍ ମାଲିକଙ୍କ କଥାକୁ ସ୍ୱୀକାର କରିବା ସହିତ ଯଦି ସବୁ ଟ୍ରକ୍, ଟେମ୍ପୁ, ଟ୍ୟାକ୍ସି, ବସ୍ ଦାବି ନେଇ ଆସନ୍ତି ତେବେ ସରକାର କ'ଣ କରିପାରିବେ। ମାସକୁ ସରକାର ୩ହଜାର କୋଟି ଟଙ୍କାର ରାଜସ୍ୱ ପାଉଥିବା ବେଳେ ବର୍ତ୍ତମାନ ମାତ୍ର ୨୦୦କୋଟି ଟଙ୍କା ପାଉଛନ୍ତି। ଏହା ନିଶ୍ଚିତ ଯେ, ବସ୍‌ରେ ଲୋକ ହେଉନାହାନ୍ତି, କ୍ଷତି ନିଶ୍ଚିତ ହେଉଛି। ଆଗକୁ ସମୟ ଅନୁଯାୟୀ ସବୁ କିଛି ସ୍ୱାଭାବିକ ହେବ ବୋଲି ବେହେରା କହିଛନ୍ତି।




**ଆଜିର ମନ୍ତବ୍ୟ**

"କୋଭିଡ୍-୧୯କୁ ଭାରତ କିପରି ନିୟନ୍ତ୍ରଣ କରିପାରିଛି ତା' ଉପରେ ବିଶ୍ୱର ନଜର ରହିଛି।
-ପାଟ୍ରିସିଆ ସ୍କଟଲାଣ୍ଡ, କମନ୍‌ୱେଲ୍‌ଥ ମହାସଚିବ"



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାଇ ସ୍ୱରୂପ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଙ୍ଗନୱାଡ଼ି,ଆଶାକର୍ମୀ କରୋନା ଆକ୍ରାନ୍ତ

କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ(ଡି.ଏନ୍.ଏ.),୩୧।୫: କେନ୍ଦ୍ରାପଡା ଜିଲାରେ ରବିବାର ୧୮ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬ ଜଣ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ସଫେଇ କର୍ମଚାରୀ ରହିଛନ୍ତି। ଏହି କର୍ମଚାରୀମାନେ କେନ୍ଦ୍ରାପଡ଼ା ବ୍ଲକ ପେଣ୍ଠପାଳ ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ସଙ୍ଗରୋଧ କେନ୍ଦ୍ରରେ କାର୍ଯ୍ୟରତ ଥିଲେ। ଆକ୍ରାନ୍ତମାନଙ୍କୁ ଡେରବିଶ୍ ବ୍ଲକର ଛତାସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏମାନଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୮୯ରେ ପହଞ୍ଚିଛି ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂତନ ଆକ୍ରାନ୍ତଙ୍କ ମଧ୍ୟରୁ ୬ ଗୁଜରାଟ, ୪ ତାମିଲନାଡୁ ଓ ୨ ଜଣ ପଶ୍ଚିମବଙ୍ଗରୁ ଆସିଛନ୍ତି। ଜିଲାରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ପେଣ୍ଠପାଳ ଓ ମାର୍ଶାଘାଇ ସଙ୍ଗରୋଧ କେନ୍ଦ୍ରରେ କାର୍ଯ୍ୟ କରୁଥିବା ୬ କର୍ମଚାରୀ ସଂକ୍ରମିତ ହେବା ପରେ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ର ଓ ମଙ୍ଗଳ ଷଡାଷ୍ଟକ ସ୍ଥିତିରେ ରହିଥିବାରୁ ମନ ଅନୁଯାୟୀ କୌଣସି କାମ କରିପାରିବେ ନାହିଁ। ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ରହି ନ ପାରେ। ତଥାପି କୃତ୍ତିକାର ସମ୍ପତ୍ ତା'ର ହେତୁ ଜନ ସମାଜରେ ଆଦୃତି ଲାଭ ସଙ୍ଗକୁ ଯାନବାହନ, ପ୍ରଶାସନିକ କ୍ଷେତ୍ର ଭଲ ରହିବ।

**ବୃଷ** ଶୁକ୍ର ସ୍ୱଗୃହସ୍ଥ ଯୋଗୁ ଦେହ ଓ ମନ ପ୍ରାୟତଃ ଭଲ ରହିବ। ବନ୍ଧୁମାନଙ୍କ ସାହାଯ୍ୟରେ ସ୍ଥଗିତ କାମ ସମ୍ପନ୍ନ କରିବାରେ ସକ୍ଷମ ହେବେ। ରବିଙ୍କ ସହ ଅବସ୍ଥାନ କରୁଥିବାରୁ ପାରିବାରିକ କ୍ଷେତ୍ରରେ ସହମତି ଭିତିରେ କାମ କରିବା ଭଲ ହେବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ନୈରାଶ୍ୟଜନକ ସ୍ଥିତିରେ ରହିବାକୁ ବାଧ୍ୟ ହେବେ।

**ମିଥୁନ** କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି କାମ ହାସଲ କରିବେ। କିନ୍ତୁ ବୁଦ୍ଧିଦାତା ବୁଧ ପାପଗ୍ରହ ଯୁକ୍ତ ଯୋଗୁ ଅନ୍ୟମନସ୍କ ହେତୁକ କୌଣସିଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ। ପ୍ରତିଯୋଗିତା, ଆଲୋଚନା, ଆନୁଷ୍ଠାନିକ କାମ ପ୍ରଭୃତିରୁ ସଫଳତା ଅବଶ୍ୟ ମିଳିବ। ସ୍ଥାନ ପରିବର୍ତ୍ତନ ସମସ୍ୟାର କାରଣ ହୋଇପାରେ।

**କର୍କଟ** ଦୁଃସ୍ଥାନସ୍ଥ ମଙ୍ଗଳଙ୍କ ଅଷ୍ଟମଦୃଷ୍ଟି ଚନ୍ଦ୍ରଙ୍କ ଉପରେ ନିପତିତ କାରଣରୁ ଚିତବିଭ୍ରମର ଆଶଙ୍କା ରହିଛି। ଫଳତଃ ପ୍ରତ୍ୟେକ କାର୍ଯ୍ୟ ଉତ୍ତେଜନାମୂଳକ ପରିସ୍ଥିତିରେ ବିଶୃଙ୍ଖଳିତ ରହିବ। କିନ୍ତୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ,ପଦ ପଦବୀ ଲାଭ ସାଙ୍ଗକୁ ଲକ୍ଷ୍ୟ ହାସଲ ଦିଗରେ ଅନୁଧାବିତ ହେବେ।

**ସିଂହ** ପରଆପଣା ଭେଦଭାବ ଭୁଲି ଅନ୍ୟମାନଙ୍କୁ ଆପଣେଇ ନେବାରେ ସଫଳ ହେବେ। କଥା ଓ କାମରେ ଫରକ ରହିଲେ ମଧ୍ୟ ମୁହଁ ସାମନାରେ କିଏ କିଛି କହିବାକୁ ସାହସ କରିପାରିବେ ନାହିଁ। ଛୋଟ ଛୋଟ କେତେକ ସମସ୍ୟାକୁ ବାଦ୍ ଦେଲେ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ପ୍ରାୟତଃ ଭଲରେ ଅତିବାହିତ ହେବ।

**କନ୍ୟା** ରାହୁ ଓ ବୁଧଙ୍କ ଯୋଗୁଁ କୌଶଳ ପ୍ରୟୋଗକରି ସ୍ଥଗିତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। କୌଣସି କ୍ଷେତ୍ରରେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। କଳା, ମନୋରଞ୍ଜନ, ସାହିତ୍ୟ, ସାମ୍ବାଦିକତା, ଗବେଷଣା ଓ ଏଜେନ୍ସିପରୁ ଖୁସି ରହିବେ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ।

**ତୁଳା** ବନ୍ଧୁଙ୍କ ସହଯୋଗ ଆପଣଙ୍କ କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ ପ୍ରତି ମଧ୍ୟ ଅନୁରାଗ ବୃଦ୍ଧି ପାଇବ। ଭୁଲ୍ ବୁଝାମଣା ଜନିତ ସାମୟିକ ମତାନ୍ତର ପାରିବାରିକ ପରିବେଶକୁ ଗମ୍ଭୀର କରିଦେଇପାରେ। ପ୍ରକାଶନ, ପରିବହନ, ପ୍ରଶାସନ, ନିର୍ମାଣ, ମାଲିମକଦ୍ଦମା ସମ୍ପର୍କୀୟ ଫଳ ମଧ୍ୟ ଉତ୍ତମ ରହିବ।

**ବିଛା** ଶନିଙ୍କ କ୍ଷେତ୍ରସ୍ଥ ମଙ୍ଗଳଙ୍କ ପ୍ରଭାବରୁ ଶାରୀରିକ ବୈଷମ୍ୟ ଲାଗିରହିବ। ଶିକ୍ଷା, ସନ୍ତାନ, ଆଲୋଚନା, ସିଦ୍ଧାନ୍ତ ନେବା କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି ହେବାର ଆଶଙ୍କା ରହିଛି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଓ କ୍ଷଣକୋପ ଅଶାନ୍ତିର କାରଣ ହୋଇପାରେ ।

**ଧନୁ** ପାରିବାରିକ ଜୀବନରେ ଉଦାସୀନତା, ମାନସିକ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ମାନସିକ ସ୍ଥିତି ଦ୍ୱନ୍ଦ୍ୱାତ୍ମକ ରହୁଥିବାରୁ ଠିକ ଭୁଲ୍ ବିଚାର ନ କରି କାମ କଲେ ନିଶ୍ଚିତ ଭାବରେ ପ୍ରତାରିତ ହେବେ। ନୂତନ ମିତ୍ରତା ଓ ବନ୍ଧୁମିଳନଜନିତ ସାମୟିକ ଖୁସୀ ଅନୁଭବ କରିପାରନ୍ତି।

**ମକର** ଶାରୀରିକ ସୁସ୍ଥତା ଓ ନିକଟ ସମ୍ପର୍କୀୟମାନଙ୍କ ସୁସମ୍ପର୍କ ରହିବ। ବୁଧ ଗୃହସ୍ଥ ଚନ୍ଦ୍ରଙ୍କ ଯୋଗୁଁ ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ କାମରେ ପଛକୁ ଫେରି ଚାହିଁବେ ନାହିଁ। ଅସାବଧାନତାବଶତଃ ଧନହାନି, ଦ୍ରବ୍ୟ ନଷ୍ଟ ହେବାର ଆଶଙ୍କା ରହିଛି । ପରୋକ୍ଷ ଶତ୍ରୁତା କାରଣରୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

**କୁମ୍ଭ** ଯଥାବିଧି ସମ୍ପାଦିତ କରିବେ ତଥାପି କିଛିନା କିଛି ସମସ୍ୟା ମଧ୍ୟ ସାମୟିକ ଅସ୍ଥିରତା ସୃଷ୍ଟି କରିବ। ଆର୍ଥିକ କ୍ଷେତ୍ରରେ ଚୋରି, ଭିଜିଲାନ୍ସଜନିତ ଧନହାନିର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ,ବ୍ୟବସାୟରେ ପ୍ରତିବନ୍ଧକ ମଧ୍ୟରେ କାମ କରିବେ । ଅବଶ୍ୟ ପରିବାରରେ ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବାରୁ ଖୁସୀ ରହିପାରନ୍ତି ।

**ମୀନ** ମନ ଖୁସୀ ରହିବା ସଙ୍ଗକୁ ଅର୍ଥ ଓ ସମ୍ମାନ ମଧ୍ୟ ପାଇ ପାରନ୍ତି। ଆପଣଙ୍କ ପରାମର୍ଶକୁ ବିଜ୍ଞ ବ୍ୟକ୍ତିମାନେ ମଧ୍ୟ ଅସ୍ୱୀକାର କରିବେ ନାହିଁ। ଉନ୍ନତ ଚିନ୍ତାଧାରା କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ସନ୍ତାନ ଭାବରେ ଗୁରୁଦ୍ୱୟ ହେତୁ ସନ୍ତାନଙ୍କ ଗୌରବରେ ନିଜେ ଗୌରବାନ୍ୱିତ ହୋଇପାରନ୍ତି।

ଆଜି ଜ୍ୟେଷ୍ଠମାସ ଶୁକ୍ଳପକ୍ଷର ଦଶହରା ଦଶମୀ ଯୁକ୍ତ ଏକାଦଶୀ ସୋମବାର, ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ,ପଣ୍ଡିତ ଶ୍ରୀରାମଶର୍ମା ଆଚାର୍ଯ୍ୟଙ୍କ ମହାପ୍ରୟାଣ ତିଥି, ଜୁନ୍ ୧ ତାରିଖ, ବିଶ୍ୱ ପିତାମାତା ଦିବସ, ଅନ୍ତର୍ଜାତୀୟ ଦୁଗ୍ଧଦିବସ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୪୧ମି. ଗତେ ଘ.୧୦.୨୬ମି. ମଧ୍ୟେ, ରାତ୍ରି ଘ.୦୯.୧୨ମି. ଗତେ ଘ.୧୨.୦୬ମି. ମଧ୍ୟେ, ଘ.୦୧.୩୩ମି. ଗତେ ଘ.୦୩.୦୦ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୩.୪୩ମି. ଗତେ ଘ.୦୪.୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୬.୪୯ମି. ଗତେ ଘ.୦୮.୨୭ମି. ମଧ୍ୟେ ରାହୁକାଳ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋରଡ଼େ ବୋବାଏ ବଣି;
ସଉତୁଣୀ ଠେଇଁ ପକାଇଦେଲି,
ଗୁହ କୁଳୁକୁଞ୍ଚା ପାଣି ।**

ଦୁଇ ସଉତୁଣୀଙ୍କ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ । ସଉତୁଣୀ ଥିଲେ ଘରେ କଳହର ବାତାବରଣ ସୃଷ୍ଟି ହୁଏ । ପାଟିରେ ବିଷ୍ଠା କୁଳୁକୁଞ୍ଚା କରେ ପଛକେ, ସଉତୁଣୀ ଦେହରେ କିନ୍ତୁ ମଇଳା ପଡୁ ଭଳି କେହି କାହାକୁ ଦେଖି ସହି ନ ପାରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଣାକୁ କାଣୀ
ଭଲା ଘଟାଇଛି ଚକରପାଣି ।**

ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା । କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ । ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଦିନକରେ ରାଜ୍ୟରେ ସର୍ବାଧିକ ୧୨୯ ପଜିଟିଭ୍

ଭୁବନେଶ୍ୱର, ୩୧।୫(ବ୍ୟୁରୋ)

ରାଜ୍ୟରେ ଗୋଟିଏ ଦିନରେ ସର୍ବାଧିକ ୧୨୯ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୯ଟି ଜିଲାରୁ ଚିହ୍ନଟ ହୋଇଥିବା ଏହି ସଂକ୍ରମିତଙ୍କ ମଧ୍ୟରୁ ୧୧୯ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବା ବେଳେ ୧୦ ଜଣ ଲୋକାଲ କେସ୍ ଅନ୍ତର୍ଭୁକ୍ତ। ଏମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ାରେ ସର୍ବାଧିକ ୧୮ଜଣ ରହିଛନ୍ତି। ଏହାଛଡ଼ା ଗଜପତି ଜିଲାରେ ୧୬, ନୂଆପଡ଼ା ୧୨, ବଲାଙ୍ଗୀର ୧୧, ଗଞ୍ଜାମ ଓ ଯାଜପୁରରେ ୧୦ ଲେଖାଏ, ଖୋର୍ଦ୍ଧା ୭, ବାଲେଶ୍ୱର, ମୟୂରଭଞ୍ଜ, ବରଗଡ଼ ଓ ସୁନ୍ଦରଗଡ଼ରେ ୬ଜଣ ଲେଖାଏ, କଟକରେ ୫, ପୁରୀ ଓ ଦେବଗଡ଼ରେ ୪ଜଣ ଲେଖାଏ, କେନ୍ଦୁଝରରେ ୩, ଜଗତ୍‌ସିଂହପୁରରେ ୨, ମାଲକାନଗିରି, ଢେଙ୍କାନାଳ ଓ ସମ୍ବଲପୁରରେ ଜଣେ ଲେଖାଏ ରହିଛନ୍ତି। କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୧୧୭ଜଣ ୧୦ ରାଜ୍ୟରୁ ଓ ୨ଜଣ ଦୁବାଇ ଫେରନ୍ତା ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ବର୍ତ୍ତମାନ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯୪୮କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ରବିବାର ଆଉ ୧୫ ଜିଲାର ୭୬ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ୧୭ଜଣ ଥିବାବେଳେ ଗଞ୍ଜାମର ୧୬, ନୟାଗଡ଼ ଓ କଳାହାଣ୍ଡି ୧୧ଜଣ ଲେଖାଏ, ଯାଜପୁର ୫, ବାଲେଶ୍ୱର ଓ ମୟୂରଭଞ୍ଜରେ ୩ଜଣ ଲେଖାଏ ରହିଛନ୍ତି। ସେହିପରି ଅନୁଗୋଳ ଓ ଜଗତ୍‌ସିଂହପୁରରୁ ୨ଜଣ ଲେଖାଏ ଏବଂ କଟକ, ଢେଙ୍କାନାଳ, ମାଲକାନଗିରି, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧୨୬ରେ ପହଞ୍ଚିଥିବା ବେଳେ ୮୧୩ଜଣ ସକ୍ରିୟ ଓ ୯ଜଣଙ୍କ ମୃତ୍ୟୁ ଘଟିଛି।

- ■ କ୍ୱାରାଣ୍ଟାଇନ୍‌ରୁ ୧୧୯, ଲୋକାଲ କେସ୍ ୧୦
- ■ ୧୯୪୮ରେ ପହଞ୍ଚିଲା ଆକ୍ରାନ୍ତଙ୍କ ସଂଖ୍ୟା
- ■ ସୁସ୍ଥ ହେଲେ ଆଉ ୭୬



## ଦେଶରେ ସର୍ବାଧିକ ୮,୩୮୦ ସଂକ୍ରମିତ

ନୂଆଦିଲ୍ଲୀ,୩୧।୫(ପି.ଟି.)

ଭାରତରେ ରବିବାର ୮,୩୮୦ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ଏହା ସର୍ବାଧିକ ସଂକ୍ରମଣ। ଏହାକୁ ମିଶାଇ ଦେଶରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୮୨,୧୪୩ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୫,୧୬୪ ହୋଇଛି। ବିଶ୍ୱରେ ନବମ ସର୍ବାଧିକ ସଂକ୍ରମିତ ରାଷ୍ଟ୍ର ଭାରତରେ କୋଭିଡ୍ ସକ୍ରିୟ ମାମଲା ୮୯,୯୯୫ ଥିବାବେଳେ ୮୬,୯୮୩ ଜଣ ସୁସ୍ଥ ହୋଇ ଫେରିଲେଣି। ଦେଶରେ ଆରୋଗ୍ୟ ହାର ୪୭.୭୬ ପ୍ରତିଶତକୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ୪,୬୧୪ ଜଣ ସୁସ୍ଥ ହୋଇଛନ୍ତି। ସବୁଠୁ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ରରେ ୨,୧୯୭ ଜଣଙ୍କ ଜୀବନ ନେଲାଣି କରୋନା। ଗୁଜରାଟରେ ୧,୦୦୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦିଲ୍ଲୀରେ ୪୧୬, ମଧ୍ୟପ୍ରଦେଶରେ ୩୪୩, ପଶ୍ଚିମବଙ୍ଗରେ ୩୦୯, ଉତ୍ତରପ୍ରଦେଶରେ ୨୦୧, ରାଜସ୍ଥାନରେ ୧୯୩, ତାମିଲନାଡୁରେ ୧୬୦, ତେଲଙ୍ଗାନାରେ ୭୭ ଏବଂ ଆନ୍ଧ୍ରରେ ୬୦ ଜଣଙ୍କ ଜୀବନ ଯାଇଛି। ସେହିପରି କର୍ନାଟକରେ ୪୮, ପଞ୍ଜାବରେ ୪୪, ଜମ୍ମୁ-କଶ୍ମୀରରେ ୨୮, ହରିୟାଣାରେ ୨୦, ବିହାରରେ ୨୦, କେରଳରେ ୯ ଏବଂ ଓଡ଼ିଶାରେ ୭ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି।

**ଭାରତରେ କରୋନା ମୃତ୍ୟୁସଂଖ୍ୟା ୫,୧୬୪**

## ପ୍ରଥମ ପୃଷ୍ଠାରୁ...

### ପଙ୍ଗପାଳ ଦମନରେ ...

ଏବଂ କୃଷି ସଂଗଠନ(ଏଫ୍‌ଏଓ) ଦ୍ୱାରା ପ୍ରକାଶ ପାଇଛି। ସେଥିରେ ଜିପ୍‌ରେ ୱାୟାରଲେସ୍ ଯନ୍ତ୍ର ଲଗାଇ କିଭଳି ପଙ୍ଗପାଳ ଦଳକୁ ଟ୍ରାକ୍ କରାଯାଉଥିଲା ତାହା ଉଲ୍ଲେଖ ରହିଛି। ପଙ୍ଗପାଳ ମୁକାବିଲା କରିବା ପାଇଁ କ୍ୟାମ୍ପ କରାଯାଉଥିଲା। କ୍ୟାମ୍ପରେ ଅଧିକାରୀମାନେ କୀଟନାଶକ ଓ ଅନ୍ୟାନ୍ୟ ଉପକରଣ ସହ ପ୍ରସ୍ତୁତ ରହୁଥିଲେ। ପଙ୍ଗପାଳ ଦଳକୁ ଟ୍ରାକ୍ କରୁଥିବା ଅଧିକାରୀମାନେ କ୍ୟାମ୍ପରେ ଥିବା ଅଧିକାରୀମାନଙ୍କୁ ସବିଶେଷ ତଥ୍ୟ ଦେଉଥିଲେ। ବିଶେଷକରି ପଙ୍ଗପାଳ ଦଳର ଆକାର, ରଙ୍ଗ ଓ ଅବସ୍ଥିତି ଜଣାଉଥିଲେ। ହରିଶ ଉଲ୍ଲେଖ କରିଛନ୍ତି ଯେ, ବେଳେବେଳେ ସେମାନଙ୍କୁ ଅଜବ ପରିସ୍ଥିତିକୁ ସାମ୍ନା କରିବାକୁ ପଡୁଥିଲା। ପଙ୍ଗପାଳଙ୍କୁ ମାରିବା ପାଇଁ ନିୟୋଜିତ ଅଧିକାରୀମାନଙ୍କୁ ସ୍ଥାନୀୟ ଆଦିବାସୀମାନେ ପ୍ରତିରୋଧ କରୁଥିଲେ। କାରଣ ସେମାନେ ତାହାକୁ ଖାଦ୍ୟ ଭାବେ ଉପଭୋଗ କରୁଥିଲେ। ସେହିପରି ଲେହରେ ସ୍ଥାନୀୟ ଲୋକମାନେ ଧାର୍ମିକ କାରଣରୁ କୀଟ ହତ୍ୟାକୁ ପ୍ରତିରୋଧ କରିଥିଲେ। କୀଟବିଜ୍ଞାନ (ଏଣ୍ଟୋମୋଲୋଜି)ର ଡେପୁଟି ଡାଇରେକ୍ଟର ଡ. ଜେ. ଏନ୍. ଠାକୁର ୨୦୦୬ ଅଗଷ୍ଟର ଏକ ଘଟଣାକୁ ମନେ ପକାଇଛନ୍ତି। ସେହି ସମୟରେ ଭାରତ-ଚାଇନା ସୀମାବର୍ତ୍ତୀ ଅଞ୍ଚଳ ଡେମ୍‌ଚୌକରେ କୀଟନାଶକ ସିଞ୍ଚିବାକୁ ଦିଆଯାଇ ନ ଥିଲା। ସ୍ଥାନୀୟ ଅଧିବାସୀଙ୍କ ନିବେଦନ ଥିଲା ଯେ, କୀଟ ମଧ୍ୟ ସେମାନଙ୍କ ପିଲାମାନଙ୍କ ପରି। କୀଟମାନେ ଉପଯୁକ୍ତ ପରିବେଶ ପାଇବା ସେମାନଙ୍କର ଅଧିକାର। ହେଲେ କୀଟଙ୍କଠାରୁ କିପରି ଫସଲକୁ ରକ୍ଷା କରାଯାଇପାରିବ ବୋଲି ପଚରାଯିବାରୁ, କିଛି ଆଧ୍ୟାତ୍ମିକ କାର୍ଯ୍ୟ କରିବେ, ଯାହା କୀଟଙ୍କୁ ରୋକିହେବ ବୋଲି ସେମାନେ ଉତ୍ତର ଦେଇଥିଲେ।

ସୂଚନାଥାଉ କି, ପାକିସ୍ତାନର ଓକରା ଜିଲାରେ କୃଷକମାନେ ପଙ୍ଗପାଳକୁ ଫାଶରେ ପକାଇ ବିକ୍ରୟ କରନ୍ତି। ତାହାକୁ ହାଇ ପ୍ରୋଟିନ୍ ଚିକେନ୍ ଫିଡ୍ ଭାବେ ବ୍ୟବହାର କରାଯାଏ। ଏହା ସେମାନଙ୍କ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଅନ୍ୟପକ୍ଷରେ ଚାଇନା ବତକମାନଙ୍କୁ 'ବାୟୋଲୋଜିକାଲ ୱାରଫେର୍' ଭାବେ ବ୍ୟବହାର କରୁଥିଲା, କାରଣ ବତକମାନେ ପଙ୍ଗପାଳ ଖାଉଥିଲେ। ପଡ଼ୋଶୀ ପାକିସ୍ତାନକୁ ଫସଲ ହାନିରୁ ରକ୍ଷା କରିବା ପାଇଁ ସହାୟତା ଭାବେ ବତକ ସେନା ପଠାଇବା ପାଇଁ ମଧ୍ୟ ଚାଇନା ଯୋଜନା କରିଥିଲା। କିନ୍ତୁ ଶୁଷ୍କ ଅବସ୍ଥା ଯୋଗୁ ବୈଜ୍ଞାନିକମାନେ ଏହି ଯୋଜନାକୁ ରୋକି ଦେଇଥିଲେ।

### ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବେ ...

ସଂଖ୍ୟା ବର୍ଷ ଶେଷ ସୁଦ୍ଧା ୬୭.୨ କୋଟିରେ ପହଞ୍ଚିପାରେ। ଏହି ପିଲାମାନଙ୍କ ମଧ୍ୟରୁ ପ୍ରାୟ ଦୁଇ-ତୃତୀୟାଂଶ ଉପ ସାହାରୀୟ ଆଫ୍ରିକା ଏବଂ ଦକ୍ଷିଣ ଏସିଆରେ ବାସ କରନ୍ତି। ଦାରିଦ୍ର୍ୟ ମଧ୍ୟକୁ ଠେଲି ହେଉଥିବା ପିଲାଙ୍କ ସଂଖ୍ୟା ୟୁରୋପ ଏବଂ ମଧ୍ୟ ଏସିଆର ଦେଶଗୁଡିକରେ ସର୍ବାଧିକ ୪୪% ଏବଂ ଲାଟିନ ଆମେରିକା ଓ କାରିବିଆନ ଅଞ୍ଚଳରେ ୨୨% ବୃଦ୍ଧି ଘଟିପାରେ।

ୟୁନିସେଫର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହେନେରେଟା ଫୋର୍ କହିଛନ୍ତି, କରୋନା ମହାମାରୀ ଅଭୂତପୂର୍ବ ସାମାଜିକ-ଅର୍ଥନୈତିକ ସଙ୍କଟ ସୃଷ୍ଟି କରିଛି, ଯାହା ସମଗ୍ର ବିଶ୍ୱରେ ପରିବାରଗୁଡ଼ିକର ସମ୍ବଳ ଖାଲି କରିବାରେ ଲାଗିଛି। ପିଲାମାନେ ଯେଭଳି ଅତ୍ୟାବଶ୍ୟକ ସେବାରୁ ବଞ୍ଚିତ ନ ହେବେ ଏବଂ ଶିଶୁ ଦାରିଦ୍ର୍ୟ ହ୍ରାସ ପାଇବ ସେନେଇ ବର୍ଷ ବର୍ଷ ଧରି ଚାଲିଥିବା ଉଦ୍ୟମକୁ ଯେଉଁ ସଫଳତା ମିଳିଛି ତାହା ଏବେ ହାତଛଡ଼ା ହୋଇପାରେ। ପରିବାରରେ ଆର୍ଥିକ ସଙ୍କଟର ପରିମାଣ ବୃଦ୍ଧି ପାଇବା ଯୋଗୁ ଏଭଳି ଆଶଙ୍କା ଦେଖାଦେଇଛି। ମିଳିତ ପଦକ୍ଷେପ ବିନା ପରିବାରଗୁଡିକ ଅଧିକରୁ ଅଧିକ ଦାରିଦ୍ର୍ୟକୁ ଠେଲି ହୋଇପାରନ୍ତି। ଗରିବ ପରିବାରଗୁଡ଼ିକ ଏଭଳି ଅଭାବର ସମ୍ମୁଖୀନ ହୋଇପାରନ୍ତି, ଯାହା କେତେକ ଦଶନ୍ଧି ମଧ୍ୟରେ ଦେଖାଯାଇନାହିଁ ବୋଲି ହେନେରେଟା କହିଛନ୍ତି। ଲକ୍‌ଡାଉନ୍ ଯୋଗୁ ହଠାତ୍ ନିଯୁକ୍ତି ହରାଇବା ଫଳରେ ବହୁ ପରିବାର ସେମାନଙ୍କ ପିଲାମାନଙ୍କୁ ଖାଦ୍ୟ ଓ ପାଣି ଭଳି ମୌଳିକ ଆବଶ୍ୟକତା ଯୋଗାଇବାରେ ପ୍ରାୟତଃ ସକ୍ଷମ ହେଉନାହାନ୍ତି। ସେହିପରି ସେମାନଙ୍କୁ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ମିଳିବା ସମ୍ଭାବନା କମ୍ ଥିବାବେଳେ ବାଲ୍ୟବିବାହ ସମେତ ଶିଶୁଙ୍କ ପ୍ରତି ହିଂସା, ଶୋଷଣ ଏବଂ ଅତ୍ୟାଚାରର ବିପଦ ରହିଛି। ସେଭ ଦି ଚିଲ୍‌ଡ୍ରେନ୍ ଇଣ୍ଟରନ୍ୟାଶନାଲ ସିଇଓ ଇଙ୍ଗର ଆଶିଙ୍ଗ କହିଛନ୍ତି ଯେ, କ୍ଷୁଧା ଏବଂ ପୁଷ୍ଟିହୀନତା ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ପିଲାମାନେ ଅତ୍ୟଧିକ ଅସୁରକ୍ଷିତ ହୋଇପଡ଼ନ୍ତି, ଯାହା ଜୀବନସାରା ସେମାନଙ୍କୁ ପ୍ରଭାବିତ କରିଥାଏ। ଏବେ ଯଦି ଆମେ ଦୃଢ଼ ନିଷ୍ପତ୍ତି ନେଇ କାର୍ଯ୍ୟ କରିବା ତା'ହେଲେ ମହାମାରୀ ବିପଦରୁ ଗରିବ ଦେଶର ଏବଂ ଅତ୍ୟନ୍ତ ଅସୁରକ୍ଷିତ ହୋଇପଡ଼ିଥିବା ପିଲାମାନଙ୍କୁ ରକ୍ଷା କରିପାରିବା। ଏହି ରିପୋର୍ଟ ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଛି। ପିଲାମାନଙ୍କ ପାଇଁ ଦାରିଦ୍ର୍ୟ ଅନିବାର୍ଯ୍ୟ ନୁହେଁ ବୋଲି ଆଶିଙ୍ଗ କହିଛନ୍ତି।

### ମହାକାଶଚାରୀଙ୍କୁ ଅନ୍ତରୀକ୍ଷରେ ....

ପାଇଁ ସ୍ପେସ୍‌ଏକ୍ସ କମ୍ପାନୀର ମୁଖ୍ୟ ଏଲୋନ ମସ୍କ, ନାସା ଓ ମହାକାଶଚାରୀଙ୍କୁ ଟ୍ରମ୍ପ ଅଭିନନ୍ଦନ ଜଣାଇଛନ୍ତି। ଆମେରିକା ପାଇଁ ଏହା ଏକ ବଡ଼ ଦିନ ବୋଲି ସେ କହିଛନ୍ତି। ଟ୍ରମ୍ପ ନାସାର ଦୁଇ ମହାକାଶଚାରୀ ଏବଂ ମସ୍କଙ୍କ ସହ କଥା ହୋଇଥିଲେ। ୨୦୧୧ ପରେ ମହାକାଶକୁ ଆମେରିକା ମାଟିରୁ ମହାକାଶଚାରୀ ପ୍ରେରଣ ଦୃଶ୍ୟ ଦେଖିବାର ଐତିହାସିକ ସୁଯୋଗ ମିଳିଲା ବୋଲି ପରରାଷ୍ଟ୍ର ସଚିବ ମାଇକ୍ ପମ୍ପେଓ କହିଛନ୍ତି। ସେହିପରି ନାସା ପ୍ରଶାସକ ଜିମ୍ ବ୍ରିଡେନଷ୍ଟାଇନ୍ କହିଛନ୍ତି, ମହାକାଶକୁ ମାନବ ପ୍ରେରଣର ଏକ ନୂଆ ଯୁଗ ଆରମ୍ଭ ହେଲା। ଆଗାମୀ ଦିନରେ ଚନ୍ଦ୍ର ଓ ମଙ୍ଗଳ ଗ୍ରହକୁ ମାନବ ପ୍ରେରଣରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି। ବିମାନ ଯାତ୍ରା ବେଳେ ଯାତ୍ରୀଙ୍କଠାରୁ ଯେଉଁଭଳି ଭଡ଼ା ଆଦାୟ କରାଯାଏ ସେହିଭଳି ଏହି କମ୍ପାନୀ ସିଟ୍ ପିଛା ଭଡ଼ା ଆଦାୟ କରିବ। ସ୍ୱୟଂଚାଳିତ ପଦ୍ଧତିରେ ଉକ୍ତ ମହାକାଶଯାନ ଆଇଏସ୍‌ଏସ୍ ସହିତ ସଂଯୋଗ ହେବ। ମହାକାଶଚାରୀଙ୍କ ପାଇଁ ପ୍ରସ୍ତୁତ ପୋଷାକ ମହାକାଶରେ କଠିନ ପରିସ୍ଥିତିର ସମ୍ମୁଖୀନ ହେବାରେ ସହାୟକ ହେବ। ଏହାକୁ ସୁନ୍ଦର କରିବା ପାଇଁ କଷ୍ଟ୍ୟୁମ୍ ଡିଜାଇନର ଜୋସ୍ ହେର୍ମେଣ୍ଡେଜ୍‌ଙ୍କ ସହ ମିଳିତ ଭାବେ ସ୍ପେସ୍‌ଏକ୍ସ ମିଳିତ ଭାବେ ଡିଜାଇନ ପ୍ରସ୍ତୁତ କରିଥିଲା।

### ଜୁନ୍ ୧୭ ନୁହେଁ ଜୁଲାଇରେ ...

ଖୋଲିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ନିଆଯିବା ପରେ ବିଭାଗ ପକ୍ଷରୁ ଏ ସମ୍ପର୍କିତ ଫାଇଲ ମୁଖ୍ୟମନ୍ତ୍ରୀଙ୍କ ଅନୁମତି ଲାଗି ପଠାଯାଇଛି। ଯଥାଶୀଘ୍ର ଏନେଇ ଘୋଷଣା ହେବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକୁ ବନ୍ଦ ରଖିବା ପାଇଁ ଏକ ପ୍ରକାର ନିଷ୍ପତ୍ତି ନିଆଯାଉଛି। ଯଦିଓ ଏନେଇ ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁଙ୍କ ପକ୍ଷରୁ କିଛି ସୂଚନା ମିଳି ନାହିଁ, ହେଲେ ଗଣଶିକ୍ଷା ମନ୍ତ୍ରୀ ଶିକ୍ଷାନୁଷ୍ଠାନ ଜୁନ୍‌ରେ ଖୋଲିବ ନାହିଁ କହିବାପରେ ଏକଥା ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ଅନ୍ୟପଟେ ଜଣେ ବିଭାଗୀୟ ଅଧିକାରୀଙ୍କ ମତରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଜୁନ୍ ୧୭ ପରିବର୍ତ୍ତେ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଖୋଲିବା ନେଇ ଜୁଲାଇ ମାସର ଏକ ନୂତନ ତାରିଖ ସ୍ଥିର ହେବ ଏବଂ ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅନୁମୋଦନ ସକାଶେ ଫାଇଲ ମଧ୍ୟ ପଠାଯିବ। ସେପଟେ ଯୁକ୍ତ ୨ ଖାତା ଦେଖା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତି ଶେଷ କରିସାରିଛନ୍ତି। ସୋମବାରଠାରୁ ଯୁକ୍ତ ୨ ପିଲାମାନଙ୍କ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହେବ। ଗଣଶିକ୍ଷା ମନ୍ତ୍ରୀ ଯୁକ୍ତ ୨ ଖାତା ଦେଖା ନେଇ କହିଛନ୍ତି ଯେ, ୩୬ଟି ଅନ୍‌ଲାଇନ ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖାଯିବ। ଏହି ଖାତା ମୂଲ୍ୟାୟନ ଦୁଇଟି ପର୍ଯ୍ୟାୟରେ ଚାଲିବ। ଦିନକୁ ଦୁଇଟି ଶିଫ୍ଟରେ ଖାତା ଦେଖାଯିବ। ପ୍ରଥମ ଶିଫ୍ଟ ସକାଳ ୭ଟାରୁ ଦିନ ୧୨ଟା୩୦ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଦ୍ୱିତୀୟ ଶିଫ୍ଟ ୧ଟାରୁ ୬ଟା ୩୦ ପର୍ଯ୍ୟନ୍ତ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥାତ୍ ଆସନ୍ତା ୮ ତାରିଖରୁ ଅଫ୍‌ଲାଇନରେ ଖାତା ମୂଲ୍ୟାୟନ ହେବ। ସେତେବେଳେ ୨୩ଟି କେନ୍ଦ୍ରରେ ଖାତା ମୂଲ୍ୟାୟନ ଚାଲିବ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଯୁକ୍ତ୨ କଳା, ବିଜ୍ଞାନ ଏବଂ ବାଣିଜ୍ୟ ପିଲାଙ୍କ ମୋଟ ୨୧ଟି ବିଷୟର ପରୀକ୍ଷା ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଯେଉଁସବୁ ବିଷୟର ପରୀକ୍ଷା ସରିଛି ଉକ୍ତ ଖାତାର ମୂଲ୍ୟାୟନ ଆରମ୍ଭ ହେବ।

### ଜି ୧୧ରେ ସାମିଲ ...

ଏଭଳି ସମୟରେ କରୋନା ଭାଇରସ୍ ଚାଇନାର ଉହାନ ସହରରୁ ବାହାରି ସାରା ବିଶ୍ୱକୁ କବଳିତ କରିଛି। ହୋପ୍‌କିନ୍ସ ୟୁନିଭର୍ସିଟି ତଥ୍ୟାନୁସାରେ କରୋନାରେ ଅଦ୍ୟାବଧି ବିଶ୍ୱର ୬ ନିୟୁତରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାବେଳେ ୩,୬୯,୦୦୦ରୁ ଅଧିକ ଜୀବନ ଯାଇସାରିଲାଣି। ଏହି ଘାତକ ଭୂତାଣୁରେ ଆମେରିକା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ୧.୭ ନିୟୁତ ସଂକ୍ରମିତ ଥିବାବେଳେ ୧,୦୩,୦୦୦ ଜଣଙ୍କ ମୃତ୍ୟୁ ଘଟିଛି। ବେଜିଂ ବେଳ ଥାଉ ଥାଉ ମହାମାରୀ କୋଭିଡ୍-୧୯ ସମ୍ପର୍କରେ ବିଶ୍ୱକୁ ଅବଗତ କଲା ନାହିଁ। ଫଳରେ ଏହା ସବୁ ରାଷ୍ଟ୍ରକୁ ବ୍ୟାପିଲା ବୋଲି ଆମେରିକା ଅଭିଯୋଗ ଆଣୁଛି। ଏଥିସହ ଏହି ଭାଇରସ୍‌ର ଉତ୍ପତ୍ତି ସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ଦାବି କରିଆସୁଛି। ଅନ୍ୟପକ୍ଷେ ଆମେରିକାର ସମସ୍ତ ଅଭିଯୋଗକୁ ଚାଇନା ଖଣ୍ଡନ କରିଛି। ତେଣୁ ଚାଇନାକୁ ବୁଦ୍ଧି ଶିଖାଇବା ପାଇଁ ଟ୍ରମ୍ପ ଜି ୭ର ସମ୍ପ୍ରସାରଣ ଯୋଜନା କରିଥିବା କୂଟନୀତିଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

classifieds **Everyday**
0674-2580101, 2549302

real estate

**SALE**

Newly constructed S+3 having 3nos' 2BHK flats with Modular Kitchen & 2nos Bathroom at BRIT, Baragarh, BBSR. 9437012031, 9338105496. D-17399

**ଭୁବନେଶ୍ୱର ଗଙ୍ଗପଡ଼ାଛକରୁ 800mtr ଦୂରତାରେ Gitam Collage front ରେ sqft. 549/-, ପ୍ଲଟ୍ ମିଳୁଅଛି। 9938655900.** D-69118

construction

**Interested to Construct newly built house with complete finishing@1200/- sqft. onward. Contact- 9861448065, 7992819489.** D-17351

healthcare

Newly open SPA centre full body massage smart Ladies: 8260347387. D-59949

Full body massage with Gents and Ladies, Aaiginia Square. 9777167531. D-59950

Newly open full body massage SPA in Bhubaneswar. Contact: 7205058838. D-69271

Rejuvenate and Ayurvedic full body massage by smart therapist. 9114402304. D-69275

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69273

Herbal full body massage by smart / expert therapist. Contact: 8338067247. D-69274

Monalisa massage club : All types body massage with hiprofile smart lady rooms service available 9708545108. D-17374

Ayurvedic full body massage Ladies and Gents. Contact: 9861064981. D-69507

**AFFIDAVIT**

By virtue of an affidavit before the Notary, Bhubaneswar, I Vinay Kumar Agrawal declare that I have changed my surname from Agarwal to Agrawal. Hence I will be known as Vinay Kumar Agrawal & the changed surname (Agrawal) will be used in my wife and children's name for all purposes. D-17400

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ସାଇ ସ୍ୱରୂପ୍ ବାରିକ**
ତୁମର ପ୍ରଥମ ଜନ୍ମଦିନରେ
ଶ୍ରୀଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ
ତୁମ ଉପରେ ସର୍ବଦା ରହିଥାଉ।
-:ଶୁଭେଚ୍ଛା ସହ:-
ବାବା, ମାମା, ଜେଜେ,ଜେଜେ ମା, ଅଜା, ଆଇ, ବଡ଼ ବାପା, ପିଉସା, ପିଉସୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୨୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### କ୍ୱାରାଣ୍ଟାଇନ୍‌ରେ ରହିବାକୁ ନେଇ ସଂଘର୍ଷ

### ଉଭୟ ପକ୍ଷରୁ ୩ ଗିରଫ

**ଭୁବନ, ୩୧।୫(ଡି.ଏନ.ଏ.):** ଜଣେ ବହିରାଗତଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦେବାକୁ କେନ୍ଦ୍ର କରି ଢେଙ୍କାନାଳ ଜିଲା ଭୁବନ ଥାନା ଅନଳ ଗ୍ରାମ ପାତ୍ର ସାହିରେ ଶନିବାର ରାତିରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଘୁରୁଡୁ ପାତ୍ରଙ୍କ ପୁଅ ଭକ୍ତ (୪୨) ଗୁରୁତର ହୋଇଛନ୍ତି। ଏହି ଘଟଣାରେ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଥିବାବେଳେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଅନଳ ଗ୍ରାମର ପ୍ରକାଶ ପାତ୍ର ଯାଜପୁର ଜିଲା ଡୁବୁରିସ୍ଥିତ ଏକ ପ୍ଲାଣ୍ଟରେ କାମ କରନ୍ତି। ସେ ଶନିବାର ଘରକୁ ଫେରିଥିଲେ। କରୋନା ପ୍ରଭାବିତ ଜିଲାରୁ ଫେରିଥିବାରୁ ପ୍ରକାଶଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବାକୁ ଘୁରୁଡୁ ପରାମର୍ଶ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ବଚସା ହୋଇଥିଲା। ପରେ ଦୁହିଁଙ୍କ ପରିବାର ଏଥିରେ ହସ୍ତକ୍ଷେପ କରିବା ପରେ ଘଟଣା ସଂଘର୍ଷର ରୂପ ନେଇଥିଲା। ଆକ୍ରମଣରେ ଭକ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ଭୁବନ ଏବଂ ପରେ ଢେଙ୍କାନାଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁଇ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ପ୍ରକାଶ ପାତ୍ର, ଘୁରୁଡୁ ପାତ୍ର ଏବଂ ଚିତ୍ର ପାତ୍ରଙ୍କୁ ଗିରଫ କରିଛି। ଅନ୍ୟମାନେ ଫେରାର ଅଛନ୍ତି। ଘଟଣାର ତଦନ୍ତ ଚାଲିଥିବା ଏଏସ୍‌ଆଇ ନୀଳକଣ୍ଠ ପାତ୍ର ସୂଚନା ଦେଇଛନ୍ତି।

# ସଙ୍କଟ ବଢ଼ାଇବେ ସ୍ଥାନୀୟ ଆକ୍ରାନ୍ତ

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

- ୧୩ ଦିନରେ ୫୩ ଚିହ୍ନଟ
- ନମୁନା ରିପୋର୍ଟ ଆସିବା ପୂର୍ବରୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ପଳାଉଛନ୍ତି ପ୍ରବାସୀ
- ସଂକ୍ରମିତ ହେଲେଣି କରୋନା ଯୋଦ୍ଧା

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୯୪୮ରେ ପହଞ୍ଚିଛି। କିନ୍ତୁ ଏପର୍ଯ୍ୟନ୍ତ ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବା ରାଜ୍ୟ ସରକାର କହିଛନ୍ତି। କାରଣ ଚିହ୍ନଟ ହେଉଥିବା ନୂଆ ଆକ୍ରାନ୍ତଙ୍କ ମଧରେ ଅଧିକାଂଶ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଠାବ କରାଯାଉଛି। ହେଲେ ପ୍ରତିଦିନ ଆସୁଥିବା ପଜିଟିଭ୍ ରିପୋର୍ଟରେ ଲୋକାଲ କେସ୍ (ସ୍ଥାନୀୟ ଆକ୍ରାନ୍ତ) ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୧୩ ଦିନ ମଧରେ ରାଜ୍ୟର ବିଭିନ୍ନ ଜିଲାରୁ ୫୩ଜଣ ସ୍ଥାନୀୟ (କ୍ୱାରାଣ୍ଟାଇନ୍ ବାହାର) ଆକ୍ରାନ୍ତ ରହିଥିବା ଜଣାପଡ଼ିଛି। ସେମାନେ କାହା ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି ତାହାର ସ୍ପଷ୍ଟ ସୂଚନା ଦିଆଯାଉ ନ ଥିବାରୁ ଆଗାମୀ ଦିନରେ ଗାଁଠୁ ସହର ସବୁଠି ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ନମୁନା ରିପୋର୍ଟ ଆସିବା ପୂର୍ବରୁ ସମ୍ପୃକ୍ତ ପ୍ରବାସୀମାନେ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଘରକୁ ପଳାଉଥିବାରୁ ଏମାନଙ୍କୁ ନେଇ ପ୍ରଶାସନର ଚିନ୍ତା ବଢ଼ିଛି।

ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ତଥ୍ୟ ଅନୁସାରେ, ୧୯ ତାରିଖରେ ୫ ଲୋକାଲ କେସ୍ ଚିହ୍ନଟ ହୋଇଥିବା ବେଳେ ୨୦ରେ ୩, ୨୧ରେ ୩, ୨୨ରେ ୬, ୨୩ରେ ୭, ୨୪ରେ ୮, ୨୫ରେ ୭, ୨୬ରେ ୮, ୨୭ରେ ୨, ୨୮ରେ ୨ ଓ ୨୯ ତାରିଖରେ ୨ଜଣ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଗତ୨୪ଘଣ୍ଟାରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧରେ ବି ୧୦ ଲୋକାଲ କେସ୍ ରହିଛି। ଏମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ାରୁ ସର୍ବାଧିକ ୬ଜଣ ଥିବାବେଳେ ବଲାଙ୍ଗୀରରୁ ୨, ବରଗଡ଼ ଓ କଟକରୁ ଜଣେ ଲେଖାଏ ରହିଛନ୍ତି। ପ୍ରତିଦିନ ଲୋକାଲ କେସ୍ ପଜିଟିଭ୍ ବାହାରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବର୍ତ୍ତମାନ ଲକ୍‌ଡାଉନ୍ ଉଠିଯାଇଛି। ତେଣୁ ଲୋକେ ଖୋଲାଖୋଲି ବୁଲିପାରୁଛନ୍ତି। ଫଳରେ ସଂକ୍ରମଣର ଅଧିକ ସମ୍ଭାବନା ରହିଛି। ସେପଟେ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। କିନ୍ତୁ ଯେଉଁମାନେ ଲୋକାଲ କେସ୍‌ରେ ଚିହ୍ନଟ ହେଉଛନ୍ତି ସେମାନଙ୍କ ସବିଶେଷ ତଥ୍ୟ ସରକାର ଦେଉନାହାନ୍ତି। ପୂର୍ବରୁ ଯେଉଁଭଳି ଭାବେ ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି କରାଯାଉଥିଲା ବର୍ତ୍ତମାନ ତାହା ହେଉନି। ବିଶେଷକରି ଲୋକାଲ୍ କେସ୍ ବା ସ୍ଥାନୀୟ ଆକ୍ରାନ୍ତଙ୍କ ହିଷ୍ଟ୍ରି ସମ୍ପର୍କରେ ସରକାର ସୂଚନାଦେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। କେଉଁ କାରଣରୁ ଓ କାହା ସଂସ୍ପର୍ଶରେ ଆସି ସେମାନେ ସଂକ୍ରମିତ ହୋଇଛନ୍ତି ବିଭାଗ ସେ ନେଇ ସବିଶେଷ ତଥ୍ୟ ଦେବା ପାଇଁ ଦାବି ହେଉଛି।

ଅନ୍ୟପଟେ ଏହି ଲୋକାଲ କେସ୍ ମଧରେ ଅନେକ କରୋନା ଯୋଦ୍ଧା କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଡାକ୍ତରଠାରୁ ଆରମ୍ଭ କରି ନର୍ସ, ପୋଲିସ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସରପଞ୍ଚ, ଶିକ୍ଷକ ଓ କ୍ୱାରାଣ୍ଟାଇନ୍ ସେଣ୍ଟରରେ କାର୍ଯ୍ୟରତ ଅନ୍ୟମାନେ ମଧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କାର୍ଯ୍ୟ କରିବା ସମୟରେ ଏହି କରୋନା ଯୋଦ୍ଧାମାନେ ସୁରକ୍ଷା ଉପକରଣ ବ୍ୟବହାର ସହ ସତର୍କ ରହୁଥିବାବେଳେ କିପରି ସଂକ୍ରମିତ ହେଉଛନ୍ତି ତାହାକୁ ନେଇ ନାନା ପ୍ରଶ୍ନ ଉଠୁଛି। ବୁଦ୍ଧିଜୀବୀଙ୍କ କହିବାନୁଯାୟୀ, ଯଦି କରୋନା ଯୋଦ୍ଧା ସବୁ ପ୍ରକାର ସୁରକ୍ଷିତ ବ୍ୟବସ୍ଥା ମଧରେ ରହି ମଧ ତାଙ୍କୁ କରୋନା ସଂକ୍ରମିତ କରିପାରୁଛି, ତେବେ ବାହାରୁ ଚିହ୍ନଟ ସଂକ୍ରମିତଙ୍କ ଦ୍ୱାରା ଆହୁରି ବହୁ ସଂକ୍ରମଣ ହୋଇଥିବା ଜଣାପଡୁଛି। ସବୁ ସଂକ୍ରମିତଙ୍କୁ ଠାବ କରିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ବୋଲି କୁହାଯାଉଛି।

# କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବାସୀଙ୍କ ଧାରଣା

**ଖୋର୍ଦ୍ଧା ଅଫିସ/ବାଣପୁର, ୩୧।୫(ଡି.ଏନ୍.ଏ.)**



- ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ବାଣପୁର ବ୍ଲକ ଅଧୀନ ଗୋଦାବରୀଶ ମହାବିଦ୍ୟାଳୟରେ ଖୋଲାଯାଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ପ୍ରବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ସେଣ୍ଟର ପରିସରରେ ଧାରଣାରେ ବସିଥିବା ନେଇ ରବିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ନେଇ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ବାଣପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନିହାଲ, ସ୍ଥାନୀୟ ସରପଞ୍ଚ ଓ ଅଧିକାରୀମାନେ ପହଞ୍ଚି ପ୍ରବାସୀଙ୍କୁ ବୁଝାଶୁଝା କରିବା ସହ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଭାଇରାଲ ହୋଇଥିବା ଭିଡିଓରେ ପ୍ରବାସୀଙ୍କ କହିବାନୁଯାୟୀ, ନିର୍ଦ୍ଧାରିତ ସମୟ ଠାରୁ ବିଳମ୍ବରେ ଖାଦ୍ୟ ଦିଆଯାଉଛି, ତାହା ପୁଣି ନିମ୍ନମାନର। ଯାହା ଚାର୍ଟରେ ଉଲ୍ଲେଖ ରହିଛି, ସେ ନେଇ କୌଣସି ଖାଦ୍ୟ ଦିଆଯାଉନାହିଁ। ଠିକ୍ ସମୟରେ ପାଣି ଆସୁ ନ ଥିବାରୁ ବହୁ ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ସରପଞ୍ଚ ଓ ଅଧିକାରୀଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରିଲା ନାହିଁ ବୋଲି ଭିଡିଓରେ କୁହାଯାଇଛି।

## ପଞ୍ଚାୟତସ୍ତରରୁ ହେବ ଡାଟା ସଂଗ୍ରହ

**ଖୋର୍ଦ୍ଧା ଅଫିସ,୩୧।୫:** ଖୋର୍ଦ୍ଧା ଜିଲାରେ ଫେରନ୍ତା ପ୍ରବାସୀଙ୍କୁ କାମ ଯୋଗାଇ ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏ ସଂକ୍ରାନ୍ତରେ ଜିଲାପାଳ ଶୀତାଂଶୁ କୁମାର ରାଉତ କହିଛନ୍ତି, ୪ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ସେମାନଙ୍କ ରାଜ୍ୟକୁ ପଠାଯାଇଛି। ଖୋର୍ଦ୍ଧା ଜିଲା (ଭୁବନେଶ୍ୱରକୁ ବାଦ୍)କୁ ୮ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ଏମାଙ୍କ ଦକ୍ଷତା ବିକାଶ ଲାଗି ଯୋଜନା କରାଯାଉଛି। ପଞ୍ଚାୟତ ସ୍ତରରୁ ଏମାନଙ୍କ ଡାଟା ସଂଗ୍ରହ କରାଯିବ। ଏମ୍‌ଜିଏନ୍‌ଆର୍‌ଇସ୍‌ରେ ଅଧିକରୁ ଅଧିକ ଶ୍ରମ ଦିବସ ସୃଷ୍ଟି ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ଏ ନେଇ ସମସ୍ତ ବିଡିଓଙ୍କ ସହ ଆଲୋଚନା ସରିଛି। ଖୁବ୍‌ଶୀଘ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ଦକ୍ଷତା ଅନୁଯାୟୀ କାର୍ଯ୍ୟରେ ନିୟୋଜନ କରାଯିବ ବୋଲି ଜିଲାପାଳ ରାଉତ କହିଛନ୍ତି।

## ବଡ଼ଦାଣ୍ଡରେ ଲୋକେ ଏକତ୍ରିତ ନେଇ ଏତଲା

**ପୁରୀ ଅଫିସ,୩୧।୫:** କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ପାଇଁ ବଡ଼ଦାଣ୍ଡ ଓ ସିଂହଦ୍ୱାର ନିକଟରେ ଶନିବାର ଲୋକେ ସାମାଜିକ ଦୂରତ୍ୱ ରକ୍ଷା କରି ବନ୍ଦେ ଉତ୍କଳ ଜନନୀ ଗାଇଥିଲେ। ଲକ୍‌ଡାଉନ ଯୋଗୁ ସମାବେଶ ଉପରେ କଟକଣା ଥିବାବେଳେ କିପରି ଲୋକେ ଏକତ୍ରିତ ହେଲେ ବୋଲି ଶ୍ରୀଜଗନ୍ନାଥ ସେନା ପ୍ରଶ୍ନ ଉଠାଇଛି। ଏ ନେଇ ସେନା ପକ୍ଷରୁ ରବିବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, କଟକଣା ସତ୍ତ୍ୱେ ଜନସମାଗମ କିପରି ହେଲା। ଅନ୍ୟପକ୍ଷରେ ଜୁନ୍ ୮ରୁ ଧାର୍ମିକ ସ୍ଥଳ ଖୋଲିବା ଲାଗି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। କିନ୍ତୁ ନୀଳାଦ୍ରି ବିଜେ ପରେ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଖୋଲିବ ବୋଲି ପରିଚାଳନା କମିଟିରେ ସ୍ଥିର ହୋଇଛି। କେନ୍ଦ୍ର ନା ରାଜ୍ୟ ସରକାରଙ୍କ କଥା ମାନିବୁ ବୋଲି ସେ ପ୍ରଶ୍ନ କରିଛନ୍ତି।


# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

## ପାଠ୍ୟପୁସ୍ତକ ବିକ୍ରୟ ବିଜ୍ଞାପନ (ଶିକ୍ଷାବର୍ଷ: ୨୦୨୦-୨୧)

No. n-01:- ଏତଦ୍ୱାରା ରାଜ୍ୟର ବିଭିନ୍ନ ଅଣଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ତଥା ଅଭିଭାବକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ପ୍ରଚଳିତ ସମସ୍ତ ଜାତୀୟକରଣ ପାଠ୍ୟପୁସ୍ତକ ନିର୍ଦ୍ଧାରିତ ମୂଲ୍ୟରେ ପ୍ରତ୍ୟେକ ଜିଲ୍ଲାର ନିମ୍ନଲିଖିତ ସ୍ଥାନମାନଙ୍କରେ ତା୦୫।୦୬।୨୦୨୦ରିଖଠାରୁ ବିକ୍ରୟ କରାଯିବ। ବହି କିଣିବା ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ସହି ମୋହର ପରଖି ବହିକୁ ଉଚିତ୍ ମୂଲ୍ୟରେ କିଣନ୍ତୁ। ବହିଗୁଡ଼ିକର ମୂଲ୍ୟସୂଚୀ ଏଥି ସହିତ ଜଣାଇ ଦିଆଯାଉଅଛି। ଏହାର ସୁଯୋଗନେବା ପାଇଁ ଅନୁରୋଧ କରାଯାଉଅଛି।

### ବିକ୍ରୟ କେନ୍ଦ୍ରର ନାମ

| କ୍ର.ନଂ. | ଜିଲ୍ଲାର ନାମ | ବିକ୍ରୟ କେନ୍ଦ୍ର ସଂ. | ବିକ୍ରୟ କେନ୍ଦ୍ରର ନାମ |
|---|---|---|---|
| ୧. | ଅନୁଗୁଳ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଅନୁଗୁଳ, ବି.ଆର୍.ସି. କାର୍ଯ୍ୟାଳୟ, ତାଳଚେର |
| ୨. | ବାଲେଶ୍ୱର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ସଦର ବାଲେଶ୍ୱର, ବି.ଆର୍.ସି. କାର୍ଯ୍ୟାଳୟ, ବାଲିଆପାଳ |
| ୩. | ବରଗଡ଼ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ବରଗଡ଼, ବି.ଆର୍.ସି. କାର୍ଯ୍ୟାଳୟ, ପଦ୍ମପୁର |
| ୪. | ଭଦ୍ରକ | ୩ | ପୋପଜିଙ୍ଗ ପ୍ରାଇମେରୀ ସ୍କୁଲ, ଜଗନ୍ନାଥପୁର ବ୍ରହ୍ମପୁର ନୋଡ଼ାଲ ଉ.ପ୍ରା. ସ୍କୁଲ, ବ୍ରହ୍ମପୁର, ବି.ଆର୍.ସି. କାର୍ଯ୍ୟାଳୟ, ଚାନ୍ଦବାଲି |
| ୫. | ବଲାଙ୍ଗୀର | ୨ | ଡି.ପି.ଓ.ଏସ୍.ଏସ୍.ଏ., ବଲାଙ୍ଗୀର, ବି.ଆର୍.ସି. କାର୍ଯ୍ୟାଳୟ, ଟିଟିଲାଗଡ଼ |
| ୬. | ବୌଦ୍ଧ | ୧ | ଡି.ପି.ଓ., ଏସ୍.ଏସ୍.ଏ., ବୌଦ୍ଧ |
| ୭. | କଟକ | ୩ | ୟୁ.ଆର୍.ସି., ମର୍କତନଗର ପ୍ରାଇମେରୀ ସ୍କୁଲ, ସେକ୍ଟର-୭, ବି.ଆର୍.ସି. କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି |
| ୮. | ଦେଓଗଡ଼ | ୧ | ବାଳକ ପ୍ରାଇମେରୀ ସ୍କୁଲ, ଦେଓଗଡ଼ |
| ୯. | ଢେଙ୍କାନାଳ | ୨ | ମୁଖ୍ୟ କାର୍ଯ୍ୟାଳୟ, ଜର୍ଜ ଉପ୍ରା ସ୍କୁଲ, ଢେଙ୍କାନାଳ, ବି.ଆର୍.ସି. କାର୍ଯ୍ୟାଳୟ, କାମାକ୍ଷାନଗର |
| ୧୦. | ଗଜପତି | ୨ | ମହାରାଜା ବଙ୍କଳ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଚନ୍ଦ୍ରଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି |
| ୧୧. | ଗଞ୍ଜାମ | ୩ | ବି.ଆର୍.ସି. କାର୍ଯ୍ୟାଳୟ, ଛତ୍ରପୁର, ବି.ଆର୍.ସି. କାର୍ଯ୍ୟାଳୟ, ଆସିକା, ବି.ଆର୍.ସି. କାର୍ଯ୍ୟାଳୟ, ଭଞ୍ଜନଗର |
| ୧୨. | ଜଗତ୍‌ସିଂହପୁର | ୨ | ମୁଖ୍ୟ କାର୍ଯ୍ୟାଳୟ, ବଡ଼ବାଗ କୋ. ଅପରେଟିଭ ଉ.ପ୍ରା. ସ୍କୁଲ, ଜଗତ୍‌ସିଂହପୁର, ବି.ଆର୍.ସି. କାର୍ଯ୍ୟାଳୟ, ତିର୍ତ୍ତୋଲ ବ୍ଲକ |
| ୧୩. | ଯାଜପୁର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଯାଜପୁର, ବି.ଆର୍.ସି. କାର୍ଯ୍ୟାଳୟ, ଯାଜପୁର ରୋଡ୍ (ବ୍ୟାସନଗର) |
| ୧୪. | ଝାରସୁଗୁଡ଼ା | ୧ | ଗଣ୍ଡଘୋରା ଏନ୍.ୟୁ.ପି.ସି., ଝାରସୁଗୁଡ଼ା |
| ୧୫. | କଳାହାଣ୍ଡି | ୩ | ବି.ଆର୍.ସି. କାର୍ଯ୍ୟାଳୟ, ଭବାନୀପାଟଣା, ବି.ଆର୍.ସି. କାର୍ଯ୍ୟାଳୟ, ଜୁନାଗଡ଼, ବି.ଆର୍.ସି. କାର୍ଯ୍ୟାଳୟ, କେସିଙ୍ଗା |
| ୧୬. | କନ୍ଧମାଳ | ୧ | ବି.ଆର୍.ସି. କାର୍ଯ୍ୟାଳୟ, ଫୁଲବାଣୀ |
| ୧୭. | କେନ୍ଦ୍ରାପଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ବି.ଆର୍.ସି. କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା |
| ୧୮. | କେନ୍ଦୁଝର | ୩ | ବି.ଆର୍.ସି. କାର୍ଯ୍ୟାଳୟ, ସଦର ବ୍ଲକ, କେନ୍ଦୁଝର, ବି.ଆର୍.ସି. କାର୍ଯ୍ୟାଳୟ, ଆନନ୍ଦପୁର |
| ୧୯. | ଖୋର୍ଦ୍ଧା | ୫ | ବି.ଆର୍.ସି. କାର୍ଯ୍ୟାଳୟ, ଖୋର୍ଦ୍ଧା, ବି.ଆର୍.ସି. କାର୍ଯ୍ୟାଳୟ, ଖଣ୍ଡଗିରି ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟ, ଭୁବନେଶ୍ୱର, ବି.ଆର୍.ସି. କାର୍ଯ୍ୟାଳୟ, ବାଣପୁର, ସରକାରୀ ପ୍ରାଥମିକ ବିଦ୍ୟାଳୟ, ୟୁନିଟ୍-୨, ଭୁବନେଶ୍ୱର, ଚନ୍ଦ୍ରଶେଖରପୁର ଏଚ୍.ବି.ସି. ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରଶେଖରପୁର, ଫେଜ୍-୧, ଭୁବନେଶ୍ୱର |
| ୨୦. | କୋରାପୁଟ | ୩ | ପୋଲିସ୍ ପ୍ରାଇମେରୀ ସ୍କୁଲ, ସି.ଆର୍.ସି.ସି. କାର୍ଯ୍ୟାଳୟ, କୋରାପୁଟ, ବି.ଆର୍.ସି. କାର୍ଯ୍ୟାଳୟ, ସିମିଳିଗୁଡ଼ା, ଜୟପୁର, ବି.ଆର୍.ସି. କାର୍ଯ୍ୟାଳୟ, ଜୟପୁର, କୋରାପୁଟ |
| ୨୧. | ମାଲକାନଗିରି | ୧ | ଡି.ପି.ଓ., ଏସ୍.ଏସ୍.ଏ., ମାଲକାନଗିରି |
| ୨୨. | ମୟୂରଭଞ୍ଜ | ୩ | ବି.ଆର୍.ସି. କାର୍ଯ୍ୟାଳୟ, ବାରିପଦା, ବି.ଆର୍.ସି. କାର୍ଯ୍ୟାଳୟ, ରାଇରଙ୍ଗପୁର, ବି.ଆର୍.ସି. କାର୍ଯ୍ୟାଳୟ, କରଞ୍ଜିଆ |
| ୨୩. | ନବରଙ୍ଗପୁର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଉମରକୋଟ, ବି.ଆର୍.ସି. କାର୍ଯ୍ୟାଳୟ, ନବରଙ୍ଗପୁର |
| ୨୪. | ନୟାଗଡ଼ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ନୟାଗଡ଼ ବ୍ଲକ, ବି.ଆର୍.ସି. କାର୍ଯ୍ୟାଳୟ, ଦଶପଲ୍ଲା ବ୍ଲକ |
| ୨୫. | ନୂଆପଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ନୂଆପଡ଼ା, ବି.ଆର୍.ସି. କାର୍ଯ୍ୟାଳୟ, ଖରିଆର |
| ୨୬. | ପୁରୀ | ୨ | ଏଲ୍.ଆଇ.ସି. କଲୋନୀ, ୟୁ.ଜି.ୟୁ.ପି. ସ୍କୁଲ, ପୁରୀ, ବି.ଆର୍.ସି. କାର୍ଯ୍ୟାଳୟ, ନିମାପଡ଼ା |
| ୨୭. | ରାୟଗଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ରାୟଗଡ଼ା, ବି.ଆର୍.ସି. କାର୍ଯ୍ୟାଳୟ, ଗୁଣୁପୁର |
| ୨୮. | ସମ୍ବଲପୁର | ୨ | ଆଶାପଲ୍ଲୀ ନୋଡ଼ାଲ ଉ.ପ୍ରା. ସ୍କୁଲ, ସମ୍ବଲପୁର, ବି.ଆର୍.ସି. କାର୍ଯ୍ୟାଳୟ, କୁଚିଣ୍ଡା |
| ୨୯. | ସୋନପୁର | ୧ | ଡି.ପି.ଓ.ଏସ୍.ଏସ୍.ଏ., ସୋନପୁର |
| ୩୦. | ସୁନ୍ଦରଗଡ଼ | ୨ | ଡି.ପି.ଓ.ଏସ୍.ଏସ୍.ଏ., ସୁନ୍ଦରଗଡ଼, ଜିଲ୍ଲା ନିରୀକ୍ଷକଙ୍କ କାର୍ଯ୍ୟାଳୟ, ରାଉରକେଲା |

### ପାଠ୍ୟପୁସ୍ତକଗୁଡ଼ିକର ମୂଲ୍ୟସୂଚୀ

| କ୍ର.ନଂ. | ବହିର ନାମ | ମୂଲ୍ୟ | କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|---|---|---|
| | ପ୍ରଥମ ଶ୍ରେଣୀ | | | ସପ୍ତମ ଶ୍ରେଣୀ | |
| ୧. | ହସଖେଳ ଭାଗ - ୧ | ଟ.୧୨.୦୦ | ୨୫. | ଗଣିତ | ଟ.୨୫.୦୦ |
| ୨. | ହସଖେଳ ଭାଗ - ୨ | ଟ.୧୩.୦୦ | ୨୬. | ଇଂଗ୍ରାଜୀ ରିଡର | ଟ.୧୫.୦୦ |
| | ଦ୍ୱିତୀୟ ଶ୍ରେଣୀ | | ୨୭. | ସାହିତ୍ୟ ସୌରଭ | ଟ.୧୭.୦୦ |
| ୩. | ଗଣିତ ଖେଳ | ଟ.୧୭.୦୦ | ୨୮. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୪.୦୦ |
| ୪. | ହସ ଖୁସି | ଟ.୨୦.୦୦ | ୨୯. | ଭୂଗୋଳ | ଟ.୧୪.୦୦ |
| | ତୃତୀୟ ଶ୍ରେଣୀ | | ୩୦. | ବିଜ୍ଞାନ | ଟ.୨୫.୦୦ |
| ୫. | ଗଣିତ ମଜା | ଟ.୧୭.୦୦ | ୩୧. | ମେରି ହିନ୍ଦୀ ପୁସ୍ତକ | ଟ.୧୦.୦୦ |
| ୬. | ଆମ ଭାଷା ଆମ ସାହିତ୍ୟ | ଟ.୧୩.୦୦ | ୩୨. | ଭାଷା କଳିକା ଭାଗ - ୨ | ଟ.୧୨.୦୦ |
| ୭. | ଜଣା ଅଜଣା | ଟ.୧୭.୦୦ | | ଅଷ୍ଟମ ଶ୍ରେଣୀ | |
| ୮. | ମାଇଁ ଇଂଗ୍ରାଜୀ ବୁକ୍ | ଟ.୨୦.୦୦ | ୩୩. | ସାହିତ୍ୟିକା | ଟ.୧୨.୦୦ |
| | ଚତୁର୍ଥ ଶ୍ରେଣୀ | | ୩୪. | ଆମ ବ୍ୟାକରଣ | ଟ.୧୧.୦୦ |
| ୯. | ଗଣିତ କୁହୁକ | ଟ.୨୩.୦୦ | ୩୫. | ହିନ୍ଦୀପାଠ ୮ (ମାତୃଭାଷା) | ଟ.୧୨.୦୦ |
| ୧୦. | ସାହିତ୍ୟ କଳିକା | ଟ.୧୩.୦୦ | ୩୬. | ଏ ନିଉଆପ୍ରୋଚ ଟୁ ଇଂଲିଶ୍ | ଟ.୧୭.୦୦ |
| ୧୧. | ଆମେ ଓ ଆମ ପରିବେଶ | ଟ.୨୩.୦୦ | ୩୭. | ଷ୍ଟୋରିଜ୍ ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ | ଟ.୧୧.୦୦ |
| ୧୨. | ମାଇଁ ଇଂଗ୍ରାଜୀ ବୁକ୍ | ଟ.୧୫.୦୦ | ୩୮. | ସରଳ ସାହିତ୍ୟ | ଟ.୦୯.୦୦ |
| | ପଞ୍ଚମ ଶ୍ରେଣୀ | | ୩୯. | ନଇ ହିନ୍ଦୀ ଭାରତୀ | ଟ.୦୭.୦୦ |
| ୧୩. | ମାଇଁ ଇଂଗ୍ରାଜୀ ରିଡର | ଟ.୧୪.୦୦ | ୪୦. | ଭାଷାସୌରଭମ୍ | ଟ.୦୯.୦୦ |
| ୧୪. | ଗଣିତ ଧାରା | ଟ.୨୪.୦୦ | ୪୧. | ବିଜ୍ଞାନ | ଟ.୨୪.୦୦ |
| ୧୫. | ସାହିତ୍ୟ କୁସୁମ | ଟ.୧୬.୦୦ | ୪୨. | ସରଳ ଗଣିତ (ବୀଜଗଣିତ) | ଟ.୧୯.୦୦ |
| ୧୬. | ପରିବେଶ ଓ ବିଜ୍ଞାନ | ଟ.୨୩.୦୦ | ୪୩. | ସରଳ ଗଣିତ (ଜ୍ୟାମିତି) | ଟ.୧୩.୦୦ |
| | ଷଷ୍ଠ ଶ୍ରେଣୀ | | ୪୪. | ସରଳ ହିନ୍ଦୀ ବ୍ୟାକରଣ | ଟ.୧୨.୦୦ |
| ୧୭. | ଭାଷା କଳିକା | ଟ.୧୫.୦୦ | ୪୫. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୩.୦୦ |
| ୧୮. | ଗଣିତ | ଟ.୨୪.୦୦ | ୪୬. | ଭୂଗୋଳ | ଟ.୦୯.୦୦ |
| ୧୯. | ବିଜ୍ଞାନ | ଟ.୧୨.୦୦ | ୪୭. | ଶମା ଏ ଉର୍ଦ୍ଦୁ | ଟ.୧୧.୦୦ |
| ୨୦. | ଆମ ସାହିତ୍ୟ | ଟ.୧୩.୦୦ | ୪୮. | ଆଶାନ ଉର୍ଦ୍ଦୁ | ଟ.୧୪.୦୦ |
| ୨୧. | ମାଇଁ ଇଂଗ୍ରାଜୀ | ଟ.୧୬.୦୦ | | | |
| ୨୨. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୫.୦୦ | | | |
| ୨୩. | ଭୂଗୋଳ | ଟ.୧୨.୦୦ | | | |
| ୨୪. | ମେରି ହିନ୍ଦୀ କିତାବ | ଟ.୦୮.୦୦ | | | |

ଯଦି କୌଣସି ବ୍ୟକ୍ତି ସ୍ଥିରୀକୃତ ବିକ୍ରୟ କେନ୍ଦ୍ରଗୁଡ଼ିକ ବାହାରେ ଏବଂ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ପାଠ୍ୟପୁସ୍ତକ ବିକ୍ରୟ କରୁଥାଏ, ତେବେ ଏହି ତଥ୍ୟ ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱରଙ୍କ - ୭୫୧୦୦୧ ନିମ୍ନ ଲିଖିତ ଫୋନ୍ ନମ୍ବରଗୁଡ଼ିକରେ ନିଶ୍ଚିତ ଜଣାନ୍ତୁ, ଏହା ଉପରେ ଆମେ ଅତିଶୀଘ୍ର ଉପଯୁକ୍ତ ପଦକ୍ଷେପ ନେବୁ। ଅନ୍ୟ କୌଣସି ବିଷୟରେ ସନ୍ଦେହ ଥିଲେ ଏହାର ସ୍ପଷ୍ଟୀକରଣ ପାଇଁ ଆମକୁ ଜଣାନ୍ତୁ। ପ୍ରତ୍ୟେକ ଇଚ୍ଛୁକ ଶିକ୍ଷାର୍ଥୀ, ଅଭିଭାବକ କେବଳ ୦୧ ଗୋଟି ସେଟ୍ ପୁସ୍ତକ ସାମାଜିକ ଦୂରତା ରକ୍ଷାକରି କ୍ରୟ କରିପାରିବେ। ପିଲାମାନଙ୍କୁ ଠିକ୍ ସମୟରେ ପାଠ୍ୟପୁସ୍ତକ ଯୋଗାଇଦେବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଆପଣଙ୍କ ସହଯୋଗ କାମନା କରୁଅଛୁ।

**Tel No.: ୦୬୭୪-୨୩୮୦୮୭୧, Tel No.:୦୬୭୪-୨୩୮୦୮୭୨**

**E-mail ID: directorbpmodisha@gmail.com**

ନିର୍ଦ୍ଦେଶକ

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର-୧

OIPR-27005/11/0001/2021

ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ - ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟଙ୍କୁ ନିଜ ଆଡୁ ଦେଉଥାଅ। ତୁମେ ଯେତିକି ଦେଇ ପାରିବ - ସେତିକି ବିକଶିତ ହୋଇଉଠିବ। -ଶ୍ରୀମା

# କନ୍ଦାଇ ଦେଲେ

ମାର୍ଚ୍ଚ ୨୪ରୁ ଆରମ୍ଭ ହୋଇଥିବା କରୋନାଜନିତ ଲକ୍‌ଡାଉନ୍ ୩୧ ମେ'ରେ ସମାପ୍ତ ହେଲା। ସେହିଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ପ୍ରବାସୀ ଶ୍ରମିକଙ୍କ ସଙ୍କଟ ଗମ୍ଭୀର ରହିଥିବା ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ଦେଶର ଏମିତି କୌଣସି ବର୍ଗ ନାହାନ୍ତି ଯେଉଁମାନେ ମହାମାରୀ ଯୋଗୁ ପ୍ରଭାବିତ ହୋଇ ନାହାନ୍ତି। ତେବେ ଗରିବ, ଶ୍ରମିକ ଓ ପ୍ରବାସୀଙ୍କ ଦୁଃଖକୁ ବର୍ଣ୍ଣନା କରିବାକୁ ତାଙ୍କ ପାଖରେ ଶବ୍ଦ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବାସ୍ତବରେ ମୋଦିଙ୍କ ମୁହଁରୁ ସତ କଥା ବାହାରିଯାଇଛି। ପ୍ରଧାନମନ୍ତ୍ରୀ କିମ୍ବା ତାଙ୍କ ପରାମର୍ଶଦାତାମାନେ ବିନା ଆକଳନରେ ଲକ୍‌ଡାଉନ୍ ନିଷ୍ପତ୍ତି ନେଇଗଲେ। ଅର୍ଥନୀତି ରସାତଳଗାମୀ ହେଉଥିବା ଜାଣିବା ପରେ ୧ ଜୁନ୍‌ରୁ ପର୍ଯ୍ୟାୟ କ୍ରମେ ତାଲା ଖୋଲାଯିବ ବୋଲି କେନ୍ଦ୍ର ସରକାର ୩୦ ମେ'ରେ ଘୋଷଣା କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଯେ, ଯେତେବେଳେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବହୁମାତ୍ରାରେ ବଢ଼ିଚାଲିଛି ସେତେବେଳେ ଘାଇ ମୁକୁଳା କରିଦିଆଗଲା। ୨୪ ମାର୍ଚ୍ଚରେ ଦେଶବ୍ୟାପୀ ଅଚାନକ ତାଲାବନ୍ଦ କରିଦିଆଯିବାକୁ ସେତେବେଳେ ଅନେକେ ବିରୋଧ କରିଥିଲେ। ମାର୍ଚ୍ଚ ୨୮ରେ ନୂଆଦିଲ୍ଲୀର ଆନନ୍ଦବିହାର ବସ୍ ଟର୍ମିନସ୍‌ରେ ପ୍ରବାସୀ ଶ୍ରମିକଙ୍କ ଭିଡ଼ ଅସନ୍ତୋଷର ପ୍ରଥମ ଆଭାସ ଦେଇଥିଲା। ଲକ୍‌ଡାଉନ୍‌ର ମାତ୍ର ୩ ଦିନ ପରେ ନିଜ ଗ୍ରାମକୁ ଫେରିବା ପାଇଁ ବ୍ୟାକୁଳ ଶ୍ରମିକ ପ୍ରଧାନମନ୍ତ୍ରୀଙ୍କ ବାସଭବନଠାରୁ କିଛି କିଲୋମିଟର ଦୂରରେ ଯେଭଳି ଅଶାନ୍ତ ହୋଇପଡ଼ିଲେ, ସେଥିରୁ ସରକାର ଚେତିଲେ ନାହିଁ। ସେତେବେଳେ ଠୋସ୍ ନିଷ୍ପତ୍ତି ନିଆଯାଇପାରିଥିଲେ ସମସ୍ୟାର ସମାଧାନ ହୋଇପାରିଥାଆନ୍ତା। ଯେଉଁ ପ୍ରବାସୀ ଶ୍ରମିକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଚିନ୍ତିତ ଥିବା କଥା କହି ଏବେ ମନଦୁଃଖ କରୁଛନ୍ତି, ସେତେବେଳେ ଘରକୁ ଫେରିବା ଲାଗି ସେମାନଙ୍କୁ କିଛି ଦିନର ଅବଧି ଦେଇଥିଲେ ସ୍ଥିତି ଭୟାନକ ହୋଇ ନ ଥାଆନ୍ତା। ପ୍ରବାସୀମାନେ କିଛି ସମୟ ପାଇଥିଲେ ସେମାନେ ନିଜ ଆୟୋଜନରେ ସୁରୁଖୁରୁରେ ଘରକୁ ଫେରି ପାରିଥାଆନ୍ତେ। ଦୀର୍ଘ ଦିନ ଧରି ଲକ୍‌ଡାଉନ୍ ହେବାରୁ ସେମାନଙ୍କ ନିକଟରେ ଥିବା ସମ୍ବଳ ସରିଆସିଲା। ସେମାନେ ଯେଉଁଠାରେ କାମ କରୁଥିଲେ, ସେଠାକାର ମାଲିକମାନେ ସେମାନଙ୍କୁ ସୁରକ୍ଷା ନ ଦେବାରୁ ପରିସ୍ଥିତି ଅଣାୟତ୍ତ ହୋଇଗଲା। କେବଳ ସେତିକି ନୁହେଁ, ସେହି ଅନ୍ତରୀଣ ସମୟରେ ଶ୍ରମିକମାନଙ୍କ ମଧ୍ୟରେ ରୋଗ ବ୍ୟାପିବାର ସୁଯୋଗ ସୃଷ୍ଟି କରିଦିଆଗଲା। ଉଦାହରଣ ସ୍ୱରୂପ ସୁରଟରୁ ଆସୁଥିବା ଅନେକ ଲୋକଙ୍କଠାରେ କରୋନା ପଜିଟିଭ୍ ଲକ୍ଷଣ ପ୍ରମାଣ କରୁଛି ଯେ ଗୁଜରାଟରେ ରାଜ୍ୟ ସରକାର ନିଜର କୋଭିଡ୍ ସଂଖ୍ୟା କମାଇବା ପାଇଁ ଶ୍ରମିକମାନଙ୍କୁ ବିଦା କରିଦେଉଛି। କିନ୍ତୁ ଏଠି ପ୍ରଶ୍ନ ଉଠିପାରେ ଗୁଜରାଟ ଓ ମହାରାଷ୍ଟ୍ରରେ ଅତ୍ୟଧିକ ମାତ୍ରାରେ ସଂକ୍ରମଣର କାରଣ କ'ଣ ? ଉତ୍ତର ଅତି ସହଜ। ପ୍ରାୟ ପ୍ରତ୍ୟେକ ଧନୀ ଏବଂ ମଧ୍ୟବିତ୍ତ ଗୁଜରାଟୀ ପରିବାରର କେହି ନା କେହି ବିଦେଶରେ ବ୍ୟବସାୟ କରିଥାନ୍ତି। ସେମାନଙ୍କୁ ଗୁଜରାଟକୁ ଫେରାଇ ଆଣିବା ପାଇଁ ମୋଦି ସରକାରଙ୍କ ତତ୍ପରତା ସେହି ରୋଗକୁ ଭାରତ ଆସିବାକୁ ନିମନ୍ତ୍ରଣ କଲା। ଗୁଜରାଟୀ ପ୍ରେମ ଯୋଗୁ ଆଜି ଭାରତ କ୍ଷତିଗ୍ରସ୍ତ। ଏ କ୍ଷତି କେବଳ କରୋନା ଯୋଗୁ ନୁହେଁ, ବିପର୍ଯ୍ୟସ୍ତ ଅର୍ଥନୀତି ଆହୁରି ଦୀର୍ଘ ସମୟ ପର୍ଯ୍ୟନ୍ତ ଭାରତକୁ ହନ୍ତସନ୍ତ କରିବ।

## ତଥାଗତ ସତପଥୀ

ଦ୍ୱିତୀୟରେ ଯଦି ଲକ୍‌ଡାଉନ୍ ପୂର୍ବରୁ ମୋଦିଙ୍କ ପାଇଁ ସମୟ ଦେବା ସମ୍ଭବପର ହେଲା ନାହିଁ, ତେବେ ଶ୍ରମିକମାନଙ୍କୁ ଯେଉଁଠି ଅଛନ୍ତି ସେଇଠି ରହିବାକୁ ନିର୍ଦ୍ଦେଶ ଦେବା ସହିତ ସେନାକୁ ବ୍ୟବହାର କରି ସେମାନଙ୍କ ଖାଦ୍ୟ, ଘରଭଡ଼ା ଏବଂ ସ୍ୱାସ୍ଥ୍ୟ ସୁବିଧା ସରକାରୀ ସ୍ତରରେ ଯୋଗାଇ ଦିଆଯାଇ ପାରିଥାଆନ୍ତା। ଅଧିକାଂଶ ଶ୍ରମିକଙ୍କ ପାଖରେ ଆଧାରକାର୍ଡ ଥିବ। ସେହି କାର୍ଡ କରାଇବା ପାଇଁ ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତା'ର ସଦୁପଯୋଗ କରିବାର ଏହା ଏକ ସୁବର୍ଣ୍ଣ ସୁଯୋଗ ଥିଲା। ସମସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇ ଥିଲେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଅବଧିରେ ପ୍ରବାସୀ ଶ୍ରମିକଙ୍କ କୌଣସି ସମସ୍ୟା ହୋଇ ନ ଥାନ୍ତା। ଯଦି ଏହା ମଧ୍ୟ ସମ୍ଭବପର ହୋଇ ନ ଥାନ୍ତା, କାମ ଯୋଗାଇଥିବା କଣ୍ଟ୍ରାକ୍ଟର ବା କମ୍ପାନୀକୁ ସରକାରୀ ନିର୍ଦ୍ଦେଶ ଦିଆଯାଇ ଶ୍ରମିକମାନଙ୍କ ଆର୍ଥିକ ଦାୟିତ୍ୱ ନେବା ପାଇଁ କୁହାଯିବା ସହିତ କମ୍ପାନୀଗୁଡ଼ିକ ଖର୍ଚ୍ଚ କରୁଥିବା ଅର୍ଥକୁ ଭରଣା କରିବା ସକାଶେ ସରକାରୀ ରାଜକୋଷରୁ ବ୍ୟବସ୍ଥା କରାଯାଇ ପାରିଥାଆନ୍ତା। ଏହିଭଳି ଅନେକ ଉପାୟ ଥିଲା। ଆଜି ମିଛିମିଛିକା ଦୁଃଖ ପ୍ରକାଶ କରିବା ପରିବର୍ତ୍ତେ ବାସ୍ତବ ଦାୟିତ୍ୱ ନେଇ କାର୍ଯ୍ୟ କରିଥିଲେ ଅନେକ ଯୁଗ ପର୍ଯ୍ୟନ୍ତ ମୋଦିଙ୍କୁ ଭାରତର ଏକନମ୍ବର ଚୌକିଦାର ଭାବେ ମନେ ରଖାଯାଇଥାଆନ୍ତା। ଭାରତୀୟମାନେ ଭାବିଥାନ୍ତି ପ୍ରକୃତରେ ଚୌକିଦାରର ଯାହା ଦାୟିତ୍ୱ, ଅର୍ଥାତ୍ ଜଣେ ବ୍ୟକ୍ତିର ଶାରୀରିକ ଓ ମାନସିକ ଶାନ୍ତି ଏବଂ ସମ୍ପତ୍ତି ଜଗିବାରେ ମୋଦି ହୋଇଥାନ୍ତେ ହିରୋ। ଏବେ ତାହା ନ ହୋଇଲା।

ଭାରତରେ ଆଇନ ପ୍ରଣେତାଙ୍କଠାରୁ ଆରମ୍ଭ କରି ଏହାକୁ କାର୍ଯ୍ୟକାରୀ କରୁଥିବା ବ୍ୟକ୍ତିଙ୍କ ଯାଏ ସମସ୍ତେ ଗୋଟେ ଅବାସ୍ତବ ଦୁନିଆରେ ରହି ନିର୍ଦ୍ଦେଶ ଦେବାରେ ବ୍ୟସ୍ତ। ଏଠାରେ ସୁପ୍ରିମ୍‌କୋର୍ଟ ହେଉଛି ଅନ୍ୟତମ ଉଦାହରଣ। ଦୀର୍ଘ ୬୦ ଦିନ ଧରି ଶୋଇଥିବା ସୁପ୍ରିମ୍‌କୋର୍ଟ ୨୮ ମେ'ରେ ନିଦ୍ରାଭଙ୍ଗ କରି କହିଲେଣି ପ୍ରବାସୀଙ୍କୁ ସୁରକ୍ଷିତ ଭାବେ ସରକାର ଘରେ ପହଞ୍ଚାନ୍ତୁ। ମନକୁ ପ୍ରଶ୍ନ ଆସେ ଏଭଳି ନିଜକୁ ହାସ୍ୟାସ୍ପଦ ପରିସ୍ଥିତିରେ ପକାଇବାକୁ ଆମର ବିଚାରପତିମାନେ କାହିଁକି ବ୍ୟସ୍ତତା ପ୍ରଦର୍ଶନ କରୁଛନ୍ତି। ପୂର୍ବଭଳି ନୀରବ ରହିଯାଇଥିଲେ ଏ ଦେଶ ତାଙ୍କ ଉପରେ ହସି ନ ଥାନ୍ତା ଓ ତାଙ୍କୁ ଭୁଲି ଯାଇଥାନ୍ତା। ତେବେ ତୃଣମୂଳ ସ୍ତରକୁ ଯାଇ ପ୍ରକୃତ ସମସ୍ୟାକୁ ବୁଝିବାକୁ ସମୟ ଦେଇ ଯଦି ନିଷ୍ପତ୍ତି ନିଆଯାଆନ୍ତା, ତାହା ହେଲେ ଅସୁବିଧାକୁ ଅନେକାଂଶରେ କମାଇ ଦିଆଯାଇପାରନ୍ତା। କେବଳ ଶାସନରେ ଥିବା ରାଜନୈତିକ ବ୍ୟକ୍ତି ଓ କିଛି ଅମଲାତନ୍ତ୍ରୀଙ୍କ ମତକୁ ବିଚାରକୁ ନିଆଯାଇ ତତ୍‌କ୍ଷଣାତ୍ ନିର୍ଦ୍ଦେଶ ଦିଆଯାଉଥିବାରୁ ସମାଜର ଅନ୍ୟାନ୍ୟ ବର୍ଗଙ୍କ ଚିନ୍ତାଧାରା ଗୁରୁତ୍ୱ ହରାଇ ବସୁଛୁ। ଏହାଦ୍ୱାରା ଏକ ଅପରିପକ୍ୱ ଯୋଜନା ସାମ୍ନାକୁ ଆସୁଛି, ଯାହାର ପରିଣତି ସମଗ୍ର ଦେଶକୁ କନ୍ଦାଇ ଦେଉଛି। ଏବେ ଲୋକଙ୍କ ହଇରାଣ ହରକତ ଓ ଅନେକ ପ୍ରବାସୀଙ୍କ ମୃତ୍ୟୁ ଖବର ପାଇବା ପରେ କେନ୍ଦ୍ର ସରକାର କହୁଛନ୍ତି, ପ୍ରବାସୀଙ୍କ ପାଇଁ ତୁରନ୍ତ ସମାଧାନର ରାସ୍ତା ବାହାର କରିବାକୁ ପଡ଼ିବ। ଗୋଟେ ପ୍ରବାସୀ କମିଶନ ବା ମାଇଗ୍ରାଣ୍ଟ କମିଶନ ଗଠନ କରାଯିବ କିମ୍ବା ଗ୍ରାମାଞ୍ଚଳରେ ନିଯୁକ୍ତି ବୃଦ୍ଧି ଓ କ୍ଷୁଦ୍ର ଶିଳ୍ପର ବିକାଶ ନେଇ ଯେଉଁ ସମ୍ଭାବନା ନିକଟରେ ସୃଷ୍ଟି କରାଯାଇଛି, ତାହାକୁ ତ୍ୱରାନ୍ୱିତ ଲାଗି ସରକାର ଚିନ୍ତା କରୁଥିବା ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍'ରେ କହିଛନ୍ତି। 'ମେକ୍ ଇନ୍ ଇଣ୍ଡିଆ' ଭଳି ଏହା ଏକ ଅବାସ୍ତବ କଥା। ଏଭଳି ମନ୍ତବ୍ୟ କାହିଁକି ଦିଆଯାଏ ତାହା ବୁଝିବା କଷ୍ଟକର।

ଦେଖାଯାଏ ଯେ, ମଣିଷ ବିପର୍ଯ୍ୟୟରୁ ଅନେକ କିଛି ଶିଖିଥାଏ। କିନ୍ତୁ ତାହାର ମୁକାବିଲା ଲାଗି ପାଖରେ ସାଧନ ଥିଲେ ମଧ୍ୟ ଯଦି ତାହାକୁ ଠିକ୍ ଭାବେ ଉପଯୋଗ କରା ନ ଯିବ, ତାହା ହେଲେ ସବୁକିଛି ଫୁସୁରିଯିବ। ପ୍ରଧାନମନ୍ତ୍ରୀ ତାଙ୍କର ଏହି ରେଡିଓ କାର୍ଯ୍ୟକ୍ରମରେ କହିଛନ୍ତି ଯେ, ଯଦି ଦେଶର ଗାଁ ଓ ସହରଗୁଡ଼ିକ ଆତ୍ମନିର୍ଭର ହୋଇଯିବେ, ଅନେକ ସମସ୍ୟା ମୁଣ୍ଡ ଟେକିବ ନାହିଁ। ଏଠାରେ ପ୍ରଶ୍ନ କରାଯାଇପାରେ ଯେ, ସତରେ ଯଦି ଗାଁ ଓ ସହର ସବୁ ଦିଗରୁ ଆତ୍ମନିର୍ଭର ହୋଇଯିବେ, ତେବେ ଉଡ଼ାକଥା କହୁଥିବା ନେତାଙ୍କୁ କିଏ ଲୋଡ଼ିବ।

su|do|ku
Puzzles by Srikant Ghosh
ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# କରୋନା ସମୟରେ ବୁଦ୍ଧଙ୍କ ପ୍ରାସଙ୍ଗିକତା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଆଜି ଏକ ଅଦୃଶ୍ୟ ଭୂତାଣୁ କରୋନା ସମଗ୍ର ବିଶ୍ୱରେ ମୃତ୍ୟୁର ତାଣ୍ଡବ ସୃଷ୍ଟି କରିଛି। ବିଭିନ୍ନ ଦେଶରେ ଲକ୍ଷ ଲକ୍ଷ ଲୋକ ସଂକ୍ରମିତ ଓ ମୃତ୍ୟୁ ମୁଖରେ ପତିତ। ଧର୍ମ ବର୍ଣ୍ଣ ଜାତି ନିର୍ବିଶେଷରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ସମସ୍ତେ ଆଜିର କରୋନାର ଶିକାର ହୋଇଛନ୍ତି। ତଥାପି ଇସଲାମ ଧର୍ମରେ ବିଶ୍ୱାସ ରଖୁଥିବା କେହି କେହି କହୁଛନ୍ତି ଆଲ୍ଲା ଅଛନ୍ତି, ସେ ସେମାନଙ୍କୁ ନିଶ୍ଚୟ ରକ୍ଷା କରିବେ। କରୋନା ସେମାନଙ୍କ କୌଣସି କ୍ଷତି କରିପାରିବ ନାହିଁ। ଓଡ଼ିଶାର ଜଣେ ଜଗନ୍ନାଥପ୍ରେମୀ ନେତା ମଧ୍ୟ କହୁଥିଲେ ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଦେଶ। ଏଣୁ କରୋନା ଓଡ଼ିଶାବାସୀଙ୍କ କୌଣସି କ୍ଷତି କରିପାରିବ ନାହିଁ। ନିଜ ସମ୍ମୁଖରେ ପ୍ରତ୍ୟେକ ଦିନ ବିଭିନ୍ନ ଦେଶ ଓ ବିଭିନ୍ନ ଧର୍ମର ଲକ୍ଷାଧିକ ଲୋକ ମୃତ୍ୟୁମୁଖରେ ପଡୁଥିବାର ଦେଖି ମଧ୍ୟ ମଣିଷର ଏହି ବାହୁସ୍ଫୋଟ ମନେପକାଇ ଦେଉଛି ମହାଭାରତରେ ବର୍ଣ୍ଣିତ ଯକ୍ଷ ଯୁଧିଷ୍ଠିରଙ୍କ ଖବର। ଯୁଧିଷ୍ଠିରଙ୍କ ପ୍ରତି ଯକ୍ଷର ପ୍ରଶ୍ନ ଥିଲା ଦୁନିଆରେ ଆଶ୍ଚର୍ଯ୍ୟ କ'ଣ ? ଯୁଧିଷ୍ଠିର ଉତ୍ତର ଦେଇଥିଲେ 'ଅହନ୍ୟହନି ଗଚ୍ଛନ୍ତି ଭୂତାନି ଯମମନ୍ଦିରମ୍। ଶେଷା ଜୀବିତୁ ମିଚ୍ଛନ୍ତି କିମାଶ୍ଚର୍ଯ୍ୟଂ ଅତଃ ପରମ୍। ଅର୍ଥାତ ପ୍ରତ୍ୟେକ ଦିନ ଅନେକ ଜୀବ ମୃତ୍ୟୁମୁଖରେ ପଡୁଛନ୍ତି ଜାଣି ମଧ୍ୟ ମଣିଷ ସବୁଦିନ ବଞ୍ଚିବା ପାଇଁ ଇଚ୍ଛା ପୋଷଣ କରେ। ଏହାଠୁ ଆଶ୍ଚର୍ଯ୍ୟ ଆଉ କ'ଣ ଥାଇପାରେ ? ପୁନଶ୍ଚ ବିଡ଼ମ୍ବନାର ବିଷୟ ହେଉଛି ମଣିଷର ସଂକୀର୍ଣ୍ଣ ଭାବନା। ଇସଲାମ୍ ଧର୍ମାବଲମ୍ବୀ ସେମାନଙ୍କ ସୁରକ୍ଷା ଚିନ୍ତା କଲାଭଳି ଜଗନ୍ନାଥପ୍ରେମୀ କେବଳ ଓଡ଼ିଶାର ଚିନ୍ତା କରୁଛନ୍ତି। ତା'ହେଲେ କ'ଣ ଆଲ୍ଲା କେବଳ ମୁସଲମାନଙ୍କ ଈଶ୍ୱର ଓ ଜଗନ୍ନାଥ କ'ଣ କେବଳ ଓଡ଼ିଶାବାସୀଙ୍କ ଈଶ୍ୱର ? ଏହି ଈଶ୍ୱରମାନେ କ'ଣ କେବଳ ସେମାନଙ୍କୁ ବିଶ୍ୱାସ କରୁଥିବା ମଣିଷଙ୍କୁ ଓ ସେହି ମଣିଷମାନଙ୍କର ବାସସ୍ଥାନକୁ ସୁରକ୍ଷିତ ରଖିବେ ? ଆଜି ମଣିଷ ଏତେ ସ୍ୱାର୍ଥକେନ୍ଦ୍ରିକ ହୋଇଯାଇଛି ଯେ, ଈଶ୍ୱରଙ୍କୁ ମଧ୍ୟ ଭାଗ ଭାଗ କରିଦେଇଛି। ମାତ୍ର ଭାରତରେ ପ୍ରାଚୀନକାଳରେ ଋଷିମାନେ ଏହିଭଳି ସଂକୀର୍ଣ୍ଣ ଚିନ୍ତାଧାରାରୁ ମୁକ୍ତ ଥିଲେ। ସେମାନେ ପ୍ରାର୍ଥନା କରୁଥିଲେ ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟା। ଆଜି ସମଗ୍ର ବିଶ୍ୱ ଏକ କ୍ଷୁଦ୍ର ଗ୍ରାମରେ ରୂପାନ୍ତରିତ ହୋଇଛି। ବିକାଶ ପଥରେ ଗତି କରିବା ପାଇଁ ପ୍ରତ୍ୟେକ ଦେଶ ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭରଶୀଳ। ଏହି ପାରସ୍ପରିକ ସହଯୋଗ ଧର୍ମ ଓ ଜାତି ଉପରେ ନିର୍ଭର କରେ ନାହିଁ। ଏହା ପର୍ଯ୍ୟବସିତ ହୁଏ ମାନବିକ ମୂଲ୍ୟବୋଧ ଉପରେ। ଏବେ ଜାତୀୟତାବାଦ ଆଉ ପ୍ରାସଙ୍ଗିକ ହୋଇ ରହିନାହିଁ। ସମୟ ଆସିଛି ଅନ୍ତର୍ଜାତୀୟତାବାଦକୁ ଆପଣେଇ ନେବା ପାଇଁ। କେବଳ ନିଜ ଦେଶକୁ ଭଲ ପାଇବା ମାନବୋଚିତ ଧର୍ମ ନୁହେଁ। ଏଣୁ ଅଥର୍ବ ବେଦରେ ଋଷି କହିଛନ୍ତି 'ମାତା ଭୂମିଃ ପୁତ୍ରୋ ଅହଂ ପୃଥିବ୍ୟାଃ' ଅର୍ଥାତ୍ ଏହି ସମଗ୍ର ଭୂଖଣ୍ଡ ହେଉଛି ମୋର ମାଆ ଓ ମୁଁ ହେଉଛି ପୃଥିବୀର ପୁତ୍ର। ଯେଉଁ ଋଷିମାନେ ଏହାକୁ ଉଦାର କଣ୍ଠରେ ଉଚ୍ଚାରଣ କରୁଥିଲେ ସେମାନଙ୍କ ଦୃଷ୍ଟିରେ ଦେଶପ୍ରେମ କୌଣସି ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ନ ଥିଲା। ସେମାନଙ୍କ ମାତୃଭୂମି ପ୍ରେମ ସମସ୍ତ ଭୌଗୋଳିକ ସୀମାକୁ ଅତିକ୍ରମ କରିଯାଇଥିଲା। ଏହା ହେଉଛି ସେମାନଙ୍କର ବୈଶିଷ୍ଟ୍ୟ।

ବୈଦିକ ଯୁଗର ପରବର୍ତ୍ତୀ କାଳରେ ଗୌତମ ବୁଦ୍ଧଙ୍କୁ ବେଦ ବିରୋଧୀ ବୋଲି ଚିତ୍ରିତ କରାଯାଇଥିଲେ ହେଁ ସେ ବେଦର ଏହି ମାତୃଭୂମି ପ୍ରେମର ପରିଭାଷାକୁ ଖଣ୍ଡନ କରି ନ ଥିଲେ। ବୁଦ୍ଧତ୍ୱ ପ୍ରାପ୍ତ ହେବା ପରେ ଧର୍ମ ପ୍ରଚାର କରିବା ଉଦ୍ଦେଶ୍ୟରେ ସେ ପହଞ୍ଚିଲେ କୋଶଳ ରାଜ୍ୟରେ। ସେତେବେଳେ କୋଶଳର ରାଜା ଥାନ୍ତି ପ୍ରସେନଜିତ୍। ଥରେ ପ୍ରବଚନ ଦେବା ବେଳେ ବୁଦ୍ଧ କହିଥାନ୍ତି 'ଯେଉଁଠି ଅନୁରାଗ (ପ୍ରେମ) ଥାଏ ସେଠି ଦୁଃଖ ଓ ଯନ୍ତ୍ରଣା ଥାଏ। ଏଣୁ ମଣିଷକୁ ଏହି ଅନୁରାଗରୁ ମୁକ୍ତ ହେବାକୁ ପଡ଼ିବ। ତେବେ ହେବ ନିର୍ବାଣ ପ୍ରାପ୍ତି।' ବୁଦ୍ଧଙ୍କ ଏହି ବାଣୀ ଯେତେବେଳେ ରାଜା ପ୍ରସେନଜିତଙ୍କ କାନରେ ପଡ଼ିଲା ସେ ତାକୁ ଗ୍ରହଣ କରିପାରିଲେ ନାହିଁ। ସେ ନିଜେ ବୁଦ୍ଧଙ୍କ ନିକଟରେ ପହଞ୍ଚି ଏହାର ଜିଜ୍ଞାସା କରନ୍ତେ ବୁଦ୍ଧ କହିଲେ, 'ରାଜନ୍! ପ୍ରେମ ଦୁଇ ପ୍ରକାର। ଗୋଟିଏ ହେଉଛି କାମନା, ଆସକ୍ତି ଓ ତତ୍‌ଜନିତ ପକ୍ଷପାତିତା ଉପରେ ଆଧାରିତ। 'ମୁଁ ଓ 'ମୋର' ଧାରଣା ଉପରେ ପର୍ଯ୍ୟବସିତ ସ୍ୱାମୀ-ସ୍ତ୍ରୀ, ପିତା-ପୁତ୍ର ମଧ୍ୟରେ ଥିବା ପ୍ରେମ ଏହି ପର୍ଯ୍ୟାୟର। ଏଣୁ ଯେତେବେଳେ ଆମ ପୁଅ କୌଣସି ଦୁର୍ଘଟଣାରେ ପଡ଼େ ଆମେ ଯେତିକି ଦୁଃଖ ଓ ଯନ୍ତ୍ରଣା ଅନୁଭବ କରୁ ମାତ୍ର ଅନ୍ୟର ପୁଅ ସେହିଭଳି ଅବସ୍ଥାରେ ସେପରି ଦୁଃଖ ଅନୁଭବ କରି ନ ଥାଉ। ଦ୍ୱିତୀୟ ପ୍ରକାର ପ୍ରେମ ହେଉଛି ମୈତ୍ରୀ ଓ କରୁଣା ଆଧାରିତ। ଯେଉଁ ପ୍ରେମ ଅନ୍ୟ ପାଇଁ ସୁଖ ଆଣି ଦେବା ଲାଗି ସମର୍ଥ ତାକୁ ମୈତ୍ରୀ କୁହାଯାଏ ଓ ଯେଉଁ ପ୍ରେମ ଅନ୍ୟର ଦୁଃଖ ଓ ଯନ୍ତ୍ରଣା ଲାଘବ କରିବା ପାଇଁ ସମର୍ଥ ତାକୁ କରୁଣା କୁହାଯାଏ। ମୈତ୍ରୀ ଓ କରୁଣା କେବଳ ନିଜର ପତ୍ନୀ, ସନ୍ତାନସନ୍ତତି, ବନ୍ଧୁବର୍ଗମାନଙ୍କ ମଧ୍ୟରେ ସୀମିତ ନ ଥାଏ। ଏହାର ଏହିସବୁ ସମ୍ପର୍କକୁ ଅତିକ୍ରମ କରି ସମଗ୍ର ମାନବଜାତି ପର୍ଯ୍ୟନ୍ତ ସଂପ୍ରସାରିତ ହୋଇଥାଏ। ସେଥିରେ ନ ଥାଏ 'ମୁଁ ଓ 'ମୋର' ଭାବ। ନ ଥାଏ ଆସକ୍ତି ଓ ପକ୍ଷପାତିତା। ଏଣୁ ଏହି ପ୍ରକାର ପ୍ରେମ, ଦୁଃଖ ଓ ଯନ୍ତ୍ରଣା ଦିଏ ନାହିଁ। ଦିଏ ଶାନ୍ତି ଓ ସନ୍ତୋଷ। ବୁଦ୍ଧଙ୍କ ପାଖରୁ ଏହା ଶୁଣି ସାରିବା ପରେ ରାଜା ପ୍ରଶ୍ନ କଲେ, ''ଯଦି ମୁଁ ମୋର ପରିବାର ଓ ମୋର ଦେଶକୁ ଭଲ ନ ପାଇବି ତା'ହେଲେ ସେମାନଙ୍କ ଯତ୍ନ ନେବି କିପରି ?'' ବୁଦ୍ଧ କହିଲେ, ''ରାଜନ୍! ତୁମେ ତୁମ ପରିବାର, ତୁମ ବନ୍ଧୁବର୍ଗ, ତୁମ ରାଜ୍ୟକୁ ଭଲ ପାଇବା ଉଚିତ। ମାତ୍ର ଏହାର ଅର୍ଥ ନୁହେଁ ଯେ ଏମାନଙ୍କ ବାହାରେ ତୁମେ ଅନ୍ୟ କାହାକୁ ଓ ଅନ୍ୟ ରାଜ୍ୟକୁ ଭଲ ପାଇବ ନାହିଁ। ତୁମର ପ୍ରେମ ଯଦି ମୈତ୍ରୀ ଓ କରୁଣା ଆଧାରିତ ହେବ, ତୁମେ ଅନ୍ୟ ରାଜ୍ୟର ପ୍ରଜାମାନଙ୍କୁ ମଧ୍ୟ ଭଲ ପାଇପାରିବ।'' ରାଜା ପୁଣି ପଚାରିଲେ, ''ମହାଭାଗ ! ଅନ୍ୟ ରାଜ୍ୟର ପ୍ରଜା ମୋ ଅଧୀନରେ ନ ଥିବାରୁ ଏହା କିପରି ସମ୍ଭବ ? ଉତ୍ତରରେ ବୁଦ୍ଧ କହିଲେ, ରାଜନ ! ଗୋଟିଏ ରାଜ୍ୟର ସମୃଦ୍ଧି ଓ ନିରାପତ୍ତା ଅନ୍ୟ ରାଜ୍ୟର ଦାରିଦ୍ର୍ୟ ଓ ଅସୁରକ୍ଷିତ ଅବସ୍ଥା ଉପରେ ନିର୍ଭର କରିବା ଠିକ୍ ନୁହେଁ। ଚିରସ୍ଥାୟୀ ଶାନ୍ତି ଓ ସମୃଦ୍ଧି ସେତେବେଳେ ସମ୍ଭବ ଯେତେବେଳେ ସମସ୍ତ ରାଜ୍ୟ ସମସ୍ତଙ୍କ ମଙ୍ଗଳ କାମନାରେ ପ୍ରତିଶ୍ରୁତିବଦ୍ଧ ହେବେ। ଯଦି ତୁମେ ତୁମ ରାଜ୍ୟର ପ୍ରଜା ସୁଖ ଓ ଶାନ୍ତିରେ ରହନ୍ତୁ ବୋଲି ଚାହୁଁଛ ଅନ୍ୟ ରାଜ୍ୟର ପ୍ରଜା ମଧ୍ୟ ଶାନ୍ତିରେ ରହିବା ଆବଶ୍ୟକ, ତା'ହେଲେ ସେମାନେ ତୁମ ରାଜ୍ୟ ଉପରେ ଆକ୍ରମଣ କରିବେ ନାହିଁ। ଏଣୁ ତୁମେ କୋଶଳ ବ୍ୟତୀତ ମଗଧ, କାଶୀ, ବିଦେହ, ଶାକ୍ୟ ଓ କୋଲିୟ ଆଦି ସମସ୍ତ ରାଜ୍ୟକୁ ଭଲ ପାଅ।'' ପ୍ରାୟ ୨୫୦୦ ବର୍ଷ ପୂର୍ବରୁ ଗୌତମବୁଦ୍ଧ ଏହିଭଳି ବିଶ୍ୱପ୍ରେମର ବାର୍ତ୍ତା ଦେଇଯାଇଥିଲେ। ରାଜା ପ୍ରସେନଜିତ୍‌ଙ୍କ ସହ ବୁଦ୍ଧଙ୍କ ଏହି କଥୋପକଥନ ଲିପିବଦ୍ଧ ହୋଇଛି ଭିଏତ୍‌ନାମର ବୌଦ୍ଧ ସନ୍ନ୍ୟାସୀ ଥିଚ ନାଟ୍ ହାନ୍‌ଙ୍କ ଲିଖିତ ତଥ୍ୟ ସମ୍ବଳିତ ପୁସ୍ତକ 'ଓଲ୍ଡ ପାଥ ହ୍ୱାଇଟ କ୍ଲାଉଡ୍‌ସ' ପୁସ୍ତକରେ।

ଦୁର୍ଭାଗ୍ୟର ବିଷୟ ଯେ ଆଜି ଆମେ ପୃଥିବୀକୁ ମହାଦେଶ, ଦେଶ, ରାଜ୍ୟ, ନଗର ଆଦିରେ ବିଭାଜିତ କରିବା ସଙ୍ଗେ ସଙ୍ଗେ ମଣିଷ ଜାତିକୁ ମଧ୍ୟ ହିନ୍ଦୁ, ଖ୍ରୀଷ୍ଟିୟାନ, ମୁସଲମାନ, ପାର୍ଶୀ ଇତ୍ୟାଦି ସଂପ୍ରଦାୟରେ ଭାଗ ଭାଗ କରିଦେଇଛୁ। ପ୍ରତ୍ୟେକ ସଂପ୍ରଦାୟ ନିଜର କଳ୍ପିତ ଈଶ୍ୱରଙ୍କୁ ଶ୍ରେଷ୍ଠ ମଣି ଅନ୍ୟ ସଂପ୍ରଦାୟର ଈଶ୍ୱରଙ୍କୁ ଅସ୍ୱୀକାର କରୁଛନ୍ତି। ଚାଲିଛି ଧର୍ମ ସହ ଧର୍ମର ସଂଘର୍ଷ। ଧର୍ମ ନାମରେ ହେଉଛି ରକ୍ତପାତ ଓ ହିଂସାର ତାଣ୍ଡବ। ମାତ୍ର ବୁଦ୍ଧ ଦର୍ଶନରେ ଈଶ୍ୱରଙ୍କ ସ୍ଥାନ ନାହିଁ। ଈଶ୍ୱରଙ୍କ ସ୍ଥିତି ବା ଅସ୍ଥିତି ସଂପର୍କରେ ବୁଦ୍ଧ ନୀରବ ଥିଲେ। ଈଶ୍ୱରଙ୍କ ସଂପର୍କରେ ଚିନ୍ତା ନ କରି ମଧ୍ୟ ଜଣେ ସୁଖ ଓ ଶାନ୍ତି ଉପଲବ୍ଧି କରିପାରିବ। ଏଥିପାଇଁ ସେ ଅଷ୍ଟାଙ୍ଗ ମାର୍ଗ ପାଳନ କରିବାକୁ କହୁଥିଲେ। ସେଗୁଡ଼ିକ ହେଲା ସମ୍ୟକ ଦୃଷ୍ଟି, ସମ୍ୟକ୍ ସଂକଳ୍ପ, ସମ୍ୟକ୍ ବାକ୍, ସମ୍ୟକ୍ କର୍ମ, ସମ୍ୟକ୍ ଜୀବିକା, ସମ୍ୟକ୍ ଚେଷ୍ଟା, ସମ୍ୟକ୍ ସ୍ମୃତି ଓ ସମ୍ୟକ୍ ସମାଧି। ଏହି ମାର୍ଗରେ ଜଣେ ନିଷ୍ଠାବାନ୍ ହୋଇ ପଥିକ ହେଲେ ନିର୍ବାଣ ଲାଭ କରିହେବ ବୋଲି ବୁଦ୍ଧ କହୁଥିଲେ। ଏହା ଥିଲା ତାଙ୍କର ଆଧ୍ୟାତ୍ମିକ ଦର୍ଶନ। ମାତ୍ର ସେ ତାଙ୍କ ଆଧ୍ୟାତ୍ମିକ ଦର୍ଶନକୁ ରାଜନୈତିକ କ୍ଷେତ୍ରରେ ପ୍ରୟୋଗ କରିବା ପାଇଁ ପିତା ଶୁଦ୍ଧୋଦନଙ୍କୁ ପରାମର୍ଶ ଦେଇଥିଲେ। ବୁଦ୍ଧତ୍ୱ ପ୍ରାପ୍ତ ହେବା ପରେ ସେ କପିଳବାସ୍ତୁକୁ ଆସିଥିବା ଅବସରରେ ପିତା ଶୁଦ୍ଧୋଦନଙ୍କୁ ସେହି ମୈତ୍ରୀ ଓ କରୁଣା ଭାବର ଶକ୍ତି ସଂପର୍କରେ ବୁଝାଇଥିଲେ। ଶାକ୍ୟବଂଶର ସମସ୍ତ ରାଜପୁତ୍ର (ମହାନାମ ବ୍ୟତୀତ) ନିଜ ମା' ଗୌତମୀ, ପତ୍ନୀ ଯଶୋଧାରା ମଧ୍ୟ ବୁଦ୍ଧଙ୍କ ଦ୍ୱାରା ପ୍ରଭାବିତ ହୋଇ ସଂଘରେ ଯୋଗ ଦେଇଥିଲେ। ରାଜା ବିମ୍ବିସାର ଓ ଭାରତର ଅନେକ ରାଜା ବୁଦ୍ଧ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିଲେ। ସେହି ଦର୍ଶନରେ ଈଶ୍ୱର ନ ଥିଲେ, ଥିଲା ଅହିଂସା, ମୈତ୍ରୀ ଓ କରୁଣା, ଯାହା କି ମଣିଷ ଜାତିକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ଶକ୍ତି ରଖୁଥିଲା। ମାତ୍ର ଆଜି ଈଶ୍ୱର ଅଛନ୍ତି ସବୁ ଧର୍ମ ବିଶ୍ୱାସରେ। କିନ୍ତୁ ସଂପ୍ରଦାୟର ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ଈଶ୍ୱରଙ୍କ ସଂଖ୍ୟା ବି ବଢ଼ିଛି। ଫଳସ୍ୱରୂପ ବଢ଼ିଛି ସଂପ୍ରଦାୟଗୁଡ଼ିକ ମଧ୍ୟରେ ଦ୍ୱେଷ, ଈର୍ଷା ଓ ହିଂସା। ଦୁର୍ଦ୍ଦିନ ସମୟରେ ନିଜର କଳ୍ପିତ ଈଶ୍ୱରଙ୍କୁ ପ୍ରାର୍ଥନା କଲାବେଳେ ପ୍ରତ୍ୟେକ ସଂପ୍ରଦାୟ ନିଜ ଦେଶର ସୁରକ୍ଷା ଓ ନିଜର ନିରାପତ୍ତା କଥା ଚିନ୍ତା କରୁଛନ୍ତି। ସେମାନେ ଭୁଲିଯାଉଛନ୍ତି ଯେ ସେମାନଙ୍କ ଦେଶ ବାହାରେ ରହିଛି ଏକ ବିଶାଳ ଭୂଖଣ୍ଡ, ଯେଉଁଠି କୋଟି କୋଟି ଲୋକ ବାସ କରୁଛନ୍ତି। ସମସ୍ତେ ଏହି ଗୋଟିଏ ପୃଥିବୀର ବାସିନ୍ଦା। ସମସ୍ତଙ୍କ ମଧ୍ୟରେ ମୈତ୍ରୀ ଓ କରୁଣା ଭାବ ଜାଗ୍ରତ ହେଲେ ହେଁ ଜାଗତିକ ଶାନ୍ତି ଓ ସମୃଦ୍ଧି ସମ୍ଭବ। ସେହି ଦୃଷ୍ଟିରୁ ଏକବିଂଶ ଶତାବ୍ଦୀରେ ମଧ୍ୟ ଗୌତମବୁଦ୍ଧ ପ୍ରାସଙ୍ଗିକ।

ଟିଟିଲାଗଡ଼
ମୋ: ୭୦୦୮୩୬୯୯୨୦

# ବିଜ୍ଞାନ ଜଗତର ଅମର ଶହୀଦ



ଡା. ଗୋପାଳ ଚନ୍ଦ୍ର ଦାଶ

କରୋନା ଯୁଦ୍ଧର ପ୍ରଥମ ଶହୀଦ, ଚାଇନାର ଉହାନ ସହରର ଡାକ୍ତର ଲିଓ୍ୱେନ୍ଲିୟାଙ୍ଗ। କରୋନାର ଉତ୍ପତ୍ତି ସ୍ଥଳ ଉହାନ ସହରରେ ଜଣେ ରୋଗୀର ଚିକିତ୍ସା କରିବା ସମୟରେ ରୋଗର ଲକ୍ଷଣ ଓ ସଂକ୍ରମଣରୁ ଜାଣିପାରିଲେ ଯେ ବ୍ୟକ୍ତି ଜଣକ କରୋନା ଭଳି ଏକ ଭୂତାଣୁ ଦ୍ୱାରା ସଂକ୍ରମିତ। ରୋଗ ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ନିଜର ଡାକ୍ତର ବନ୍ଧୁମାନଙ୍କୁ ସଚେତନ କରାଇବା ପାଇଁ ଟୁଇଟ୍ ମାଧ୍ୟମରେ ଜଣାଇଥିଲେ। ଚାଇନା ସରକାର ଡାକ୍ତରଙ୍କର ମତାମତକୁ ସମ୍ମାନ ଜଣାଇବା ପରିବର୍ତ୍ତେ ଏହାକୁ ଏକ ଗୁଜବ କହି ଡାକ୍ତର ଲିଓ୍ୱେନ୍ଲିୟାଙ୍ଗଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କଲେ। ସରକାରଙ୍କ ଧମକକୁ ନ ଡରି ସେ ନିର୍ଭୀକ ମତ ପ୍ରଦାନ କରିବାରୁ ତାଙ୍କୁ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିଥିଲା। ପରବର୍ତ୍ତୀ ଅବସ୍ଥାରେ ସେ ନିଜେ କରୋନା ରୋଗରେ ସଂକ୍ରମିତ ହୋଇ ଫେବୃୟାରୀ ୭ ତାରିଖ ଦିନ ପ୍ରାଣତ୍ୟାଗ କଲେ। ଚାଇନା ସରକାରଙ୍କ ଦମନ ନୀତି ଯୋଗୁ କରୋନା ରୋଗ ବିଶ୍ୱ ମହାମାରୀ ଭାବରେ ବ୍ୟାପିବାରେ ଲାଗିଲା, ଯାହାର କୁପରିଣାମ ବର୍ତ୍ତମାନ ସମସ୍ତ ବିଶ୍ୱବାସୀଙ୍କୁ ଭୋଗିବାକୁ ପଡୁଛି। ଲିଓ୍ୱେନ୍ଲିୟାଙ୍ଗଙ୍କ ମତକୁ ସମ୍ମାନ ଦେଇ ଯଦି ପ୍ରାରମ୍ଭିକ ଅବସ୍ଥାରେ ପଦକ୍ଷେପ ନିଆଯାଇ ଥାଆନ୍ତା, ତେବେ ଆଜି ସମଗ୍ର ବିଶ୍ୱକୁ ଏପରି ଦୁର୍ଦ୍ଦଶା ଭୋଗିବାକୁ ପଡ଼ି ନ'ଥାନ୍ତା।

ଏହା ରାଜନେତା ଓ ପ୍ରଶାସନର ଅହଂଭାବ ଓ ବିଜ୍ଞାନ ପ୍ରତି ଅସମ୍ମାନ ମନୋଭାବର ପ୍ରତୀକ। ଏହା ଏକ ନୂଆ କଥା ନୁହେଁ, ଚିରାଚରିତ କାଳରୁ ଏ ପ୍ରକାର ମନୋଭାବ ସମାଜରେ ପ୍ରଚଳିତ ହୋଇ ଆସୁଛି। ସେ ଯୁଗର ଧର୍ମଯାଜକ ଓ ରାଜା ତଥା ବର୍ତ୍ତମାନର ରାଜନେତା ଓ ପ୍ରଶାସକମାନଙ୍କର ମନୋଭାବ ବିଜ୍ଞାନ ସମ୍ମତ ହୋଇ ନ ଥିବାରୁ ଅନେକ ଚିକିତ୍ସକ ଓ ବୈଜ୍ଞାନିକ ସେମାନଙ୍କର ରୋଷର ଶିକାର ହୋଇ ନିଜର ଜୀବନକୁ ବଳିଦାନ ଦେଇଛନ୍ତି। ଇତିହାସରେ ଏହାର ଅନେକ ଉଦାହରଣ ଅଛି। ସେଥିରୁ କିଛି ଆଲୋଚନା କରିବା।

ଷୋଡ଼ଶ ଶତାବ୍ଦୀରେ ଇଟାଲୀର ବୈଜ୍ଞାନିକ ବ୍ରୁନୋ ଯେତେବେଳେ ସୂର୍ଯ୍ୟ କେନ୍ଦ୍ରିକ ସୌରମଣ୍ଡଳ ବୋଲି ମତ ପ୍ରଦାନ କରିଥିଲେ, ତତ୍କାଳୀନ ଧର୍ମଗୁରୁମାନେ ଏହାକୁ ବାଇବେଲ ବିରୋଧୀ ବୋଲି ଦର୍ଶାଇଥିଲେ। ପରିଣାମ ସ୍ୱରୂପ ତାଙ୍କୁ ବିଧର୍ମୀ ଓ ଈଶ୍ୱର ବିରୋଧୀ ବୋଲି ଦର୍ଶାଯାଇ ଜନସାଧାରଣଙ୍କ ସମ୍ମୁଖରେ ଉଲଗ୍ନ ଅବସ୍ଥାରେ ଜିଅନ୍ତା ପୋଡ଼ି ଦିଆଯାଇଥିଲା। ସୌରମଣ୍ଡଳ ସମ୍ବନ୍ଧରେ ସମଭିତ୍ତିକ ମତ ପ୍ରଦାନ କରିଥିବାରୁ ଗାଲିଲିଓଙ୍କୁ ମଧ୍ୟ ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ନିଜ ଇଚ୍ଛା ବିରୋଧରେ ଲିଖିତ ପ୍ରତିଶ୍ରୁତି ଦେଇ ନିଜ ମତରୁ ଓହରି ଯାଇଥିବାରୁ ସେ ମୃତ୍ୟୁଦଣ୍ଡରୁ ବର୍ତ୍ତି ଯାଇଥିଲେ।

ଗ୍ରୀକ୍ ଧର୍ମଗୁରୁମାନେ ପଶୁ ଶରୀର ଗଠନ ଅନୁଯାୟୀ ମନୁଷ୍ୟ ଶରୀରର କଳ୍ପନା କରୁଥିଲେ। ବେଲ୍‌ଜିୟମ୍‌ର ଶରୀର ବୈଜ୍ଞାନିକ ଆଣ୍ଡ୍ରିଆସ ଭେସାଲିୟାସ ମୃତ ମାନବ ଶରୀରକୁ ବିଶ୍ଳେଷଣ କରି ମତ ପ୍ରଦାନ କଲେ ଯେ, ମନୁଷ୍ୟ ଶରୀରର ଗଠନ ଅନ୍ୟ ପଶୁମାନଙ୍କର ଶରୀର ଗଠନଠାରୁ ପୃଥକ୍। ତତ୍କାଳୀନ ଗ୍ରୀକ୍ ରାଜା ଚାର୍ଲସ ପଞ୍ଚମ ତାଙ୍କର ଏହି ମତରେ ଖୁସି ହୋଇ ତାଙ୍କୁ ରାଜବୈଦ୍ୟ ଭାବରେ ନିଯୁକ୍ତି ଦେଲେ। ଆଣ୍ଡ୍ରିଆସ୍‌ଙ୍କ କାର୍ଯ୍ୟକଳାପ ଉପରେ ଧର୍ମଯାଜକମାନେ କ୍ଷୁବ୍ଧ ଥିଲେ। ସେ ଏକଦା ଏକ ଉଚ୍ଚପଦସ୍ଥ କର୍ମଚାରୀଙ୍କର ଚିକିତ୍ସା କରୁଥିବା ବେଳେ ରୋଗୀର ମୃତ୍ୟୁ ହୋଇଯାଇଥିଲା। ଧର୍ମଗୁରୁଙ୍କ ପରାମର୍ଶରେ ତାଙ୍କୁ ହତ୍ୟା ଅଭିଯୋଗରେ ଦଣ୍ଡିତ କରାଯାଇ ମୃତ୍ୟୁଦଣ୍ଡ ପାଇଁ ରାଜାଙ୍କ ପାଖରେ ପ୍ରସ୍ତାବ ଦିଆଯାଇଥିଲା। ସେ ରାଜବୈଦ୍ୟ ହୋଇଥିବାରୁ ରାଜା ଚାର୍ଲସ ତାଙ୍କର ଦଣ୍ଡକୁ କୋହଳ କରି ଦେଶାନ୍ତରର ଆଦେଶ ପ୍ରଦାନ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିଲେ।

ସ୍ପେନର ବୈଜ୍ଞାନିକ ମାଇକେଲ ସର୍ଭେଟସ ନିଜର ଗବେଷଣା ଦ୍ୱାରା ପ୍ରତିପାଦନ କଲେ ଯେ, ହୃତ୍‌ପିଣ୍ଡର ରକ୍ତ ଧମନୀ ଦ୍ୱାରା ପ୍ରବାହିତ ହୋଇ ଶ୍ୱାସଯନ୍ତ୍ର (ଫୁସ୍‌ଫୁସ୍)ରୁ ଅମ୍ଳଜାନ ସଂଗ୍ରହ କରୁଛି। ଏହାର ସତ୍ୟାସତ୍ୟ ପ୍ରତିପାଦନ ପାଇଁ ସେ ଅନେକ ଗବେଷଣାତ୍ମକ ପ୍ରବନ୍ଧ ମାଧ୍ୟମରେ ପ୍ରଚାର କରିଥିଲେ। ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଧର୍ମଗୁରୁ କାଲ୍‌ଭିନ ଫ୍ରାନ୍‌ସ୍ରେ ପ୍ରବନ୍ଧଗୁଡ଼ିକୁ ବାଇବେଲ ବିରୋଧୀ ବୋଲି ଦର୍ଶାଇବାରୁ ତାଙ୍କ ବିରୋଧରେ ମକଦ୍ଦମା ଚାଲିଲା। ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ ତାଙ୍କ ପୁସ୍ତକ ସହିତ ଜୀବନ୍ତ ପୋଡ଼ି ଦିଆଯାଇଥିଲା।

ରୋଗ ସଂକ୍ରମଣରୁ ବଞ୍ଚିବା ପାଇଁ ହଙ୍ଗେରୀର ଡାକ୍ତର ଇଗନାଜିଫିଂ ଲିଫ୍ ସେମେଲୱେସି କ୍ଲୋରିନେଟେଡ୍ ପାଣିରେ ହାତ ଧୋଇବା ଲାଗି ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ମତକୁ ସମ୍ମାନ ଦେବା ପରିବର୍ତ୍ତେ ତାଙ୍କୁ ପାଗଳ କହି ଡାକ୍ତରଖାନାରେ ଭର୍ତ୍ତି କରିଦିଆଯାଇଥିଲା। ସେ ପାଗଳଖାନାରୁ ଖସିବାକୁ ଚେଷ୍ଟାକରିବା ସମୟରେ ଜଗୁଆଳିର ମାଡ଼ରେ କ୍ଷତବିକ୍ଷତ ହୋଇ ମୃତ୍ୟୁବରଣ କରିଥିଲେ।

ପୋଲାଣ୍ଡର ବିଶିଷ୍ଟ ରସାୟନ ଓ ଭୌତିକ ବିଜ୍ଞାନୀ ମେରି ମାଡାମ୍ କ୍ୟୁରି ରେଡିୟମ ଉପରେ ଗବେଷଣା କରି ରକ୍ତ କର୍କଟ ରୋଗରେ ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ବର୍ତ୍ତମାନର ଚିକିତ୍ସା ବିଜ୍ଞାନରେ କର୍କଟ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ରେଡିୟମ ତାଙ୍କର ଅମୂଲ୍ୟ ଦାନ।

ଈଶ୍ୱର ସମ୍ବନ୍ଧରେ ବିଜ୍ଞାନ ସମ୍ମତ ମତ ପ୍ରଦାନ କରିଥିବାରୁ ଗ୍ରୀକ୍ ଦାର୍ଶନିକ ପ୍ଳୁଟୋଙ୍କୁ ତତ୍କାଳୀନ ଧର୍ମଗୁରୁମାନେ ନାସ୍ତିକ ବୋଲି ଦର୍ଶାଇଥିଲେ। ସେମାନଙ୍କର ପରାମର୍ଶରେ ପ୍ଳୁଟୋଙ୍କୁ ବିଷପାନ କରି ମୃତ୍ୟୁବରଣ କରିବାକୁ ପଡ଼ିଥିଲା।

ଅଷ୍ଟାଦଶ ଶତାବ୍ଦୀରେ ବେଲ୍‌ଜିୟମର ସେବାବୀର ଡେମିଆନ ମଲୋକାର ଦ୍ୱୀପରେ ନିର୍ବାସିତ କୁଷ୍ଠରୋଗୀମାନଙ୍କର ସେବା କରି ନିଜେ କୁଷ୍ଠ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ। ବର୍ତ୍ତମାନ କରୋନା ଯୁଦ୍ଧରେ ପ୍ରତିଦିନ ଶହ ଶହ ସ୍ୱାସ୍ଥ୍ୟକର୍ମୀ ଶହୀଦ ହେବାରେ ଲାଗିଛନ୍ତି।

ବିଜ୍ଞାନର ସତ୍ୟତା ପ୍ରଦାନ କରିବାକୁ ଯାଇ ଅନେକ ବୈଜ୍ଞାନିକ ତତ୍କାଳୀନ ଧର୍ମଗୁରୁ ଓ ଶାସକମାନଙ୍କ ଦ୍ୱାରା ନିର୍ଯାତିତ ଓ ଅତ୍ୟାଚାରର ଶିକାର ହୋଇ ଜୀବନକୁ ବଳିଦାନ ଦେଇଛନ୍ତି। ବିଜ୍ଞାନ ଓ ମାନବ ସମାଜକୁ ବଞ୍ଚାଇବାକୁ ଯାଇ ନିନ୍ଦିତ ଓ ନିହତ ହୋଇଛନ୍ତି। ତାଙ୍କର ପାର୍ଥିବ ଶରୀରର ମୃତ୍ୟୁ ହୋଇଥିଲେ ମଧ୍ୟ ସେମାନେ ଆମ୍ଭମାନଙ୍କ ପାଇଁ ଅମର ହୋଇ ରହିଯାଇଛନ୍ତି। ସେହି ମହାମାନବମାନଙ୍କୁ ସମ୍ମାନ ଜଣାଇ ବ୍ୟାସକବି ଫକୀର ମୋହନ କହିଛନ୍ତି-

ଧନ୍ୟ ସେ ମାନବ କୁଳେ ଯାହା ଯଶରାଜି
ଲୋକହିତ ବ୍ରତେ ଥାଏ ଜଗତେ ବିରାଜି।
ମଲେ ଯାହା ନାମ ଥାଏ ଜଗତ ମଧ୍ୟରେ
ଅମର ଦେବତା ସେହି ମାନବ କୁଳରେ।

ଚିକିତ୍ସା ନିର୍ଦ୍ଦେଶକ, ପୂର୍ବତଟ ରେଲ୍‌ୱେ, ଭୁବନେଶ୍ୱର
ମୋ: ୮୪୫୫୮୮୭୫୦୧

## ଏଇ ଭାରତରେ

ଶିକ୍ଷାଦାନ ସହ ପିଲାମାନଙ୍କୁ ହ୍ୱାଟ୍‌ସଆପ୍ ମାଧ୍ୟମରେ କୃଷି ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି କେରଳର ଶିକ୍ଷକ ସରିତା ବିଜୟ କୁମାର। ତାଙ୍କୁ ବର୍ତ୍ତମାନ ବୟସ ୪୪। ପିଲାମାନେ ଲକ୍‌ଡାଉନ୍‌ରେ ଘରେ ରହିଥିବାରୁ ସେମାନଙ୍କୁ ହ୍ୱାଟ୍‌ସଆପ୍ ମାଧ୍ୟମରେ ଶିକ୍ଷା ଦେବାର ଏହା ପ୍ରକୃଷ୍ଟ ସମୟ ବୋଲି ଭାବି ସେ ଏହି ପ୍ରୟାସ ଆରମ୍ଭ କରିଛନ୍ତି। ସେ କୋଚିର କାକ୍କାନାଡାସ୍ଥିତ ମାର୍ ଥୋମା ପବ୍ଲିକ ସ୍କୁଲରେ ହିନ୍ଦୀ ଶିକ୍ଷକ। ନବମ ଶ୍ରେଣୀର ୩୫ ଜଣ ପିଲାଙ୍କୁ ନେଇ ହ୍ୱାଟ୍‌ସଆପ ଗ୍ରୁପ୍ ଖୋଲି ସେଥିରେ ଜୈବିକ କୃଷି ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ଗତ ଦଶ ବର୍ଷ ହେବ ସରିତା ସ୍କୁଲରେ ପିଲାମାନଙ୍କ ସହଯୋଗରେ ବିଭିନ୍ନ ପରିବା ଓ ଫଳ ଚାଷ କରି ଆସୁଛନ୍ତି। ପ୍ରତିଦିନ ନବମ ଓ ଦଶମ ଶ୍ରେଣୀର ପିଲାମାନଙ୍କ ଲାଗି ଗୋଟିଏ ପିରିୟଡ଼ କୃଷି କାର୍ଯ୍ୟ ପାଇଁ ରଖାଯାଇଛି। ସେ ପିଲାମାନଙ୍କୁ ଅନ୍‌ଲାଇନରେ ପଢ଼ାଇବା ପରେ ଦୈନିକ ୨ ଘଣ୍ଟା ଘର ବଗିଚାରେ କାର୍ଯ୍ୟ କରୁଛନ୍ତି।

## ଚିରନ୍ତନୀ

ଜୀବନ-କଳାରେ ସେ ଯେ ଶ୍ରେଷ୍ଠ ମୋ କଳାପ
ଯଉବନ-ସଙ୍ଗତେ ଆଦିମ ସେ ଆଳାପ
ପ୍ରାଣସମ ତାକୁ ମୋର ଦେୟ ଶେଷ ଶ୍ରଦ୍ଧା
କଣ୍ଟକିତ ଜୀବନେ ସେ ସୁକୁମାର ଗୋଲାପ।
(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ଜୁନ୍ ୧୯୯୫

- ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କୁ ଲୋକମାନ୍ୟ ତିଳକ ସମ୍ମାନ ପାଇଁ ମନୋନୀତ କରାଯାଇଛି।
- କଣିହା ନିକଟସ୍ଥ ଜାତୀୟ ତାପଜ ବିଦ୍ୟୁତ୍ ପ୍ରକଳ୍ପର ୫୦୦ ମେଗାୱାଟ କ୍ଷମତାସମ୍ପନ୍ନ ପ୍ରଥମ ୟୁନିଟରୁ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ।

## ସାପ୍ତାହିକ ପଞ୍ଜିକା

**ମେ' ୨୫:** ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଚାଇନା ସୈନ୍ୟ ଠୁଳ କରୁଛି।
**ମେ' ୨୮:** ବିଶ୍ୱରେ ୪.୯ କୋଟି ଲୋକ ଉତ୍କଟ ଦାରିଦ୍ର୍ୟର ସାମ୍ନା କରିବେ ଓ ଭାରତରେ ୧.୨ କୋଟି ଲୋକ ଏଭଳି ସମସ୍ୟାରେ ପଡ଼ିବେ ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି।
**ମେ' ୨୯:** ଜୀବିକା ପାଇଁ ଓଡ଼ିଶା ସରକାରଙ୍କ ୧୭ ହଜାର କୋଟିର ପ୍ୟାକେଜ।

## ପାଠକ ଶ୍ରେଷ୍ଠ ବିଚାରକ

### ରଥଯାତ୍ରା କିପରି ହେବ ?

ମହାଶୟ,

ଚତୁର୍ଦ୍ଧା ମୂର୍ତ୍ତିଙ୍କର ଅସୁସ୍ଥତା ପରେ କବିରାଜଙ୍କ ପରାମର୍ଶରେ ଭ୍ରମଣ କରିବା ଯାତ୍ରାର ନାମ ରଥଯାତ୍ରା। ଏକତା ତଥା ସଂହତି ସହିତ ସର୍ବଧର୍ମ ଦର୍ଶନ ଏହି ରଥଯାତ୍ରାର ଉଦ୍ଦେଶ୍ୟ। ବର୍ତ୍ତମାନ କରୋନା କୋଭିଡ୍-୧୯ ମହାମାରୀ ପରିପ୍ରେକ୍ଷୀରେ ପ୍ରଭୁ କିପରି ନୀତିକାନ୍ତିରେ ଅଛନ୍ତି ତାହା ସମସ୍ତେ ଜାଣନ୍ତି। ମୁଷ୍ଟିମେୟ ସେବକମାନେ ପ୍ରଭୁଙ୍କର ନୀତିକାନ୍ତି ସଂପନ୍ନ କରୁଛନ୍ତି। ରଥଖଳାରେ ସାମାଜିକ ଦୂରତ୍ୱ ରକ୍ଷାକରି ନିର୍ମାଣ କାର୍ଯ୍ୟ ଚାଲିଛି। ରଥଯାତ୍ରା ବନ୍ଦ ହେବା ନୀତି ବିରୁଦ୍ଧ କାର୍ଯ୍ୟ ତଥା ଅମଙ୍ଗଳକାରକ ନିଶ୍ଚୟ ବୋଲି ଜଗନ୍ନାଥ ବାଡ଼ଗ୍ରାହୀ ଶ୍ରୀଜଗନ୍ନାଥ ସ୍ୱାଇଁ ମହାପାତ୍ର କହୁଥିବା ବେଳେ ବିଭିନ୍ନ ସମସ୍ୟା କାରଣରୁ ଅତୀତରେ ଅନେକ ଥର ରଥଯାତ୍ରା ସ୍ଥଗିତ ରହିଥିବା ମାନ୍ୟବର ପୁରୀ ରାଜା ଇତିହାସ ସୂଚାଇଛନ୍ତି। ରଥଯାତ୍ରା ବନ୍ଦ ହେଲେ ଅମଙ୍ଗଳ ନୁହେଁ ବୋଲି କହିଛନ୍ତି। ପହଣ୍ଡି ଏକ ସମ୍ମିଳିତ ଦଇତାମାନଙ୍କର ଗୋଷ୍ଠୀଗତ କାର୍ଯ୍ୟ ହୋଇ ଏହି ସମୟରେ ସାମାଜିକ ଦୂରତା କିପରି ରକ୍ଷା ହେବ ତାହା ସନ୍ଦେହାଚ୍ଛନ୍ନ ପ୍ରଶ୍ନ ନୁହେଁ କି ? ଯାହା ପ୍ରଭୁ କରିବେ ତାଙ୍କୁ ଜଣା।

-ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପଶ୍ଚିମ ଓଡ଼ିଶାକୁ ପ୍ରଥମେ ଆସିବେ ପଙ୍ଗପାଳ

## ଓୟୁଏଟିରେ ବସିଲା ବୈଠକ

- ଗଠନ ହେବ ଟିମ୍, ଜାରି ହେବ ଏସ୍ଓପି
- ସବୁ ପ୍ରଜାତିର ଝିଣ୍ଟିକା ପଙ୍ଗପାଳ ନୁହନ୍ତି

**ଭୁବନେଶ୍ୱର, ୩୧ା୫(ବ୍ୟୁରୋ)**

ଚିନ୍ତା ବଢ଼ାଇଲାଣି ପାକିସ୍ତାନୀ ପଙ୍ଗପାଳ। ଜୁନ୍ ମାସରେ ଏମାନେ ଓଡ଼ିଶା ପହଞ୍ଚି ଯାଇପାରନ୍ତି ବୋଲି କେନ୍ଦ୍ର ସରକାର ସୂଚନା ଦେଇଛନ୍ତି। ଓଡ଼ିଶାକୁ ଆସିଲେ କ'ଣ ସବୁ ପଦକ୍ଷେପ ନିଆଯିବ ସେଥିପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ରବିବାର ଏନେଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ଏକ ବୈଠକ ବସିଥିଲା। ପରେ ଏ ସମ୍ପର୍କରେ ଓୟୁଏଟିର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଡିନ୍ ପ୍ରଫେସର ଲଳିତ ମୋହନ ଗଡ଼ନାୟକ କହିଛନ୍ତି, ଯଦି ଓଡ଼ିଶାକୁ ପଙ୍ଗପାଳ ଆସନ୍ତି ତେବେ ପଶ୍ଚିମ ଓଡ଼ିଶାକୁ ପ୍ରଥମେ ପ୍ରବେଶ କରିବେ। କିନ୍ତୁ ବର୍ଷା ଆରମ୍ଭ ହେଲେ ଏମାନେ ପଳାଇବେ। ରାଜ୍ୟରେ ପଙ୍ଗପାଳ ମୁକାବିଲା ପାଇଁ ଟିମ୍ ଗଠନ ସହ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜିଓର(ଏସ୍ଓପି) ଜାରି ହେବ। ଓୟୁଏଟି ଓ ବିଦ୍ୟାଧରପୁର ଫାର୍ମର କୀଟ ତତ୍ତ୍ୱବିତ୍‌ଙ୍କୁ ନେଇ ଟିମ୍ ଗଠନ ହେବ। ଜିଲା ଓ ବ୍ଲକ୍ ସ୍ତରରୁ ଦୈନିକ ରିପୋର୍ଟ ସଂଗ୍ରହ କରାଯିବ। ଚାଷୀଙ୍କ ପାଇଁ ମାର୍ଗଦର୍ଶିକା ଜାରି ହେବ। ଏଥିପାଇଁ ଚାଷୀମାନଙ୍କୁ ସଚେତନତା କରାଯିବ।

ସେହିପରି କୃଷି ନିର୍ଦ୍ଦେଶକଙ୍କ ଅଧୀନରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପର୍ଯ୍ୟାପ୍ତ ପରିମାଣର ଔଷଧ, ବଡ଼ ସ୍ପ୍ରେୟର ଓ ଟ୍ରାକ୍ଟର ଦେବା ପାଇଁ ସରକାରଙ୍କୁ କୁହାଯାଇଥିବା ସେ ସୂଚନା ଦେଇଛନ୍ତି। ସେପଟେ ବାଲେଶ୍ୱର ଓ କେନ୍ଦୁଝରରେ ପଙ୍ଗପାଳ ପହଞ୍ଚିଥିବା ଚର୍ଚ୍ଚା ଜୋର୍ ଧରିଛି। ପଙ୍ଗପାଳ ସଦୃଶ ଦେଖାଯାଉଥିବା ବଡ଼ ବଡ଼ ଝିଣ୍ଟିକା ଗଛରେ ଦଳଦଳ ହୋଇ ବସି ପତ୍ରସବୁ ଖାଇ ଯାଉଥିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ପଙ୍ଗପାଳ କଥା ଶୁଣି ଚାଷୀଙ୍କ ମନରେ ଆତଙ୍କ ଖେଳିଯାଇଛି। ଏ ସମ୍ପର୍କରେ ପ୍ରଫେସର ଗଡ଼ନାୟକ କହିଛନ୍ତି, ସବୁ ଝିଣ୍ଟିକା ପଙ୍ଗପାଳ ନୁହନ୍ତି। ତେବେ ପଙ୍ଗପାଳ ଦଳ ବ୍ୟାପକ ଫସଲ ନଷ୍ଟ କରୁଥିବାରୁ ଚାଷୀଙ୍କୁ ସତର୍କ ରହିବା ପାଇଁ ଓୟୁଏଟି ପକ୍ଷରୁ ପରାମର୍ଶ ଦିଆଯାଇଛି।

## ବାଲେଶ୍ୱର, କେନ୍ଦୁଝରରେ ଝିଣ୍ଟିକା ପ୍ରଜାତି କୀଟ

**ବାଲେଶ୍ୱର ଅଫିସ/ କେନ୍ଦୁଝର,୩୧ା୫(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ବଉଲଗଡ଼ିଆ ଅଞ୍ଚଳ ପାହାଡ଼ ପାଦଦେଶ ଓ କେନ୍ଦୁଝର ଜିଲା ସଦର ବ୍ଲକ ଅଞ୍ଚଳରେ ରବିବାର ହଜାର ହଜାର ପଙ୍ଗପାଳ ପ୍ରଜାତିର କୀଟ ଦେଖିବାକୁ ମିଳିଛି। କିଛିଦିନ ଆଗରୁ ରାଜସ୍ଥାନର ବିଭିନ୍ନ ସ୍ଥାନରେ ପଙ୍ଗପାଳଙ୍କ ଉତ୍ପାତ ଚର୍ଚ୍ଚା ଜୋର ଧରିଥିଲା। ଏହି କୀଟ ଗଛପତ୍ର ନଷ୍ଟ କରିବା ସହ ଘରଗୁଡ଼ିକରେ ପଶିଯାଉଥିଲେ। ଏହି କୀଟଙ୍କ ସଂଖ୍ୟା ଅଗଣିତ। ଏଭଳି ପ୍ରଜାତିର କୀଟ ଦେଖାଯିବା ନେଇ ଜନସାଧାରଣ ଭୟଭୀତ ହୋଇପଡିଛନ୍ତି।

ବାଲେଶ୍ୱର ଜିଲା ମୁଖ୍ୟ କୃଷି ଅଧିକାରୀ ସୁଦାମ ନାୟକଙ୍କ କହିବାନୁସାରେ, ଉକ୍ତ କୀଟଗୁଡ଼ିକ ଝିଣ୍ଟିକା ପ୍ରଜାତିର, କିନ୍ତୁ ପଙ୍ଗପାଳ ନୁହନ୍ତି। ୩ଦିନ ପୂର୍ବରୁ ଏହି ଅଞ୍ଚଳକୁ ହଜାର ହଜାର ସଂଖ୍ୟାରେ ଆସିଛନ୍ତି। ବିଶେଷ କରି ବସୁନ୍ଧରା ଓ କେନ୍ଦୁଜାତୀୟ ଗଛ ଉପରେ ଏମାନେ ରହିଥିବା ଦେଖିବାକୁ ମିଳିଛି। ଖବର ମିଳିବା



ବଉଲଗଡ଼ିଆ ଅଞ୍ଚଳସ୍ଥିତ ପାହାଡ଼ ପାଦଦେଶରେ ପଙ୍ଗପାଳ ସଦୃଶ ଝିଣ୍ଟିକା।

ପରେ ରାଣୀତାଲ ରିଜିଓନାଲ ରିସର୍ଚ୍ଚ ସେଣ୍ଟର କୀଟତତ୍ତ୍ୱ ବିଭାଗର ବରିଷ୍ଠ ବୈଜ୍ଞାନିକ ଡ. ଉମାଶଙ୍କର ନାୟକ, କୃଷି ମହାବିଦ୍ୟାଳୟ କୀଟତତ୍ତ୍ୱ ବିଭାଗର ଭୁବନେଶ୍ୱର ମୁଖ୍ୟ ଡ. ପ୍ରଭାତ ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଉକ୍ତ ପ୍ରଜାତି କୀଟ ଉପରେ ଗବେଷଣା କରାଯାଇ ପଙ୍ଗପାଳ ନୁହେଁ ବୋଲି ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ଔପଦା ଗ୍ରାମ୍ୟ କୃଷି କର୍ମଚାରୀ ସୁଶୀଲ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଉକ୍ତ କୀଟଗୁଡ଼ିକ ଉପରେ ନଜର ରଖାଯାଇଥିବା କହିଛନ୍ତି।

ସେହିପରି କେନ୍ଦୁଝର ଜିଲା ସଦର ବ୍ଲକରେ ହଜାର ହଜାର ପଙ୍ଗପାଳ ସଦୃଶ ଝିଣ୍ଟିକା ଦେଖିବାକୁ ମିଳିଛି। ବାସୁଦେବପୁର ଗ୍ରାମ ନିକଟ ଜଙ୍ଗଲରେ ଏଭଳି ଝିଣ୍ଟିକା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସେମାନେ ଜଙ୍ଗଲରେ ଗଛପତ୍ର ଆଦି ଖାଇଦେଉଥିବାରୁ ଚାଷଜମି ଓ ବାଡ଼ିବଗିଚାରେ ପଶି କ୍ଷତି କରିବା ଆଶଙ୍କା କରି ସ୍ଥାନୀୟ ଚାଷୀଙ୍କ ଚିନ୍ତା ବଢିଯାଇଛି। ଏନେଇ ଗ୍ରାମବାସୀ ଫଟୋ ଉଠାଇ କୃଷି ବିଭାଗକୁ ଅବଗତ କରାଇଛନ୍ତି। ସ୍ଥାନୀୟ ଅଞ୍ଚଳର ଉଦ୍ୟାନ ବିଭାଗ ବିଦ୍ୟାର୍ଥୀ ଯଶକେତନ ମହାନ୍ତ କୁହନ୍ତି, ଏସବୁ ପଙ୍ଗପାଳ ଭଳି ଦେଖାଯାଇଥିଲେ ସୁଦ୍ଧା ଏମାନେ ପଙ୍ଗପାଳ ନୁହନ୍ତି। ଏହି ପ୍ରଜାତି କୀଟ ଜଙ୍ଗଲର ଗଛପତ୍ର, ଲତା ଆଦି ନଷ୍ଟ କରିଥାନ୍ତି। ଫସଲକୁ କ୍ଷତି କରନ୍ତି ନାହିଁ। ତେଣୁ ଚାଷୀମାନେ ଭୟ କରିବା ଉଚିତ ନୁହେଁ। ଏହା ଜାଣିବା ପରେ ଚାଷୀମାନେ ଆଶ୍ୱସ୍ତ ହୋଇଛନ୍ତି। ଏହି ପ୍ରଜାତି କୀଟଙ୍କୁ ଦମନ କରିବା ପାଇଁ ସେମାନେ କୀଟନାଶକ ଔଷଧ ସିଞ୍ଚନ କରୁଥିବା ବେଳେ ସ୍ଥାନେ ସ୍ଥାନେ ନିଆଁ ଜାଳି ଘଉଡ଼ାଉଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ୮ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

- ୨ ଗିରଫ, ଚେର ଲମ୍ବିଛି ବାଲେଶ୍ୱରରୁ ଯାଜପୁର



ଗିରଫ ଦୁଇ ବ୍ରାଉନସୁଗାର ବ୍ୟବସାୟୀଙ୍କ ସହ ଅବକାରୀ ଟିମ୍।

**ଭଦ୍ରକ ଅଫିସ, ୩୧ା୫:** ଭଦ୍ରକ ଜିଲା ଚରମ୍ପା ଓଭରବ୍ରିଜ ନିକଟରୁ ରବିବାର ସକାଳେ ୮୧ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ବିଭାଗର ସ୍ୱତନ୍ତ୍ର ଟିମ୍ ଗିରଫ କରିଛି। ସେମାନେ ହେଲେ ଗୁଆମାଳ ଗାଁର ବଂଶୀଧର ନାଥ ଓ ଅନ୍ୟ ଜଣେ ହେଲେ ବାଲିବିଲ ଗାଁର ଆଶିଷ ମଲିକ। ଜବତ ବ୍ରାଉନସୁଗାରର ମୂଲ୍ୟ ୮ ଲକ୍ଷ ହେବ। ଭଦ୍ରକ ଜିଲାରେ ଧଳା ଜହର କାରବାର ବ୍ୟାପକ ମାତ୍ରାରେ ବଢ଼ିବାରେ ଲାଗିଛି। ପଡ଼ୋଶୀ ଜିଲା ବାଲେଶ୍ୱରରୁ ଏହା ଅଣାଯାଇ ସହରର ନିର୍ଦ୍ଦିଷ୍ଟ କିଛି ସ୍ଥାନରେ ବିକ୍ରି କରାଯାଉଛି। ଏହାକୁ ନଜରରେ ରଖି କେନ୍ଦ୍ରୀୟ ଅବକାରୀ ଗୋଇନ୍ଦା ବିଭାଗର ଏକ ଟିମ୍ ସମ୍ପୂର୍ଣ୍ଣ ଭାବେ ବ୍ରାଉନସୁଗାର ବେପାରୀଙ୍କ ଉପରେ ନଜର ରଖିଥିଲା। ରବିବାର ୨ଜଣ ଏକ ବାଇକ ଯୋଗେ ବ୍ରାଉନସୁଗାର ନେଇଯାଉଥିବା ବେଳେ ପୂର୍ବରୁ ଛକି ରହିଥିବା ଏହି ଟିମ୍ ଚରମ୍ପା ଓଭରବ୍ରିଜ ନିକଟରେ ଧରିଥିଲା। ଖୋଲତାଡ଼ କରିବା ପରେ ସେମାନଙ୍କ ନିକଟରୁ ୮୧ଗ୍ରାମ ବ୍ରାଉନସୁଗାର ସହ ବାଇକ ଜବତ କରାଯାଇଛି। ଏହି ଦୁଇଜଣ ଜଲେଶ୍ୱରରୁ ବ୍ରାଉନସୁଗାର ଆଣି ଭଦ୍ରକ ଓ ଯାଜପୁର ଜିଲାରେ ବ୍ୟବସାୟ କରୁଥିଲେ। ଲକ୍‌ଡାଉନ ବେଳେ ମଦ ଦୋକାନ ବନ୍ଦ ଥିବାରୁ ଏମାନେ ଅଧିକ ସକ୍ରିୟ ହୋଇଥିଲେ ବୋଲି କେନ୍ଦ୍ରାଞ୍ଚଳ ଗୋଇନ୍ଦା ଅବକାରୀ ନିରୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲ ସୂଚନା ଦେଇଛନ୍ତି। ଦୁହିଁଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

### ୧୭ହଜାର କୋଟି ଖର୍ଚ୍ଚ ପୂର୍ବରୁ ବିଧାନସଭା ଡାକ: ନିରଞ୍ଜନ

**ଭୁବନେଶ୍ୱର, ୩୧ା୫(ବ୍ୟୁରୋ):** କରୋନା ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୧୭ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ମାତ୍ର ସରକାରଙ୍କ ଏହି ପ୍ୟାକେଜ ଘୋଷଣାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସମାଲୋଚନା କରିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି, ୧୭ହଜାର କୋଟି ଟଙ୍କାର ଘୋଷଣା ଏକ ପ୍ରହସନ। ମନ୍ତ୍ରୀ ପରିଷଦ ଏବଂ କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କରେ ପ୍ରସ୍ତାବ ଆସିବା ଦିନକ ଆଗରୁ ସବୁ ବିଭାଗ ପାଖକୁ ସରକାର କେଉଁ ବାବଦରେ କେତେ ଅର୍ଥ ଖର୍ଚ୍ଚ କରିବେ, ସେନେଇ ଯଦି ନିଷ୍ପତ୍ତି ନିଆସରିଥିଲା। ତେଣୁ ମନ୍ତ୍ରୀ ପରିଷଦ ବୈଠକ ଡାକିବାର କ'ଣ ଆବଶ୍ୟକତା ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ନିରଞ୍ଜନ କହିଛନ୍ତି ଯେ,ରାଜ୍ୟ ସରକାର ଘୋଷଣା କରିଥିବା କୃଷି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଭଳି ଅନ୍ୟାନ୍ୟ ସହାୟତା କେବଳ ଅବୋଲକରାର କାହାଣୀ। ସରକାର ଉଚିତ ସମୟରେ ଠିକ ପଦକ୍ଷେପ ନେଇନାହାନ୍ତି। ଘୋଷଣା ହୋଇଥିବା ୧୭ହଜାର କୋଟି କେମିତି ଖର୍ଚ୍ଚ ହେବ ବିଧାନସଭା ଡାକି ଆଲୋଚନା କରାଗଲେ ଭଲ ହୁଅନ୍ତା ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟରେ ମୋଟ ୪୦ଲକ୍ଷ ଶ୍ରମିକ ଅଛନ୍ତି। ସେମାନଙ୍କ ହାତକୁ ୭ରୁ ୮ ହଜାର ଟଙ୍କା ଲେଖାଏ ଦିଆଯାଉ। ନଚେତ୍ ୨୦୦ଦିନ ଲାଗି ଏମାନଙ୍କୁ ଅତିକମ୍‌ରେ ୩୦୦ଟଙ୍କା ହାରରେ ମଜୁରି ପ୍ରଦାନ କରାଗଲେ ସରକାରଙ୍କ ୨୪ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି।

# କରୋନା ରୋଗୀଙ୍କ ଅସ୍ତ୍ରୋପଚାର ପରେ ମୃତ୍ୟୁ ଆଶଙ୍କା ଅଧିକ

**ଲଣ୍ଡନ,୩୧ା୫**



କରୋନା ରୋଗୀମାନଙ୍କର ଅସ୍ତ୍ରୋପଚାର ପରେ ମୃତ୍ୟୁ ହେବା ଆଶଙ୍କା ଅଧିକ। ଏସିଆ, ଆଫ୍ରିକା ଏବଂ ଉତ୍ତର ଆମେରିକାର ୨୩୫ ଡାକ୍ତରଖାନାର ୧,୧୨୮ ରୋଗୀଙ୍କ ତଥ୍ୟକୁ ଅନୁଧ୍ୟାନ କରାଯିବା ପରେ ଏକ ବିଶ୍ୱସ୍ତରୀୟ ଅଧ୍ୟୟନ ଏହା ପ୍ରକାଶ କରିଛି। ଏହି ଅଧ୍ୟୟନ ବର୍ମିଂହାମ୍ ବିଶ୍ୱବିଦ୍ୟାଳୟ ଅଧୀନ 'ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେଲ୍‌ଥ ରିସର୍ଚ୍ଚ'ର ବିଶେଷଜ୍ଞଙ୍କ ଦ୍ୱାରା ହୋଇଛି, ଯାହାକି ମେଡିକାଲ ଜର୍ନାଲ 'ଦ ଲାନ୍‌ସେଟ୍'ରେ ପ୍ରକାଶ ପାଇଛି। ସେଥିରେ ଦର୍ଶାଯାଇଛି ଯେ, ଅସ୍ତ୍ରୋପଚାର କରୁଥିବା ସଂକ୍ରମିତ ରୋଗୀଙ୍କ ମଧ୍ୟରେ ମୃତ୍ୟୁହାର ଅଧିକ।

ଅଧ୍ୟୟନରେ ସମୁଦାୟ ୩୦ ଦିନିଆ ମୃତ୍ୟୁହାର ୨୩.୮% ଥିଲା। ବିଭିନ୍ନ ସର୍ଜରିକୁ ତୁଳନା କଲେ ମୃତ୍ୟୁହାରରେ ଅସମାନତା ଦେଖିବାକୁ ମିଳିଛି। ସେଥିମଧ୍ୟରେ ଇଲେକ୍ଟିଭ ସର୍ଜରି ମୃତ୍ୟୁହାର ୧୮.୯%, ଏମାର୍ଜେନ୍ସି ସର୍ଜରି ୨୫.୬%, ଆପେଣ୍ଡେକ୍ଟୋମି କିମ୍ବା ହର୍ନିଆ ରିପାୟର ଭଳି ମାଇନର ସର୍ଜରି ୧୬.୩% ଏବଂ ହିପ୍ ସର୍ଜରି କିମ୍ବା କୋଲନ୍ କର୍କଟ ସର୍ଜରି ଭଳି ମେଜର ସର୍ଜରି ମୃତ୍ୟୁହାର ୨୬.୯% ରହିଛି। ମହିଳାମାନଙ୍କ ମୃତ୍ୟୁହାର (୧୮.୨%) ତୁଳନାରେ ପୁରୁଷଙ୍କ ମୃତ୍ୟୁହାର (୨୮.୪%) ଅଧିକ। କେବଳ ଏତିକି ନୁହେଁ, ୭୦ ବର୍ଷରୁ ଅଧିକ ବୟସ୍କଙ୍କ ମୃତ୍ୟୁହାର ୩୩.୭ ପ୍ରତିଶତ ଏବଂ ୭୦ ବର୍ଷରୁ କମ୍ ବୟସ୍କଙ୍କ ମୃତ୍ୟୁହାର ୧୩.୯ ପ୍ରତିଶତ ରହିଛି। ଯେଉଁମାନଙ୍କର କର୍କଟ ଚିକିତ୍ସା କିମ୍ବା ଅସ୍ତ୍ରୋପଚାର କଲା ଭଳି ଗୁରୁତର ରୋଗ ରହିଛି, ସେହି ରୋଗୀମାନଙ୍କ ମୃତ୍ୟୁ ହେବାର ସମ୍ଭାବନା ଅଧିକ। କାରଣ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ପ୍ରାୟତଃ ଦୁର୍ବଳ ହୋଇଯାଇଥାଏ।

ଅଧ୍ୟୟନରେ ଭାଗ ନେଇଥିବା ବର୍ମିଂହାମ ବିଶ୍ୱବିଦ୍ୟାଳୟ ଆନିଲ୍ ଭଙ୍ଗୁ କହିଛନ୍ତି, ଆମେ ସାଧାରଣତଃ ଆଶା କରିଥାଉ ଯେ, ଛୋଟ କିମ୍ବା ଇଲେକ୍ଟିଭ ସର୍ଜରି କରୁଥିବା ରୋଗୀଙ୍କ ମୃତ୍ୟୁହାର ୧ ପ୍ରତିଶତରୁ କମ୍ ହେବ। କିନ୍ତୁ ଆମ ଅଧ୍ୟୟନରୁ ଜଣାପଡ଼ିଛି ଯେ, କରୋନା ରୋଗୀମାନଙ୍କ ମଧ୍ୟରେ ଏହି ମୃତ୍ୟୁହାର ବହୁତ ଅଧିକ। ଉଭୟ ଛୋଟ ଅସ୍ତ୍ରୋପଚାର କ୍ଷେତ୍ରରେ ମୃତ୍ୟୁହାର ୧୬.୩% ଥିବାବେଳେ ଇଲେକ୍ଟିଭ ସର୍ଜରି କ୍ଷେତ୍ରରେ ମୃତ୍ୟୁହାର ୧୮.୯% ରହିଛି। ବାସ୍ତବରେ ମହାମାରୀ ପୂର୍ବରୁ ସଙ୍କଟାପନ୍ନ ଥିବା ରୋଗୀଙ୍କ ତୁଳନାରେ ଏହି ମୃତ୍ୟୁହାର ଅଧିକ ବୋଲି ଭଙ୍ଗୁ କହିଛନ୍ତି।

ଅନ୍ୟତମ ଅଧ୍ୟୟନକାରୀ ଦିମିତ୍ରୀ ନେପୋଗୋଡିଏଭ କହିଛନ୍ତି ଯେ, କରୋନା ସଂକ୍ରମଣ ଦୃଷ୍ଟିରୁ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଯୋଗୁ ସାରା ବିଶ୍ୱରେ ୨.୮୪ କୋଟି ଇଲେକ୍ଟିଭ ସର୍ଜରି ବାତିଲ କରାଯାଇଛି। ବର୍ତ୍ତମାନ ସରକାର ଏବଂ ସ୍ୱାସ୍ଥ୍ୟ ପ୍ରଦାନକାରୀଙ୍କ ଦ୍ୱାରା ପୁଞ୍ଜି ବିନିଯୋଗର ଜରୁରୀ ଆବଶ୍ୟକତା ରହିଛି। ଫଳରେ ରୋଗୀଙ୍କ ନିରାପତ୍ତାକୁ ପ୍ରାଥମିକତା ଦିଆଯାଇ ପୁନର୍ବାର ସର୍ଜରି ଆରମ୍ଭ କରାଯାଇପାରିବ ବୋଲି ଦିମିତ୍ରୀ କହିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍: ଯାଜପୁର ୪ର୍ଥ ସ୍ଥାନକୁ ଉନ୍ନୀତ

**ଯାଜପୁର ଅଫିସ,୩୧ା୫**

**ଶ୍ରମିକଙ୍କୁ କାମ ଯୋଗାଣ**

ଲକ୍‌ଡାଉନ ପରେ ଗରିବ ଓ ଶ୍ରମିକ ଶ୍ରେଣୀର ଲୋକେ କାମଧନ୍ଦା ହରାଇ ଗୁରୁତର ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ସେମାନଙ୍କ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ବେଶ୍ ସହାୟକ ହୋଇପାରିଛି। ଯାଜପୁର ଜିଲା ଶ୍ରମିକମାନଙ୍କୁ ମାସକ ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଯୋଗାଇ ଦେଇ ଏକ ରେକର୍ଡ ସୃଷ୍ଟି କରିଛି। ମେ ୮ ସୁଦ୍ଧା ୭୨,୬୨୦ କର୍ମଦିବସ ସୃଷ୍ଟି ହୋଇଥିଲାବେଳେ ୩୧ ସୁଦ୍ଧା ୨,୪୨,୪୨୧ କର୍ମଦିବସରେ ପହଞ୍ଚିଛି। ଏହି ଆଧାରରେ ରାଜ୍ୟରେ ଯାଜପୁର ଜିଲା ୨୦ ନମ୍ବର ସ୍ଥାନରୁ ମାସକ ମଧ୍ୟରେ ୪ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଛି। ଯାଜପୁର ଜିଲା ଉପରକୁ କ୍ରମାଗତ ଭାବେ ସୁନ୍ଦରଗଡ଼, ପୁରୀ ଓ ଢେଙ୍କାନାଳ ଜିଲା ରହିଛି। ଅନ୍ୟପକ୍ଷେ କେନ୍ଦ୍ରାପଡ଼ା, ଗଜପତି, କୋରାପୁଟ, ବୌଦ୍ଧ, ବାଲେଶ୍ୱର କ୍ରମାଗତ ଭାବେ ନିମ୍ନରେ ରହିଛି। ମେ ୩୧ ସୁଦ୍ଧା ଯାଜପୁରରେ ୭୯% ଅଗ୍ରଗତି ହୋଇଛି। ୩୦୪୭ଟି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିରେ ପୋଖରୀ ଖନନ, ରାସ୍ତା ଉନ୍ନତୀକରଣ, କେନାଲର ପୁନରୁଦ୍ଧାର ଆଦି କାର୍ଯ୍ୟ କରାଯାଉଛି। ଜଳଛାୟା ପ୍ରକଳ୍ପରେ ଫାର୍ମପଣ୍ଡ ଖନନ ପାଇଁ୩୨୪୦ଟିପ୍ରକଳ୍ପ ମଞ୍ଜୁର ହୋଇଛି। ଏ ସଂକ୍ରାନ୍ତରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ କୁହନ୍ତି, ଲୋକଙ୍କୁ କାମଧନ୍ଦା ବିଷୟରେ ସଚେତନ କରି ସରପଞ୍ଚମାନଙ୍କୁ କାର୍ଯ୍ୟର ଅଗ୍ରଗତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାବାଦ୍ ଯେଉଁମାନେ ସହଯୋଗ କରି ନଥିଲେ ସେହି ଅଧିକାରୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଭଳି ଭାବେ ଜିଲାରେ ଏମ୍‌ଜିଏନ୍‌ଆରଇଜିଏସ୍ ସଫଳତା ହାସଲ କରିପାରିଛି। ଆଗାମୀ ଦିନରେ ମଧ୍ୟ ନମ୍ବର-୧ ହେବାକୁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।

# ଡାଇବେଟିସ୍ ରୋଗୀଙ୍କ ପାଇଁ ଆମ୍ବ

**ଫଳାଇଲେ ଜୁନାଗଡ଼ ଚାଷୀ**

**ଜୁନାଗଡ଼:** ଏଣିକି ମନଇଚ୍ଛା ଆମ୍ବ ଖାଇପାରିବେ ଡାଇବେଟିସ୍ ରୋଗୀ। କଥାଟା ନିହାତି ଭାବେ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ଏହାକୁ କରି ଦେଖାଇଛନ୍ତି ଗୁଜରାଟ ଜୁନାଗଡ଼ ଜିଲାର ଆମ୍ବଚାଷୀ। ଏଠାରେ ପ୍ରଥମ ଥର ଲାଗି ଉତ୍ପାଦନ କରାଯାଇଛି ଫ୍ଲୋରିଡ଼ା ପ୍ରଜାତିର ଆମ୍ବ, ଯାହାର ସ୍ୱାଦ ଡାଇବେଟିସ୍ ରୋଗୀମାନେ ନେଇପାରିବେ ବୋଲି ଆଶ୍ୱାସନା ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ।

ମଧୁମେହରେ ପୀଡ଼ିତ ବ୍ୟକ୍ତିଙ୍କୁ ଆମ୍ବ ଖାଇବାକୁ ବାରଣ କରିଥାନ୍ତି ଡାକ୍ତର। ଏହି ରସାଳ ଫଳରେ ଅତ୍ୟଧିକ ମାତ୍ରାରେ ଶର୍କରା ଥିବାରୁ ଏହା ରୋଗୀଙ୍କ ପ୍ରତି ବିପଦ ସୃଷ୍ଟି କରିଥାଏ। ଏହାକୁ ନଜରରେ ରଖି ଆମେରିକାର ଫ୍ଲୋରିଡ଼ାରେ ସ୍ୱତନ୍ତ୍ର ପ୍ରଜାତିର ଆମ୍ବ ଉତ୍ପାଦନ କରାଯାଉଛି। ବାଇଗଣୀ ରଙ୍ଗ ବିଶିଷ୍ଟ ଏହି ଆମ୍ବରେ କମ୍ ଶର୍କରା ଏବଂ ପ୍ରଚୁର ଫାଇବର ଅଛି। ତେଣୁ ଭାରତ ବଜାରରେ ଏହାର ଚାହିଦା ବଢ଼ିବାରେ ଲାଗିଛି।

ଫଳ ଭିତରେ ରାଜା ହେଉଛି ଆମ୍ବ। ଏହି ସ୍ୱାଦିଷ୍ଟ ଫଳକୁ ନେଇ ଭାରତୀୟଙ୍କ ମଧ୍ୟରେ ଥିବା ଦୁର୍ବଳତା କାହାରିକୁ ଅଛପା ନାହିଁ। ବିଶେଷକରି ବ୍ୟବସାୟିକଭିତ୍ତିରେ ଚାଷ କରାଯାଉଥିବା ଆଖୁରସ, ଦଶେରୀ ପ୍ରଜାତିର ଆମ୍ବ ଅନ୍ତର୍ଜାତୀୟ ବଜାରରେ ଭଲ ବ୍ୟବସାୟ କରୁଛି। ସାରା ପୃଥିବୀରେ ୨୦୦୦ ପ୍ରଜାତିର ଆମ୍ବ ଦେଖିବାକୁ ମିଳୁଥିବା ବେଳେ ଭାରତରେ ୧୦୦୦ ପ୍ରକାର ଆମ୍ବ ଚାଷ ହୋଇଥାଏ। ହେଲେ ଡାଇବେଟିସ୍ ରୋଗୀଙ୍କ ଖାଇବା ଭଳି ଆମ୍ବ ଭାରତରେ କ୍ୱଚିତ ରହିଛି। ତେଣୁ ଅଧିକାଂଶ ମଧୁମେହ ରୋଗୀ ଇଚ୍ଛାଥିଲେ ବି ଆମ୍ବ ଖାଇବାରୁ ବଞ୍ଚିତ ହେଉଛନ୍ତି। ହେଲେ ଜୁନାଗଡ଼ରୁ ଉତ୍ପାଦନ ହେଉଥିବା ଆମ୍ବ ଏବେ ଏହି ସମସ୍ୟାକୁ ଦୂର କରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଜୁନାଗଡ଼ ଜିଲାର ମାଲିୟା ହାଟି ତାଲୁକା ଅନ୍ତର୍ଗତ ଜଳନ୍ଧର ଗ୍ରାମର ଦୀନେଶଭାଇ ଗାଦେଚାଙ୍କ ଏକ ଆମ୍ବ ଫାର୍ମ ଅଛି। ୨୦ ପ୍ରଜାତିର ୪୬୫ଟି ଗଛରୁ ସେ ଆମ୍ବ ଉତ୍ପାଦନ କରିଥାନ୍ତି। ଭାରତରେ ଡାଇବେଟିସ୍ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଏହି ପ୍ରଜାତିର ଆମ୍ବର ଚାହିଦା ମଧ୍ୟ ବଢ଼ିବ ବୋଲି ସେ କହିଛନ୍ତି।

## ଯାଜପୁର ଜିଲାରେ ୧୦ ନୂଆ କରୋନା ସଂକ୍ରମିତ

**ଯାଜପୁର ଅଫିସ, ୩୧ା୫**

ଯାଜପୁର ଜିଲାରେ ରବିବାର ୧୦ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ରସୁଲପୁର ବ୍ଲକ ଅତଳାପୁର ଗ୍ରାମର ୪୧ ବର୍ଷୀୟ ପୁରୁଷ ଦୁବାଇ ଫେରନ୍ତା, ବିରଜାପୁରର ୪୨ ବର୍ଷୀୟ ପୁରୁଷ ଓ ହରିପୁରର ୨୫ ବର୍ଷୀୟ ପୁରୁଷ ସୁରଟ ଫେରନ୍ତା, ଏକତଳାର ୬୦ ବର୍ଷୀୟ ପୁରୁଷ, ମୁଗୁପାଳର ୬୫ ବର୍ଷୀୟ ପୁରୁଷ, ସାନାରମ୍ଭେଇର ୭୦ ବର୍ଷୀୟ ପୁରୁଷ ଓ ଗୋରୁଆଳର ୫୫ ବର୍ଷୀୟ ପୁରୁଷ କୋଲକୋତା ଫେରନ୍ତା, କୋରେଇ ବ୍ଲକ ମଙ୍ଗଳପୁରର ୨୫ ବର୍ଷୀୟ ପୁରୁଷ ସୁରଟ ଫେରନ୍ତା, ଯାଜପୁର ବ୍ଲକ କୁସୁନପୁରର ୪୦ ବର୍ଷୀୟ ପୁରୁଷ ସୁରଟ ଫେରନ୍ତା ଏବଂ ଦାନଗଦି ବ୍ଲକର ୨୭ ବର୍ଷୀୟ ପୁରୁଷ ଦୁବାଇ ଫେରନ୍ତା ବୋଲି ସୂଚନା ମିଳିଛି।

# ଘରୋଇ କଳହରୁ ମା'ଙ୍କୁ ପିଟି ମାରିଲା ପୁଅ

**ଧାମନଗର,୩୧ା୫(ଡି.ଏନ.ଏ.)**

ଘରୋଇ କଳହକୁ କେନ୍ଦ୍ର କରି ମା'ଙ୍କୁ ପିଟି ପିଟି ହତ୍ୟା କରି ପୁଅ ବିଲରେ ଫିଙ୍ଗିଦେବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା କାଶିମପୁର ଗ୍ରାମରେ ଏହି ଘଟଣା ଘଟିଛି। ପୋଲିସ ଏକ ହତ୍ୟା ମାମଲା (ନଂ.୯୪/୨୦) ରୁଜୁ କରି ଅଭିଯୁକ୍ତ ସାନ ପୁଅ ନିରଞ୍ଜନ ଜେନାଙ୍କୁ ଗିରଫ କରିଛି। ମୃତକ ହେଲେ ମାତାଜୀ ଜେନା (୬୦)। ପୋଲିସ ସୂଚନା ଅନୁଯାୟୀ, ନିରଞ୍ଜନକୁ ନେଇ ପରିବାରରେ ସବୁବେଳେ କଳହ ହୋଇଆସୁଥିଲା। ଗତ ୨୮ ତାରିଖରେ ନିରଞ୍ଜନ ଏବଂ ମା' ମାତାଜୀଙ୍କ ମଧ୍ୟରେ ମାଡ଼ଗୋଳ ହୋଇଥିଲା। ନିରଞ୍ଜନ ମା'ଙ୍କୁ ହତ୍ୟା ଧମକ ଦେଇଥିଲେ ବୋଲି ତାଙ୍କ ବାପା ଅନାଦି ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୨୯ ତାରିଖ ସନ୍ଧ୍ୟାରେ ମାତାଜୀ ନିରଞ୍ଜନଙ୍କ ସହିତ ବାପଘରକୁ ଯିବାକୁ କହି ଘରୁ ବାହାରିଥିଲେ। ବାଟରେ ମା' ପୁଅ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ ନିରଞ୍ଜନ ମାତାଜୀଙ୍କୁ ପିଟି ହତ୍ୟା କରିବାପରେ ବିଲକୁ ଫିଙ୍ଗି ଦେଇଥିଲେ। ଅନ୍ୟପକ୍ଷେ ଅନାଦି ଶ୍ୱଶୁରଘରକୁ ଫୋନ କରିବାରୁ ତାଙ୍କ ସ୍ତ୍ରୀ ସେଠାକୁ ଯାଇ ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ଖୋଜାଖୋଜି ଆରମ୍ଭ ହୋଇଥିଲା। ମାତାଜୀଙ୍କର ମୃତଦେହ ପଛାଲୋ ନିକଟ ବିଲରେ ପଡିଥିବା ଶନିବାର ସନ୍ଧ୍ୟାରେ ଖବର ମିଳିଥିଲା। ରବିବାର ସକାଳେ ପୋଲିସ ମୃତଦେହ ଜବତ କରିଥିଲା।

# ସ୍ନାନମଣ୍ଡପ ବୁଲିଲେ, ନାଟମଣ୍ଡପ ସ୍ଥିତି ପରଖିଲେ

**ପୁରୀ ଅଫିସ,୩୧ା୫**

**ଶ୍ରୀମନ୍ଦିରରେ ଏଏସ୍ଆଇ ଟିମ୍**



ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ଏକ ଟିମ୍ ରବିବାର ଶ୍ରୀମନ୍ଦିରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୂର୍ବାହ୍ନରେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକଙ୍କ ନେତୃତ୍ୱରେ ୩ଜଣିଆ ଟିମ୍ ପ୍ରଥମେ ସ୍ନାନମଣ୍ଡପ ବୁଲିଥିଲେ। ଆସନ୍ତା ୫ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପରେ ବିଜେକରି ପ୍ରତ୍ୟକ୍ଷ ସ୍ନାନ କରିବେ ମହାପ୍ରଭୁ। ତେଣୁ ସ୍ନାନମଣ୍ଡପରେ ଏଏସ୍ଆଇ ପକ୍ଷରୁ ଯେଉଁସବୁ ମରାମତି କାମ କରାଯିବା କଥା ତାହା ଶେଷ ହୋଇଛି। ୬୦ଟି ପଥର ବଦଳା ଯାଇଛି। ଏହିସବୁ କାମ ଠିକ୍‌ଠାକ୍ ହୋଇଛି ନା ନାହିଁ ତାହାର ଅନୁଧ୍ୟାନ କରିଥିଲେ ମଲ୍ଲିକ। ଏହାପରେ ଶ୍ରୀମନ୍ଦିରରେ ଚାଲିଥିବା ରୁଟିନ୍ କାମର ସ୍ଥିତି ପରଖିଥିଲେ। ବିଶେଷକରି ବର୍ତ୍ତମାନ ନାଟମଣ୍ଡପର ଯେଉଁ କାମ ଚାଲିଛି ତାହାକୁ ବୁଲି ଦେଖିଥିଲେ। ନାଟମଣ୍ଡପ ଛାତରୁ ପାଣି ଗଳୁଥିବାରୁ ତାହାର ମରାମତି ଚାଲିଛି। ଛାତର ପ୍ଲାଷ୍ଟର ଖୋଲାଯାଇ ୱାଟର ପ୍ରୁଫିଙ୍ଗ କାମ ଜାରି ରହିଛି। ସେହିପରି ବିଭିନ୍ନ ସ୍ଥାନରୁ ଛାଡ଼ିଥିବା ପ୍ଲାଷ୍ଟର ଖଣ୍ଡ ମରାମତି କରାଯାଉଛି। ଆଉ କେତେକ ସ୍ଥାନରେ ଗ୍ରାଉଟିଂ ଚାଲିଛି। ଏହି ସମସ୍ତ କାମକୁ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ବୁଲି ଦେଖିଛନ୍ତି। ଏତଦ୍‌ବ୍ୟତୀତ ରଥଯାତ୍ରା ସମୟରେ ଗର୍ଭଗୃହ ଯାଞ୍ଚ କରାଯାଇଥାଏ। ଚଳିତବର୍ଷ ଗର୍ଭଗୃହ ଯାଞ୍ଚ କିଭଳି କରାଯିବ ତାହାର ପ୍ରସ୍ତୁତି ସମ୍ପର୍କରେ ଏଏସ୍ଆଇ କର୍ମଚାରୀ ଏବଂ ଇଞ୍ଜିନିୟରଙ୍କ ସହ ମଧ୍ୟ ସେ ଆଲୋଚନା କରିଛନ୍ତି। ଏହି ଟିମ୍‌ରେ କନିଷ୍ଠ ସଂରକ୍ଷଣ ସହାୟକ ପ୍ରଭାତ ମିଶ୍ର, ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ମଲ୍ଲିକ କହିଛନ୍ତି, ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ମରାମତି କାମ ପ୍ରାୟ ଶେଷ ହୋଇଛି। ସେହିପରି ବର୍ଷତମାମ୍ ଯେଉଁ ରୁଟିନ କାର୍ଯ୍ୟ ହୁଏ ତାହା ବି କରାଯାଉଛି।

**ପ୍ରଗତିପଥେ ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା**

1. ସଙ୍ଗରୋଧ କେନ୍ଦ୍ରଗୁଡିକର ପୁନରୁଦ୍ଧାର, 2. ସହରକୁ ବିଶୁଦ୍ଧୀକରଣ, 3. ପୋଖରୀ ଓ ହୁଡାର ପୁନରୁଦ୍ଧାର, 4. ଗୋଷ୍ଠୀ ଶୌଚାଳୟର କାର୍ଯ୍ୟ ସମାପନ, 5. ନୂତନ ପେବର ରାସ୍ତାର ନିର୍ମାଣ । **ପ୍ରସ୍ତାବିତ ନିର୍ମାଣ କାର୍ଯ୍ୟ:** a. ନୂତନ ଭେଣ୍ଡିଂ ଜୋନ୍, b. ମାଛ ମାର୍କେଟ, c. ଟାଉନହଲ, d. ଶିଶୁ ଉଦ୍ୟାନ, e. ଆଧୁନିକ ମଶାଣି ଘର, f. ଶୟନାଗାର । ତତ୍‌ସହିତ କୋଦଳା ଏନ୍.ଏ.ସି.ର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ମହାମାରୀ କରୋନା ସଂକ୍ରମଣରୁ ନିଜକୁ ଓ ନିଜ ପରିବାରକୁ ସୁରକ୍ଷା ଦେବାକୁ ସାମାଜିକ ଦୂରତ୍ୱ ବଜାୟ ରଖନ୍ତୁ । ମାସ୍କ ପିନ୍ଧନ୍ତୁ, ଅଳିଆ ଆବର୍ଜନା ଏନ୍.ଏ.ସି.ର ଗାଡିରେ ହିଁ ଦିଅନ୍ତୁ । ବାହାରେ ମଳତ୍ୟାଗ କରନ୍ତୁ ନାହିଁ, ଠିକ୍ ସମୟରେ କାର୍ଯ୍ୟାଳୟର ଦୋକାନ ଓ ଘର ପାନ୍ତୁ ପୈଠ କରନ୍ତୁ, ବିନା ଅନୁମତିରେ ନୂତନ ଘର ନିର୍ମାଣ କରନ୍ତୁ ନାହିଁ।
- ଆପଣଙ୍କ ସହରକୁ ସବୁଜ ସୁନ୍ଦର କରିବାରେ ଆପଣଙ୍କ ସହଯୋଗ ଆମର ଏକାନ୍ତ କାମ୍ୟ ।
- ସ୍ୱଚ୍ଛ କୋଦଳା, ସୁନ୍ଦର କୋଦଳା ।

ପ୍ରଶାସକ, ସସ୍ମିତ କୁମାର ରାଉତ, ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା, ଗଞ୍ଜାମ
ନିର୍ବାହୀ ଅଧିକାରୀ, ସୁଜିତ କୁମାର ଚୌଧୁରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା, ଗଞ୍ଜାମ

**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN:-764051
Phones: 06861-232581 (O)/232659 (O), FAX: 06861-232541, E-mail: unit.head_balimela@yahoo.com
REGD. OFFICE: ODISHA HYDRO POWER CORPORATION LIMITED
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22
Tel.-91+0674-2542983, 2542802, 2545526, Fax: 2542102, TELEGRAM: HYDROPOWER
E-MAIL: ohpc.co@gmail.com/md@ohpcltd.com, Web: www.ohpcltd.com
CIN:U40101OR1995SGC003963

**TENDER CALL NOTICE**

TENDER CALL NOTICE NO: BHEP-06/2020-21, DATED 27.05.2020

No.CAD-91:- Sealed tenders are invited in two part bid basis (Techno-Commercial Bid & Price Bid) from the Manufactuers/Authorized Dealers having valid Firm Registration Certificate issued by Govt. Authority with IT PAN and GST Registration Certificate as per eligibility criteria for the following work of BHEP, Balimela.

| Sl.No. | Description of work | Cost of tender paper in Rs. | EMD in Rs. |
|---|---|---|---|
| 1 | Procurement of (04) Sets of 245 KV Class, 2000 Amp SCB isolator moving contact assembly set of 3 poles with insulators and all accessories (02 sets with earth swith+02 sets without earth switch) for 220KV switchyard of BHEP, Balimela. | Rs.4720/- (Rs.4,000/- + GST @18%) (Non Refundable) | Rs.9,000/- |

The sale of tender paper will be from : Dtd.02.06.2020 to 13.00 hrs. on dt.20.06.2020
The last date & time of receipt of tender : Upto 16.00 hrs. on dtd. 20.06.2020
The date and time of opening of technical bid of tender: At 16.30 hrs. on dtd. 20.06.2020
For details of tender documents, terms and conditions, eligibility criteria and downloading, please visit our website at www.ohpcltd.com

Sd./- C& P Head, BHEP, Balimela
OIPR-04019/11/0006/2021

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**DHANLAXMI FINANCE LIMITED**
(Reg. No. KA08FS113 )
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

**VINOYANA FINANCE**
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**DHANLAXMI BANK LTD.** REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
**Shinghania Tower**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର, ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ:60 ଲକ୍ଷ
ଭଡ଼ା:45 ହଜାର
+ ମାସିକ ୨୦ ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
08871-84570

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଯୋଦ୍ଧାର ସମ୍ମାନ, ଖାକିରେ ଦାଗ

## ହାତଗଣତି ଅଫିସରଙ୍କ ପାଇଁ ବଦନାମ ପୋଲିସ

**ଲୋକଙ୍କ ଧନଜୀବନର ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା ହେଉଛି ପୋଲିସର ପ୍ରଥମ କାମ। ଏଥିପାଇଁ ଖାକିକୁ ଆବଶ୍ୟକ ଆଇନଗତ କ୍ଷମତା ଦିଆଯାଇଛି। ଜଣେ ସଚ୍ଚୋଟ, ଦକ୍ଷ ତଥା ନିଷ୍ଠାପର ପୋଲିସକୁ ସମାଜ ସବୁବେଳେ ସମ୍ମାନ କରୁଛି। ଏବେ କରୋନା ଭଳି ସଂକଟଜନକ ସ୍ଥିତିରେ ଆଗଧାଡ଼ିର ଯୋଦ୍ଧା ସାଜିଥିବା ବହୁ ପୋଲିସ ଭଲ କାମ କରି ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା ସାଉଣ୍ଟିଛନ୍ତି। ସମାଜକୁ ବିପଦ ମୁହଁରୁ ରକ୍ଷା କରିବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଖାକିର ମର୍ଯ୍ୟାଦାକୁ ଢେର୍ ଉଚ୍ଚକୁ ନେଇଛନ୍ତି। ଏହି ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆଜି ବି ଓଡ଼ିଶାବାସୀ ସାଲ୍ୟୁଟ୍ କରୁଛନ୍ତି। ହେଲେ ଏପରି ସମୟରେ ଆଉ କେତେଜଣ ପୋଲିସ କ୍ଷମତାର ଦୁରୁପଯୋଗ କରି ଖାକିରେ କଳଙ୍କ ଲଗାଇଛନ୍ତି। କେତେଜଣ ଧରାପଡ଼ିଥିବାବେଳେ ଆଉ କେତେଜଣ ଚତୁରତାର ସହ ନିଜ କଳା କ୍ଷମତାକୁ ଘୋଡାଇ ପାରିଛନ୍ତି। ବଡ଼କଥା ହେଲା ଲକ୍‌ଡାଉନ୍ ସମୟରେ ହିଁ ଆଇନର ରକ୍ଷକମାନେ ଆଇନକୁ ଅଧିକ ଉଲ୍ଲଂଘନ କରି ନିଲମ୍ବିତ ହୋଇଛନ୍ତି। ପୋଲିସ ପ୍ରଶାସନ ପାଇଁ ବଦନାମ ଆଣିଥିବା ଏହି ପୋଲିସ ଅଫିସରଙ୍କ ସମ୍ପର୍କରେ ଆମର ସ୍ୱତନ୍ତ୍ର ଉପସ୍ଥାପନା।**

**ରିପୋର୍ଟ: ତ୍ରିନାଥ ମହାନ୍ତି, ଭୁବନେଶ୍ୱର**

### ଚୋରା ଗାଡ଼ିରେ ନାଲିବତି ଥାନାଧିକାରୀଙ୍କୁ ମହଙ୍ଗା ପଡ଼ିଲା

ଲକ୍‌ଡାଉନ୍‌ରେ ଘରେ ରହିବା ସହ ବହୁ କଟକଣା ଲଗାଇଥିଲା ପୋଲିସ। ହେଲେ ଯାଜପୁର ଜିଲା ବଡ଼ଚଣା ଥାନାର ତତ୍କାଳୀନ ଆଇଆଇସି ଦୀପକ ଜେନା ନିୟମ ଭାଙ୍ଗି ପରିବାର ସହ ଏପ୍ରିଲ ୨୦ରେ ଜଗନ୍ନାଥ ଦର୍ଶନ କରିବାକୁ ପୁରୀ ଯାଇଥିଲେ। ଏପରି କି ଏକ ଚୋରା ଗାଡ଼ିରେ ନାଲିବତି ଲଗାଇ ଶ୍ରୀକ୍ଷେତ୍ରରେ ପହଞ୍ଚି ଜଣେ ସେବାୟତଙ୍କୁ ଧରି ଶ୍ରୀମନ୍ଦିର ଭିତରକୁ ପଶିବାକୁ ଉଦ୍ୟମ କରିବା ସମୟରେ ଧରାପଡିଥିଲେ। ଶ୍ରୀମନ୍ଦିର ବନ୍ଦ ଥିବାରୁ ଡ୍ୟୁଟିରେ ଥିବା ଜଣେ କନ୍‌ଷ୍ଟେବଳ ସେମାନଙ୍କୁ ଅଟକାଇଥିଲେ। ହେଲେ ଦୀପକ ଧମକ ଦେଇ ପରିବାର ଲୋକଙ୍କ ସହ ଭିତରକୁ ପଶିଥିଲେ। ଏନେଇ ପୁରୀ ଟାଉନ ଥାନାରେ ମାମଲା ହେବା ପରେ ଡିଜିପି ଅଭୟ ତାଙ୍କୁ ନିଲମ୍ବିତ କରିଥିଲେ।

### ହାଇ ସିକ୍ୟୁରିଟି ଜୋନ୍‌ରେ ମଦ ପିଇ ନିଲମ୍ବିତ

ମେ ୧ରେ ରାଜଧାନୀ ଲକ୍‌ଡାଉନ୍ ଥିଲା। ରାତିରେ କର୍ଫ୍ୟୁ ଲାଗୁ ହୋଇଥିଲା। ହେଲେ ଲୋକସେବା ଭବନ ନିକଟ ତଥା ଜୟଦେବ ଭବନ ସମ୍ମୁଖ ହାଇ ସିକ୍ୟୁରିଟି ଜୋନ୍‌ରେ ସାଙ୍ଗମାନଙ୍କ ସହ ମଦ ପିଇ ମଉଜମସ୍ତି କରୁଥିଲେ ହାବିଲଦାର ଏବଂ କନ୍‌ଷ୍ଟେବଳ ସଂଘର ତତ୍କାଳୀନ ସମ୍ପାଦକ ପ୍ରସନ୍ନ ବେହେରା। କ୍ୟାପିଟାଲ ଥାନା ଅଧିକାରୀ ସେମାନଙ୍କୁ ଧରି ଥାନାକୁ ନେବା ପରେ ଜରିମାନା କରି ଛାଡ଼ି ଦେଇଥିଲେ। ପରେ ଡିସିପି ତାଙ୍କୁ ମେ ୩ରେ ନିଲମ୍ବିତ କରିଥିଲେ।

### ବଳାତ୍କାର, ଠକେଇରେ ପୋଲିସ

ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର ସହ ୫ଲକ୍ଷ ଠକି ନେଇଥିଲେ କ୍ୟାପିଟାଲ ଥାନାର ତତ୍କାଳୀନ ଏସ୍ଆଇ ରାକେଶ ସାମଲ। ଏନେଇ ଯୁବତୀଜଣକ ମହିଳା ଥାନାରେ ମେ ୧୨ରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କ ନାମରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତରୁ ତାଙ୍କର ଆପରାଧିକ କାର୍ଯ୍ୟକଳାପ ପଦାକୁ ଆସିବା ପରେ ଡିସିପି ତାଙ୍କୁ ନିଲମ୍ବିତ କରିଥିଲେ। ଏବେ ସେ ଗିରଫଦାରିକୁ ନେଇ ହାଇକୋର୍ଟରୁ ଅନ୍ତରୀଣ ରହିତାଦେଶ ଆଣି ଖୁଲମ୍‌ଖୁଲା ବୁଲୁଛନ୍ତି।

### ଥାନାରେ ପଶୁଭଳି ପିଟିଥିଲେ ମହିଳା ଆଇଆଇସି



କେନ୍ଦୁଝର ଜିଲା ପାଟଣା ଥାନା ଅଧିକାରୀ ସନ୍ଧ୍ୟାରାଣୀ ଜେନା ଥାନା ଭିତରେ ଜଣେ ଯୁବକଙ୍କୁ ଗୋରୁ ଭଳି ପିଟିଥିଲେ। ମେ ୨୩ରେ ଏହାର ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ନେଇ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା। କମିଶନ ଘଟଣାର ତଦନ୍ତ ପାଇଁ କେଉଁଝରେ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବା ସହ ଥାନା ଅଧିକାରୀଙ୍କ ଦରମାରୁ ୧୦ ହଜାର ଟଙ୍କା କାଟି ପୀଡିତଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଡିଜିପି ତାଙ୍କୁ ନିଲମ୍ବିତ କରିଥିଲେ।

### ପଚା ଆଳୁ କାଢ଼ି ଦେବା ଆବଶ୍ୟକ



କରୋନା କଟକଣା ପାଇଁ ପୋଲିସ ଅଧିକ ଚାପରେ ରହିଛି। ଆଇନଶୃଙ୍ଖଳା କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ହେଲେ କେତେଜଣ ପୋଲିସ ନିଜ ପଦବୀକୁ ଅପବ୍ୟବହାର କରୁଛନ୍ତି। କୌଣସି ପୋଲିସ କାହାକୁ ଥାନାରେ ପିଟିବା ଠିକ୍ ନୁହେଁ। ଆଳୁ ବସ୍ତାରେ ଯେଉଁ ପଚା ଆଳୁ ଅଛି ତାହାକୁ କାଢିଦେବା ଆବଶ୍ୟକ। ପୋଲିସ ଏବେ ଅଧିକ ସମ୍ମାନ ପାଉଛି। କିନ୍ତୁ ସେଥିରେ କଳାଦାଗ ଲଗାଉଥିବା ଅଫିସରଙ୍କୁ ବାହାର କରିଦିଆଯିବା ଉଚିତ।

**– ବିପିନ ବିହାରୀ ମିଶ୍ର, ପୂର୍ବତନ ପୋଲିସ ଡିଜି, ଓଡ଼ିଶା**

### ଅଗଣତାନ୍ତ୍ରିକ, ଆଇନର ଶାସନ ବିପନ୍ନ



ବିଶ୍ୱପ୍ରିୟ



ଦୁର୍ଗାମାଧବ

ମାନବିକ ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ଲକ୍‌ଡାଉନ୍ ସମୟରେ କ୍ଷମତାର ଦୁରୁପଯୋଗ କରି ନିଲମ୍ବିତ ହୋଇଥିବା ପୋଲିସ ଅଫିସରମାନେ ଖାକି ପାଇଁ ବ୍ୟତିକ୍ରମ। ନ୍ୟାୟିକ ପ୍ରକ୍ରିୟାକୁ ନିରୀକ୍ଷଣ କଲେ ସମୁଦାୟ ଘଟଣା ଅଗଣତାନ୍ତ୍ରିକ ଓ ଆଇନର ଶାସନ ବିପନ୍ନ ହୋଇଥିବା ସଙ୍କେତ ଦେଉଛି। ସେହିଭଳି ଆଇନଜୀବୀ ଦୁର୍ଗାମାଧବ ମିଶ୍ର କହିଛନ୍ତି, ପୋଲିସ ଲକ୍‌ଡାଉନ୍ ସମୟରେ ଯେଭଳି କାର୍ଯ୍ୟ କରିଛି ତାହା ନିଶ୍ଚିତ ଭାବେ ପ୍ରଶଂସା ଯୋଗ୍ୟ। ହେଲେ ଯେଉଁ ପୋଲିସ ଅଫିସରମାନେ ଆଇନକୁ ହାତକୁ ନେଇ ବେଆଇନ କାର୍ଯ୍ୟ କରୁଛନ୍ତି ସମାନଙ୍କ ବିରୋଧରେ ଲୋକଦେଖାଣିଆ ନୁହେଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।

### ମହିଳା ଏସ୍ଆଇଙ୍କୁ ଅସଦାଚରଣ କରିଥିଲେ ଥାନାଧିକାରୀ

ନନ୍ଦନକାନନ ଥାନାର ଜଣେ ମହିଳା ଏସ୍ଆଇଙ୍କୁ ଥାନା ଅଧିକାରୀ ପରମାନନ୍ଦ ନାୟକ ନିଜ ଚାମ୍ବରରେ ଅସଦାଚରଣ କରିଥିଲେ। ଏନେଇ ପୋଲିସ କମିଶନରଙ୍କ ନିକଟରେ ଅଭିଯୋଗ ପରେ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ପରେ ଡିସିପିଙ୍କ ତଦନ୍ତ ରିପୋର୍ଟ ଆଧାରରେ ପୋଲିସ ଡିଜି ଅଭୟ ଥାନାଧିକାରୀ ପରମା ନନ୍ଦଙ୍କୁ ମେ ୨୮ରେ ନିଲମ୍ବିତ କରିଥିଲେ।

### ଧକ୍କା ମାରି ଫାଣ୍ଡି ଅଧିକାରୀ ନିଲମ୍ବିତ

ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡି ଅଧିକାରୀ ସନ୍ତୋଷ କୁମାର ସାହୁ ଏପ୍ରିଲ ୧୮ରେ ପୁରୀ ଯାଇଥିବାବେଳେ ଜଣେ ବ୍ୟକ୍ତିଙ୍କୁ ଧକ୍କା ମାରିଥିଲେ। ସେ ପଡିଯିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଏନେଇ ସାକ୍ଷୀଗୋପାଳ ଥାନାରେ ଫାଣ୍ଡି ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ପରେ ପୁରୀ ଏସ୍‌ପି ତାଙ୍କୁ ନିଲମ୍ବିତ କରିଥିଲେ।



### ରାସ୍ତା ମଝିରେ ପିଟି ମୁଣ୍ଡ ଫଟାଇଲେ

ଭଦ୍ରକ ଜିଲା ବନ୍ତ ବଜାରରେ ମେ ୯ରେ ଜଣେ ଯୁବକ ମାସ୍କ ପିନ୍ଧି ନ ଥିବାରୁ ତାଙ୍କୁ ରାସ୍ତା ମଝିରେ ୫ରୁ ଊର୍ଦ୍ଧ୍ୱ ପୋଲିସ ଘେରିଯାଇ ନିର୍ଘାତ ପିଟିଥିଲେ। ଲାଠି ମାଡ଼ରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ୨୫ ତାରିଖରେ ଭିଡିଓ ଭାଇରାଲ ହେବା ପରେ ଏସ୍‌ପି ସମ୍ପୃକ୍ତ ଜଣେ କନ୍‌ଷ୍ଟେବଳଙ୍କୁ ନିଲମ୍ବିତ କରିଥିଲେ। ହେଲେ ମାଡ଼ ଖାଇଥିବା ଉକ୍ତ ଯୁବକଙ୍କ ନାଁରେ ମଧ୍ୟ ମାମଲା ରୁଜୁ ହୋଇଥିଲା।

## ସଂକ୍ଷେପରେ

### ଆଜିଠୁ ୧୮ ନଂ. ରୁଟ୍‌ରେ ଚାଲିବ ମୋ ବସ୍

**ଭୁବନେଶ୍ୱର, ୩୧।୫ (ବ୍ୟୁରୋ):** ଯାତ୍ରୀଙ୍କ ଦାବିକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି ମୋ ବସ୍ ପରିଚାଳନା ଦାୟିତ୍ୱରେ ଥିବା କ୍ୟାପିଟାଲ ରିଜିଅନ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)। କରୋନା ସମୟରେ ମଧ ଏହାକୁ ପ୍ରାଥମିକତା ଦେଇ କଟକ, ଖୋର୍ଦ୍ଧା ଓ ଭୁବନେଶ୍ୱରର ୭ଟି ରୁଟ୍‌ରେ ମୋ ବସ୍ ଚଳପ୍ରଚଳ କରୁଛି। ରୁଟ୍ ନଂ.୧୦ରେ ମୋ ବସ୍‌ଟି ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ଏଜି ଛକ ପରେ ନନ୍ଦନକାନନ ଦେଇ କଟକ ସିଡିଏ ପର୍ଯ୍ୟନ୍ତ ଯାତାୟାତ କରେ। ବର୍ତ୍ତମାନ ଯାତ୍ରୀଙ୍କ ଦାବି ଅନୁଯାୟୀ ଉକ୍ତ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ କରି ରୁଟ୍ ନଂ.୧୮ରେ ମୋ ବସ୍ ଚାଲିବ। ଏହି ରୁଟ୍‌ରେ ମୋ ବସ୍‌ଟି ବରମୁଣ୍ଡାରୁ ବାହାରି ଜଗତପୁର ଗସ୍ତ କରିବ। ସକାଳ ୭ରୁ ରାତି ୭ ଯାଏ ଏହି ରୁଟ୍‌ରେ ମୋ ବସ୍ ସେବା ଉପଲବ୍ଧ ହେବ ବୋଲି କ୍ରୁଟ୍ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି।

### ଆଜି ନୀଳମାଧବ ବସ୍ତି ଭାଙ୍ଗିବ ବିଡିଏ

**ଭୁବନେଶ୍ୱର, ୩୧।୫ (ବ୍ୟୁରୋ):** କରୋନା କଟକଣା କୋହଳ ହେବା ପରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବାକି ଥିବା ଉଚ୍ଛେଦ କାର୍ଯ୍ୟ ପୁଣି ଆରମ୍ଭ ହେବାକୁ ଯାଉଛି। ସୋମବାରଠାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ବିଡିଏର ମିଳିତ ଉଚ୍ଛେଦକାରୀ ଦଳ ଚନ୍ଦ୍ରଶେଖରପୁରସ୍ଥିତ ନୀଳମାଧବ ବସ୍ତିର ବ୍ଲକ୍-ସିକୁ ଭାଙ୍ଗିବ ବୋଲି ସୂଚନା ମିଳିଛି। ସମ୍ପୃକ୍ତ ବସ୍ତିରେ ବିଡିଏ ଦ୍ୱାରା ରାଜୀବ ଆବାସ ଯୋଜନା (ଆରଏୱାଇ)ରେ ଗୃହ ନିର୍ମାଣ କାର୍ଯ୍ୟ କରାଯିବା ସକାଶେ ଏହି ଉଚ୍ଛେଦ କରାଯାଉଛି। ବ୍ଲକ୍-ସିରେ ରହୁଥିବା ଶହେରୁ ଊର୍ଦ୍ଧ୍ୱ ପରିବାର ଉକ୍ତ ବସ୍ତିର ବ୍ଲକ୍-ବିକୁ ସ୍ଥାନାନ୍ତରିତ ହେବାକୁ ବିଡିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ବ୍ଲକ୍-ଏରେ ରହୁଥିବା ୨ଶହରୁ ଊର୍ଦ୍ଧ୍ୱ ଘରକୁ ଭଙ୍ଗାଯିବା ସହ ଏଠାରେ ରହୁଥିବା ପରିବାରଙ୍କୁ ଏକ ଟ୍ରାଞ୍ଜିଟ୍ ହାଉସ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ଆରଏୱାଇ ଘର ନିର୍ମାଣ ସରିଲେ ସମସ୍ତ ବସ୍ତିବାସିନ୍ଦାଙ୍କୁ ବଣ୍ଟନ କରାଯିବ ବୋଲି ଉଚ୍ଛେଦକାରୀ ଦଳ ପକ୍ଷରୁ ସୂଚନା ମିଳିଛି।

### କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କଲା ଓଏସ୍ଆଇସି



**ଭୁବନେଶ୍ୱର,୩୧।୫:** କରୋନା ଯୋଦ୍ଧାଙ୍କୁ ଉତ୍ସାହିତ କରିବା ଲାଗି ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ(ଓଏସ୍ଆଇସି) ପକ୍ଷରୁ ଶନିବାର ବନ୍ଦେ ଉତ୍କଳ ଜନନୀ ଗାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଗମର ଅଧକ୍ଷ ଚିନ୍ମୟ ସାହୁ, ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ୍ତ ସାହାଣୀ ଏବଂ ବରିଷ୍ଠ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନିଗମ ପକ୍ଷରୁ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ଦ୍ୱାରା କରୋନା ଲଢ଼େଇରେ ସାମିଲ ହୋଇଥିବା ଯୋଦ୍ଧାଙ୍କ ମନୋବଳ ବୃଦ୍ଧି ପାଇବ ବୋଲି ଅଧକ୍ଷ ସାହୁ କହିଛନ୍ତି।

# ରାଣୀଦେବୀଙ୍କଠାରେ ଲାଗିବ କୃତ୍ରିମ ହାତ



■ମାଗଣା ଚିକିତ୍ସା ପାଇଁ ଏସ୍‌ଭିନିରତାରକୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

■ଟ୍ରେନ୍ ଚଢ଼ିଯିବାରୁ କଟିଯାଇଥିଲା ହାତ

**କଟକ ଅଫିସ,୩୧।୫**

ଟ୍ରେନ୍ ଚଢ଼ିଯାଇ ହାତ ହରାଇଥିଲେ ବିଡ଼ାନସୀ ନୂଆସାହି ବସ୍ତିର ରାଣୀଦେବୀ ସାହା। ଏବେ ତାଙ୍କ ଶରୀରରେ କୃତ୍ରିମ ହାତ ରୋପଣ କରାଯିବା ନେଇ ଆଶା ସଂଚାର ହୋଇଛି। ତାଙ୍କୁ ମାଗଣା ଚିକିତ୍ସା ଦେବା ପାଇଁ ଓଲଟପୁରସ୍ଥିତ ଏସ୍‌ଭିନିରତାର କର୍ତ୍ତୃପକ୍ଷଙ୍କୁ ଚିଠି କରିଛନ୍ତି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ।

ଦିନ ଥିଲା ରାଣୀଦେବୀ ରେଳ ଧାରଣା କଡ଼ରୁ ପ୍ଲାଷ୍ଟିକ ଜିନିଷ ସଂଗ୍ରହ କରି ରୋଜଗାର କରୁଥିଲେ। ସ୍ୱାମୀ ତାଙ୍କର ଦିନ ମଜୁରିଆ। ଉଭୟ ଯାହା କିଛି ରୋଜଗାର କରନ୍ତି, ସେଥିରେ ଦୁଇ ପୁଅ ଝିଅଙ୍କୁ ନେଇ ଜୀବନ କଟୁଥିଲା। କିନ୍ତୁ ହଠାତ୍ ତାଙ୍କ ଜୀବନରେ ଅନ୍ଧାର ଘୋଟିଆସିଲା। ଲକ୍‌ଡାଉନ୍‌ର କିଛି ମାସ ପୂର୍ବରୁ ସେ କଟକ ଷ୍ଟେଶନରୁ ପ୍ଲାଷ୍ଟିକ ଗୋଟାଇବା ବେଳେ କିଛି ସମୟ ବିଶ୍ରାମ ନେବା ପାଇଁ ରେଳ ଧାରଣା କଡ଼ରେ ବସିପଡ଼ିଥିଲେ। ହଠାତ୍ ଟ୍ରେନ୍ ଆସିବାରୁ ସେଥିରେ ତାଙ୍କର ଗୋଟିଏ ହାତ କଟିଯାଇଥିଲା। ସେହି ଘଟଣା ପରେ ତାଙ୍କ ମାନସିକ ଅବସ୍ଥା ମଧ୍ୟ ବିଗିଡ଼ିଗଲା। ଗୋଟିଏ ପଟେ ରାଣୀଦେବୀ ଦିବ୍ୟାଙ୍ଗ ଓ ମାନସିକ ଅସୁସ୍ଥ ଥିବାବେଳେ ଅନ୍ୟପାଖରେ ଲକ୍‌ଡାଉନ୍ ପାଇଁ ତାଙ୍କ ସ୍ୱାମୀ ବୃତ୍ତି ହରାଇଥିଲେ। ଏଭଳି ସ୍ଥିତିରେ ଘର ଚଳାଇବା କଷ୍ଟକର ହୋଇପଡ଼ିଥିବା ବେଳେ ରାଣୀଦେବୀଙ୍କ ଚିକିତ୍ସା ପାଇଁ ଅର୍ଥ ଚିନ୍ତା ଘାରିଥିଲା। ସେମାନଙ୍କ ପାଖରେ ରାଶନ କାର୍ଡଟିଏ ମଧ୍ୟ ନ ଥିଲା। କିଛି ଦିନ ତଳେ କଟକର ନେତାଜୀ ସୁଭାଷ ସେନାର ସଦସ୍ୟମାନେ ଖବର ପାଇ ତାଙ୍କ ଘରକୁ ଯାଇଥିଲେ। ସେଠାରେ ସେମାନେ ରାଣୀଦେବୀଙ୍କଠାରେ କୃତ୍ରିମ ହାତ ଲଗାଇବା ପାଇଁ ପ୍ରସ୍ତାବ ଦେବା ସହ ତାହାର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ସଙ୍ଗଠନ ସଭାପତି ଅଜିତ ଦାସ ପ୍ରତିଶ୍ରୁତି ଦେଇଥିଲେ। ଏନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ମହେନ୍ଦ୍ରନାଥ ପାଣ୍ଡେଙ୍କୁ ସହାୟତା ନିବେଦନ ମଧ୍ୟ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଓଲଟପୁରସ୍ଥିତ ଏସ୍‌ଭିନିରତାରରେ ରାଣୀଦେବୀଙ୍କ ମାଗଣା ଚିକିତ୍ସା କରିବା ପାଇଁ ଚିକିତ୍ସାକେନ୍ଦ୍ରର ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। କିଛି ଦିନ ପରେ ରାଣୀଦେବୀଙ୍କ କୃତ୍ରିମ ହାତ ରୋପଣ କରାଯିବ।

# ଜେଲ ଗଲେ ୪ ଅଭିଯୁକ୍ତ

## ଯୁବକଙ୍କୁ ହତ୍ୟା ଘଟଣା

**ବେଗୁନିଆ,୩୧।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ରାଧାକାନ୍ତପୁର ଗ୍ରାମର କବି ପରିଡାଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ରବିବାର ପୋଲିସ ମୃତକଙ୍କ ବଡ଼ଭାଇ ରବୀନ୍ଦ୍ର ପରିଡ଼ାଙ୍କ ସହ ସୁଜିତ୍ ନାୟକ, ମମତା ମଲ୍ଲିକ ଓ ରଞ୍ଜୁବାଳା ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ୨୫ତାରିଖରେ କବି ଜଟଣୀ ଥାନା ବେରୁଆଁ ଗ୍ରାମର ଲିକୁଲତା ପରିଡାଙ୍କୁ ଭଲପାଇ ମନ୍ଦିରରେ ବିବାହ କରିଥିଲେ। ଏହା ପରେ ସେ ତାଙ୍କ ସ୍ତ୍ରୀଙ୍କୁ ନେଇ ଘରକୁ ଫେରିଥିଲେ। ଘରେ ନ ଜଣାଇ କବି ବିବାହ କରିବାରୁ ପରିବାରରେ ଅଶାନ୍ତି ଦେଖାଦେଇଥିଲା। ଗତ ଶୁକ୍ରବାର ଘରେ ପାଟିତୁଣ୍ଡ ହେବାରୁ କବିଙ୍କୁ ତାଙ୍କ ବଡ଼ଭାଇ ଓ ତାଙ୍କର ସମ୍ପର୍କୀୟ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ କବିଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସ୍ୱାମୀଙ୍କୁ ପିଟିପିଟି ହତ୍ୟା କରାଯାଇଛି ବୋଲି ଲିକୁଲତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ହତ୍ୟା ମାମଲା (ନଂ.୧୦୭/୨୦) ରୁଜୁକରି ତଦନ୍ତ ଚଳାଇଥିଲା।

# ଅଖ ଉପରକୁ ଉଠିଲା ଦଣ୍ଡା

**ପୁରୀ ଅଫିସ,୩୧।୫:** ରଥଯାତ୍ରା ପାଇଁ ଚଳଚଞ୍ଚଳ ରଥଖଳା। ମହାରଣା ସେବକ, ଭୋଇ ସେବକ, ରୂପକାର, ଓଝା ସେବକ ପ୍ରମୁଖ କାମରେ ଲାଗିଛନ୍ତି। ତିନିରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର, ନରସିଂହ ମହାପାତ୍ର ଏବଂ କୃଷ୍ଣ ମହାରଣାଙ୍କ ନେତୃତ୍ୱରେ ରଥ ନିର୍ମାଣ କାମ ଆଗେଇ ଚାଲିଛି। ପର୍ଯ୍ୟାୟକ୍ରମେ କାମ ଚାଲିଥିବାବେଳେ ରବିବାର ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଅଖ ଉପରକୁ ଦଣ୍ଡା ଉଠିଛି। ଏହାପରେ ମୁହାଁଟ ଲାଗି ହୋଇ ଆଗଆଣି ଏବଂ ପଛଆଣି ଗୁଜ ପୋତା ଯାଇ ନିରାଡ଼ି ଲାଗିଛି। ଦଣ୍ଡାରେ କଣ୍ଟା ବାଡ଼ିଆ କାମ ଆରମ୍ଭ ହୋଇଛି। ତିନିରଥର ମୁଖ୍ୟ ଓଝା ସେବକ ତାଳଧ୍ୱଜ ରଥର ଅର୍ଜୁନ ମହାରଣା, ଦର୍ପଦଳନ ରଥର କେଦାର ମହାରଣା ଓ ନନ୍ଦିଘୋଷ ରଥର ଦାଶରଥି ମହାରଣା ଏବଂ ତାଙ୍କ ସହଯୋଗୀମାନେ ଦଣ୍ଡାରେ କଣ୍ଟା ବାଡ଼ିଆ ଆରମ୍ଭ କରିଛନ୍ତି। ସେହିପରି କଟକ ଖପୁରିଆ କରତ କଳରୁ ୧୪ ନାହାକା ୪୨ ଖଣ୍ଡ କାଠ ରଥଖଳାରେ ପହଞ୍ଚିଛି। ଏହାକୁ ମହାରଣା ସେବକମାନେ ସାଇଜ କରୁଛନ୍ତି। ଭୂଇଁ ଚଉତା କାଠରେ ସାଲ ଓ ବିନ୍ଧ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନାଟଗୋଡ଼ରେ ରୂପକାର ସେବକ ରାହୁ ରୂପ ଖୋଦେଇ କରୁଥିବା ବେଳେ ରଥଖଳାରେ ପୋଲ ଗୟଳ ଓ ଛନ୍ଦା ଗୟଳ ଚଉପଟ କାମ ଜାରି ରହିଛି। ସକାଳେ ରଥଖଳାରେ କାମ ଆରମ୍ଭ ପୂର୍ବରୁ ରଥ ନିର୍ମାଣ ସମ୍ପୃକ୍ତ ସେବକମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସମସ୍ତେ ସୁସ୍ଥ ଥିବା ଜଣାପଡ଼ିଛି।




# 'ବନ୍ଦେ ଉତ୍କଳ ଜନନୀ'କୁ ପ୍ରାଦେଶିକ ସଙ୍ଗୀତ ମାନ୍ୟତା ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଉତ୍କଳ ସମ୍ମିଳନୀ

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଶନିବାର ପ୍ରତ୍ୟେକ ଓଡ଼ିଆ 'ବନ୍ଦେ ଉତ୍କଳ ଜନନୀ' ଗାନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁରୋଧ କରିଥିଲେ। ରାଜ୍ୟ ଏବଂ ଦେଶ ବାହାରେ ପ୍ରତ୍ୟେକ ବର୍ଗ ଓ ବୟସର ବ୍ୟକ୍ତି ଏହି ସଙ୍ଗୀତ ଗାନ କରି କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇଥିଲେ। ତେବେ ଦୀର୍ଘବର୍ଷ ହେବ ଦାବି ହୋଇ ଆସୁଥିଲେ ମଧ୍ୟ ଏଯାଏ ପ୍ରଦେଶିକ ସଙ୍ଗୀତ ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି 'ବନ୍ଦେ ଉତ୍କଳ ଜନନୀ'। ଏହାକୁ ତୁରନ୍ତ ପ୍ରଦେଶିକ ସଙ୍ଗୀତର ମାନ୍ୟତା ଦେବାକୁ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଡା. ରାଧାନାଥ ପ୍ରହରାଜ ଦାବି କରିଛନ୍ତି। ମାନ୍ୟତା ପ୍ରଦାନ ପୂର୍ବକ ଏହାକୁ ଗାନ କରିବା ଲାଗି ନିର୍ଦ୍ଦିଷ୍ଟ ସ୍ଥାନ, ଆକୃତି, ସ୍ୱର, ସମୟ ଆଦି ନିର୍ଦ୍ଧାରଣ କରିବା ଏବଂ ଏହାକୁ ଗେଜେଟ୍ ବା ରାଜପତ୍ର ଆକାରରେ ପ୍ରକାଶ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, ଭାଷାଭିତ୍ତିରେ ଉତ୍କଳ ପ୍ରଦେଶ ପ୍ରଥମ ରାଜ୍ୟ ଭାବେ ଗଠିତ ହୋଇଥିଲା। ୧୯୩୬ ଏପ୍ରିଲ ୧ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା। ୮୪ ବର୍ଷ ବିତିଗଲାଣି। ହେଲେ ରାଜ୍ୟକୁ ଏପର୍ଯ୍ୟନ୍ତ ଏକ ପ୍ରାଦେଶିକ ସଙ୍ଗୀତ ମିଳିପାରୁ ନାହିଁ। 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନ ପାଇଁ ୧୯୯୪ରୁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାରୀ ଅଧିକାରୀଙ୍କ ଅବହେଳା ଯୋଗୁ ତାହା ସମ୍ଭବ ହୋଇପାରୁ ନାହିଁ। ଏହି ଦାବି କେବଳ ନାଳିଫିତା ତଳେ ରହିଯାଇଥିବା ଡ. ପ୍ରହରାଜ କହିଛନ୍ତି।

# ଟିଭିରେ ଦେଖି ମନ ବୁଝାଇବେ ଜଗନ୍ନାଥପ୍ରେମୀ

## ବିନା ଭକ୍ତରେ ସ୍ନାନଯାତ୍ରା

**ପୁରୀ ଅଫିସ,୩୧।୫**

କରୋନା ପାଇଁ ବର୍ତ୍ତମାନ ଧାର୍ମିକସ୍ଥଳୀଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ସମାବେଶ ଓ ମନ୍ଦିର ପ୍ରବେଶ ଉପରେ କଟକଣା ଜାରି ରହିଛି। ଆସନ୍ତା ୮ତାରିଖରୁ ଜନସାଧାରଣଙ୍କ ପାଇଁ ହୋଟେଲ, ମଲ୍, ଧାର୍ମିକସ୍ଥଳୀ ଖୋଲିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ୫ ତାରିଖରେ ପଡୁଛି ସ୍ନାନଯାତ୍ରା। ତେଣୁ କଟକଣାଯୁକ୍ତ ଅର୍ଥାତ୍ ଭକ୍ତଙ୍କ ବିନା ଉପସ୍ଥିତିରେ ସ୍ନାନଯାତ୍ରା କରିବାକୁ ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେଇଛି। ଫଳରେ ଏଥର ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ସ୍ୱଚକ୍ଷୁରେ ଦେଖିପାରିବେ ନାହିଁ ଭକ୍ତ। ସେହିପରି ଶ୍ରଦ୍ଧାଳୁଙ୍କ ସମାଗମ ବିନା ରଥଯାତ୍ରା କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି ଶ୍ରୀମନ୍ଦିର ପରିଚାଳନା କମିଟି। ଏହାର ନିଷ୍ପତ୍ତି ସରକାରଙ୍କ ଉପରେ ଛାଡ଼ିଛି। ଏହାକୁ ନେଇ ବିଭିନ୍ନ ମହଲରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। କରୋନା ଏମିତି ଏକ ପରିସ୍ଥିତି ସୃଷ୍ଟି କରିଛି, ତେଣୁ ଏ ବର୍ଷ ଟିଭିରେ ମନ ବୁଝାଇନେବା ବୋଲି ଅନେକେ ମତ ରଖିଛନ୍ତି।



ଆରମ୍ଭରୁ କରୋନାର ଭୟାବହତାକୁ ଦେଖି ଆମେ କଟକଣାଯୁକ୍ତ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲୁ। ହେଲେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ବଢିଥିଲେ ମଧ୍ୟ ପୂର୍ବରୁ ଏହି ମହାମାରୀକୁ ନେଇ ଲୋକଙ୍କ ମଧ୍ୟରେ ଯେଉଁ ଭୟ ରହିଥିଲା ଏବେ ସେମିତି ନାହିଁ। ଏବେ ଧିରେ ଧିରେ ପରିସ୍ଥିତି ସୁଧୁରୁଛି। ଦୋକାନବଜାର ଖୋଲିଲାଣି, ଗାଡ଼ିମୋଟର ବି ଚାଲିଲାଣି। କେନ୍ଦ୍ର ସରକାର ବି ହୋଟେଲ, ମଲ୍ ଓ ଧାର୍ମିକ ପୀଠ ପର୍ଯ୍ୟାୟକ୍ରମେ ଖୋଲିବାକୁ ଅନୁମତି ଦେଇଛନ୍ତି। ତେଣୁ ସମ୍ପୂର୍ଣ୍ଣ ଭାବେ ଭକ୍ତଙ୍କୁ ବାରଣ ନ କରି କିପରି ସାମାଜିକ ଦୂରତା ରକ୍ଷା କରି ସ୍ନାନଯାତ୍ରା, ରଥଯାତ୍ରା ଆଦି ହୋଇପାରିବ ସେନେଇ ରାଜ୍ୟ ସରକାର ବ୍ୟବସ୍ଥା କରିବା ଦରକାର।

**– ବିନାୟକ ଦାସମହାପାତ୍ର, ବରିଷ୍ଠ ଦଇତାପତି ସେବକ, ଶ୍ରୀମନ୍ଦିର**



କରୋନା ଯୋଗୁ ଏଥର ବିନା ଭକ୍ତରେ ସ୍ନାନଯାତ୍ରା ଲାଗି ପରିଚାଳନା କମିଟି ନିଷ୍ପତ୍ତି ନେଇଛି, ଯାହାକି ସ୍ୱାଗତଯୋଗ୍ୟ। ମହାପ୍ରଭୁଙ୍କ ଜନ୍ମ ଉତ୍ସବରେ ସ୍ନାନମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ପ୍ରତ୍ୟକ୍ଷ ସ୍ନାନ ଏବଂ ହାତୀବେଶ ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ଼ ହୁଏ। ବର୍ଷକର ଏହି ଗୋଟିଏ ଦିନ ଠାକୁରଙ୍କ ସମସ୍ତ ନୀତିକୁ ଯେ କେହି ସ୍ନାନବେଦିରୁ ସ୍ୱଚକ୍ଷୁରେ ଦେଖିଥାନ୍ତି। କିନ୍ତୁ କରୋନା ଭୟାବହତା କଥା ଆମକୁ ଭାବିବାକୁ ପଡ଼ିବ। ବର୍ତ୍ତମାନ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ମାଡୁଛି। ତେଣୁ ଏ ବର୍ଷ ସ୍ୱଚକ୍ଷୁରେ ନ ହେଲା ନାହିଁ, ଘରେ ବସି ଟିଭିରେ ମହାପ୍ରଭୁଙ୍କୁ ଦର୍ଶନ କରିବାର ମାନସିକତା ରଖିବା ଦରକାର।

**– ଡ. ନରେଶ ଚନ୍ଦ୍ର ଦାଶ, ଗବେଷକ, ପୁରୀ**



ମହାପ୍ରଭୁଙ୍କ ସ୍ନାନଯାତ୍ରା ହେଉ କି ରଥଯାତ୍ରା, ସାମାଜିକ ଦୂରତ୍ୱ ରକ୍ଷା କରି ଦର୍ଶନ କରିବା କଦାପି ସମ୍ଭବ ହେବ ନାହିଁ। ଯଦି ଭକ୍ତଙ୍କୁ ଅନୁମତି ଦିଆଯାଏ ତେବେ ସ୍ନାନଯାତ୍ରାରେ ୩ରୁ ୪ଲକ୍ଷ ଏବଂ ରଥଯାତ୍ରାରେ ୬ରୁ ୮ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ସୁନାବେଶରେ ସଂଖ୍ୟା ୧୦ଲକ୍ଷ ପାର୍ କରିଯିବ। ସାମାଜିକ ଦୂରତ୍ୱ ରକ୍ଷା କଥା ଚିନ୍ତା କଲେ ସୀମିତ ଜାଗାରେ ଏତେ ଲୋକଙ୍କୁ ପରିଚାଳନା କରିବା ଅସମ୍ଭବ ହୋଇପଡ଼ିବ। ତେଣୁ ଏଭଳି ପରିସ୍ଥିତିରେ କିପରି ଠାକୁରଙ୍କ ବିଧି ଓ ପରମ୍ପରା ରକ୍ଷା କରାଯିବ ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏ ଦିଗରେ ସରକାରଙ୍କ ନିଷ୍ପତ୍ତିକୁ ସମସ୍ତେ ମାନିବା ଦରକାର। ବିନା ଭକ୍ତରେ ସ୍ନାନଯାତ୍ରା ଲାଗି ପରିଚାଳନା କମିଟି ଯେଉଁ ନିଷ୍ପତ୍ତି ନେଇଛି ତାହାକୁ ସ୍ୱାଗତ କରିବି। ଏ ବର୍ଷ ଟିଭିରେ ମନ ବୁଝାଇବାକୁ ପଡ଼ିବ।

**– ସରୋଜ କୁମାର ବେହେରା, ବୁଦ୍ଧିଜୀବୀ, ପୁରୀ**



ବିନା ଭକ୍ତରେ ମହାପ୍ରଭୁଙ୍କ ସ୍ନାନଯାତ୍ରା। ନିଶ୍ଚିତ ଏହା ସମସ୍ତଙ୍କୁ ଅଡୁଆ ଲାଗୁଥିବ। କାରଣ ଯୁଗେ ଯୁଗେ ଭକ୍ତ ପାଇଁ ଭଗବାନ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭାବର ଠାକୁର। ସେ ଭକ୍ତ ମେଳରେ ସର୍ବଦା ରହିଥାନ୍ତି, ଯେଉଁଥିପାଇଁ ସିନ୍ଦୁରା ଫାଟିବା ପୂର୍ବରୁ ବିଳମ୍ବିତ ରାତିଯାଏ ଭକ୍ତଙ୍କ ଗହଳିରେ ଫାଟିପଡ଼େ ଶ୍ରୀମନ୍ଦିର ପରିସର। ତେବେ ଏଥର କରୋନା ଏମିତି ଏକ ପରିସ୍ଥିତି ସୃଷ୍ଟି କରିଛି, ଇଚ୍ଛା ନ ଥାଇ ବି ଆମକୁ ବାଧ୍ୟରେ ସ୍ୱୀକାର କରିବାକୁ ପଡ଼ିବ। ଏ ବର୍ଷ ଘରେ ବସି ଟିଭିରେ ମହାପ୍ରଭୁଙ୍କ ଏହି ଦିବ୍ୟ ଯାତ୍ରାକୁ ଦେଖି ମନ ବୁଝାଇବାକୁ ହେବ।

**– ମହେନ୍ଦ୍ର ବିଶୋଇ, ସମ୍ପାଦକ, କୁମ୍ଭକାର ନିଯୋଗ**

## ସଂକ୍ଷେପରେ

### ୧୪ରେ ବସିପାରେ ଜିଏସ୍‌ଟି ପରିଷଦ ବୈଠକ

**ନୂଆଦିଲ୍ଲୀ,୩୧ା୫:** ସରକାରଙ୍କୁ ବର୍ତ୍ତମାନ ଟିକସ ସଂଗ୍ରହ କ୍ଷେତ୍ରରେ ଚାପର ସମ୍ମୁଖୀନ ହେବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଲାଗି ସର୍ବୋଚ୍ଚ ସଂସ୍ଥା କୁହାଯାଉଥିବା ଜିଏସ୍‌ଟି ପରିଷଦ ବୈଠକ ଜୁନ୍ ମାସ ୧୪ରେ ବସିପାରେ। କୋଭିଡ୍-୧୯ ପରେ ଏହା ପ୍ରଥମ ବୈଠକ ହେବ। ମାର୍ଚ୍ଚ ୨୫ ପରଠାରୁ ସାରା ଦେଶରେ ଲକ୍‌ଡାଉନ ଘୋଷଣା ହେବା ଯୋଗୁ ଟିକସ ସଂଗ୍ରହ ବାଧାପ୍ରାପ୍ତ ହୋଇଛି। ଜିଏସ୍‌ଟି ପରିଷଦରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅଧ୍ୟକ୍ଷ ରହିଥିବା ବେଳେ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରତିନିଧି ଏଠାରେ ରହିଛି। ପରିଷଦର ବୈଠକ ଜୁନ୍ ୧୪ରେ ହେବା ନେଇ ଯୋଜନା ରହିଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମାର୍ଚ୍ଚରେ ବସିଥିବା ବୈଠକରେ କରୋନା ଭାଇରସ୍‌ର ପ୍ରଭାବ ଅର୍ଥ ବ୍ୟବସ୍ଥା ଉପରେ କ'ଣ ରହିବ ସେ ନେଇ କୌଣସି ଆଲୋଚନା ହୋଇ ନ ଥିଲା। ସେହି ସମୟରେ କରୋନା ମାମଲା କମ୍ ରହିଥିଲା। ଲକ୍‌ଡାଉନ ମଧ୍ୟ ଘୋଷଣା କରାଯାଇ ନ ଥିଲା। ବର୍ତ୍ତମାନ ଟିକସ ସଂଗ୍ରହରେ ବାଧା ରହୁଥିଲେ ମଧ୍ୟ ଟିକସ ହାର ବୃଦ୍ଧି ସପକ୍ଷରେ ସରକାର ନାହାନ୍ତି ବୋଲି କୁହାଯାଉଛି।

### ୧୦ ଟିକିଆ ମୋବାଇଲ ନମ୍ବର ଜାରି ରହିବ

**ନୂଆଦିଲ୍ଲୀ,୩୧ା୫:** ଘରୋଇ ବଜାରର ଉପଭୋକ୍ତାଙ୍କ ଲାଗି ୧୧ ଟିକିଆ ମୋବାଇଲ ନମ୍ବର ଜାରି କରିବା ଲାଗି କୌଣସି ପ୍ରସ୍ତାବ ବର୍ତ୍ତମାନ ସୁଦ୍ଧା ଦିଆଯାଇ ନାହିଁ। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ ଏ ନେଇ ସ୍ପଷ୍ଟ କରିଛନ୍ତି। ୧୦ ଟିକିଆ ମୋବାଇଲ ନମ୍ବର ଜାରି ରହିବ। ଲ୍ୟାଣ୍ଡଲାଇନ କ୍ଷେତ୍ରରେ ଆଗୁଆ ଜିରୋ ବ୍ୟବହାର କରିବା ଲାଗି ଏହା ପ୍ରସ୍ତାବ ଦେଇଛି ବୋଲି ଜଣାପଡ଼ିଛି।

# ସ୍ଥାନୀୟ ସାମଗ୍ରୀକୁ ମିଳିବ ଅଗ୍ରାଧିକାର

## ଆମଦାନୀ କଟକଣା ନେଇ ମୋଦି ଦେଲେ ଆଭାସ

ନୂଆଦିଲ୍ଲୀ,୩୧ା୫



କେନ୍ଦ୍ର ସରକାର ବର୍ତ୍ତମାନ ଆତ୍ମନିର୍ଭର ଭାରତ ଯୋଜନା ଉପରେ ଗୁରୁତ୍ୱ ଦେଇଛନ୍ତି। ଚଳିତ ଦଶନ୍ଧିରେ ଦେଶକୁ ଏକ ନୂଆ ଉପଲବ୍ଧି ପ୍ରଦାନ କରିବା ସହ ନୂଆ ସୋପାନକୁ ନେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ଯେଉଁ ସାମଗ୍ରୀ ଭାରତରେ ପ୍ରସ୍ତୁତ ହେଉଛି ତାକୁ ଦେଶ ମଧ୍ୟରେ ବ୍ୟବହାର କରିବାକୁ ଗୁରୁତ୍ୱ ଦିଆଯିବ। ଅର୍ଥାତ୍ ଭାରତରେ ତିଆରି ହେଉଥିବା ସାମଗ୍ରୀଗୁଡ଼ିକୁ ଆମଦାନୀ ଉପରେ କଟକଣା ଲାଗିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ଏ ସମ୍ପର୍କରେ ଆଭାସ ଦେଇଛନ୍ତି। ଗ୍ରାମାଞ୍ଚଳରେ କ୍ଷୁଦ୍ରଶିଳ୍ପ ଏବଂ କୁଟୀରଶିଳ୍ପ ସ୍ଥାପନ ଦ୍ୱାରା ଲୋକଙ୍କୁ ନିଯୁକ୍ତି ଯୋଗାଣ କରିବା ଦିଗରେ ମଧ୍ୟ ସରକାର ଫୋକସ୍ କରୁଛନ୍ତି।

ଏହି ଅବସରରେ ମୋଦି କହିଛନ୍ତି ଯେ, ଶୀଘ୍ର ଜାତୀୟ ପ୍ରବାସୀ କମିଶନ ସ୍ଥାପନ କରାଯିବ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଶ୍ରମିକଙ୍କ ଦକ୍ଷତାକୁ ଉନ୍ନତୀକରଣ କରାଯିବ। ଯେଉଁ ସାମଗ୍ରୀ ଭାରତରେ ନାହିଁ କେବଳ ତା'ର ଆମଦାନୀ ଉପରେ ନଜର ରଖାଯିବ। ମାତ୍ର ଯାହା ଦେଶ ମଧ୍ୟରେ ପ୍ରସ୍ତୁତ ହେଉଛି ବିଦେଶୀ ସାମଗ୍ରୀର ବିକଳ୍ପ ଭାବେ ତାକୁ ବ୍ୟବହାର କରିବା ଲାଗି ସେ ଦେଶବାସୀଙ୍କୁ ନିବେଦନ କରିଛନ୍ତି। ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମରେ ଯୁବବର୍ଗ ଏକ ପ୍ରମୁଖ ସ୍ଥାନ ହାସଲ କରିବେ। ସ୍ଥାନୀୟ ଉତ୍ପାଦିତ ସାମଗ୍ରୀକୁ ପ୍ରୋତ୍ସାହିତ କରିବା ସହ 'ଭୋକାଲ ଫର୍ ଲୋକାଲ' ଏବଂ ମେକ୍ ଇନ୍ ଇଣ୍ଡିଆକୁ ସମର୍ଥନ ଜଣାଇପାରିବେ। ଏଭଳି ଛୋଟ ଛୋଟ ପଦକ୍ଷେପ ଭାରତକୁ ଆତ୍ମନିର୍ଭର କରାଇବାରେ ସହାୟକ ହେବ ବୋଲି ସେ ମତପ୍ରକାଶ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଦେଶର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବିକାଶ ହେଲେ ସେମାନେ ଅଭିବୃଦ୍ଧି ଇଞ୍ଜିନ ଭାବେ ଯୋଗଦାନ ରଖିବେ। ସେ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମର ସଫଳତାକୁ ନେଇ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ଏହି ଯୋଜନା ଦ୍ୱାରା ବର୍ତ୍ତମାନ ସୁଦ୍ଧା ୧ କୋଟି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଯାଇଛି। ଏହା ଦ୍ୱାରା ଗରିବ ଲୋକଙ୍କୁ ୧୪ ହଜାର କୋଟି ଟଙ୍କାର ସଞ୍ଚୟ ହୋଇପାରିଛି। ମୋଟ ୧କୋଟି ଲୋକଙ୍କ ମଧ୍ୟରୁ ପ୍ରାୟ ୮୦ ଗ୍ରାମାଞ୍ଚଳର ଲୋକ ଏହି ଯୋଜନା ଦ୍ୱାରା ଲାଭବାନ ହୋଇଥିବା ମୋଦି ସ୍ପଷ୍ଟ କରିଛନ୍ତି।

## ଜୁନ୍ ୩୦ ଯାଏ ମିଳିବନି ଅନ୍ତର୍ଜାତୀୟ ବିମାନ ସେବା

**ନୂଆଦିଲ୍ଲୀ,୩୧ା୫:** ଜୁନ୍ ୩୦ ଯାଏ ଲୋକଙ୍କୁ ଅନ୍ତର୍ଜାତୀୟ ବିମାନ ସେବା ଉପଲବ୍ଧ ହେବ ନାହିଁ। କରେନା ମାମଲା ବର୍ତ୍ତମାନ ନିୟନ୍ତ୍ରଣକୁ ଆସି ନ ଥିବାରୁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ମାର୍ଚ୍ଚ ୨୫ରେ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯିବା ପରେ ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ସେବାକୁ ସରକାର ରଦ୍ଦକରି ଦେଇଥିଲେ। ମେ ୨୫ଠାରୁ ଘରୋଇ ଉଠାଣକୁ ସରକାର ଅନୁମତି ଦେଇଥିବା ଜଣାପଡ଼ିଛି। ହେଲେ କରୋନା ସ୍ଥିତି ବର୍ତ୍ତମାନ ସୁଦ୍ଧା ମଧ୍ୟ ନିୟନ୍ତ୍ରଣକୁ ଆସି ନ ଥିବାରୁ ବିଦେଶୀ ବଜାର ଲାଗି ସେବା ଯୋଗାଣ ଉପରେ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ଆଗାମୀ ଦିନରେ ଏ ନେଇ ବିସ୍ତୃତ ଗାଇଡ୍‌ଲାଇନ ଜାରି କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ସୂଚନା ରହିଛି।

## ୫୭ ମଡେଲ ରାଜପଥ ବିକଶିତ କରିବ ଏନ୍ଏଚ୍ଏଆଇ

ନୂଆଦିଲ୍ଲୀ,୩୧ା୫

ଦେଶ ମଧ୍ୟରେ ୫୭ ମଡେଲ ରାଜପଥ ବିକଶିତ କରାଯିବ। ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ(ଏନ୍ଏଚ୍ଏଆଇ) ପକ୍ଷରୁ ଏ ନେଇ ସ୍ପଷ୍ଟ କରାଯାଇଛି। ବିକାଶ ହେବାକୁ ଥିବା ଏହି ରାଜପଥର ମୋଟ ଦୈର୍ଘ୍ୟ ୧୭୩୫ କିଲୋମିଟର ରହିଛି। ପ୍ରତି ରାଜ୍ୟର ରାଜଧାନୀ ନିକଟରେ ଏହି ରାଜପଥଗୁଡ଼ିକୁ ଉନ୍ନତୀକରଣ କରାଯିବାର ଯୋଜନା ରଖାଯାଇଛି। ଏହି ପ୍ୟାଚ୍‌ଗୁଡ଼ିକରେ ନିରାପତ୍ତା ସହ ସୌନ୍ଦର୍ଯ୍ୟୀକରଣକୁ ଗୁରୁତ୍ୱ ଦିଆଯିବ। ଏହା ମଧ୍ୟରେ ରୋଡ୍ ସାଇନ, ରୋଡ୍ ମାର୍କିଂ, ରୋଡ୍ ଫର୍ନିଚର, ସେଫ୍‌ଟି ଆଇଟମ, ଠିକ୍ ଜଙ୍କସନ, ପ୍ରବେଶ ଏବଂ ପ୍ରସ୍ଥାନର ଠିକ୍ ବ୍ୟବସ୍ଥା କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ବିଲ୍ ଲକ୍ଷେ ଟଙ୍କା ଟପିଲେ ରିଟର୍ନ ଫାଇଲିଂ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୩୧ା୫

ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ସରକାର ଆୟକର ରିଟର୍ନ (ଆଇଟିଆର୍) ଫର୍ମ ବିଜ୍ଞପ୍ତି ଜାରି କରିଛନ୍ତି। କରେଣ୍ଟ ଆକାଉଣ୍ଟ ଜମା ୧ କୋଟି କିମ୍ବା ଇଲେକ୍ଟ୍ରିସିଟି ବିଲ୍ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ୧ଲକ୍ଷ କିମ୍ବା ତଦୂର୍ଦ୍ଧ୍ୱ ହେଲେ ଲୋକମାନେ ଆଇଟିଆର୍ ଫାଇଲ କରିବାକୁ ବାଧ ବୋଲି ଏଥିରେ କୁହାଯାଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ମେ୩୦ରେ ଏହି ଫର୍ମ ଜାରି କରିଥିବା ଜଣାପଡିଛି। ସହଜ( ଆଇଟିଆର୍-୧), ସୁଗମ(ଆଇଟିଆର୍-୨), ଫର୍ମ ଆଇଟିଆର୍-୨, ଫର୍ମ ଆଇଟିଆର୍-୩, ଫର୍ମ ସୁଗମ (ଆଇଟିଆର୍-୪), ଫର୍ମ ଆଇଟିଆର୍-୫, ଫର୍ମ ଆଇଟି ଆର୍-୬, ଫର୍ମ ଆଇଟିଆର୍-୭ ଏବଂ ଫର୍ମ ଆଇଟିଆର୍-ଭି ଏହା ମଧ୍ୟରେ ସାମିଲ ହୋଇଛି। ଆସେସମେଣ୍ଟ ବର୍ଷ ୨୦୨୦-୨୧ ଲାଗି ଏହାକୁ ଜାରି କରାଯାଇଥିବା ଆୟକର ବିଭାଗ ପକ୍ଷରୁ ସୂଚନା ରହିଛି।

# ରାଜ୍ୟରେ ମୁଣ୍ଡ ପିଛା ଦୁଗ୍ଧ ଉତ୍ପାଦନ ୧୪୫ ଗ୍ରାମ୍‌କୁ ବୃଦ୍ଧି

ଭୁବନେଶ୍ୱର, ୩୧ା୫



ଦେଶ ସ୍ୱାଧୀନ ହେବା ସମୟରେ ଓଡ଼ିଶାରେ ହାରାହାରି ଦୈନିକ ମୁଣ୍ଡ ପିଛା ଦୁଗ୍ଧ ଉତ୍ପାଦନ ପ୍ରାୟ ୭୦ ଗ୍ରାମ ଥିଲା। ଏହାକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାକରି ପଦକ୍ଷେପ ନେଇଛନ୍ତି। ଫଳରେ ୨୦୧୯-୨୦ ସୁଦ୍ଧା ୧୪୫ ଗ୍ରାମରେ ପହଞ୍ଚିପାରିଛି। ଜଣେ ବ୍ୟକ୍ତିର ଦୈନିକ ସର୍ବନିମ୍ନ ଆବଶ୍ୟକତା ୨୫୦ ଗ୍ରାମ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ସ୍ତରରେ ପହଞ୍ଚିବା ପାଇଁ ମିଳିତ ଉଦ୍ୟମ ଲୋଡ଼ା। ସରକାର, ଚାଷୀ, ଦୁଗ୍ଧ ସମବାୟ ସଂଗଠନ ଓ ଦୁଗ୍ଧ ପ୍ରକ୍ରିୟାକରଣ ପାଇଁ ଘରୋଇ ଉଦ୍ୟୋଗ ଏକ୍ଷେତ୍ରରେ ଯୋଗଦାନ ରଖୁଛନ୍ତି। ଲାଭଜନକ ଗୋପାଳନ ପାଇଁ ସୀମିତ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ ଓ ପ୍ରତିଦିନ ଉଚିତ ମୂଲ୍ୟରେ ଦୁଗ୍ଧ ବିକ୍ରୟ ସୁବିଧା ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ। ରାଜ୍ୟ ସରକାରଙ୍କ ପୃଷ୍ଠପୋଷକତାରେ କେବଳ ଦୁଗ୍ଧ ଉତ୍ପାଦନ ସମବାୟ ସଂଘ, ଓମ୍‌ଫେଡ୍ ଓ ପ୍ରାଥମିକ ସମବାୟ ସମିତି ମାଧ୍ୟମରେ ଦୁଗ୍ଧ ସଂଗୃହୀତ ହୋଇପାରୁଥିବା ବେଳେ ଖାଉଟିଙ୍କ ଆବଶ୍ୟକତାକୁ ଅନୁଭବକରି ୧୯୯୯ ମସିହାରେ ପ୍ରଥମ ଘରୋଇ ଉଦ୍ୟୋଗ ନିଜସ୍ୱ ଉଦ୍ୟମରେ ଆରମ୍ଭ ହୋଇଥିଲା। ପରେ ପରେ ଅନେକ ଘରୋଇ ଉଦ୍ୟୋଗ ଆରମ୍ଭ ହୋଇଥିଲେ ସୁଦ୍ଧା ଦୁଗ୍ଧ ଉତ୍ପାଦନ ଓ ଚାହିଦାରେ ଋତୁକାଳୀନ ତାରତମ୍ୟ ଯୋଗୁ ସ୍ଥାୟୀ ଭାବରେ କାର୍ଯ୍ୟକ୍ଷମ ହେବା ସମ୍ଭବ ହୋଇନାହିଁ। ମଧ୍ୟମ ହାରରେ ଦୈନିକ ଏକଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ପ୍ରକ୍ରିୟାକରଣ ଘରୋଇ ଉଦ୍ୟୋଗ ଭାବରେ 'ପ୍ରଗତି ମିଲ୍କ ପ୍ରଡକ୍ସନ' ୨୦୦୮ ମସିହାରୁ ଆରମ୍ଭ ହୋଇ ପ୍ୟାକେଟ୍‌ରେ ଟୋନ୍ଡ ଦୁଗ୍ଧ ଓ ଘିଅ, ଦହି, ସୁବାସିତ ଦୁଗ୍ଧ ଇତ୍ୟାଦି ପ୍ରସ୍ତୁତକରି ବିକ୍ରୟ କରୁଥିଲା। ପରେ ଅନ୍ୟ ଏକ ଘରୋଇ ଉଦ୍ୟୋଗ 'ମିଲ୍କ ମନ୍ତ୍ର' ରାଜ୍ୟର ଦୁଗ୍ଧ ଉଦ୍ୟୋଗରେ ସାମିଲ ହୋଇଛି। ପ୍ରଗତି ପକ୍ଷରୁ ପ୍ରିମିୟମ ଦୁଗ୍ଧ (୩% ଲହୁଣି,) ଗୋଲ୍ଡ ଦୁଗ୍ଧ(୪% ଲହୁଣି) ଓ ଷ୍ଟାଣ୍ଡାର୍ଡାଇଜଡ୍ ଦୁଗ୍ଧ(୪.୫% ଲହୁଣି) ସହିତ ଘିଅ, ସୁବାସିତ ଦୁଗ୍ଧ, ମିଠା ଓ ସାଦା ଓ ବସାଦହି, ପନିର, ଲସି ଓ ଆଇସ୍‌କ୍ରିମ୍ ପ୍ରସ୍ତୁତ କରାଯାଇଛି। ଏହାକୁ ସାରା ରାଜ୍ୟରେ ବିତରଣ କରାଯାଉଛି। ଆରମ୍ଭରୁ କମ୍ପାନୀ ସୀମିତ ଗ୍ରାମାଞ୍ଚଳର ଦୁଗ୍ଧଚାଷୀଙ୍କୁ ନେଇ ନିରବଚ୍ଛିନ୍ନ ସେବା ଯୋଗାଇ ଦେଉଥିଲା। ବର୍ତ୍ତମାନ ଛଅଟି ଜିଲାର ୪ ହଜାର ଗ୍ରାମରେ ପ୍ରାୟ ୮୦,୦୦୦ ଚାଷୀଙ୍କ ପରିବାରକୁ ନିୟମିତ ଦୁଗ୍ଧ ବିକ୍ରୟ ସୁବିଧା ଯୋଗାଇ ଦେଉଛି। କମ୍ପାନୀ ଶ୍ୱେତ ବିପ୍ଳବରେ ନିଜକୁ ସକ୍ରିୟ ଭାବେ ସାମିଲ କରିପାରିଛି। ରାଜ୍ୟର ଖାଉଟିମାନଙ୍କୁ ଉଚ୍ଚମାନର ଦୁଗ୍ଧ ପଦାର୍ଥ ଯୋଗାଇବା ଲକ୍ଷ୍ୟ ନେଇ ଚାଷୀଙ୍କଠାରୁ ପ୍ରତିଦିନ ସ୍ୱାଦ ଓ ମାନ ପରୀକ୍ଷା କରାଯାଇ ସଂଗୃହୀତ ଦୁଗ୍ଧକୁ ଜୀବାଣୁ ସଂକ୍ରମଣ ରୋକିବା ପାଇଁ ତତ୍‌କ୍ଷଣାତ୍ ଥଣ୍ଡା (Instant Chilling) କରାଯାଉଛି। ଫଳରେ ସର୍ବୋତ୍ତମ ମାନର ଦୁଗ୍ଧ ଭାବେ ପ୍ରଗତି ଦୁଗ୍ଧର ଚାହିଦା ଦିନକୁ ଦିନ ବଢ଼ି ଚାଲିଛି ବୋଲି ଏହା ସୂଚନା ଦେଇଛି। ଦୈନିକ ପ୍ରାୟ ୩ ଲକ୍ଷ ଲିଟର ଦୁଗ୍ଧଜାତ ଦ୍ରବ୍ୟ ବିକ୍ରୟ କରୁଥିବା ରାଜ୍ୟର ଏହି ଅଗ୍ରଣୀ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ପ୍ରକ୍ରିୟାକରଣ କାରଖାନାରେ ଦୈନିକ ଛଅ ଲକ୍ଷ ଲିଟର ଦୁଗ୍ଧ ବିତରଣ ପାଇଁ ଯୋଜନା ରଖିଛି। କରୋନା ଭଳି ମହାମାରୀ ସମୟରେ ବଜାର ବନ୍ଦ ରହିବା ଫଳରେ ଦେଶରେ ଅନେକ ଘରୋଇ ଦୁଗ୍ଧ ଉଦ୍ୟୋଗ ରୁଗ୍ଣ ହୋଇଯାଉଥିବା ଲକ୍ଷ୍ୟ କରାଯାଉଛି। ସମସ୍ତ ଅସୁବିଧା ଓ କ୍ଷତି ସତ୍ତ୍ୱେ ପ୍ରଗତି ତରଫରୁ ନିଜର ଦୁଗ୍ଧଚାଷୀଙ୍କୁ ଦୁଗ୍ଧ ଯୋଗାଣରେ କୌଣସି ଅବହେଳା କରିନାହିଁ।

ଦୁଗ୍ଧରେ ସନ୍ତୁଳିତ ମାନର ଲହୁଣି ଓ ଏସ୍ଏନ୍ଏଫ୍(Protein, Lactose, Vitamins & Minerals) ଉତ୍ତମ ସ୍ୱାସ୍ଥ୍ୟ ଓ ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ଏଣୁ ଓଡ଼ିଶାବାସୀଙ୍କୁ ଏକ ଅଧିକ ପୁଷ୍ଟିକର ଦୁଗ୍ଧ ଯୋଗାଇବା ଲକ୍ଷ୍ୟ ନେଇ ପ୍ରଗତି ଦ୍ୱାରା ଖାଦ୍ୟ ସୁରକ୍ଷା ଆଇନ ସ୍ୱୀକୃତ ଷ୍ଟାଣ୍ଡାର୍ଡାଇଜ ଦୁଗ୍ଧ (୪.୫% ଲହୁଣି ଓ ୮.୮ ଏସ୍ଏନ୍ଏଫ୍ ) ଯୋଗାଇ ଦିଆଯାଉଛି। ଖାଉଟିମାନଙ୍କ ବ୍ୟବହାର ଓ ତୁଳନାତ୍ମକ ଅନୁଭୂତି ପାଇଁ ଜୁନ୍ ୧ ତାରିଖଠାରୁ ପ୍ରତି ୫୦୦ ମି.ଲି. ଷ୍ଟାଣ୍ଡାର୍ଡାଇଜଡ ଦୁଗ୍ଧ ସାଙ୍ଗରେ ୫୦ ମି.ଲି. ମାଗଣାରେ ଦିଆଯାଉଛି। ଖାଉଟିମାନେ ଏହାର ସୁଯୋଗ ନେଇ ସର୍ବୋତ୍ତମ ମାନର ଏହି ଦୁଗ୍ଧ ବ୍ୟବହାର କରିବା ନେଇ ଆଶା ଓ ବିଶ୍ୱାସ ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ସାର ଗୋଦାମରେ କେନ୍ଦୁପତ୍ର ରଖିବା ଘଟଣା ନିଲମ୍ବିତ ହେଲେ ଶିଖପାଲି ଲ୍ୟାମ୍ପ ପରିଚାଳକ

**ମାଲକାନଗିରି, ୩୧ା୫(ଡି.ଏନ୍.ଏ.):** ମାଲକାନଗିରି ଜିଲା ଶିଖପାଲି ଲ୍ୟାମ୍ପ ପରିଚାଳକ ଧନେଶ୍ୱର ପଟ୍ଟନାୟକଙ୍କୁ ଲ୍ୟାମ୍ପ ପ୍ରଶାସକ ସାମଲ ମାରାଣ୍ଡି କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଚଲାଣଗୁଡା ପଞ୍ଚାୟତ ନୂଆଗୁଡାଠାରେ ଥିବା ସାର ଓ ବିହନ ଗୋଦାମରେ ସେ ବେନିୟମ ଭାବେ ଜଣେ ବ୍ୟବସାୟୀଙ୍କ କେନ୍ଦୁପତ୍ର ଗଚ୍ଛିତ ରଖିଥିଲେ। ଏହି ଖବର ପ୍ରକାଶ ପରେ ପ୍ରଶାସକ ମାରାଣ୍ଡି ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପରେ ପୋଟେରୁ ଚିନାବାଦାମ ମଣ୍ଡିରେ ଚାଷୀଙ୍କ ଚିନାବାଦାମ ଖରିଦରେ ଅନିୟମିତତା ହୋଇଥିବା ବଦଲି ଏବଂ ଏମ୍‌ପିଭି- ୫ ଗ୍ରାମର ଚାଷୀଙ୍କ ଅଭିଯୋଗ ଖବର ପ୍ରକାଶ ପାଇବା ପରେ ଲ୍ୟାମ୍ପ ପରିଚାଳକ ପଟ୍ଟନାୟକଙ୍କୁ ନିଲମ୍ବିତ କରାଯାଇଛି। ସୂଚନାଯୋଗ୍ୟ ଯେ, ପଟ୍ଟନାୟକଙ୍କ ବିରୋଧରେ ଧାନମଣ୍ଡି ସମୟରେ ଅନେକ ଅନିୟମିତତା କରିଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ପ୍ରକୃତ ଚାଷୀଙ୍କଠାରୁ ଧାନ ଖରିଦ ନ କରି ସେମାନଙ୍କ ଅନ୍‌ଲାଇନ୍ ହୋଇପାରିବ ନାହିଁ ବୋଲି କହି ସେ ବ୍ୟବସାୟୀଙ୍କୁ ଅହେତୁକ ଅନୁକମ୍ପା ଦେଖାଉଥିଲେ।

### ବିମାନରେ ଯାତ୍ରା କରିଛନ୍ତି ୪୫ହଜାର ଯାତ୍ରୀ

**ନୂଆଦିଲ୍ଲୀ,୩୧ା୫:** କରୋନା ସଂକ୍ରମଣରୁ ଦେଶବାସୀଙ୍କୁ ରକ୍ଷା କରିବା ପାଇଁ କେନ୍ଦ୍ର ସରକାର ଘରୋଇ ବିମାନ ଚଳାଚଳ ଉପରେ ରୋକ ଲଗାଇଥିଲେ। ଲକ୍‌ଡାଉନ କଟକଣା କାରଣରୁ ଦୀର୍ଘ ୬୦ ଦିନରୁ ଉର୍ଦ୍ଧ୍ୱ ହେବ ଘରୋଇ ବିମାନ ଚଳାଚଳକୁ ବନ୍ଦ ରଖିଥିଲା। ଗତ ସପ୍ତାହ ମଧ୍ୟରେ ମୋଟ ୨,୮୬୯ ଟି ଘରୋଇ ବିମାନ ମାଧ୍ୟମରେ ୪୫, ୬୪୬ଜଣ ଯାତ୍ରୀ ଯାତ୍ରା କରିଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ସୂଚନା ଦେଇଛନ୍ତି। ସେ ଟୁଇଟ୍ କରି କରିଛନ୍ତି ଯେ, ଗତ ସୋମବାର ୪୨୮, ମଙ୍ଗଳବାର ୪୪୫, ବୁଧବାର ୪୬୦, ଗୁରୁବାର ୪୯୪, ଶୁକ୍ରବାର ୫୧୩ ଏବଂ ଶନିବାର ୫୨୯ଟି ବିମାନ ଚାଳଚଳ କରିଥିବା ସେ ସୂଚନା ଦେଇଛନ୍ତି।

# ପ୍ରବାସୀଙ୍କ ପାଇଁ ରାସ୍ତାକୁ ଓହ୍ଲାଇଲେ ୮ ସଙ୍ଗଠନ

ଭୁବନେଶ୍ୱର,୩୧ା୫(ବ୍ୟୁରୋ)

### ଗ୍ରାମସ୍ୱରାଜ୍ୟ ଭିତ୍ତିରେ କାମ ଯୋଗାଇବାକୁ ଦାବି




ଗାନ୍ଧୀ ପିସ୍ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରରୁ ବାଣୀବିହାର ଦେଇ କଟକ ଅଭିମୁଖେ ଯାଉଥିବା ଶୋଭାଯାତ୍ରା।

ପ୍ରାକ୍ ପ୍ରସ୍ତୁତି ବିନା ଦେଶରେ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ଧରି ଲକ୍‌ଡାଉନ୍ ଲାଗୁକରି ସରକାର ଦେଶର କୋଟିକୋଟି ଶ୍ରମଜୀବୀଙ୍କ ଜୀବନଜୀବିକାକୁ ବିଗାଡି ଦେଇଛନ୍ତି। ସେମାନଙ୍କ ଜୀବନ ଦୁର୍ବିଷହ ହୋଇଯାଇଛି। ଶ୍ରମିକମାନେ ରୋଜଗାର ହରାଇବା ସହ ଭୋକ ଶୋଷରେ ଚାଲି ଚାଲି ହଜାର ହଜାର କିଲୋମିଟର ଅତିକ୍ରମ କରୁଛନ୍ତି। କେହି ଭୋକରେ ଚାଲିକରି କିମ୍ବା ସାଇକେଲରେ ଯିବେ ନାହିଁ ବୋଲି ରାଜ୍ୟ ଓ କେନ୍ଦ୍ର ସରକାର କେବଳ କଥାରେ କହୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଆଜି ବି ହଜାର ହଜାର ଲୋକ ଦେଶର ଏ କୋଣରୁ ସେ କୋଣକୁ ଚାଲିବାରେ ଲାଗିଛନ୍ତି। ବୋଝ ଉପରେ ନଳିତା ବିଡ଼ା ଭଳି ଏହି ବିପଦ ସମୟରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ସରକାର ଦିନକର ଶ୍ରମ ଅବଧି ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବଢ଼ାଇ ଦେବା ଦୁର୍ଭାଗ୍ୟଜନକ ବୋଲି ବିଭିନ୍ନ ସଂଗଠନ ଅଭିଯୋଗ କରିଛନ୍ତି। ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ, ଉତ୍କଳ ଖଦି ମଣ୍ଡଳ, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ, ସର୍ବୋଦୟ, ଲୋହିଆ ଏକାଡେମୀ, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ ପକ୍ଷରୁ ରବିବାର ଭୁବନେଶ୍ୱରରେ ଆୟୋଜିତ ପଦଯାତ୍ରାରେ ପ୍ରବାସୀ ଶ୍ରମଜୀବୀଙ୍କ ସମସ୍ୟା ସମ୍ପର୍କରେ କୁହାଯାଇଛି। ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ଆୟୋଜିତ ଏହି ପଦଯାତ୍ରାରେ ଶ୍ରମଦିବସର ଅବଧି ପୂର୍ବପରି ୮ ଘଣ୍ଟାକୁ କମାଇବା, ରାଜ୍ୟକୁ ଫେରି ଆସିଥିବା ଶ୍ରମିକଙ୍କ ପାଇଁ ଗାଁ ଗାଁରେ ଗ୍ରାମ ସ୍ୱରାଜ୍ୟଭିତ୍ତିରେ ଶ୍ରମଦିବସ ସୃଷ୍ଟି କରିବାକୁ ଦାବି କରାଯାଇଥିଲା। ସେହିଭଳି ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ, ଓଡ଼ିଶା ମଧ୍ୟଦେଇ ଯାଉଥିବା ଶ୍ରମିକଙ୍କ ଲାଗି ବିଭିନ୍ନ ସ୍ଥାନରେ ମାଗଣା ଖାଦ୍ୟର ବ୍ୟବସ୍ଥା କରିବା ସହ ଗାଡିର ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଏହି ପଦଯାତ୍ରାରେ ଡା. ବିଶ୍ୱଜିତ, ଶୈଳଜ ରବି, ବୈଷ୍ଣବ ଦାସ, ଦେବ ପ୍ରସାଦ ରାୟ, ସନ୍ଧ୍ୟାରାଣୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

# କୋଭିଡ୍ ମୁକାବିଲାରୁ ଓହରିବ ଘରୋଇ ଆମ୍ବୁଲାନ୍ସ

ଜଗତ୍‌ସିଂହପୁର ଅଫିସ,୩୧ା୫

ଜଗତ୍‌ସିଂହପୁର ଜିଲାରେ କରୋନା ସଂକ୍ରମିତଙ୍କ ପାଇଁ ସରକାରୀ ବାଦ୍ ୮ଟି ଘରୋଇ ଆମ୍ବୁଲାନ୍ସ ନିୟୋଜିତ ହୋଇଛି। ଏଥିସହ ୧୦ଟି ଘରୋଇ ବୋଲେରୋ କୋଭିଡ୍ କାମରେ ଲାଗିଛି। କିନ୍ତୁ କରୋନା ସଂକ୍ରମିତଙ୍କ ପରିବହନ ପାଇଁ ଲାଗିଥିବା ୮ ଆମ୍ବୁଲାନ୍ସ ମାଲିକଙ୍କୁ ଧାର୍ଯ୍ୟ ସର୍ତ୍ତ ମୁତାବକ ଭଡା ଓ ଚାଳକଙ୍କୁ ଖାଇବା ଆଦି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ସଂକ୍ରମିତଙ୍କ ସହ ଅଧିକାଂଶ ସମୟ ଏହି ଆମ୍ବୁଲାନ୍ସ ଚାଳକ ସମୟ କଟାଉଛନ୍ତି। କିନ୍ତୁ ସେମାନଙ୍କ ବିଶେଷ ଦାୟିତ୍ୱ ନିଆଯିବା ପରିବର୍ତ୍ତେ ହତାଦର କରାଯାଉଛି। ଏ ପରିସ୍ଥିତିରେ ଆମ୍ବୁଲାନ୍ସ ଚଳାଇବା ସମ୍ଭବ ନୁହେଁ ବୋଲି ସମ୍ପୃକ୍ତ ଆମ୍ବୁଲାନ୍ସ ମାଲିକମାନେ ରବିବାର ଯୁକ୍ତି ବାଢି କୋଭିଡ୍ ମୁକାବିଲାରୁ ଓହରିଯିବାକୁ ଚେତାବନୀ ଦେଇଛନ୍ତି।

ଆମ୍ବୁଲାନ୍ସ ମାଲିକ ଅଞ୍ଜନ ପ୍ରଧାନ ଓ ଚାଳକ ପ୍ରଭାତ ପଣ୍ଡା ପ୍ରମୁଖ କହିଛନ୍ତି, ଜିଲା ପ୍ରଶାସନ ସେମାନଙ୍କ ଭାବାବେଗ ସହ ଖେଳୁଛି। ଆମ୍ବୁଲାନ୍ସ ଲାଗିବା ସମୟରେ କୁହାଯାଇଥିଲା, ୧୫ ଦିନରେ ଭଡା ବାବଦ ଅର୍ଥ ଦିଆଯିବ। ପ୍ରତ୍ୟେକ ଦିନ ଚାଳକଙ୍କ ଖାଇବା ବାବଦରେ ୧୨୦ ଟଙ୍କା ହିସାବରେ ଦିଆଯିବ। କିନ୍ତୁ ଏଥିମଧ୍ୟରେ ୨

### ୨ ମାସ ହେଲା ଦିଆଯାଉନି ପ୍ରାପ୍ୟ

ମାସ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ଆମ୍ବୁଲାନ୍ସ ଭଡା ମିଳୁନାହିଁ, କି ଚାଳକଙ୍କୁ ଖାଇବା ବାବଦ ଅର୍ଥ ଦିଆଯାଉନାହିଁ। ପ୍ରତ୍ୟହ କରୋନା ସଂକ୍ରମିତଙ୍କ ସହ ସେମାନେ ଅତି କମ୍‌ରେ ୪/୫ ଘଣ୍ଟା କଟାଉଛନ୍ତି। ଲୋକେ ସଂକ୍ରମଣ ଭୟରେ ସତର୍କତା ଅବଲମ୍ବନ କରୁଥିବା ବେଳେ ସେମାନେ ଜୀବନ ପ୍ରତି ବିପଦ ଜାଣି ମଧ୍ୟ ସେବାରେ ନିୟୋଜିତ ଅଛନ୍ତି। ଏହା ମଧ୍ୟରେ ଏକାଧିକ ଚାଳକ ଅସୁସ୍ଥ ହେବାରୁ ଆମ୍ବୁଲାନ୍ସ ଛାଡି ପଳାଇଲେଣି। ଅଞ୍ଜନ ଏକଥା ମଧ୍ୟ କହିଛନ୍ତି, ଗତ ୩୦ ତାରିଖ ସକାଳୁ ସେ କୋଭିଡ୍ କାମରେ ଯାଇ ରାତିରେ ଭୋକିଲା ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟ ଫେରିଥିଲେ। ପରେ ପାଉଁରୁଟି ଖାଇ ଏହି ପରିସରସ୍ଥ ନିର୍ଦ୍ଦିଷ୍ଟ କୋଠରିରେ ସଙ୍ଗରୋଧ ଭାବେ ରାତ୍ରି ଯାପନ କରିଥିଲେ। ଘର, ଗାଁକୁ ଯାଇ ହେଉ ନ ଥିବାବେଳେ ଆର୍ଥିକ ଅନଟନ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ସେମାନଙ୍କ ପ୍ରତି ଅବହେଳା କରୁଛନ୍ତି। ଆର୍‌ଟିଓ, ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପରସ୍ପର ଆଡକୁ ଅଙ୍ଗୁଳି ଦେଖାଇ ଟଙ୍କା ଦେବାରେ ବିଳମ୍ବ କରୁଛନ୍ତି। ଏଥିମଧ୍ୟରେ ୩ ଥର ସେମାନେ ବନ୍ଦ ନିଷ୍ପତ୍ତି ନେଇଥିଲେ ସୁଦ୍ଧା ଖୁବ୍ କମ୍ ଦିନରେ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇ ପରେ ପ୍ରତାରିତ କରାଯାଇଛି। ଏ ସମ୍ପର୍କରେ ସିଡିଏମ୍‌ଓ ଡା. ବିଜୟା ପଣ୍ଡା କହିଛନ୍ତି, ଶୁବ୍‌ଶୀଘ୍ର ସେମାନଙ୍କ ପ୍ରାପ୍ୟ ପ୍ରଦାନ ପାଇଁ ଉଦ୍ୟମ ହେଉଛି। ଏଥିସହ ସେମାନଙ୍କୁ କୋଭିଡ୍ କାମରୁ ନିବୃତ୍ତ ନ ହେବା ପାଇଁ ବୁଝାଯାଉଥିବା ପ୍ରକାଶ କରିଛନ୍ତି।

## ୩ ବ୍ୟାଙ୍କର ପ୍ରମୁଖ ପଦବୀ ଲାଗି ବିବିବିର ସୁପାରିସ

ନୂଆଦିଲ୍ଲୀ,୩୧ା୫

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ନୂଆ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ଅଶ୍ୱିନୀ ଭାଟିଆଙ୍କ ନାମ ସୁପାରିସ କରାଯାଇଛି। ବ୍ୟାଙ୍କସ୍ ବୋର୍ଡ ବ୍ୟୁରୋ (ବିବିବି) ପକ୍ଷରୁ ଏଭଳି ସୁପାରିସ ହୋଇଥିବା ଜଣାପଡିଛି। ସେହିଭଳି ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏମ୍‌ଡି ତଥା ସିଇଓ ଭାବେ ଏମ୍.ଭି. ରାଓ ଏବଂ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଭାବେ ପି.ପି. ସେନଗୁପ୍ତଙ୍କ ନାମ ମଧ୍ୟ ସୁପାରିସ ହୋଇଛି। ଏହି ପଦବୀ ଲାଗି ୨୦ ଜଣ ଦାବିଦାର ଥିବା ବେଳେ ମେ ୩୦ରେ ୩ ଜଣଙ୍କ ନାମ ଚୂଡାନ୍ତ ହୋଇଛି ବୋଲି ବିବିବି ସୂଚନା ଦେଇଛି। ଭାଟିଆ ବର୍ତ୍ତମାନ ଏସ୍‌ବିଆଇର ଡେପୁଟି ମାନେଜିଂ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ସେ ବର୍ତ୍ତମାନ ଏମ୍‌ଡି ଭାବେ କାମ କରୁଥିବା ପି.କେ ଗୁପ୍ତାଙ୍କ ସ୍ଥାନରେ ଅବସ୍ଥାପିତ ହେବେ।

# ଭର୍ଚୁଆଲ ଲାଇଭ୍ ଗଳ୍ପ ଆସର

ଜୟପୁର, ୩୧ା୫(ଡି.ଏନ.ଏ.)

### ଆକାଶବାଣୀ ଇତିହାସରେ ପ୍ରଥମ

କରୋନା କଷଣ ଭିତରେ ଉଙ୍କି ମାରୁଥିଲା ଜୀବନ। କେଉଁଠି ସାମାଜିକ ଅବ୍ୟବସ୍ଥାର ଚିତ୍ର ତ ଆଉ କେଉଁଠି ଶ୍ରମିକର ଦୁଃଖ। ଆଉ କେଉଁଠି ନିରାଶା ଭିତରେ ଦିକ୍ ଦିକ୍ ହୋଇ ଜଳୁଥିଲା ଆଶାର କିରଣ। କୋଭିଡ୍ ଯନ୍ତ୍ରଣା ଦେଇଛି ସତ, ହେଲେ ସେହି ଯନ୍ତ୍ରଣା ଭିତରେ ବି ଜିଇଁହେବ ନୂଆ ଜୀବନଟିଏ ତାହା ବି ଭିନ୍ନ ଢଙ୍ଗରେ। ଏଭଳି ଏକ ନିଆରା ଥିମ୍‌କୁ ନେଇ ଆକାଶବାଣୀ ଜୟପୁର କେନ୍ଦ୍ର ରବିବାର ପ୍ରସାରଣ କରିଛି ରାଜ୍ୟସ୍ତରୀୟ 'ଭର୍ଚୁଆଲ ଲାଇଭ୍ ମିନି ଗଳ୍ପ ଆସର'। ଦିନ ୧୨ଟାରୁ ୧ଟା ଯାଏ ପ୍ରସାରିତ ହୋଇଥିବା ଏଭଳି କାର୍ଯ୍ୟକ୍ରମ ଆକାଶବାଣୀ ଇତିହାସରେ ପ୍ରଥମ।

ପ୍ରାରମ୍ଭରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭେଡ୍‌କର ରେକର୍ଡିଂ ମାଧ୍ୟମରେ ପ୍ରଦାନ କରିଥିବା ଉଦ୍‌ଘାଟନୀ ଭାଷଣ କାର୍ଯ୍ୟକ୍ରମର ମହତ୍ତ୍ୱକୁ ବଢ଼ାଇ ଦେଇଥିଲା। ମନ୍ତ୍ରୀଙ୍କ ଉଦ୍‌ବୋଧନ ପରେ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ କେନ୍ଦ୍ରର ମୁଖ୍ୟ ଗୌରଚନ୍ଦ୍ର ତ୍ରିପାଠୀ। ନରେନ୍ଦ୍ରନାଥ ପଟ୍ଟନାୟକ, ଅମିତା ଦାସଙ୍କ ବଳିଷ୍ଠ ସଂଯୋଜନାରେ ଆରମ୍ଭ ହୋଇଥିଲା ଏହି ମିନି ଗଳ୍ପ ଆସର। ଓଡ଼ିଶା ତଥା ଓଡ଼ିଶା ବାହାରେ ରହି ଗଳ୍ପ ରଚନା କ୍ଷେତ୍ରରେ ସକ୍ରିୟ ଥିବା ଗାଳ୍ପିକମାନେ ଟେଲିଫୋନ୍ ମାଧ୍ୟମରେ ନିଜ ଗୃହରେ ରହି ସ୍ୱରଚିତ ଗଳ୍ପ ପାଠ କରିଥିଲେ। ମୁମ୍ବାଇରୁ ଡ. ତପନ ପଣ୍ଡା, ବିଶାଖାପାଟଣାରୁ ଅରବିନ୍ଦ ଦାସ, ଖଡ଼ଗ୍‌ପୁରରୁ ଅମିୟ ବେଜ୍, ରାୟଗଡ଼ାରୁ ଦ୍ୱିତୀ ଚନ୍ଦ୍ର ସାହୁ, ଡମ୍ବରୁଧର ପଟ୍ଟନାୟକ, କଟକରୁ ଚିରଶ୍ରୀ ଇନ୍ଦ୍ର ସିଂ, ଭୁବନେଶ୍ୱରରୁ ହିରଣ୍ମୟୀ ମିଶ୍ର, ଜିତେନ୍ଦ୍ର କୁମାର ନାୟକ, ରାଉରକେଲାରୁ ମୋନାଲିସା ମିଶ୍ର, କଳାହାଣ୍ଡିରୁ ଡିଲେଶ୍ୱର ରଣା, ସୁଧୀର କୁମାର ଧାଙ୍ଗଡ଼ାମାଝି, ଭଦ୍ରକରୁ ସଞ୍ଜୟ ପଣ୍ଡା ଏଥିରେ ସାମିଲ ହୋଇ ସ୍ୱରଚିତ ଗଳ୍ପ ଶୁଣାଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରାଇବାକୁ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଜୟପୁର ଆକାଶବାଣୀ କେନ୍ଦ୍ର ଦୁଇମାସ ଧରି ପ୍ରତ୍ୟହ କରୋନା ସଚେତନତାଧର୍ମୀ ରୂପକ, ନାଟକ, ସଙ୍ଗୀତ, ଦେଶବିଦେଶର ଓଡ଼ିଆଙ୍କ ସହ ଟେଲିଫୋନ୍‌ଭିତ୍ତିକ କାର୍ଯ୍ୟକ୍ରମକୁ ନେଇ ଭିନ୍ନ ସ୍ୱାଦର କାର୍ଯ୍ୟକ୍ରମ ପ୍ରସାରଣ ଜାରି ରଖିଛି।

# ମହାନଦୀରେ ବୁଡ଼ି ଦୁଇଛାତ୍ରଙ୍କ ମୃତ୍ୟୁ

**ବୌଦ୍ଧ,୩୧ା୫(ସ୍ୱ.ପ.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଦେଇ ପ୍ରବାହିତ ମହାନଦୀର କୁଶାସିଙ୍ଗା ଘାଟରେ ରବିବାର ଗାଧୋଇବା ବେଳେ ବୁଡ଼ିଯାଇ ଦୁଇ ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତ ଛାତ୍ରଦ୍ୱୟ ହେଲେ ତୋଫାନ ପ୍ରଧାନ (୧୫) ଓ ଆଶିଷ ପ୍ରଧାନ (୧୭)।

ପ୍ରକାଶ ଯେ, ପୂର୍ବାହ୍ନ ୯ଟାରେ ହରଭଙ୍ଗା ବ୍ଲକ ଅଧୀନ ଅରଖପଦର ଗ୍ରାମର ନକୁଳ ପ୍ରଧାନଙ୍କ ପୁଅ ତୋଫାନ ଓ ଶରତ ପ୍ରଧାନଙ୍କ ପୁଅ ଆଶିଷ ଗ୍ରାମର ଅନ୍ୟ ତିନିଜଣ ପିଲାଙ୍କ ସହ ମିଶି ଘରଠାରୁ ୩ କିଲୋମିଟର ଦୂରରେ ଥିବା କୁଶାସିଙ୍ଗା ଘାଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଭଉଁରି ଭିତରେ ଆଶିଷ ଓ ତୋଫାନ ପଡିଯାଇ ବୁଡି ଯାଇଥିଲେ। ବହୁ ସମୟ ଧରି ପାଣି ଭିତରୁ ନ ଉଠିବାରୁ ଅନ୍ୟ ପିଲାମାନେ ଡାକ ପକାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ସହ ଚାରିଛକସ୍ଥିତ ଦମକଳ କର୍ମଚାରୀଙ୍କୁ ଫୋନ କରିଥିଲେ। ସେମାନେ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ଦୁଇ ଛାତ୍ରଙ୍କୁ ପାଣିରୁ ଉଦ୍ଧାର କରି ନିକଟସ୍ଥ ହରଭଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ବେଳେ ବାଟରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ହରଭଙ୍ଗା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ଛାତ୍ର ତୋଫାନ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ଆଶିଷ ଯୁକ୍ତ ୩ ଶ୍ରେଣୀର ଛାତ୍ର ଥିଲେ।



ଲକ୍‌ଡାଉନ ବେଳେ ବଲିଉଡ୍ ଅଭିନେତା ଅକ୍ଷୟ କୁମାର ତାଙ୍କ ଭଉଣୀ ଅଲ୍‌କା ଭାଟିଆଙ୍କ ପରିବାର ମୁମ୍ବାଇରୁ ଦିଲ୍ଲୀ ଯିବା ପାଇଁ ଏକ ଚାର୍ଟାର୍ଡ ବିମାନ ବୁକ୍ କରିଥିବା ଖବର ପ୍ରକାଶ ପାଇଥିଲା। ଏଭଳି ଖବର ମିଥ୍ୟା ଓ ଅମୂଳକ କହି ଅକ୍ଷୟ ଏହାକୁ ଖଣ୍ଡନ କରିଛନ୍ତି। ମିଥ୍ୟା ସୂଚନା ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଲକ୍‌ଡାଉନ ଘୋଷଣା ହେବା ପରେ ତାଙ୍କ ଭଉଣୀ କେଉଁଠିକୁ ଯାଇ ନ ଥିବା ବଲିଉଡ୍ ଅଭିନେତା କହିଛନ୍ତି।

# ବଲିଉଡ୍‌ରେ ପୂରିଲା ୧୧ ବର୍ଷ



**ମୁମ୍ବାଇ:** ବଲିଉଡ୍ ନାୟିକା ଜ୍ୟାକ୍‌ଲିନ ଫର୍ନାଣ୍ଡିଜ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ୧୧ ବର୍ଷ ପୂରଣ କରିଛନ୍ତି। ୨୦୦୯ରେ 'ଆଲାଦିନ' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ପାଦ ରଖିଥିଲେ ଜ୍ୟାକଲିନ। ସେ କୁହନ୍ତି ଏପର୍ଯ୍ୟନ୍ତ ବଲିଉଡ୍‌ରେ ସେ ଯେତିକି ଫିଲ୍ମରେ କାମ କରିଛନ୍ତି ସବୁଥିରୁ ସେ କିଛି ନା କିଛି ଶିକ୍ଷା କରିଛନ୍ତି। ଆଉ ଆଗକୁ ସେ ଆକ୍ସନ ଆଇକନ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏପର୍ଯ୍ୟନ୍ତ ସେ କିକ, ମର୍ଡର ୨, ଡିସୁମ, ଜୁଡ୍‌ୱା ୨ ଓ ରେସ୍ ୩ ଭଳି ଫିଲ୍ମରେ କାମ କରି ସାରିଛନ୍ତି। ଆଉ ତାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ବଲିଉଡ୍‌ରେ କାମ କରିବାର ସୁଯୋଗ ମିଳିଥିବାରୁ ସେ ନିଜକୁ ଭାଗ୍ୟବାନ ବୋଲି ମନେକରନ୍ତି। ଦୀର୍ଘ ୧୧ ବର୍ଷ ଭିତରେ ବଲିଉଡ୍ ଇଣ୍ଡଷ୍ଟ୍ରିର ପ୍ରାୟ ବଡ ବଡ ଲୋକଙ୍କ ସହ କାମ କରିବାର ସୁଯୋଗ ପାଇଥିବା କଥା ପ୍ରକାଶ କରିଛନ୍ତି ଜ୍ୟାକଲିନ। ଏପର୍ଯ୍ୟନ୍ତ ଜ୍ୟାକଲିନ ଥ୍ରିଲର, ଆକ୍ସନ, ଡ୍ରାମା ଓ କମେଡି ଭଳି ଫିଲ୍ମରେ କାମ କରିସାରିଛନ୍ତି। ଆଗକୁ ମଧ୍ୟ ଫିଲ୍ମ ଜରିଆରେ ବହୁତ କିଛି ଶିଖିବାର ଲକ୍ଷ୍ୟ ରଖିଛନ୍ତି ଏହି ଅଭିନେତ୍ରୀ।

ଜ୍ୟାକ୍‌ଲିନ ଫର୍ନାଣ୍ଡିଜ

# ରୋବୋ କରୁଛି ସ୍ୱାବ୍ ଟେଷ୍ଟ

**କୋପେନହେଗେନ:** ବିଶ୍ୱରେ କରୋନା ସଂକ୍ରମଣ ମାମଲା ପାଖାପାଖି ୬୦ ଲକ୍ଷରେ ପହଞ୍ଚିଲାଣି। କୋଭିଡ୍‌ରେ ଆକ୍ରାନ୍ତ ହୋଇ ସାଢେ ୩ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏପରି ସଙ୍କଟମୟ ପରିସ୍ଥିତିରେ ଡେନ୍‌ମାର୍କର ବୈଜ୍ଞାନିକମାନେ ଏକ ରୋବୋ ପ୍ରସ୍ତୁତ କରିଛନ୍ତି। ଏହି ରୋବୋ ଏକା ସମୟରେ ସ୍ୱାବ୍ ସଂଗ୍ରହ, ପରୀକ୍ଷା ଏବଂ ସଂଗୃହୀତ ସ୍ୱାବ୍‌ଗୁଡ଼ିକୁ ସୁରକ୍ଷିତ ଭାବେ ରଖିପାରୁଛି। କରୋନା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାରେ ନିୟୋଜିତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ନର୍ସଙ୍କୁ ସଂକ୍ରମଣ ଆଶଙ୍କା ରହୁଛି। ସ୍ୱାସ୍ଥ୍ୟସେବାରେ ନିୟୋଜିତ ଅନେକ କରୋନା ଯୋଦ୍ଧା ପ୍ରାଣ ମଧ୍ୟ ହରାଇଲେଣି। ନିକଟରେ ବିକଶିତ କରାଯାଇଥିବା ଏହି ସ୍ୱୟଂଚାଳିତ ରୋବୋ ସମସ୍ୟାର ସରଳ ସମାଧାନ କରିପାରିବ। ଏପରି ବ୍ୟବସ୍ଥା କରିବାରେ ଡେନ୍‌ମାର୍କ ଦୁନିଆରେ ପ୍ରଥମ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି।



ଏହାକୁ ପ୍ରସ୍ତୁତ କରିଥିବା ପ୍ରଫେସର ଥିୟୁସିୟୁସ୍ ରଜିତ ସବାରିମୁଥୁ କହିଛନ୍ତି, ରୋବୋକୁ ବ୍ୟବହାର କରି ସେ ସର୍ବପ୍ରଥମେ ନିଜର ସ୍ୱାବ ସଂଗ୍ରହ କରିଥିଲେ। ତଣ୍ଟିର ସ୍ୱାବ ସଂଗ୍ରହ କରାଯାଉଥିବା ସ୍ଥାନରେ ରୋବୋ ଅତି ସହଜରେ ପ୍ରବେଶ କରିଥିଲା ଏବଂ ମାତ୍ର କେଇ କ୍ଷଣ ମଧ୍ୟରେ ଅତି ସତର୍କତାର ସହ ସ୍ୱାବ୍ ସଂଗ୍ରହ କରିଥିଲା। ଏହି ରୋବୋକୁ ବିକଶିତ କରିବା ଲାଗି ୧୦ ଜଣିଆ ଟିମ୍‌କୁ ମାସେ ସମୟ ଲାଗିଛି। ଏବେ ନମୁନା ସଂଗ୍ରହ ସମୟରେ ସ୍ୱାସ୍ଥ୍ୟକର୍ମୀଙ୍କୁ ପିପିଇ ପିନ୍ଧିବାକୁ ପଡୁଛି। ପିପିଇକୁ ଥରେ ବ୍ୟବହାର କରିବା ପରେ ଏହା ପରିତ୍ୟକ୍ତ ହୋଇପଡ଼େ। ସେହିପରି ଦୀର୍ଘ ସମୟ ଧରି ପିପିଇ ପିନ୍ଧିବା ଦ୍ୱାରା ସ୍ୱାସ୍ଥ୍ୟକର୍ମୀ ଅସ୍ୱସ୍ତି ଅନୁଭବ କରିଥାନ୍ତି। ରୋବୋ ଦ୍ୱାରା ସ୍ୱାବ୍ ପରୀକ୍ଷଣ ହେଲେ ଏପରି ସମସ୍ୟା ଆଉ ରହିବ ନାହିଁ। ସୂଚନାଯୋଗ୍ୟ, ସ୍ୱାବ୍ ସଂଗ୍ରହ ବେଳେ ରୋଗୀଙ୍କୁ ରୋବୋ ଆଗରେ ମୁହଁକୁ ଖୋଲା କରି ରଖିବାକୁ ପଡ଼ିଥାଏ। ଏହାପରେ ରୋବୋଟି ସାମ୍ପଲ ସଂଗ୍ରହ କରି ଟେଷ୍ଟ ଟ୍ୟୁବ୍‌ରେ ଭର୍ତ୍ତି କରି ଏହାକୁ ସିଲ୍ କରିଦେଇଥାଏ। ପୂର୍ବରୁ ସଂଗୃହୀତ ସ୍ୱାବ୍‌କୁ ପରୀକ୍ଷା ଲାଗି ଲ୍ୟାବ୍‌କୁ ନେବାବେଳେ ସମସ୍ୟା ହେଉଥିଲା। ସଂକ୍ରମଣର ଭୟ ରହୁଥିଲା। ହେଲେ ଏପରି ସୁରକ୍ଷିତ ପଦ୍ଧତି ସଂକ୍ରମଣ ଭୟ କମାଇବ। ୩-ଡି ପ୍ରିଣ୍ଟର ଦ୍ୱାରା ବିକଶିତ ଏହି ରୋବୋର ବ୍ୟବହାର ଜୁନ୍‌ରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

# ସ୍ଥାପନ ହେବ ୧୬ ଜୈବ ବ୍ୟାଙ୍କ

**ନୂଆଦିଲ୍ଲୀ:** ଭାରତରେ କରୋନା ଭୂତାଣୁ ଉପରେ ଅଧିକ ଗବେଷଣା ପାଇଁ ୧୬ଟି ଜୈବ ବ୍ୟାଙ୍କ ସ୍ଥାପନ କରାଯିବ। ଏନେଇ ଆଇସିଏମ୍ଆର୍ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ ୯ଟି ଜୈବ ବ୍ୟାଙ୍କ ଆଇସିଏମ୍ଆର୍ ଦ୍ୱାରା କାର୍ଯ୍ୟ କରିବ। ସେହିପରି ୪ଟି ଡିବିଟି ଦ୍ୱାରା ପରିଚାଳିତ ହେବ। ଅପରପକ୍ଷରେ ଅବଶିଷ୍ଟ ବ୍ୟାଙ୍କ ସିଏସ୍ଆଇଆର୍‌ର ଜୈବ ପ୍ରାଦ୍ୟୋଗିକ ବିଭାଗ ଦ୍ୱାରା ପରିଚାଳିତ ହେବ। ଏଠାରେ କରୋନା ସଂକ୍ରମିତଙ୍କ ପାଟି ଲାଳ, ନାଶାପଥର ଲସିକା, ଗଳାର ସଂକ୍ରମିତ କୋଷିକା, ଫୁସ୍‌ଫୁସ୍ କୋଷିକା, ଛେପ, ରକ୍ତ, ମଳ, ମୂତ୍ର ଆଦି ନମୁନା ସଂରକ୍ଷିତ ରଖାଯିବ। ଗବେଷଣା କରାଯାଇ କରୋନା ସଂକ୍ରମଣର ନୂଆ ଚିକିତ୍ସା ଉପରେ ଅନୁଧ୍ୟାନ କରାଯିବ। ବ୍ୟାଙ୍କଗୁଡ଼ିକ ଏନ୍‌ସିଆର୍ ବାୟୋଟେ ସାଇନ୍ସ ସେଣ୍ଟର, ଫରିଦାବାଦ୍‌ର ଟିଏଚ୍ଏସ୍‌ଟିଆଇ, ଫରିଦାବାଦ୍‌ର ଆର୍‌ସିବି, ଭୁବନେଶ୍ୱରର ଭାଇରାଲ ସାମ୍ପଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ, ବେଙ୍ଗାଲୁରୁର ଇନ୍‌ଷ୍ଟେମ୍ ଏବଂ ନୂଆଦିଲ୍ଲୀର ଆଇଏଲ୍‌ବିଏସ୍‌ଠାରେ ସ୍ଥାପିତ ହେବ।

କରୋନା ଗବେଷଣା



# ଭିକ ମାଗି ସମାଜସେବା

**ନୂଆଦିଲ୍ଲୀ:** କରୋନା ମହାମାରୀ ସଙ୍କଟ ସମୟରେ ଭିକ ମାଗି ସମାଜସେବା କରୁଥିବା ପଞ୍ଜାବର ପଠାଣକୋଟ ବାସିନ୍ଦା ରାଜୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଶଂସା କରିଛନ୍ତି। ରାଜୁ ନିଜେ ଦିବ୍ୟାଙ୍ଗ। ସେ ଭିକ ମାଗି ଚଳିଥାନ୍ତି। ତେବେ କରୋନା ମହାମାରୀ ସଙ୍କଟରେ ତାଙ୍କ ହୃଦୟ ଅନ୍ୟ ଲୋକଙ୍କ ପାଇଁ କାନ୍ଦି ଉଠିଛି। ଇତିମଧ୍ୟରେ ରାଜୁ ଭିକମାଗି ୧୦୦ରୁ ଅଧିକ ପରିବାରଙ୍କୁ ଏକ ମାସର ରାଶନ ଯୋଗାଇଦେବା ସହିତ ୨୫୦୦ରୁ ଅଧିକଙ୍କୁ ମାସ୍କ ବାଣ୍ଟିଛନ୍ତି। ଦିନସାରା ହ୍ୱିଲ୍ ଚେୟାରରେ ବୁଲିବୁଲି ଭିକ ମାଗି ସଂଗ୍ରହ କରିଥିବା ଅର୍ଥକୁ ସେ ସମାଜସେବାରେ ଖର୍ଚ୍ଚ କରିଥାନ୍ତି। ସେ ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟି ଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଗରିବ ପିଲାଙ୍କୁ ପାଠପଢ଼ିବା ପାଇଁ ରାଜୁ ଆବଶ୍ୟକ ଟଙ୍କା ପ୍ରଦାନ କରିବା ସହିତ ଇତିମଧ୍ୟରେ ୨୨ ଜଣ ଗରିବ କନ୍ୟାଙ୍କ ବିବାହ କରିସାରିଛନ୍ତି। ସେହିପରି ପ୍ରତି ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଅବସରରେ ମହିଳା ସଶକ୍ତିକରଣ ଅନ୍ତର୍ଗତ ସେ ମହିଳାଙ୍କୁ ସିଲାଇ ମେସିନ କିଣି ଯୋଗାଇ ଦେଇଥାନ୍ତି। ସେ ଶୀତଦିନେ ଗରିବଙ୍କୁ କମ୍ବଳ ମଧ୍ୟ ବାଣ୍ଟିଥାନ୍ତି।



# ସ୍ନେହ ବଦଳରେ ସ୍ନେହ

**ଗୁଆହାଟୀ(ଆସାମ):** ଲକ୍‌ଡାଉନ୍‌ରେ ଏପରି ଅନେକ ଖବର ଆସୁଛି, ଯାହା ଭାରତୀୟଙ୍କ ପରସ୍ପର ପ୍ରତି ଭଲ ପାଇବା ଓ ସ୍ନେହ ବାଣ୍ଟିବାର ଗୁଣ ପ୍ରମାଣିତ କରିଛି। ନିକଟରେ ବିହାରର ବେଗୁସରାଇରୁ ଆସିଛି ଏଭଳି ଏକ ଭଲ ଖବର। ଏକ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ଆସାମର ଗୁଆହାଟୀରୁ ମିଜୋରାମର ପ୍ରବାସୀ ଶ୍ରମିକଙ୍କୁ ନେଇ ବାହାରିଥିଲା। ଉତ୍ତର ଭାରତର ଅନେକ ଟ୍ରେନ୍ ବିହାର ଦେଇ ଚଳାଚଳ କରିଥାଏ। ତେଣୁ ଟ୍ରେନ୍‌ଟି ବିହାରର ବେଗୁସରାଇଠାରେ କିଛି ସମୟ ଅଟକିଥିଲା। ଏହି ସମୟରେ ସ୍ଥାନୀୟ ଲୋକେ ଟ୍ରେନ୍ ନିକଟକୁ ଦୌଡ଼ି ଆସି ଯାତ୍ରୀ(ଶ୍ରମିକ)ମାନଙ୍କୁ ଖାଦ୍ୟପୁଡ଼ିଆ ଦେଇଥିଲେ। ଏହା ଦେଖି ମିଜୋରାମର ପ୍ରବାସୀମାନେ ମଧ୍ୟ ଖୁସି ହୋଇଯାଇଥିଲେ। ଏହି ସମୟର ଏକ ଭିଡିଓକୁ ମିଜୋରାମର ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ଟୁଇଟରରେ ଶେୟାର କରିଛନ୍ତି। ଏହାର କ୍ୟାପ୍‌ସନରେ ସେ ଲେଖିଛନ୍ତି,'' ଯେତେବେଳେ ଲୋକେ ଭଲପାଇବା ବାଣ୍ଟିଥାନ୍ତି, ଭାରତ ସୁନ୍ଦର ଦେଖାଯାଏ''। ୩୦ ସେକେଣ୍ଡର ଏହି ଭିଡିଓଟିରେ କେତେଜଣ ଯୁବକ ଟ୍ରେନ୍ ନିକଟକୁ ଦୌଡ଼ି ଆସି ଝରକା ବାଟରୁ ଯାତ୍ରୀଙ୍କୁ ଖାଦ୍ୟ ପୁଡ଼ିଆ ଦେଉଥିବା ନଜରକୁ ଆସିଛି। ଏଥିସହ ଜୋରାମଥାଙ୍ଗା ୨୮ ତାରିଖରେ ଶେୟାର କରିଥିବା ଅନ୍ୟ ଏକ ଭିଡିଓ କଥା ମନେପକାଇ କହିଛନ୍ତି, ପୂର୍ବରୁ ବାଙ୍ଗାଲୁରୁରୁ ଘରକୁ ଫେରିବା ବାଟରେ ମିରୋଜାମ୍ ଲୋକେ ଆସାମର ବନ୍ୟା ପ୍ରପୀଡ଼ିତଙ୍କୁ ଟ୍ରେନ୍ ଝରକାରୁ ଖାଦ୍ୟ ଦେଇ ସାହାଯ୍ୟ କରିଥିଲେ। ଏହାର କିଛିଦିନ ପରେ ବିହାର ଲୋକେ ଆମ ଲୋକଙ୍କୁ ଖାଦ୍ୟ ଦେଇ ସାହାଯ୍ୟ କରିଛନ୍ତି। ତେଣୁ ସ୍ନେହ ବଦଳରେ ସ୍ନେହ(ଗୁଡ୍‌ନେସ୍ ଫର୍ ଗୁଡ୍‌ନେସ୍) ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି।



# ଦଣ୍ଡ ଗଣିଲେ ରୋମାନିଆ ପ୍ରଧାନମନ୍ତ୍ରୀ

**ବୁକାରେଷ୍ଟ:** କରୋନା ମହାମାରୀ ସଙ୍କଟ ସମୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ପୃଥିବୀର ବିଭିନ୍ନ ଦେଶରେ ନିୟମ ଜାରି ହୋଇଛି। ଏହାର ଉଲ୍ଲଂଘନ କରି ରୋମାନିଆ ପ୍ରଧାନମନ୍ତ୍ରୀ ଲୁଡୋଭିକ୍ ଓର୍ବାନ୍‌ଙ୍କୁ ୬୦୦ ଡଲାର ଜରିମାନା ଦେବାକୁ ପଡ଼ିଛି। ସ୍ଥାନୀୟ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ବହିର୍ବ୍ୟାପାର ମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀଙ୍କ ସହିତ ମିଶି ଏକାଠି ବସିଥିବାର ଏକ ଫଟୋ ପ୍ରକାଶ ପାଇଥିଲା। ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଏକ ଟେବୁଲରେ ମଦ ବୋତଲ ଏବଂ ଖାଦ୍ୟସାମଗ୍ରୀ ଥିଲା। ପ୍ରଧାନମନ୍ତ୍ରୀ ଧୂମପାନ କରୁଥିବା ଏଥିରେ ଦେଖିବାକୁ ମିଳିଥିଲା। ଫଟୋରେ କେହି ସାମାଜିକ ଦୂରତା ନିୟମକୁ ପାଳନ କରୁ ନ ଥିଲେ। ମେ' ୨୫ରେ ପ୍ରଧାନମନ୍ତ୍ରୀଙ୍କ ୫୭ତମ ଜନ୍ମଦିନରେ ଏହି ଫଟୋ ଉଠାଯାଇଥିଲା। ଫଟୋରେ ସାମାଜିକ ଦୂରତା ବଜାୟ ରଖା ଯାଇ ନ ଥିବାରୁ ଆଇନ ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କୁ ଜରିମାନା ଦେବାକୁ ପଡ଼ିଛି।

ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ



# ଇର୍ଫାନ ଥିଲେ କରୋନା ଯୋଦ୍ଧା

**ମୁମ୍ବାଇ:** ବଲିଉଡ୍‌ର ନାମୀଦାମୀ କଳାକାର ଭିତରେ ଇର୍ଫାନ ଖାଁଙ୍କ ନାଁ ଥିଲା ଅନ୍ୟତମ। ଗତ ଏପ୍ରିଲ ୨୯ରେ ତାଙ୍କର ପରଲୋକ ହୋଇଥିଲେ ମଧ୍ୟ ସେ ଦର୍ଶକଙ୍କ ନିକଟରେ ଅଭୁଲା ହୋଇ ରହିଛନ୍ତି। କ୍ୟାନସରରେ ପୀଡ଼ିତ ଥାଇ ଖୁବ୍ କମ୍ ବୟସରେ ମୃତ୍ୟୁକୁ ଆପଣାଇ ନେଇଥିଲେ ଏହି କଳାକାର। ଏବେ କିନ୍ତୁ ତାଙ୍କର ଜଣେ ବନ୍ଧୁ କହିଛନ୍ତି ଶେଷ ସମୟରେ ସେ କରୋନା ଯୁଦ୍ଧରେ ସହଯୋଗର ହାତ ବଢାଇଛନ୍ତି। ସେ ଏଥିପାଇଁ ଆର୍ଥିକ ସହାୟତା କରିଥିଲେ ମଧ୍ୟ ଏକଥା କେଉଁଠି ପ୍ରକାଶ କରିବାକୁ ସମସ୍ତଙ୍କୁ ବାରଣ କରିଥିଲେ। ହେଲେ ତାଙ୍କ ବନ୍ଧୁ ଜିଲାଉଲ୍ଲାହ କହିଛନ୍ତି ଏହା ଇର୍ଫାନଙ୍କ ମହତ କାମ ହୋଇଥିବାରୁ ମୁଁ ଏହାକୁ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରିଛି। ଯଦି ସେ ବଞ୍ଚିଥାଆନ୍ତେ ତେବେ ସେ ଏହା କାହାକୁ ହୁଏତ କହି ନ ଥାଆନ୍ତେ। କିନ୍ତୁ ତାଙ୍କର ମୃତ୍ୟୁ ପରେ ଏହା କହିବା ଠିକ୍ ହେବ ଭାବି ସେ ଇର୍ଫାନଙ୍କ ବଦାନ୍ୟତା କଥା ପ୍ରକାଶ କରି ତାଙ୍କୁ କ୍ଷମା ମାଗିଛନ୍ତି।



# ହ୍ରିତିକ ଶେୟାର କଲେ ଭଉଣୀ ପଶ୍ମିନାଙ୍କ ଫଟୋ

**ମୁମ୍ବାଇ:** ବଲିଉଡ୍‌ରେ ବର୍ତ୍ତମାନ ବହୁ ନବାଗତା ପାଦ ଥାପିଲେଣି। ଏମାନଙ୍କ ମଧ୍ୟରେ ଅଛନ୍ତି ବଲିଉଡ ଅଭିନେତା ହ୍ରିତକ ରୋଶନଙ୍କ ଭଉଣୀ ପଶ୍ମିନା ରୋଶନ। ସେ ହେଉଛନ୍ତି ହ୍ରିତିକଙ୍କ ଦାଦା ଝିଅ ଭଉଣୀ। ପଶ୍ମିନା ବଲିଉଡରେ ଡେବ୍ୟୁ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଲେଣି। ହ୍ରିତିକ ପଶ୍ମିନାଙ୍କ ଲାଗି ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଯେଉଁଥିରେ ସେ ତାଙ୍କର ଅନେକ ଗୁଡ଼ିଏ ଫଟୋକୁ ଶେୟାର କରିଛନ୍ତି। ଏଥିରେ ସେ ତାଙ୍କ ଭଉଣୀଙ୍କ ପାଇଁ ଏକ ବାର୍ତ୍ତା ମଧ୍ୟ ଲେଖିଛନ୍ତି। ସେ ତାଙ୍କର ଭବିଷ୍ୟତ ଲାଗି ଶୁଭକାମନା ଜଣାଇବା ସହ ତାଙ୍କୁ ଉତ୍ସାହିତ ମଧ୍ୟ କରିଛନ୍ତି। ତେବେ ହ୍ରିତିକ ଶେୟାର କରିଥିବା ଫଟୋ ଗୁଡ଼ିକ ଭାଇରାଲ ହେବାରେ ଲାଗିଛି। ଏଠାରେ ଉଲ୍ଲେଖନୀୟ ଯେ, ପଶ୍ମିନା ହେଉଛନ୍ତି ରାକେଶ ରୋଶନଙ୍କ ଭାଇ ତଥା ମ୍ୟୁଜିକ କମ୍ପୋଜର ରାଜେଶ ରୋଶନଙ୍କ ଝିଅ।



# ବିଗ୍ ବି'ଙ୍କ ବଦାନ୍ୟତା

**ମୁମ୍ବାଇ:** ଲକ୍‌ଡାଉନ୍ ଯୋଗୁ ସାରା ଦେଶରେ ପ୍ରବାସୀ ଶମିକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ପ୍ରବାସୀ ଶ୍ରମିକ ମାଇଲ ମାଇଲ ବାଟ ଚାଲି ନିଜ ଗାଁକୁ ଯାଉଥିବା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ବଲିଉଡ ଅଭିନେତା ସୋନୁ ସୁଦ୍ ଓ ଅଭିନେତ୍ରୀ ସ୍ୱାରା ଭାସ୍କର ପ୍ରବାସୀ ଶ୍ରମିକମାନଙ୍କୁ ସାହାଯ୍ୟ କରୁଛନ୍ତି। ବର୍ତ୍ତମାନ ଏହି ଧାରାରେ ହିନ୍ଦୀ ସିନେମାର ମେଗାଷ୍ଟାର ଅମିତାଭ ବଚ୍ଚନ ମଧ୍ୟ ସାମିଲ ହୋଇଯାଇଛନ୍ତି। ମୁମ୍ବାଇରେ ରହୁଥିବା ଉତ୍ତରପ୍ରଦେଶର କେତେକ ଲୋକଙ୍କୁ ଅଭିତାଭ ଏବଂ ତାଙ୍କ କମ୍ପାନୀ 'ଏବି କର୍ପୋରେଶନ ଲିମିଟେଡ' ପକ୍ଷରୁ ୧୦ଟି ବସ୍ ଯୋଗେ ସେଠାକୁ ପଠାଇ ଦିଆଯାଇଛି। ଶୁକ୍ରବାର ମୁମ୍ବାଇର ହାଜି ଅଲ୍ଲି ଜୁସ୍ ସେଣ୍ଟରରୁ ୧୦ଟି ବସ୍ ଉତ୍ତରପ୍ରଦେଶ ଅଭିମୁଖେ ଯାତ୍ରା କରିଥିଲା। ଏହି ସମୟରେ ସମସ୍ତ ପ୍ରବାସୀଙ୍କ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଯତ୍ନ ନିଆଯାଇଥିଲା। ପ୍ରବାସୀମାନେ ବସ୍‌ରେ ଯିବାବେଳେ ମାସ୍କ ପିନ୍ଧିଥିଲେ। ଏପରିକି ବସ୍‌ରେ ସାମାଜିକ ଦୂରତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ସମସ୍ତ ପ୍ରବାସୀମାନେ ଲକ୍‌ଡାଉନ୍ ପରଠାରୁ ମୁମ୍ବାଇରେ ଫସି ରହିଥିଲେ। ତେବେ ବିଗ୍ ବିଙ୍କ ସାହାଯ୍ୟରେ ଏମାନେ ନିଜ ପରିବାର ଲୋକଙ୍କ ନିକଟରେ ପହଞ୍ଚିବାର ସୁଯୋଗ ପାଇଥିଲେ।



# ତାରବିହୀନ ବିଦ୍ୟୁତ୍

ସାଧାରଣତଃ ବିଦ୍ୟୁତ ସଞ୍ଚାରଣ ପାଇଁ ତାରର ଆବଶ୍ୟକତା ପଡ଼ିଥାଏ। ହେଲେ ଏଣିକି ଏଥିପାଇଁ ତାର ଆବଶ୍ୟକ ପଡିବ ନାହିଁ। ଏ କ୍ଷେତ୍ରରେ ଗବେଷଣା କରି ସଫଳତା ହାସଲ କରିଥିବାର ଜାପାନ ବୈଜ୍ଞାନିକମାନେ ଦାବି କରିଛନ୍ତି। ଏହି ବିଷୟରେ ଗବେଷଣା କରିବା ସମୟରେ ସେମାନେ ମାଇକ୍ରୋୱେଭର ପ୍ରୟୋଗ କରି ୧୦ କିଲୋୱାଟ୍ ବିଦ୍ୟୁତକୁ ୧,୬୪୦ ଫୁଟ ଦୂରରେ ଥିବା ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇଥିଲେ। ସାଧାରଣଭାବରେ ୧୦ କିଲୋୱାଟ ବିଦ୍ୟୁତ ରୋଷେଇ ଘରେ ବ୍ୟବହୃତ ହେଉଥିବା ସମସ୍ତ ଉପକରଣକୁ ଚଳାଇବାକୁ ପର୍ଯ୍ୟାପ୍ତ। ତେବେ ଏପରି ତାରବିହୀନ ବିଦ୍ୟୁତ ପଛରେ ଆଉ ଏକ ଲକ୍ଷ୍ୟ ରହିଛି। ମହାକାଶରୁ ମିଳୁଥିବା ସୌରଶକ୍ତିକୁ ପୃଥିବୀ ପୃଷ୍ଠରେ କିପରି ବ୍ୟବହାର କରାଯାଇପାରିବ ସେ ନେଇ ଏହାଦ୍ୱାରା କେତେକାଂଶରେ ସଫଳତା ମିଳିପାରିବ ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।



# ବ୍ୟାୟାମ କରିବା ପୂର୍ବରୁ...

ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ପ୍ରଥମେ ଏ ନେଇ ଜଣେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଷଦଭାବରେ ଆଲୋଚନା କରନ୍ତୁ। ତା'ପୂର୍ବରୁ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ଜାଣି ନିଅନ୍ତୁ। ଯଦି ସକାଳେ କିଛି ସମୟ ବ୍ୟାୟାମ କରିବେ ତେବେ ତାହାର ସମୟ ନିର୍ଘଣ୍ଟ ସ୍ଥିର କରନ୍ତୁ। ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ହିଁ ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଯଦି ବ୍ୟାୟାମ କରିବା ସମୟରେ ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ଅନ୍ୟପକ୍ଷରେ ବ୍ୟାୟାମ କରିବା ସମୟରେ କେତେ ସମୟ ଚାଲିବେ, କେତେ ସମୟ ଜଗିଂ କରିବେ ତାହା ମଧ୍ୟ ସ୍ଥିର କରନ୍ତୁ। ବ୍ୟାୟାମ କରିସାରିବା ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। ଏହାର କିଛି ସମୟ ପରେ ପାଣି ପିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉଏକ କଥା–ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।



# କରୋନା : ଥିଲା ଓ ରହିବ



ଡା. ଦ୍ୱିଜେଶ କୁମାର ପଣ୍ଡା

କରୋନା ଗୋଟିଏ ନିର୍ଜୀବ ଅଣୁ। ଏହାର ବିନାଶ ନାହିଁ। ପରିବେଶରେ ଏହା ତିଷ୍ଠି ରହେ। ବାଦୁଡି, ବଜ୍ରକାପ୍ତା, ସାପ ଓ ସରୀସୃପ ଏହାର ବାହକ। ଉଚ୍ଚ ଉତ୍ତାପରେ ପଶୁ ମାଂସ ରାନ୍ଧି ନ ଖାଇଲେ ଏହା ସଂକ୍ରମିତ ହୋଇଥାଏ। ୨୦୦୩ରେ କରୋନାର ସାର୍ବଦେଶିକ ସଂକ୍ରମଣ ହୋଇଥିଲା। ସେତେବେଳେ ୨୬ଟି ଦେଶରେ ୮୦୦୦ ବ୍ୟକ୍ତି ସଂକ୍ରମିତ ହୋଇଥିଲେ। ବାଦୁଡି ଏହାର ବାହକ ଥିଲା। ଦକ୍ଷିଣ ଚାଇନାର 'ଗୁଆଙ୍ଗଡଙ୍ଗ' ରାଜ୍ୟରୁ ଏହା ଆରମ୍ଭ ହୋଇଥିଲା। କୋଭିଡ୍–୧୯ର ସୃଷ୍ଟି ପୁଣି ସେହି ଚାଇନାର ଉହାଙ୍ଗ ରାଜ୍ୟରୁ ୨୦୧୯ ନଭେମ୍ବରରୁ ହୋଇଛି। ଏହା କ'ଣ ମନୁଷ୍ୟକୃତ ନା ପଶୁ ମାଂସରୁ ? ପରୀକ୍ଷାଗାରରେ ଜୈବ ପରିବର୍ତ୍ତନ ଫଳରେ ବହୁ ସଂକ୍ରାମକ ରୂପ ନେଇ ମଣିଷକୁ ସଂକ୍ରମଣ କରିଛି। ଏହାକୁ ଶ୍ୱାସନଳୀ ଭୂତାଣୁ କୁହାଯାଏ। କାଶ ଓ ଛିଙ୍କ ଦ୍ୱାରା ନିର୍ଗତ ଅଣୁ ଫୁସଫୁସ ଭିତରେ ପ୍ରବେଶ କରି ପୂଜ ତିଆରି କରେ। ରୋଗୀର ନିଃଶ୍ୱାସ ଅବରୋଧ ହୋଇ ମୃତ୍ୟୁ ହୁଏ। ବର୍ତ୍ତମାନ ସୁଦ୍ଧା ବିଶ୍ୱର ତିନି ଲକ୍ଷରୁ ଉର୍ଦ୍ଧ୍ୱ ରୋଗୀଙ୍କର ମୃତ୍ୟୁ ହେଲାଣି। ପାଖାପାଖି ୬୧ ଲକ୍ଷ ଲୋକ ଆକ୍ରାନ୍ତ ହେଲେଣି। ହେଲେ ଏଥିପାଇଁ ଫଳପ୍ରଦ ଟିକା କି ଔଷଧ ନାହିଁ।

ଭୂତାଣୁ ସ୍ୱୟଂ ଉତ୍ପତ୍ତି ହୁଏ। ସବୁ ପ୍ରାଣୀ, ମଣିଷ ଓ ଉଦ୍ଭିଦକୁ ରୋଗାକ୍ରାନ୍ତ କରେ। ଜୀବ ବିଜ୍ଞାନ ଓ ଜୀବ ରସାୟନକୁ ନେଇ ଭୂତାଣୁର ସୃଷ୍ଟି। ରୋଗୀର ଜୀବକୋଷରେ ପ୍ରବେଶ କରି ପୁଷ୍ଟିସାର ନେଇ ବଞ୍ଚନ୍ତି ଓ ବହୁଗୁଣରେ ବିକଶିତ ହୁଅନ୍ତି। ଶେଷରେ ସବୁ ଜୀବକୋଷକୁ ଅକାମୀ କରିଦିଅନ୍ତି। ଏମାନେ ଜୀବକୋଷର ପରଜୀବୀ। ନିର୍ଜୀବ ହୋଇ ମଧ୍ୟ ବାହକର ବିପାକ ପ୍ରକ୍ରିୟାରେ ସହଜୀବୀ ହୋଇ ରହନ୍ତି। ପଥର ସଜୀବ ନୁହେଁ। ଗୋଟିଏ ଗଛର ମଞ୍ଜିକୁ ସଜୀବ କୁହାଯାଇ ପାରିବ ନାହିଁ। କିନ୍ତୁ ଏହା ଭିତରେ ପ୍ରଚ୍ଛନ ଶକ୍ତି ରହିଛି ଗୋଟିଏ ଜୀବନ୍ତ ଗଛକୁ ଜନ୍ମ ଦେବା ପାଇଁ। ସେହିପରି ଭୂତାଣୁମାନେ ଶରୀର ଭିତରେ ପ୍ରବେଶ କଲା ପରେ ସଜୀବ ହୋଇ ଉଠନ୍ତି। ଭୂତାଣୁଗୁଡିକ କ୍ଷୁଦ୍ରତମ ଅଣୁ। ଜୀବାଣୁଠାରୁ ବହୁ ଗୁଣରେ ଛୋଟ। ଏହା ଅଣୁବୀକ୍ଷଣ ଯନ୍ତ୍ରରେ ଦେଖି ହେବ ନାହିଁ। ଇଲେକ୍ଟ୍ରନ ମାଇକ୍ରୋସ୍କୋପକୁ ଦୁଇ ଜଣ ଜର୍ମାନୀ ବୈଜ୍ଞାନିକ 'ରୁସ୍କା ଓ ମାକ୍ସ ନଲ୍' ୧୯୩୧ରେ ଆବିଷ୍କାର କରିଥିଲେ। ଏହାଦ୍ୱାରା ଭୂତାଣୁକୁ ୧୯୩୯ରେ ପ୍ରଥମେ ଦେଖିହେଲା। ଏହାର ନାମ ହେଲା 'ଟବାକୋ ମୋଜାହକ ଭାଇରସ୍'। ଏମାନେ ଧୂଆଁପତ୍ର (ଟବାକୋ) ଗଛର ପତ୍ରକୁ ସଂକ୍ରମଣ କରି ହଳଦିଆ କରିଦେଉଥିଲେ। ଏପରି କି ରୁଗ୍‌ଣ ପତ୍ରର ରସ ସୁସ୍ଥ ପତ୍ରରେ ଲଗାଇଲେ ସେହି ଗଛର ପତ୍ରଗୁଡିକ ହଳଦିଆ ହୋଇଯାଉଥିଲା। ୧୯୩୫ରେ 'ଷ୍ଟାନଲି' ଓ ତାଙ୍କର ସହକର୍ମୀମାନେ ନ୍ୟୁୟର୍କର ରକଫେଲର ବିଶ୍ୱବିଦ୍ୟାଳୟରେ ଗବେଷଣା କରି ଏହି ଭୂତାଣୁ ବିଷୟରେ ଜାଣିପାରିଥିଲେ। ସେ ଦେଖିଲେ ଯେ ଏହା ଗୋଟିଏ ଜୀବ–ରସାୟନର ପୁଟୁଳି। ଏଥିରେ ବୃଦ୍ଧିକାରକ ଓ ଶକ୍ତିଦାୟକ ଉପାଦାନ ନାହିଁ। ଏହି ଉଦ୍ଭାବନ ପାଇଁ ତାଙ୍କୁ ୧୯୪୭ରେ ନୋବେଲ ପୁରସ୍କାର ମିଳିଥିଲା।





> "୨୦୦୩ରେ କରୋନାର ସାର୍ବଦେଶିକ ସଂକ୍ରମଣ ହୋଇଥିଲା। ସେତେବେଳେ ୨୬ଟି ଦେଶରେ ୮୦୦୦ ବ୍ୟକ୍ତି ସଂକ୍ରମିତ ହୋଇଥିଲେ। ବାଦୁଡି ଏହାର ବାହକ ଥିଲା। ଦକ୍ଷିଣ ଚାଇନାର 'ଗୁଆଙ୍ଗଡଙ୍ଗ' ରାଜ୍ୟରୁ ଏହା ଆରମ୍ଭ ହୋଇଥିଲା। କୋଭିଡ୍–୧୯ର ସୃଷ୍ଟି ପୁଣି ସେହି ଚାଇନାର ଉହାଙ୍ଗ ରାଜ୍ୟରୁ ୨୦୧୯ ନଭେମ୍ବରରୁ ହୋଇଛି। ଏହା କ'ଣ ମନୁଷ୍ୟକୃତ ନା ପଶୁ ମାଂସରୁ ?"

ଭୂତାଣୁମାନେ ପ୍ରଜଜନକ୍ଷମ ନୁହଁନ୍ତି। ସେମାନେ ପ୍ରାଣୀ ଜୀବକୋଷରେ ପ୍ରବେଶ କଲାପରେ ବଂଶବୃଦ୍ଧି କରିଥାଆନ୍ତି। କରୋନା ଭୂତାଣୁ ଆରଏନଏ ଭାଇରସ। ଜୀବକୋଷରେ ଡିଏନଏ ସଂସ୍ପର୍ଶରେ ଆସି ଏଞ୍ଜାଇମ୍ ପ୍ରକ୍ରିୟା ଦ୍ୱାରା ନିୟୁତ ସଂଖ୍ୟାରେ ଆରଏନଏ ଭୂତାଣୁ ସୃଷ୍ଟି ହୁଏ। ଏହି ଭୂତାଣୁ ନିର୍ଗତ ହୋଇ କବାଟ, ଟେବୁଲ, ଚୌକି ଏବଂ ଅନ୍ୟ ଆସବାବରେ ଏକ ସପ୍ତାହ ପର୍ଯ୍ୟନ୍ତ ଲାଗି ରହନ୍ତି। ଏଗୁଡିକ ହାତରେ ଲାଗି ପାଟି, ନାକ ଓ ଆଖିରେ ଲାଗିଲେ ଭୂତାଣୁମାନେ ଶ୍ୱାସନଳୀ ଦେଇ ଫୁସଫୁସ୍‌କୁ ପ୍ରବେଶ କରନ୍ତି। ଏମାନେ ହାତରେ ଲାଗି ଦେହ ଭିତରେ ପ୍ରବେଶ କରି ରୋଗର ଲକ୍ଷଣ ପ୍ରକାଶ କରିବା ପାଇଁ ଦୁଇ ସପ୍ତାହ ସମୟ ନିଅନ୍ତି। ଆଣ୍ଟିବାୟୋଟିକ ଭୂତାଣୁ ମାରିପାରିବ ନାହିଁ। ଏଚଆଇଭି ଭୂତାଣୁର ଟିକା ଏ ପର୍ଯ୍ୟନ୍ତ ବାହାରି ନାହିଁ। ଭୂତାଣୁମାନେ ସେମାନଙ୍କର ଆକାର ବାରମ୍ବାର ପରିବର୍ତ୍ତନ କରନ୍ତି। ତେଣୁ ପ୍ରୋଟିନ (ଆଣ୍ଟିଜେନ୍)ର ରସାୟନ ବଦଳି ଗଲେ ପ୍ରତିପିଣ୍ଡ (ଆଣ୍ଟିବଡି) ତିଆରି ହୋଇପାରିବ ନାହିଁ। ପକ୍ଷୀ ଓ ପଶୁ ଦେହରେ ଥିବା ଭୂତାଣୁ ମଣିଷ ଶରୀରରେ ପ୍ରବେଶ କଲେ ସଂକ୍ରମଣ ଶକ୍ତି ବହୁ ଗୁଣରେ ବୃଦ୍ଧି ପାଇଥାଏ।

*–୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ଫୋନ୍ : (୦୬୭୪) ୨୫୪୨୯୩୪*

# ସ୍ମାର୍ଟ ହେଲମେଟ୍

ଏଣିକି ହେଲମେଟ୍ ବାଟ ଦେଖାଇପାରିବ। ଏପରି ଏକ ସ୍ମାର୍ଟ ତଥା ହାଇଟେକ୍ ହେଲମେଟ୍ ପ୍ରସ୍ତୁତ କରାଯାଇଛି। ଏଭଳି ଏକ ପ୍ରୟାସ କରି ରୁଷିଆର ବିଶେଷଜ୍ଞମାନେ ସଫଳ ହୋଇଛନ୍ତି। ଉକ୍ତ ନୂଆ ହେଲମେଟ୍‌ରେ ଅତ୍ୟାଧୁନିକ ଜ୍ଞାନକୌଶଳବିଶିଷ୍ଟ ଡିଭାଇସ୍ ସଂଯୋଗ କରାଯାଇଛି। ଫଳରେ ଏହାକୁ ପିନ୍ଧି ଗାଡି ଚଳାଇଲେ ତାହା କେଉଁ ବାଟରେ ଯିବେ ସେ ସମ୍ପର୍କରେ ଆପଣଙ୍କୁ ସୂଚନା ଦେଇପାରିବ। ତା' ସହ ଭୁଲ ବାଟରେ ଗାଡି ଚଳାଇଲେ ସାଙ୍ଗେ ସାଙ୍ଗେ ଏହି ହେଲମେଟ୍‌ରୁ ଏକ ସ୍ୱର ଶୁଣାଯିବ, ଯାହାକୁ ଅନୁସରଣ କରି ବାଇକ୍ ଚାଳକ ଠିକ ବାଟରେ ଗାଡ଼ି ଚଳାଇପାରିବ ବୋଲି ରିପୋର୍ଟରେ ସୂଚନା ଦିଆଯାଇଛି। ତେବେ ଏହି ହେଲ୍‌ମେଟକୁ ଆହୁରି ଉନ୍ନତ ଜ୍ଞାନକୌଶଳବିଶିଷ୍ଟ କରିବାକୁ ଆଉ କିଛି ବର୍ଷ ଲାଗିବ ବୋଲି ଏଥିରୁ ଜଣାପଡିଛି।



## ସ୍ୱାସ୍ଥ୍ୟ ସୂଚନା

- ଆମେ ସାଧାରଣତଃ ପନିପରିବା ବାହାରୁ କିଣି ଆଣିଥାଉ। ହେଲେ ଏପରି କେତେକ ପନିପରିବା ରହିଛି, ଯାହାକୁ ବ୍ୟବହାର କରିବା ପୂର୍ବରୁ ସେଗୁଡିକୁ ଭଲ ଭାବରେ ଧୋଇବା ଦରକାର। ବିଶେଷଭାବରେ କାକୁଡି, ତରଭୁଜ,ଲେମ୍ବୁ, ସେଓ ଏବଂ ଅଙ୍ଗୁର ଆଦିକୁ ଭଲ ଭାବରେ ଧୋଇବା ପରେ ହିଁ ଖାଆନ୍ତୁ।
- କଞ୍ଚା ଖାଦ୍ୟ ଏବଂ ରନ୍ଧା ଖାଦ୍ୟ ଏକାଠି ନ ରଖିବା ଭଲ।
- ନନ୍‌ଭେଜ ଖାଦ୍ୟ ମାଛ, ମାଂସ ଅଣ୍ଡା ଆଦି ରୋଷେଇ କରୁଥିଲେ ସେଗୁଡିକୁ ୭୦ ଡିଗ୍ରୀରୁ ଅଧିକ ତାପମାତ୍ରାରେ ରୋଷେଇ କଲେ ସେଥିରେ ଜୀବାଣୁ ନଷ୍ଟ ହୋଇଯାଇଥାଆନ୍ତି।
- ନଷ୍ଟ ହୋଇଯାଇଥିବା ଖାଦ୍ୟପଦାର୍ଥକୁ କଦାପି ପଶୁପକ୍ଷୀଙ୍କୁ ଦିଅନ୍ତୁ ନାହିଁ।
- ରୋଷେଇ ହୋଇଥିବା ଖାଦ୍ୟକୁ ଅଧିକ ସମୟ ଖୋଲା ରଖନ୍ତୁ ନାହିଁ।
- ପ୍ୟାକେଟ୍ ହୋଇଥିବା ଡ୍ରାଏ ଖାଦ୍ୟ କିଣିବା ସମୟରେ ତାହାର ପ୍ରସ୍ତୁତ ତାରିଖ, ଏକ୍ସପାୟରୀ ତାରିଖ ଏବଂ ଗୁଣବତ୍ତା ବିଷୟରେ ପ୍ରଥମେ ଜାଣି ନିଅନ୍ତୁ।
- ସବୁବେଳେ ଭିଟାମିନ୍‌ଯୁକ୍ତ ଏବଂ ସୁପାଚ୍ୟ ଖାଦ୍ୟ ହିଁ ଖାଆନ୍ତୁ।
- ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଅଭ୍ୟାସ ବଦଳାନ୍ତୁ। କାରଣ ଏହାର ପ୍ରଭାବ ଆମ ଶରୀରର ପାଚନ କ୍ରିୟା ଉପରେ ପଡ଼ିଥାଏ।



# ଦୃଷ୍ଟିଶକ୍ତିକୁ ପ୍ରଖର କରେ ଧନିଆ ପତ୍ର



ଧନିଆ ପତ୍ରରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ନିୟମିତ ଖାଦ୍ୟ ତାଲିକାରେ ଏହାକୁ ସାମିଲ କଲେ ତାହା ଦୃଷ୍ଟି ଶକ୍ତିକୁ ପ୍ରଖର କରିଥାଏ ବୋଲି ୟୁନିଭର୍ସିଟି ଅଫ ଲଣ୍ଡନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡିଛି। ଧନିଆରେ ଭିଟାମିନ୍ 'ଏ' ଏବଂ ଫସଫରସ ପ୍ରଚୁର ମାତ୍ରାରେ ରହିଛି। ଏଥିରେ ଥିବା ଏହି ଦୁଇଟି ତତ୍ତ୍ୱ ଦୃଷ୍ଟି ଶକ୍ତିକୁ ଆହୁରି ସକ୍ରିୟ କରିଥାଏ। କେବଳ ସେତିକି ନୁହେଁ, ଏହାକୁ ଖାଇବା ଦ୍ୱାରା ଅଜୀର୍ଣ୍ଣ ସମସ୍ୟା ଦୂର ହୋଇଥାଏ। ଆଉ ଏକ କଥା। ଧନିଆରେ କ୍ୟାଲସିୟମ ତତ୍ତ୍ୱ ମଧ୍ୟ ରହିଛି। ଏହାକୁ ଖାଇବା ଦ୍ୱାରା ଅସ୍ଥି ମଜଭୁତ ହୋଇଥାଏ। ବିଶେଷଭାବରେ ବୟସ୍କ ବ୍ୟକ୍ତି ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଧନିଆରେ ପ୍ରଚୁର ପରିମାଣରେ ଆଇରନ୍ ଭରି ରହିଛି। ତେଣୁ ଏହାକୁ ଖାଇଲେ ଭୋକ ଠିକ୍ ଭାବରେ ହୋଇଥାଏ। ପ୍ରତିଦିନ ଏକ ଚାମଚ ଧନିଆ ପେଷ୍ଟ ଖାଇବା ଦ୍ୱାରା ଆମ ଶରୀରରେ ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ।

# କରୋନା ଭାଇରସ୍ ପ୍ରତିଷେଧକ ଟିକା

(ଶେଷ ଭାଗ)

**ଚାଇନା ଟିକା: PiCoVacc**

ଏକ ବେସରକାରୀ ଚାଇନା ସଂସ୍ଥା ସାଇନୋଭ୍ୟାକ (Sinovac) ଦ୍ୱାରା ବିକଶିତ ଏହି ଟିକା ଏବେ ପରୀକ୍ଷଣର ମିଳିତ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଅଛି । ଏହା ପୂର୍ବ ପଦ୍ଧତି ଭଳି ଶରୀରରେ କିଛି ନିଷ୍କ୍ରିୟ ଭାଇରସର ନମୁନା ପ୍ରବେଶ କରାଇ ଭାଇରସ ବିପକ୍ଷରେ ଏକ ପ୍ରତିରୋଧକ ବ୍ୟବସ୍ଥା ଉତ୍ପନ୍ନ କରିଥାଏ । ଏହି ଟିକାର ସାଂପ୍ରତିକ ପରୀକ୍ଷଣ ପର୍ଯ୍ୟାୟ ସମାପ୍ତ ହେବା ପାଇଁ ଚାରି ମାସ ସମୟ ଲାଗିବ ବୋଲି ଆଶା କରାଯାଏ ।

**ଆମେରିକୀୟ ଟିକା : mRNA–୧୨୭୩**

ଏକ ଆମେରିକୀୟ ବାୟୋଟେକ ଫାର୍ମ ମ୍ୟାଡେର୍ନା ( Maderna) ଦ୍ୱାରା ବିକଶିତ ଏହି ଟିକା ପୂର୍ବୋକ୍ତ INO–୪୮୦୦ ଟିକା ସଦୃଶ ଏକ ଡି.ଏନ୍. ଏ. କୌଶଳ ବ୍ୟବହାର କରିଥାଏ । ଏହି କୌଶଳ ଅନୁସାରେ, କରୋନା ଭାଇରସର ସ୍ପାଇକ୍ ପ୍ରୋଟିନ୍ ପ୍ରସ୍ତୁତ କରିବା ନିମନ୍ତେ ସୂଚନା ବହନ କରୁଥିବା କିଛି mRNA ଅଣୁକୁ ଶରୀର ମଧ୍ୟରେ ପ୍ରବେଶ କରାଯାଏ । ଏହା ଶରୀରର ପ୍ରତିରୋଧକ ବ୍ୟବସ୍ଥାକୁ ସକ୍ରିୟ କରି ପରବର୍ତ୍ତୀ ସମୟରେ କରୋନା ଭାଇରସର ପ୍ରକୃତ ସଂକ୍ରମଣରୁ ଶରୀରକୁ ରକ୍ଷାକରିଥାଏ । ପରୀକ୍ଷଣର ଦ୍ୱିତୀୟ ପର୍ଯ୍ୟୟରେ ଥିବା ଏହି ଟ କା ନିକଟରେ ତୃତୀୟ ପର୍ଯ୍ୟାୟରେ ପ୍ରବେଶ କରିବ ।



**ଜର୍ମାନୀ ଟିକା : BT ୧୬୨**

ଜର୍ମାନୀ କମ୍ପାନୀ ବାୟୋନ୍ ଟେକ୍ (BioNTech) ଏବଂ ଖ୍ୟାତନାମା ଆମେରିକୀୟ କମ୍ପାନୀ ଫାଇଜର (Pfizer) ଦ୍ୱାରା ମିଳିତ ଭାବେ ବିକଶିତ ସମୁଦାୟ ଚାରୋଟି ଟିକାସମୂହ ମଧ୍ୟରୁ ଏହି ଟିକା messenger RNA ପଦ୍ଧତି ଉପରେ ପର୍ଯ୍ୟବସିତ । ଏହି ଟିକାର ଦ୍ୱିତୀୟ ଓ ତୃତୀୟ ମିଳିତ ପର୍ଯ୍ୟାୟ ପରୀକ୍ଷଣକୁ ଉଭୟ ଜର୍ମାନୀ ଏବଂ ଆମେରିକାରେ କରାଯିବ । ଏହି ଟିକାରେ ଶରୀର ମଧ୍ୟକୁ କରୋନା ଭାଇରସର କିଛି messen–ger RNA ଅଣୁ ପ୍ରବେଶ କରାଯାଇ ଭାଇରସର ସ୍ପାଇକ୍ ପ୍ରୋଟିନ୍ ଗଠନକୁ ତ୍ୱରାନିତ କରାଯାଏ, ଯାହା ଭାଇରସର ପରବର୍ତ୍ତୀ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିଥାଏ । ଏହି ଟିକାର ପ୍ରାରମ୍ଭିକ ପରୀକ୍ଷଣ ବର୍ଷକ ମଧ୍ୟରେ ସମାପ୍ତ ହେବ ବୋଲି ଆଶା କରାଯାଏ ।

**ଭାରତରେ ପ୍ରଚେଷ୍ଟା**

ଆମ ଦେଶରେ ଛଅଟି ପ୍ରମୁଖ କମ୍ପାନୀ କରୋନା ଟିକାର ବିକାଶ ନିମନ୍ତେ ସ୍ୱାଧୀନ ଭାବରେ କିମ୍ବା ଅନ୍ତର୍ଜାତୀୟ କମ୍ପାନୀ ସବୁର ସହାୟତାରେ ଲାଗିଛନ୍ତି । ଆମ ଦେଶରେ ଏ ସଂକ୍ରାନ୍ତୀୟ ଗବେଷଣା ଏବେ ପ୍ରାକ୍ କ୍ଲିନିକାଲ ପରୀକ୍ଷଣର ବିଭିନ୍ନ ପର୍ଯ୍ୟାୟରେ ଅଛି । ଏଥି ମଧ୍ୟରୁ ଚାରୋଟି ସଂସ୍ଥା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତାଲିକାରେ ସ୍ଥାନ ପାଇଛି । ସେଥିରୁ କେତେକ ମୁଖ୍ୟ କମ୍ପାନୀ ହେଲେ ଅହମ୍ମଦାବାଦର Zydus Cadila, ହାଇଦରାବାଦର Biological E Limited ଏବଂ ପୁଣେସ୍ଥିତ Serum Institute of India ।

**ସମୟସାପେକ୍ଷ ପ୍ରକ୍ରିୟା**

ଉପରୋକ୍ତ ଟିକାସବୁ ମଧ୍ୟରୁ ଅଧିକାଂଶ ଏବେ ପରୀକ୍ଷଣର ପ୍ରାଥମିକ ପର୍ଯ୍ୟାୟରେ ଅଛନ୍ତି । ଟିକାର ପରୀକ୍ଷଣ ବାସ୍ତବକ୍ଷେତ୍ରରେ ଏକ ସମୟ ସାପେକ୍ଷ ପ୍ରକ୍ରିୟା । ଏହା ପ୍ରଥମେ ଜୀବଜନ୍ତୁମାନଙ୍କ ଉପରେ ପ୍ରୟୋଗ କରାଯାଏ ଏବଂ ପରେ ମନୁଷ୍ୟ ଉପରେ ଅତିକମ୍‌ରେ ତିନୋଟି ପର୍ଯ୍ୟାୟରେ କ୍ଲିନିକାଲ୍ ପରୀକ୍ଷଣ କରାଯାଏ । ଏହି ପରୀକ୍ଷଣର ପ୍ରତିଟି ପର୍ଯ୍ୟାୟରେ ପରୀକ୍ଷିତ ମନୁଷ୍ୟଙ୍କ ସଂଖ୍ୟା ଧୀରେ ଧୀରେ ବୃଦ୍ଧି କରାଯାଏ । ଏଭଳି ସୁଦୀର୍ଘ କାର୍ଯ୍ୟପନ୍ଥାର ଉଦ୍ଦେଶ୍ୟ ହେଲା ପରୀକ୍ଷଣର ନିରାପଦ ବ୍ୟବସ୍ଥା, ତଜ୍ଜନିତ ପାର୍ଶ୍ୱ – ପ୍ରତିକ୍ରିୟାକୁ ହ୍ରାସ କରିବା ଏବଂ ସର୍ବୋପରି ଟିକାଦାନ ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ସାମର୍ଥ୍ୟକୁ ନିଶ୍ଚିତ କରିବା । ମାତ୍ର ଚଳିତ ସଙ୍କଟଜନକ ପରିସ୍ଥିତିକୁ ଆଖି ଆଗରେ ରଖି ବୈଜ୍ଞାନିକମାନେ ଏବେ ପରୀକ୍ଷଣର କିଛି ପର୍ଯ୍ୟାୟକୁ ଛାଡିଦେଇ କିମ୍ବା କେତେକ ପର୍ଯ୍ୟାୟକୁ ମିଶାଇ ଟିକାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଲାଗିପଡିଛନ୍ତି ।

**–ନିକୁଞ୍ଜ ବିହାରୀ ସାହୁ**
ଏଜୁକେଶନ୍ ଅଫିସ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ

## ୯୭ ସେବକଙ୍କ ସ୍ୱାବ୍ ସଂଗ୍ରହ

**ପୁରୀ ଅଫିସ:** ଦେବସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ଜୋର୍ ଧରିଲାଣି। କରୋନା ଭଳି ସ୍ଥିତିରେ ଠାକୁରଙ୍କ ନୀତିକାନ୍ତି ସୁଚାରୁ ରୂପେ ସମ୍ପନ୍ନ କରିବା ଲାଗି ଆଗୁଆ ପଦକ୍ଷେପ ନେଇଛି ପ୍ରଶାସନ। ସେବାୟତଙ୍କୁ ସଙ୍ଗରୋଧରେ ରଖିବା ସହ ସେମାନଙ୍କ କରୋନା ଟେଷ୍ଟ କରାଯାଉଛି। ରବିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ୯୭ ସେବକଙ୍କ କୋଭିଡ୍ ଟେଷ୍ଟ ପାଇଁ ସ୍ୱାବ୍ ସଂଗ୍ରହ ହୋଇଛି। ଏଥିମଧ୍ୟରେ ୭୧ ସୁଆର ମହାସୁଆର ସେବକ, ୨ ଗରାବଡୁ, ୫ ପୁରୀ ଘଣ୍ଟୁଆ ସେବକ, ୧୭ ଭଡିମୁଣ୍ଡା ଘଣ୍ଟୁଆ ସେବକ ଓ ୨ଜଣ ଶ୍ରୀମନ୍ଦିର କର୍ମଚାରୀ ରହିଛନ୍ତି। ପୂର୍ବରୁ ୧୦୯ ଜଣ ଗରାବଡୁ ସେବକଙ୍କ ସ୍ୱାବ ସଂଗ୍ରହ କରାଯାଇଥିଲା।

## ସଂକ୍ଷେପରେ

### ଦିବ୍ୟାଙ୍ଗ ଯୁବତୀଙ୍କୁ ଗଣବଳାତ୍କାର ମାମଲା: ଓଏଚ୍ଆର୍‌ସିରେ ପିଟିଶନ

ଭୁବନେଶ୍ୱର,୩୧।୫(ବ୍ୟୁରୋ): ବାଙ୍କୀ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ କାମ କରାଇବା ବାହାନାରେ ହୋଟେଲରେ ଗଣବଳାତ୍କାର କରାଯାଇଥିବା ନେଇ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ କରିଛନ୍ତି ମାନବିକ ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି। ସେ ତାଙ୍କ ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଏହା ଏକ ନୃଶଂସ ଅପରାଧ ହୋଇଥିବାରୁ ପୀଡ଼ିତାଙ୍କୁ ଆଇନ୍ ଅନୁଯାୟୀ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ୪ ସପ୍ତାହ ଭିତରେ ରିପୋର୍ଟ ଦେବାକୁ ଡିଜିପି, ରାଜ୍ୟ ଏସ୍‌ସି/ଏସ୍‌ଟି ବିଭାଗ, କଟକ ଏସ୍‌ପିଙ୍କ ନିର୍ଦ୍ଦେଶ ଦେବାକୁ ସେ କମିଶନଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ବାଙ୍କୀ ଥାନା ଅଞ୍ଚଳର ୨୫ ବର୍ଷୀୟା ଦିବ୍ୟାଙ୍ଗ ଯୁବତୀଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ହୋଟେଲରେ କାମ ଯୋଗାଇଦେବାକୁ କହି ବାଲେଶ୍ୱର ନେଇଥିଲେ। ବାଲେଶ୍ୱରର ଏକ ହୋଟେଲରେ ଯୁବତୀଙ୍କୁ ରଖିଥିଲେ। ସେଠାରେ ଦୁଇ ମାସ ତାଙ୍କୁ ବଳାତ୍କାର କରାଯାଇଥିଲା। ୬ଦିନ ପୂର୍ବେ ହୋଟେଲ ମାଲିକ ଏବଂ ଅନ୍ୟମାନେ ଛାତ ଉପରୁ ଯୁବତୀଙ୍କୁ ଠେଲି ମାରିଦେବାକୁ ଉଦ୍ୟମ କରିଥିଲେ। ସେ ଛାତରୁ ପଡିଯିବାରୁ ତାଙ୍କର ଦୁଇଟି ଗୋଡ଼ ଭାଙ୍ଗିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ବାଙ୍କୀ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଉତ୍ସାହ ଭରିଲା ସମବେତ ସ୍ୱର

**କଟକ ଅଫିସ,୩୧।୫:** କରୋନା ମୁକାବିଲା କ୍ଷେତ୍ରରେ ସମସ୍ତ କରୋନା ଯୋଦ୍ଧାଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ଓଡ଼ିଆଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଆହ୍ୱାନକୁ ବିପୁଳ ସମର୍ଥନ ମିଳିଛି। ଶନିବାର ସନ୍ଧ୍ୟା ୫ଟା ୩୦ରେ ଖପୁରିଆସ୍ଥିତ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ପରିସରରେ ସମସ୍ତ କର୍ମଚାରୀ ସାମାଜିକ ଦୂରତ୍ୱ ରଖି ବନ୍ଦେ ଉତ୍କଳ ଜନନୀ ଗାଇଥିଲେ। ଏହି ପରିପ୍ରେକ୍ଷୀରେ ନିଗମ ପକ୍ଷରୁ ଡାକ୍ତର, ନର୍ସ, ପୋଲିସ, ସଫେଇ କର୍ମଚାରୀ ଓ ଖବରଦାତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିଗମର ଅଧକ୍ଷ ଚିନ୍ମୟ କୁମାର ସାହୁ ନିଜ ଅଭିଭାଷଣରେ କହିଥିଲେ ଯେ, ସାମ୍ପ୍ରତିକ ସମୟ ଏକ ବିପତ୍ତି ଦେଇ ଗତି କରୁଛି। ଯେଉଁମାନେ ନିଜ ଜୀବନକୁ ଜଳାଞ୍ଜଳି ଦେଇ ଆମକୁ ବଞ୍ଚିବାର ରାହା ଦେଉଛନ୍ତି, ସେମାନଙ୍କୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଅଧକ୍ଷ ସାହୁ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ସାହାଣୀ ଓ ନିରୁପମା ସ୍ୱାଇଁଙ୍କ ସମେତ ନିଗମର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ପୋଲିସଙ୍କ ଉପରେ ପୁଷ୍ପ ପକାଇଲା ଡ୍ରୋନ୍

ଭୁବନେଶ୍ୱର,୩୧।୫(ବ୍ୟୁରୋ): ସେଣ୍ଟର ଫର୍ ୟୁଥ୍ ଆଣ୍ଡ୍ ସୋସିଆଲ ଡେଭଲପ୍‌ମେଣ୍ଟ (ସିୱାଇସିଡି) ଏବଂ ଡ୍ରୋନ୍ ଫର୍ ହ୍ୟୁମାନିଟି ପକ୍ଷରୁ କୋଭିଡ ଯୋଦ୍ଧାଙ୍କ ପାଇଁ 'ଧନ୍ୟବାଦ ଅର୍ପଣ' ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଡ୍ରୋନ୍ ସାହାଯ୍ୟରେ କୋଭିଡ-୧୯ ଯୋଦ୍ଧାଙ୍କ ଉପରେ ପୁଷ୍ପବର୍ଷା କରାଯାଇଥିଲା। କମିଶନରେଟ ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର, ଡେପୁଟି ପୋଲିସ କମିଶନର ଏବଂ ଅତିରିକ୍ତ ପୋଲିସ କମିଶନରଙ୍କ ସହ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଫିଲ୍ମ କଳାକାରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ବରୁ ଡାକ୍ତର, ନର୍ସ ଏବଂ ସଫେଇ କର୍ମଚାରୀଙ୍କ ପାଇଁ ୟୁନିଟ-୬ରେ ସମାନ ଭାବରେ ଏକ 'ଧନ୍ୟବାଦ ଅର୍ପଣ' କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରତି କ୍ଷେତ୍ରରେ ଡ୍ରୋନର ବ୍ୟବହାର ଦ୍ୱାରା ଓଡିଶାକୁ ଡ୍ରୋନ ରାଜଧାନୀ ଭାବେ ଗଢି ତୋଳିହେବ ବୋଲି ଡ୍ରୋନ ଫର ହ୍ୟୁମାନିଟିର ପ୍ରତିଷ୍ଠାତା ନୀଳମାଧବ ପୃଷ୍ଟି କହିଥିଲେ।

# ୬ ମାସ ପରେ ବି ପୋଲିସ ହାତ ଖାଲି

- ବେଲେଶ୍ୱରରେ ବୃଦ୍ଧ ଦମ୍ପତିଙ୍କ ହତ୍ୟା ଘଟଣା
- ପ୍ରଶ୍ନକଲେ ପୋଲିସ କହୁଛି: 'ତଦନ୍ତ ଚାଲିଛି'

କଟକ ଅଫିସ,୩୧।୫

ବେଲେଶ୍ୱର ନ୍ୟୁ କଲୋନୀରେ ଗତ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଘଟିଥିଲା ଏକ ଲୋମଟାଙ୍କୁରା ହତ୍ୟା ଘଟଣା। ଘର ଭିତରେ ବୃଦ୍ଧ ଦମ୍ପତି ଶ୍ରୀନାଥ ସାମଲ (୭୦) ଓ ବିଦ୍ୟୁଲତା ସାମଲ (୬୫)ଙ୍କୁ କେହି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଘଟଣାକୁ ୬ ମାସ ପୂରିବ। ହେଲେ ଏ ଯାଏ ପୋଲିସ ହାତ ଖାଲି ପଡ଼ିଛି। ଯେତେଥର ଘଟଣା ସଂକ୍ରାନ୍ତରେ ପ୍ରଶ୍ନ କଲେ ବି ପୋଲିସ ନିକଟରୁ ଗୋଟିଏ ଉତ୍ତର ଆସୁଛି, ତଦନ୍ତ ଚାଲିଛି।

ଉଲ୍ଲେଖଯୋଗ୍ୟ, ଡିସେମ୍ବର ୧୨ ବିଳମ୍ବିତ ରାତିରେ ଶ୍ରୀନାଥ ଓ ବିଦ୍ୟୁଲତାଙ୍କୁ କେହି ନିର୍ମମ ଭାବେ ହତ୍ୟା କରିଥିଲା। ରାତି ପ୍ରାୟ ୯ଟାରେ ସେମାନଙ୍କ ଝିଅ ଫୋନ କରିଥିଲେ। ବାରମ୍ବାର ରିଂ ପରେ କେହି ଫୋନ ନ ଉଠାଇବାରୁ ସେ ଚିନ୍ତିତ ହୋଇ ଜଣେ ପଡୋଶୀଙ୍କ ସହ ଯୋଗାଯୋଗ କରିଥିଲେ। ପଡୋଶୀ ଜଣକ ତାଙ୍କ ଘରକୁ ଯାଇ ଦେଖିବାବେଳକୁ ଘର ଚଟାଣରେ ବହୁଥିଲା ରକ୍ତର ଧାର। ମୃତ ଅବସ୍ଥାରେ ପଡ଼ିରହିଥିଲେ ସାମଲ ଦମ୍ପତି। ଘଟଣାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଥିଲା। ହେଲେ ୬ ମାସ ବିତିବାକୁ ଯାଉଥିଲେ ସୁଦ୍ଧା ହତ୍ୟାକାଣ୍ଡ ଉପରୁ ପରଦା ଉଠିନାହିଁ। ଏବେ ସୁଦ୍ଧା ପୋଲିସ ହାତରେ କୌଣସି ଠୋସ୍ ସୁରାକ ଲାଗିନାହିଁ କି ହତ୍ୟାକାଣ୍ଡ ପଛରେ ସମ୍ପୃକ୍ତ ଥିବା ଅପରାଧୀଙ୍କ ସମ୍ପର୍କରେ ମଧ ସ୍ପଷ୍ଟ ସୂଚନା ପାଇନାହିଁ। ଏ ନେଇ ମଧୁପାଟଣା ଥାନାଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି, ଲକ୍‌ଡାଉନ୍ ଯୋଗୁ ତଦନ୍ତ ଆଗେଇ ପାରିନାହିଁ। ଖୁବଶୀଘ୍ର ଅପରାଧୀଙ୍କୁ ଚିହ୍ନଟ କରାଯିବ।

## ପୋଷ୍ଟରକୁ ନେଇ ପ୍ରଶ୍ନ

ହତ୍ୟାକାଣ୍ଡର ଏକ ମାସ ପରେ ସ୍ଥାନୀୟ ଅଞ୍ଚଳରେ ଏକ ପୋଷ୍ଟର ଲାଗିଥିଲା। ରାତି ଅଧରେ କେହି କଲୋନୀର ଅଧିକାଂଶ ଘରେ ଏହି ପୋଷ୍ଟର ଲଗାଇଥିଲେ, ଯେଉଁଥିରେ ଲେଖାଥିଲା ଯେ, ହତ୍ୟାକାରୀଙ୍କୁ ଧରାଇଲେ ୫୦ ହଜାର ଟଙ୍କାର ପୁରସ୍କାର ଦିଆଯିବ। ଏହି ପୋଷ୍ଟର ପୋଲିସ ଲଗାଇ ନ ଥିଲା। ମୃତ ଦମ୍ପତିଙ୍କ କେହି ସମ୍ପର୍କୀୟ ଏହାକୁ ଲଗାଇଥିବା ସନ୍ଦେହ କରାଯାଉଥିଲା।

## ଭଡ଼ାଟିଆ ଛୁ

ହତ୍ୟାକାଣ୍ଡ ପରେ ବୃଦ୍ଧ ଦମ୍ପତିଙ୍କ ଘରେ ଭଡ଼ା ରହୁଥିବା ଜଣେ ବ୍ୟକ୍ତିଙ୍କ ଉପରେ ପୋଲିସର ସନ୍ଦେହ ଦୃଷ୍ଟି ପଡ଼ିଥିଲା। ଏହି ବ୍ୟକ୍ତି ଜଣକ ହତ୍ୟାକାଣ୍ଡର ଠିକ୍ ୧୦ଦିନ ପୂର୍ବରୁ ଘର ଛାଡ଼ି ଦେଇଥିଲେ। ବୃଦ୍ଧ ଦମ୍ପତିଙ୍କ ଘରେ ପୂର୍ବରୁ ଭଡ଼ାରେ ରହୁଥିବା ଅନେକ ଭଡ଼ାଟିଆଙ୍କୁ ଡାକି ପୋଲିସ ପଚରାଉଚରା କରିଥିଲେ ସୁଦ୍ଧା ୧୦ଦିନ ତଳେ ଘର ଛାଡ଼ିଥିବା ବ୍ୟକ୍ତି ଜଣଙ୍କ ପୋଲିସ ସମ୍ମୁଖକୁ ଏଯାଏ ଆସିନାହାନ୍ତି।

## ଜବତ ସାମଗ୍ରୀରୁ ମିଳୁନି ସୁରାକ୍

ପୋଲିସ ମୃତ ଦମ୍ପତିଙ୍କ ଘରୁ ଗୋଟିଏ ରକ୍ତ ଲାଗିଥିବା କଟୁରି, ପନିକି, ଠେଙ୍ଗା, ରକ୍ତଭିଜା ଗାମୁଛା ଜବତ କରିଥିଲା। ପରେ ଏସବୁ ପରୀକ୍ଷା ପାଇଁ ଲ୍ୟାବ ପଠାଯାଇଥିଲା। ଦମ୍ପତିଙ୍କ ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଥିଲା, ଯେଉଁଥିରୁ ସେମାନଙ୍କୁ ଏକାଧିକ ଥର ଆକ୍ରମଣ କରାଯାଇଥିବା ସ୍ପଷ୍ଟ ହୋଇଥିଲା। ସାଇଣ୍ଟିଫିକ୍ ଟିମ୍‌ର ହସ୍ତକ୍ଷେପ ପରେ ମଧ ପୋଲିସ ଏପର୍ଯ୍ୟନ୍ତ ହତ୍ୟାରେ ବ୍ୟବହୃତ ସାମଗ୍ରୀକୁ ନେଇ କୌଣସି ନୂତନ ସୁରାକ ଖୋଜି ପାଉନି।

# 'ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି ପୋଲିସ'

ପିପିଲି, ୩୧।୫(ସ୍ୱ. ପ୍ର)

**ନାବାଳିକା ଛାତ୍ରୀ ଅପହରଣ ମାମଲା**

ପିପିଲି କୌଶଲ୍ୟାଗଙ୍ଗ ଫାଣ୍ଡି ଅଞ୍ଚଳରୁ ଅପହୃତ ହୋଇଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ୬ ମାସ ପରେ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସର ବିଳମ୍ବିତ ପଦକ୍ଷେପ ନେଇ ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘର ମହିଳା ମୋର୍ଚ୍ଚା ଅସନ୍ତୋଷ ପ୍ରକାଶ କରିଛି। ଏଥିସହ ଅଭିଯୁକ୍ତମାନଙ୍କୁ ପୋଲିସ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ଆଣି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ମହାସଂଘର ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସମ୍ପାଦିକା ସୋନିଲତା ସେଠୀ କହିଛନ୍ତି ଯେ, ସମ୍ପୃକ୍ତା ଛାତ୍ରୀ ୨୦୧୯ ଡିସେମ୍ବର ୧୩ରେ ସ୍କୁଲକୁ ଯାଉଥିବାବେଳେ ତାଙ୍କୁ କେତେଜଣ ଯୁବକ ଅପହରଣ କରିନେଇଥିଲେ। ନିଖୋଜର କିଛିଦିନ ପରେ ଛାତ୍ରୀ ଜଣକ ଘରକୁ ଫୋନ୍ କରି ତାଙ୍କୁ ଯାଜପୁର ଜିଲା ପ୍ରକଟପୁରର ଜଣେ ଯୁବକ ଅପହରଣ କରିଥିବା ଜଣାଇ ଥିଲେ। ସେହିପରି ୫୦ ହଜାର ଟଙ୍କା ଦେଲେ ଝିଅକୁ ଛଡ଼ାଯିବ ବୋଲି ତାଙ୍କ ବାପାଙ୍କୁ ଅପହରଣକାରୀ କହିଥିଲେ। ଏ ନେଇ ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏତଲାରେ ଅଭିଯୁକ୍ତମାନଙ୍କ ନାମ ଉଲ୍ଲେଖ ରହିଥିଲେ ବି ପୋଲିସ ଚୁପ୍ ବସିଥିଲା। ଫଳରେ ଛାତ୍ରୀଙ୍କ ବାପା ମହାସଂଘର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷେ ସମ୍ପୃକ୍ତା ଛାତ୍ରୀ ସ୍ୱଇଚ୍ଛାରେ ଯାଇଥିବା କହି ତାଙ୍କ ବାପାଙ୍କୁ ପୋଲିସ ଏକ ଭିଡିଓ କ୍ଲିପ୍ ଦେଖାଇଥିଲେ। ଏହାକୁ ନେଇ ନାନା ପ୍ରଶ୍ନ ଉଠିଥିଲା। ଗତ ୧୭ତାରିଖରେ ପୋଲିସ ପ୍ରକଟପୁରରୁ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ତାଙ୍କୁ ଅପହରଣ ପରେ ଧମକାଇ ମିଛ ଭିଡିଓ ପ୍ରସ୍ତୁତ କରାଯାଇଥିବା ଛାତ୍ରୀ ଜଣକ କହିଥିଲେ। ତେଣୁ ପୋଲିସର ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ଉପରେ ମହାସଂଘ ପ୍ରଶ୍ନ ଉଠାଇଛି। ସମ୍ପୃକ୍ତା ଛାତ୍ରୀଙ୍କ ଏଭଳି ଅବସ୍ଥା ପାଇଁ ପୋଲିସକୁ ଦାୟୀ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି କରିଛି। ନଚେତ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ମହାସଂଘର ସଭାପତି ବିଜୟ ସେଠୀ କହିଛନ୍ତି।



ପୁରୀ: ସ୍ନାନଯାତ୍ରା ଲାଗି ସ୍ନାନ ମଣ୍ଡପକୁ ରବିବାର ଚିତ୍ରକରମାନେ ରଙ୍ଗ କରୁଛନ୍ତି।




ବିଶ୍ୱ ତମାଖୁ ବର୍ଜନ ଦିବସରେ ରବିବାର ସଚେତନତା ପାଇଁ ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ସ୍ୱାବ୍ ପରୀକ୍ଷା ଦାବିରେ ପ୍ରବାସୀଙ୍କ ରାସ୍ତାରୋକୋ

ଟିଗିରିଆ,୩୧।୫(ଡି.ଏନ୍.ଏ.)

କଟକ ଜିଲା ଟିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତସ୍ଥିତ କ୍ଷେତ୍ରମୋହନ ଚୌଧୁରୀ ନୋଡାଲ ଉ.ପ୍ରା.ବିଦ୍ୟାଳୟରେ ଥିବା ପ୍ରବାସୀମାନଙ୍କ ସ୍ୱାବ୍ ପରୀକ୍ଷା ବିଳମ୍ବ ହେଉଛି। ଏନେଇ ପ୍ରବାସୀମାନେ ରବିବାର କଟକ-ନରସିଂହପୁର ୬୫ନଂ ରାଜପଥରେ ରାସ୍ତାରୋକୋ କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୬୦ରୁ ଊର୍ଦ୍ଧ୍ୱ ପ୍ରବାସୀ ୨୦ ଦିନ ହେବ ରହୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କ ସ୍ୱାବ୍ ପରୀକ୍ଷା ହୋଇନାହିଁ। ଫଳରେ ସେମାନେ ଘରକୁ ଯାଇ ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରବାସୀଙ୍କ ରାସ୍ତାରୋକୋ ଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଟିଗିରିଆ ବିଡିଓ ଦୀପ୍ତିମୟୀ ବେହେରା ଓ ଟିଗିରିଆ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ପ୍ରମୁଖ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ୨ ଦିନ ମଧ୍ୟରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ବେହେରା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# କଟକ ସହର ପାଇଁ କଂଗ୍ରେସର ଯୁବ ଟିମ୍

କଟକ ଅଫିସ,୩୧।୫

ବାରବାଟୀ-କଟକ ଯୁବ କଂଗ୍ରେସ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ମହମ୍ମଦ ଅଲିମଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ କଟକ ନଗର (ଜିଲା) କଂଗ୍ରେସ ସଭାପତି ତଥା ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ସମସ୍ତ ୱାର୍ଡର ଯୁବ କଂଗ୍ରେସ କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି ବିଧାୟକ ମୋକିମ୍।

ଏକ ନମ୍ବର ୱାର୍ଡ ସଭାପତି ଭାବେ ସତ୍ୟଶ୍ରୀ ବେହେରା, ସମ୍ପାଦକ କିଶନ ବେହେରା, ଉପ-ସଭାପତି ଶଙ୍କର ବେହେରା, ୨ ନମ୍ବର ସଭାପତି ମୃତ୍ୟୁଞ୍ଜୟ ନାୟକ, ସମ୍ପାଦକ ଦିପକ ବେହେରା, ଉପସଭାପତି ଭାଗବତ ବେହେରା, ୩ନମ୍ବର ସଭାପତି ପ୍ରଦୋଷ ଦାସ, ସମ୍ପାଦକ ବିବେକାନନ୍ଦ ସାମନ୍ତରାୟ ଓ ଉପସଭାପତି ଭାବେ ଚନ୍ଦନ ପ୍ରଧାନଙ୍କୁ ରଖାଯାଇଛି। ୪ନମ୍ବର ସଭାପତି ଭାବେ ଜିତେନ୍ଦ୍ର ନାୟକ, ସମ୍ପାଦକ ସନ୍ତୋଷ ବେହେରା, ଉପସଭାପତି ବିକାଶ ରାୟ, ୫ନମ୍ବର ସଭାପତି ରାହୁଲ ନାୟକ, ୬ନମ୍ବର ସଭାପତି ଯତୀନ୍ଦ୍ର ଦାସ, ସମ୍ପାଦକ ଜୟଦେବ ନାୟକ, ଉପସଭାପତି ଆରିସମାନ ଖୁଣ୍ଟିଆ, ୭ନମ୍ବର ସଭାପତି ସେକ କରିମ, ସମ୍ପାଦକ କାର୍ତ୍ତିକ ସେନାପତି, ଉପସଭାପତି ସତ୍ୟଜିତ ସେଠୀଙ୍କୁ ରଖାଯାଇଛି। ସେହିପରି ୮ ନମ୍ବର ସଭାପତି ଭାବେ ରାଜେନ୍ଦ୍ର ବେହେରା, ସମ୍ପାଦକ ମନୋଜ ସାହୁ, ଉପସଭାପତି ବିକ୍ରମ ବିଶ୍ୱାଳ, ୯ ନମ୍ବର ସଭାପତି ପଙ୍କଜ ଦାସ, ସମ୍ପାଦକ ଆଲୋକ ଦାସ, ଉପସଭାପତି ଗୌରବ ସାହୁ, ୧୦ ନମ୍ବର ସଭାପତି ନୂତନ ଦାସ, ସମ୍ପାଦକ ଜନସନ ପିଟର, ଉପସଭାପତି ସନାତନ ଦାସ, ୧୧ ନମ୍ବର ସଭାପତି ବିକାଶ ବେହେରା, ସମ୍ପାଦକ ଆଶିଷ ମୁଖୀ, ଉପସଭାପତି ବିଶ୍ୱଜିତ ସେନଙ୍କୁ ରଖାଯାଇଛି। ୧୨ ନମ୍ବର ସଭାପତି ଭାବେ ସୀତାଂଶୁ ଜେନା, ସମ୍ପାଦକ ଅବିନାଶ ଦାସ, ଉପସଭାପତି ସେକ ଆବିସ ମହମ୍ମଦ ଓ ସୋନୁ ନାୟକ, ୧୩ ନମ୍ବର ସଭାପତି ପ୍ରକାଶ ସେଠୀ, ସମ୍ପାଦକ ଅଭିଷେକ ଆଚାର୍ଯ୍ୟ, ଉପସଭାପତି ରାହୁଲ ସାହୁ, ୧୪ ନମ୍ବର ସଭାପତି ସେକ ଇମ୍ରାନ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି।

## ୪ କରୋନା ଆକ୍ରାନ୍ତ ଚିହ୍ନଟ

**ପୁରୀ ଅଫିସ,୩୧।୫:** ପୁରୀ ଜିଲାରୁ ରବିବାର ୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜଣେ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୯୧ ଛୁଇଁଛି। ଏଥିମଧ୍ୟରୁ ୪୫ଜଣ ସୁସ୍ଥ ହୋଇଥିବା ବେଳେ ୪୬ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ତମାଖୁ ବର୍ଜନ ସଚେତନତା

ପୁରୀ ଅଫିସ,୩୧।୫

ପୁରୀ ବେଳାଭୂମିରେ ମିଶନ ଓଡ଼ିଶା ପକ୍ଷରୁ ରବିବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଛି। ତମାଖୁର ଭୟାବହତା ନେଇ ସଚେତନ କରାଯାଇଥିଲା। ଏହି ଅବସରରେ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳାରେ 'ସେ ନୋ ଟୁ ଟବାକୋ' ବାର୍ତ୍ତା ଦିଆଯାଇଥିଲା। ସଙ୍ଗଠକ ବଦ୍ରି ମିଶ୍ରଙ୍କ ସଭାପତିତ୍ୱ ଏବଂ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ମହିଳାଙ୍କ ଠାରୁ ସୁନାଚେନ ଲୁଟ୍

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** ଇସ୍କନ ମନ୍ଦିର ନିକଟ ଏକ ପେଟ୍ରୋଲ ପମ୍ପ ପାଖରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଓ ଲକେଟ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି କିଷ୍ଟା ପ୍ଲାଜାରେ ରହୁଥିବା ଅର୍ପିତା ମହାନ୍ତି। ଏ ନେଇ ଅର୍ପିତା ନୟାପଲୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ.୨୦୩/୨୦) ରୁଜୁକରି ତଦନ୍ତ ଚଳାଇଛି। ଅର୍ପିତା ସନ୍ଧ୍ୟା ୫ଟା ୩୦ରେ ସିଆରପି ଛକରୁ ଜୟଦେବ ବିହାର ସ୍କୁଟିରେ ଯାଉଥିଲେ। ଦୁଇଜଣ ଦୁର୍ବୃତ୍ତ ପଲସରରେ ତାଙ୍କୁ ପିଛା କରି ପେଟ୍ରୋଲ ପମ୍ପ ନିକଟରେ ତାଙ୍କଠାରୁ ସୁନାଚେନ, ଲକେଟ ଝାମ୍ପି ନେଇଥିଲେ ଓ ଜୟଦେବ ବିହାର ଓଭରବ୍ରିଜ ଦେଇ ଫେରାର ହୋଇଯାଇଥିଲେ।

# 'ବନ୍ଦେ ଉତ୍କଳ ଜନନୀ' ଗାନକୁ ନେଇ ରାଜନୀତି

ଭୁବନେଶ୍ୱର, ୩୧।୫(ବ୍ୟୁରୋ)

ବିଶ୍ୱକୁ ବର୍ତ୍ତମାନ କରୋନା ସଂକ୍ରମଣ ଅସୁବିଧା ମଧ୍ୟରେ ଘାଣ୍ଟି ରଖିଛି। ଏହାର ମୁକାବିଲା କରିବା ପାଇଁ ସବୁ ଦେଶ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟ ସରକାର ମଧ ଅନୁରୂପଭାବେ ଏହି ମହାମାରୀର ମୁକାବିଲା କରୁଛନ୍ତି। ନିଜ ଜୀବନକୁ ବିପଦରେ ପକାଇ ଏହାର ମୁକାବିଲା କରୁଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ନର୍ସ, ପୋଲିସ, ସରପଞ୍ଚ ଏବଂ ଆଶାକର୍ମୀଙ୍କୁ ସମ୍ମାନ ଜଣାଇ ଏବଂ ସେମାନଙ୍କ ମନବଳକୁ ବଢାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶ ଭିତରେ, ବାହାରେ ରହୁଥିବା ସମସ୍ତ ଓଡିଆଙ୍କୁ 'ବନ୍ଦେ ଉତ୍କଳ ଜନନୀ' ଗାନ କରିବା ଲାଗି ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଆହ୍ୱାନକୁ ଦଳମତ ନିର୍ବିଶେଷରେ ସମସ୍ତେ ଗ୍ରହଣ କରିବା ସହ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ହେଲେ ଏହାର ଦିନକ ପରେ ବିରୋଧୀ ଏହାକୁ କଡା ସମାଲୋଚନା କରିଛନ୍ତି।

ବରିଷ୍ଠ ଭାଜପା ନେତା ଖାରବେଳ ସ୍ୱାଇଁ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ପାଇଁ ପ୍ରଥମେ ଘଣ୍ଟ ବାଡେଇବାକୁ କହିଥିଲେ, ପରେ ମହମବତି ଜଳାଇବାକୁ କହିଲେ। କାଳେ ପ୍ରଧାନମନ୍ତ୍ରୀ ନାଁ ନେଇଯିବେ ସେଥିଲାଗି ମୁଖ୍ୟମନ୍ତ୍ରୀ ବନ୍ଦେ ଉତ୍କଳ ଜନନୀ ଗାନ କରିବା ଲାଗି କହିଦେଲେ। ୨୦ବର୍ଷ ଧରି ଏହି ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦିଆଗଲା ନାହିଁ ହେଲେ, ଏହାକୁ ଗାନ କରିବା ପାଇଁ ସରକାରୀ ଘୋଷଣା କରିଦେଲେ ବୋଲି ଖାରବେଳ କହିଛନ୍ତି। କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ଘଣ୍ଟ ବାଡେଇବା, ଦୀପ ଜଳାଇବା କଥା ଯାହା ଥିଲା ଏକଥା ମଧ ସମାନ। ଲୋକମାନଙ୍କ ଠାରୁ ନିଜ ଅସଫଳତାକୁ ଲୁଚାଇବା ପାଇଁ ଏଭଳି ନାଟକ କରାଯାଇଛି। ବିଜେଡି ନେତା ତଥା ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ରାଜନୈତିକ ବ୍ୟକ୍ତି ରାଜନୀତି କରିବା ସ୍ୱାଭାବିକ। ହେଲେ ଏହି ପ୍ରସଙ୍ଗରେ ରାଜନୀତି କରିବା ଅନୁଚିତ।

# ଶେଷ ହେଲା କୋଭିଡ୍ ତାଲିମ

## ୩୦ ଜିଲାର ୨୪୯ ଡାକ୍ତର, ୨୭୩ ସେବିକାଙ୍କୁ ଦିଆଗଲା କ୍ରିଟିକାଲ କେୟାର ତାଲିମ

କଟକ ଅଫିସ୍,୩୧।୫

ରାଜ୍ୟ ସରକାରଙ୍କ କୋଭିଡ୍-୧୯ ବୈଷୟିକ ମୁଖପାତ୍ର ତଥା କୋଭିଡ୍ କ୍ରିଟିକାଲ କେୟାର ତାଲିମ ନୋଡାଲ ଅଫିସର ଡାକ୍ତର ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଶେଷ ହୋଇଛି ଷଷ୍ଠ ପର୍ଯ୍ୟାୟ କୋଭିଡ୍ କ୍ରିଟିକାଲ କେୟାର ତାଲିମ। ୪୫ ଦିନିଆ ଏହି ତାଲିମ ଶିବିରରେ ୩୦ ଜିଲାର ୨୪୯ ଜଣ ଡାକ୍ତର, ୨୭୩ ଜଣ ନର୍ସଙ୍କୁ ରକ୍ତଚାପ ପରିଚାଳନା, ଭେଣ୍ଟିଲେଶନ, ଆଇସିୟୁ ପରିଚାଳନା, ଅକ୍ସିଜେନ ଚିକିତ୍ସା ଭଳି ଜଟିଳ ଚିକିତ୍ସା ପଦ୍ଧତିଗୁଡ଼ିକ ତାଲିମ ଦିଆଯିବା ସହ ମକ୍‌ଡ୍ରିଲ, ରୋଲ ପ୍ଲେ ଜରିଆରେ ଅଭ୍ୟାସ କରାଯାଇଥିଲା। ଏସ୍‌ସିବି, ଅଶ୍ୱିନୀ ହସ୍ପିଟାଲ, ଏମ୍‌ସ, ସମ୍, କିମ୍ସ, ଆମ୍ରି ଓ କେୟାର ହସ୍ପିଟାଲର ୫୦ ଜଣ ଦକ୍ଷ ପ୍ରଶିକ୍ଷକ ଏହି ପ୍ରଶିକ୍ଷଣ ଶିବିରରେ ସାମିଲ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଡିଏମ୍‌ଇଟି ଡାକ୍ତର ସିବିକେ ମହାନ୍ତି, ଏସ୍‌ସିବି ଅଧକ୍ଷା ଡା. ଜୟଶ୍ରୀ ମହାନ୍ତି ଉପସ୍ଥିତ ଥିଲେ। ଏହି ଉତ୍ସବରେ ସମସ୍ତ ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂକ୍ଷିପ୍ତ ଓ ଜରୁରୀ ଚିକିତ୍ସାର ମୁଖ୍ୟ ବିଷୟବସ୍ତୁକୁ ନେଇ ଟ୍ରେନିଂ ସିଲାବସ୍‌କୁ ଡା. ନିବେଦିତା ପାଣି, ଡା. ଏମ୍.ଆର୍. ପଟ୍ଟନାୟକ, ଡା. ବି.ଏନ୍. ମହାପାତ୍ର ଓ ଡା. ଦୈତାରୀ ରାଉତରାୟ ପ୍ରସ୍ତୁତ କରିଥିଲେ।

# ଶ୍ରମିକଙ୍କୁ ମିଳିଲା ଶୁଖିଲା ଖାଦ୍ୟ



**ଭୁବନେଶ୍ୱର, ୩୧।୫ (ବ୍ୟୁରୋ):** ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଫସି ରହିଥିବା ଦିନମଜୁରିଆ ଓ ପ୍ରବାସୀ ଶ୍ରମିକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହ ମିଶି ଚିନ୍ମୟ ବିଦ୍ୟାଳୟ ରାଉରକେଲାର ପୁରାତନ ଛାତ୍ର ତଥା ପ୍ରବାସୀ ଭାରତୀୟ ସଙ୍ଗଠନ ପକ୍ଷରୁ ଏହି ସେବା ଯୋଗାଇ ଦିଆଯାଇଛି। ଲକ୍ଷ୍ମୀସାଗର, ବୁଦ୍ଧେଶ୍ୱରୀ କଲୋନୀ, ଚିନ୍ତାମଣିଶ୍ୱର, କଳ୍ପନା ଛକ ଆଦି ଅଞ୍ଚଳରେ ଥିବା ଶ୍ରମିକଙ୍କୁ ସର୍ବନିମ୍ନ ୧୫ ଦିନର ରାଶନ ସାମଗ୍ରୀଯୁକ୍ତ ଶହେ ପ୍ୟାକେଟ ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ମଧ ଏହିଭଳି ଭାବରେ ଶୁଖିଲା ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯିବ ବୋଲି ପ୍ରବାସୀ ଭାରତୀୟ ସଙ୍ଗଠନ ପକ୍ଷରୁ ପ୍ରକାଶ ପାଇଛି।

# ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଛୁଇଁଲା

କଟକ ଅଫିସ,୩୧।୫

**ସ୍ଥାନୀୟ ଆକ୍ରାନ୍ତଙ୍କୁ ନେଇ ବଢ଼ିଲା ଚିନ୍ତା**

କଟକ ଜିଲାରୁ ଶନିବାର ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ରବିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ସେମାନଙ୍କ ମଧ୍ୟରୁ ୪ଜଣ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଏହି ୪ଜଣଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ ଓ ତାମିଲନାଡୁରୁ ଜଣେ ଲେଖାଏ ଫେରନ୍ତା ରହିଛନ୍ତି। କିନ୍ତୁ ବର୍ତ୍ତମାନ ଏକମାତ୍ର ସ୍ଥାନୀୟ ଆକ୍ରାନ୍ତ ଜଣକ ଏବେ ଚିନ୍ତା ବଢ଼ାଇଛନ୍ତି। ତାଙ୍କୁ ନେଇ କଟକ ସହରବାସୀ ଛାନିଆ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ କଟକ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଶତକ ଛୁଇଁଛି। ସେମାନଙ୍କ ମଧ୍ୟରୁ ୩୬ ଜଣ ଭଲ ହୋଇ ଘରକୁ ଫେରିଛନ୍ତି। ଆଉ ୬୩ ଜଣଙ୍କ ଚିକିତ୍ସା ଚାଲିଛି। ଜଣଙ୍କର ମୃତ୍ୟୁ ଘଟିଛି। ରାଜ୍ୟରେ କଟକ ଜିଲା ଏବେ ୬ ନମ୍ବର ସ୍ଥାନରେ ରହିଛି। ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୫ପ୍ରତିଶତ କଟକ ଜିଲାର ହୋଇଥିବା ସୂଚନା ମିଳିଛି।



ରବିବାର କଟକର ସମସ୍ତ ୫ ଆକ୍ରାନ୍ତଙ୍କ ସମ୍ପର୍କରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅପରାହ୍ନ ଗୋଟାଏ ୫୭ରେ ସୂଚନା ଦେଇଥିଲା। ସେଥିରେ ୪ଜଣ ସଙ୍ଗରୋଧ ଓ ଜଣେ ସ୍ଥାନୀୟ ଆକ୍ରାନ୍ତ ଥିବା ଉଲ୍ଲେଖ ରହିଥିଲା। କଟକ ମହାନଗର ନିଗମ (ସି ଏ ମ୍ ଏ ସି) ର ଅଫିସିଆଲ୍ ଟୁଇଟର୍ ଆକାଉଣ୍ଟ ଅପରାହ୍ନ ୫ଟା ୧୬ରେ ଟୁଇଟ୍ କରି ସୂଚନା ଦିଆଗଲା ଯେ, ଆକ୍ରାନ୍ତଙ୍କ ଗସ୍ତ ବିବରଣୀ ଅନୁଯାୟୀ ସେ ବାହାର ଜିଲାରୁ ଆସିଛନ୍ତି। ହସ୍ପିଟାଲ୍‌ରେ ସେ ଚିକିତ୍ସିତ ହେଉଥିଲେ। ନମୁନା ପଜିଟିଭ୍ ବାହାରିବା ପରେ କିମ୍ସରେ ଭର୍ତ୍ତି ହୋଇଛନ୍ତି। ତାଙ୍କର 'ଲୋକାଲ୍ ଏକ୍ସପୋଜର୍' ନ ଥିବା ଟୁଇଟ୍‌ରେ କୁହାଯାଇଛି। ଏନେଇ କମିଶନର ଅନନ୍ୟା ଦାସ କହିଛନ୍ତି, ଆକ୍ରାନ୍ତ ଜଣକ କଟକ ନୁହେଁ, ବରଂ ବାହାର ଜିଲାର। ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସହ ଯେଉଁମାନେ ଥିଲେ, ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ର ପଠାଯାଇଛି। ତାଙ୍କ ନିକଟ ସମ୍ପର୍କୀୟଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ସବୁ ରିପୋର୍ଟ ନେଗେଟିଭ୍ ବାହାରିଛି। ସ୍ଥାନୀୟ ଅଞ୍ଚଳରୁ କେହି ତାଙ୍କ ସମ୍ପର୍କରେ ଆସି ନ ଥିବା ଯୋଗୁ ଭୟ କରିବାର କିଛି ନାହିଁ ବୋଲି ସେ କହିଛନ୍ତି।

## ପୁଣି ୨ କରୋନା ପଜିଟିଭ୍ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ,୩୧।୫:** ଜଗତ୍‌ସିଂହପୁର ଜିଲାର ବାଲିକୁଦା ବ୍ଲକ ଅଞ୍ଚଳରୁ ପୁଣି ୨ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗ ଓ ଅନ୍ୟଜଣକ କର୍ନାଟକ ଫେରନ୍ତା ବୋଲି ଜଣାଯାଇଛି। ଉଭୟେ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହାକୁ ମିଶାଇ ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୬୮ ହୋଇଥିବା ବେଳେ ୨୮ଜଣ ସୁସ୍ଥ ହୋଇଛନ୍ତି। ଅବଶିଷ୍ଟ ୪୦ଜଣ ଚିକିତ୍ସାଧୀନ ରହିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଚାଳକ ମୃତ

**କେନ୍ଦ୍ରାପଡା ଅଫିସ/ ମାର୍ଶାଘାଇ (ଡି.ଏନ୍.ଏ.),୩୧।୫:** କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଯଦୁପୁରଗଡାରେ ରବିବାର ୨ ଟ୍ରକ୍ ଧକ୍କା ଯୋଗୁ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଅଞ୍ଚଳର କେଳୁଚରଣ ପ୍ରଧାନଙ୍କ ପୁଅ ନରହରି (୪୦)। ଟ୍ରକ୍‌ରେ ଲୁହା ପଥର ବୋଝେଇ କରି ଭୋର ସମୟରେ ପାରାଦୀପ ଅଭିମୁଖେ ଯାଉଥିଲେ। ଯଦୁପୁରଗଡା ରାସ୍ତାରେ ଛିଡ଼ା ହୋଇଥିବା ଅନ୍ୟ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଫଳରେ ସେ ଚଲାଉଥିବା ଟ୍ରକ୍‌ର ଆଗପଟ ଚାପି ହୋଇଯାଇଥିଲା। ଖବରପାଇ ମାର୍ଶାଘାଇ ଓ କେନ୍ଦ୍ରାପଡା ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟ୍ରକ୍‌ର ଆଗପଟ କାଟି ନରହରିଙ୍କୁ ଉଦ୍ଧାର କରିଥିଲା। ମାତ୍ର ସେତେବେଳକୁ ତାଙ୍କ ମୃତ୍ୟୁ ହୋଇସାରିଥିଲା। ଏ ନେଇ ମାର୍ଶାଘାଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା(ନଂ.୧୩୨/୨୦) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବା ସହ ପୋଲିସ ଉଭୟ ଟ୍ରକ୍‌କୁ ଜବତ କରିଛି।

### ଅଙ୍ଗନୱାଡି କର୍ମୀଙ୍କ ଆତ୍ମହତ୍ୟା ଘଟଣା
### ସ୍ୱାମୀ, ଶାଶୁ, ଶ୍ୱଶୁର ଗିରଫ

**ରତ୍ନଗିରି, ୩୧। ୫ (ଡି.ଏନ.ଏ):** ବରୀ ବ୍ଲକ ମହାକାଳପଡା ପଞ୍ଚାୟତ ଅଧୀନ ନିଳାପଦା ଗ୍ରାମର ଅଙ୍ଗନୱାଡି କର୍ମୀ ପ୍ରିୟଦର୍ଶିନୀ ସିଂହ (୩୦)ଙ୍କ ଆତ୍ମହତ୍ୟା ଘଟଣାରେ ପୋଲିସ ତାଙ୍କ ସ୍ୱାମୀଙ୍କ ସମେତ ଶାଶୁ, ଶ୍ୱଶୁରଙ୍କୁ ଗିରିଫ କୀତା। ପ୍ରିୟଦର୍ଶିନୀଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଇଆସୁଥିଲେ। ତେଣୁ ସେ ଅଧିକାଂଶ ସମୟରେ ମାନସିକ ଚାପରେ ରହୁଥିବାରୁ ଆତ୍ମହତ୍ୟା କରିଛନ୍ତି ବୋଲି ପ୍ରିୟଦର୍ଶିନୀଙ୍କ ବାପା ଶରତ ଚନ୍ଦ୍ର ସିଂହ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୧୧୬/୨୦ ନଂ.ରେ ମାମଲା ରୁଜୁ କରିବା ସହ ପ୍ରିୟଦର୍ଶିନୀଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ସୂଚନାଥାଉ କି, ଗତ ୨୮ ତାରିଖରେ ପ୍ରିୟଦର୍ଶିନୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବରପାଇ ବରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ୧୩/୨୦ ନଂ.ରେ ଅପମୃତ୍ୟୁ ମାମଲା ରୁଜୁ କିରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

### ଚଣ୍ଡିବସ୍ତରେ ଗୋଷ୍ଠୀ ସଂଘର୍ଷ, ୧୦ ଆହତ

**ନୟାଗଡ ଅଫିସ,୩୧।୫:** ନୟାଗଡ଼ ଟାଉନ୍ ଥାନା ଅଧୀନ ଚଣ୍ଡିବସ୍ତ ଗ୍ରାମରେ ରବିବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବିବାଦ ହୋଇଥିଲା। ପରେ ମାର୍‌ପିଟ ଘଟିଥିଲା। ଖବର ପାଇ ଟାଉନ୍ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ନୟାଗଡ଼ର ୧୧ କରୋନା ରୋଗୀ ସୁସ୍ଥ

**ନୟାଗଡ ଅଫିସ,୩୧।୫:** ନୟାଗଡ ଜିଲାରେ ରବିବାର କେହି କରୋନା ଆକ୍ରାନ୍ତ ବାହାରି ନାହାନ୍ତି। ତେବେ ଜିଲାରେ ୮ଟି ବ୍ଲକରେ କରୋନା ଆକାନ୍ତ୍ର ସଂଖ୍ୟା ୬୫ରେ ପହଞ୍ଚିଛି। ପୂର୍ବରୁ ୧୦ ଜଣ ସୁସ୍ଥ ହେବା ପରେ ଆକାନ୍ତଙ୍କ ସଂଖ୍ୟା ୫୫ ରହିଥିଲା। ରବିବାର ଆଉ ୧୧ ସୁସ୍ଥ ହେବା ପରେ ଏବେ ୪୪ ଜଣ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିବା ସିଡିଏମଓ ସୁଧାଂଶୁ ଶେଖର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

### ଯୁବତୀଙ୍କୁ ହତ୍ୟା ଅଭିଯୋଗ

**ନୟାଗଡ଼ ଅଫିସ/ ଦଶପଲ୍ଲା,୩୦।୫ (ଡି.ଏନ.ଏ.):** ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅଧୀନ ଦଶପଲ୍ଲା ସହର ମାଳିସାହିର ଜଣେ ଯୁବତୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଦଶପଲ୍ଲା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯୁବତୀଙ୍କ ବାପା ବିରଞ୍ଚି ନାରାୟଣ ଦାସଙ୍କ ଅଭିଯୋଗ କ୍ରମେ ପୋଲିସ (ନଂ-୭୧/୨୦)ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ନୟାଗଡ ଏସଡିପିଓ ଘଟଣାର ତଦନ୍ତ କରି ଫେରିଛନ୍ତି। ଅଭିଯୋଗ ଅନୁସାରେ ଶନିବାର ରାତିରେ ଯୁବତୀ ନବନିତା ଦାସ(୧୯) ତାଙ୍କ ଜେଜେବାପାଙ୍କ ପାଖରେ ଶୋଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ବାରିପଟ କବାଟ ଭାଙ୍ଗି ଶୋଇବା ଘରକୁ ଆସି ତାଙ୍କ ମୁଣ୍ଡକୁ ପିଟି ଫେରାର ହୋଇ ଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପ୍ରଶାସନକୁ ଭୁଆଁ ବୁଲାଉଛନ୍ତି ବାଲି ମାଫିଆ

**ରସୁଲପୁର, ୩୧।୫(ଡି.ଏନ୍.ଏ.)**


ବେଆଇନ ବାଲି ଘାଟରୁ ବାଲି ଉଠାଣ କରାଯାଉଛି।

ରସୁଲପୁର ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଖରାସ୍ରୋତା ଓ ବ୍ରାହ୍ମଣୀ ନଦୀ ଶଯ୍ୟାରୁ ବାଲି ଚୋରା ଚାଲାଣ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅସାଧୁ ବ୍ୟବସାୟୀମାନେ ପ୍ରଶାସନକୁ ଭୁଆଁ ବୁଲାଇ ଦିନକୁ ଟ୍ରକ୍ ଓ ଟ୍ରାକ୍ଟରରେ ଶହ ଶହ ଟ୍ରିପ୍ ବାଲି ବୋହି ନେଉଛନ୍ତି। ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହାୟତା ଯୋଗୁ ପଞ୍ଚାୟତ ଅନୁଦାନରେ ବେଆଇନ ବାଲିଘାଟକୁ ରାସ୍ତା ମଧ୍ୟ ନିର୍ମାଣ କରାଯାଇଛି। ଏହାଫଳରେ ସରକାରଙ୍କ ବହୁ ପରିମାଣର ରାଜସ୍ୱ ହାନୀ ଘଟୁଥିବା ବେଳେ ସ୍ଥାନୀୟ ଗ୍ରାମ୍ୟ ରାସ୍ତା ନଷ୍ଟ ହେଉଛି ବୋଲି ଅଞ୍ଚଳବାସୀ କହିଛନ୍ତି।

ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ଶଯ୍ୟାର ବହୁ ସ୍ଥାନରୁ ବର୍ଷ ବର୍ଷ ଧରି ବେଆଇନ ବାଲି ଉଠାଯାଉଛି। ବହୁ ନିଲାମ ଘାଟ ବନ୍ଦ ପଡ଼ିଥିବାରୁ ବାଲିମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ବିନା କାଗଜପତ୍ରରେ ଲଘୁ ଖଣିଜ ଲୁଟ୍ ହେଉଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଛି। ବ୍ରାହ୍ମଣୀ ନଦୀର ଜାବରା, ଦୁର୍ଗାପୁର କୁଦ-୧ ଓ ୨, କରଜଙ୍ଗା, ଚଅପୋଇ, ମହେଶ୍ୱରପୁର, ଖରସ୍ରୋତା ନଦୀର ସରିଫାବାଦ୍, ଖଣ୍ଡିତର ଆଦି ନିଲାମ ବାଲିଘାଟ ରହିଛି। ଏଗୁଡିକ ମଧ୍ୟରୁ କେବଳ ମହେଶ୍ୱରପୁର ଘାଟ ଚାଲୁଛି। ସ୍ଥାନୀୟ ଅଞ୍ଚଳରେ ବିବାଦ ଯୋଗୁ ଜାବରା ଘାଟ ଦୀର୍ଘଦିନ ହେବ ବନ୍ଦ ରହିଥିବା ବେଳେ କରଜଙ୍ଗା ଓ ଚଅପୋଇ ଘାଟର ଅବଧି ସରିଯାଇଛି। ଏହାଛଡ଼ା ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ଯୋଗୁ ଦୁର୍ଗାପୁର କୁଦ-୧ ଓ ୨ଘାଟରୁ ବାଲି ଉଠାଣ ବନ୍ଦ ରହିଛି। ସରିଫାବାଦ ଓ ଖଣ୍ଡିତର ବାଲିଘାଟ ପଛର ବିବାଦ ଏବେ ବି ସମାଧାନ ହୋଇପାରିନି। ଏହା ବାଲିମାଫିଆଙ୍କୁ ବେଶ୍ ସୁହାଇଛି। ନିଲାମ ଘାଟଠାରୁ ଅଳ୍ପ ଦୂରରେ ବେଆଇନ ଘାଟ କରି ବାଲି ଚାଲାଣ କରାଯାଉଛି। ଜାବରା ଘାଟ ନିକଟରେ ହୋଇଥିବା ମାନପୁର ଘାଟ ଓ ଅନ୍ୟ ଘାଟ ନିକଟ ଖଣ୍ଡିତର, ଯୋକଡିଆ, ପରିଡାବାଦ, କଲଣ ଆଦି ବେଆଇନ ଘାଟରୁ ଦିନରାତି ଶହ ଶହ ଟ୍ରିପ୍ ବାଲି ଚାଲାଣ କରାଯାଉଛି। କରଜଙ୍ଗା ବେଆଇନ ଘାଟରୁ ବାଲି ଚୋରା ଚାଲାଣ ପାଇଁ ସରକାରୀ ଅର୍ଥରେ ରାସ୍ତା ନିର୍ମାଣ କରାଯାଇଛି। ସ୍ଥାନୀୟ ଜନପ୍ରତିନିଧିଙ୍କ ସହଯୋଗ ଓ ପଞ୍ଚାୟତ ଅନୁଦାନରେ ରାସ୍ତା ନିର୍ମାଣ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ଉକ୍ତ ଘାଟରୁ କେତେ ପରିମାଣର ବାଲି ଚୋରା ଚାଲାଣ ହୋଇଛି, ତାହା ନଦୀ ଶର୍ଯ୍ୟାରେ ହୋଇଥିବା ବିରାଟକାୟ ଗର୍ତ୍ତକୁ ଦେଖିଲେ ସ୍ପଷ୍ଟ ଅନୁମାନ କରିହେଉଛି। ତେବେ ଗତ କିଛିଦିନ ହେବ ତହସିଲ ଓ ପୋଲିସ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ କେତେକ ଗାଡ଼ି ଜବତ କରାଯିବା ସହ ଜରିମାନା ମଧ୍ୟ ଆଦାୟ କରାଯାଉଛି। ହେଲେ ଏହି ସଂଖ୍ୟା ଅତି ନଗଣ୍ୟ। ପ୍ରଶାସନକୁ ଭୁଆଁ ବୁଲାଇ ଅସାଧୁ ବ୍ୟବସାୟୀମାନେ ରାତି ଅଧିଆ ଶହ ଶହ ଟ୍ରିପ୍ ବାଲି ଚାଲାଣ କରୁଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ପଚାରିବାରେ, ବେଆଇନ ବାଲି ଚାଲାଣ ହେଉଥିବା ନେଇ ତାଙ୍କ ନିକଟରେ ଖବର ଅଛି। ହେଲେ ରାତିଅଧିଆ ବାଲିଘାଟରେ ଚଢ଼ାଉ କରିବାକୁ ହେଲେ ଅଧିକ ପୋଲିସ ଫୋର୍ସର ଆବଶ୍ୟକତା ରହିଛି। ଏ ନେଇ ସେ ଜିଲା ପ୍ରଶାସନକୁ ଅବଗତ କରିଛନ୍ତି। ଏହାଛଡ଼ା ନିଲାମ ଅବଧି ପୂରିଯାଇଥିବା ବାଲିଘାଟଗୁଡିକ ତୁରନ୍ତ ନିଲାମ ଡାକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଛନ୍ତି।

**ରସୁଲପୁର ବ୍ଲକ**
- ରାତିଅଧିଆ ଚାଲାଣ ହେଉଛି ଶହ ଶହ ଟ୍ରିପ୍ ବାଲି
- ବେଆଇନ ଘାଟକୁ ଯିବାକୁ ସରକାରୀ ଅର୍ଥରେ ନିର୍ମାଣ ହୋଇଛି ରାସ୍ତା
- କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର
- ପୋଲିସ ଫୋର୍ସ ଅଭାବ ଯୋଗୁ ରାତିରେ ଚଢ଼ାଉ କରିହେଉନି: ତହସିଲଦାର

# ପାଟନାଳୀ ପୁନରୁଦ୍ଧାର ନାଁରେ ୧୦ ଲକ୍ଷ ହଡ଼ପ ଉଦ୍ୟମ

**ବରୀ, ୩୧।୫ (ସ୍ୱ.ପ୍ର.)**

**ଅଭିଯୋଗ ଆଣିଲେ ଚାଷୀ**


ପାଟନାଳୀ ଖୋଳା ଚାଲିଛି।

ଉପକୂଳ ଜିଲାଗୁଡ଼ିକର ଖାଲୁଆ ଜମିରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ହେବାରେ ସମସ୍ୟା ଯୋଗୁ ହଜାର ହଜାର ହେକ୍ଟର ଚାଷଜମିରେ ଫସଲ ନଷ୍ଟ ହେଉଛି। ତେବେ ଚାଷ ଜମିକୁ ଜଳସେଚନ ସୁବିଧା ସହ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ନିମନ୍ତେ ପାଟନାଳୀ ଖନନ ପାଇଁ ବରୀ ବ୍ଲକର ଚାଷୀମାନେ ଦୀର୍ଘଦିନ ଧରି କରିଆସୁଥିବା ଦାବିକୁ ଗୁରୁତ୍ୱ ଦେଇ ୨ଟି ପାଟନାଳୀ ପୁନରୁଦ୍ଧାର ପାଇଁ ଡ୍ରେନେଜ୍ ବିଭାଗ ପକ୍ଷରୁ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ହେଲେ ଚାଷୀଙ୍କ ବିକାଶ ପାଇଁ ଖର୍ଚ୍ଚ ହେଉଥିବା ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିବ ବୋଲି ବ୍ଲକ ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ବ୍ଲକ ଅଧୀନ ସାରନ୍ଦା ପାଟନାଳୀ ଓ କ୍ଷେମେଶ୍ୱର ପଲ୍ଲିଶ୍ରୀ ପାଟନାଳୀ ପୁନରୁଦ୍ଧାର ପାଇଁ ୫ଲକ୍ଷ ଲେଖାଏଁ ମଞ୍ଜୁର କରାଯାଇଛି। ୫ ମିଟର ଓସାର ଓ ୩.୫ ଫୁଟ୍‌ଗଭୀର ଖନନ କରାଯିବାକୁ ଆକଳନ ରହିଛି। ମାତ୍ର ଖନନ ନାମରେ ନାଳର ଉଭୟ ପାର୍ଶ୍ୱରେ ଥିବା ଘାସ ଚାଞ୍ଛିବା ସହ କେତେକ ସ୍ଥାନରେ କଳମ ଗଛ କଟାଯାଇଥିବା ଦେଖିବାକୁ ମିଳିଛି। ୩.୫ ଫୁଟ୍ ଗଭୀର ଖୋଳାଯିବା ସ୍ଥାନରେ କେବଳ ଘାସ ମୂଳ ଉଠିବା ପର୍ଯ୍ୟନ୍ତ ମାଟି ଖୋଳାଯାଇଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପାଟନାଳୀ ପୁନରୁଦ୍ଧାର କରାଯାଉଥିବା ବେଳେ ଏହା ଚାଷୀଙ୍କ କାର୍ଯ୍ୟରେ ଲାଗିବା ଉପଯୋଗୀ କରାଯାଉ ନ ଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରେ, ଚାଷୀଙ୍କ ଆପତ୍ତି ଅନୁସାରେ ନାଳ ଖନନ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଠିକାଦାର କାମ ଆରମ୍ଭ କରିଛନ୍ତି। ଆକଳନ ଅନୁସାରେ କାର୍ଯ୍ୟ କରା ନଗଲେ ବିଲ୍ ମଧ୍ୟ ସେହି ଅନୁସାରେ କରାଯିବ। ଚାଷୀମାନଙ୍କୁ କାମ ସମ୍ପୂର୍ଣ୍ଣ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସେ କହିଛନ୍ତି।

# ‘ଦାବି ପୂରଣ ନ ହେଲେ ସହଯୋଗ କରିବୁନି’

**ରତ୍ନଗିରି, ୩୧।୫ (ଡି.ଏନ୍.ଏ.)**


କୃପାସିନ୍ଧୁ ବିଦ୍ୟାଭବନ ଖେଳ ପଡିଆଠାରେ ବସ୍ ଚାଳକ ସଂଘ ସଦସ୍ୟମାନେ।

**ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବସ୍ ଚାଳକ ସଂଘର ଦାବିପତ୍ର**

କରୋନା ପାଇଁ ଲକ୍‌ଡାଉନ୍ ଯୋଗୁ ଦୁଇ ମାସ ଧରି ବସ୍ ଚଳାଚଳ ବନ୍ଦ ରହିଥିଲା। ମାତ୍ର ଜୁନ୍ ୧ରୁ ବସ୍ ଚଳାଚଳ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ହେଲେ ଦାବି ପୂରଣ ନ ହେଲା ଯାଏ ବସ୍ ଚଳାଚଳରେ ସହଯୋଗ କରିବୁ ନାହିଁ ବୋଲି କହିଛି ବରୀ ବସ୍ ଚାଳକ ସଂଘ। ଏ ନେଇ ସଂଘ ପକ୍ଷରୁ ରବିବାର ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଓ ଯାଜପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଏକ ଦାବିପତ୍ର ବରୀ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ବରୀ କୃପାସିନ୍ଧୁ ବିଦ୍ୟାଭବନ ଖେଳ ପଡିଆଠାରେ ବସ୍‌ରେ କାର୍ଯ୍ୟରତ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍ପରମାନଙ୍କ ଏକ ବୈଠକ ବସିଥିଲା। ଆଲୋଚନା ଅନୁଯାୟୀ ସଂଘ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବସ୍‌ରେ ଯାତ୍ରା କରିବା ସମୟରେ ଡ୍ରାଇଭର, କଣ୍ଡକ୍ଟର ଓ ହେଲପରମାନେ କରୋନା ସଂକ୍ରମିତ ହେବାର ଅଧିକ ଆଶଙ୍କା ରହିଛି। ତେଣୁ ସମସ୍ତ ଡ୍ରାଇଭର, କଣ୍ଡକ୍ଟର ଓ ହେଲପରମାନଙ୍କ ବୀମା କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ବୋଲି ବସ୍ ଚାଳକ ସଂଘ ସଭାପତି ପ୍ରଣବ କୁମାର ଦାସ, ଉପସଭାପତି ଅମର ଚରଣ ଜେନା, ସମ୍ପାଦକ ରମାକାନ୍ତ ବେହେରା, ସହ ସମ୍ପାଦକ ଅମର ପଣ୍ଡା ଓ ଉପାଧ୍ୟକ୍ଷ ଶୁଭକାନ୍ତ ବାରିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଗରମ ତେଲ ପଡ଼ି ମା’, ଝିଅ ଗୁରୁତର

**ଡେରାବିଶ, ୩୧।୫(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣଖଣ୍ଡ ଭୋଳ ଗ୍ରାମରେ ଗୁରୁବାର ରୋଷେଇ ସମୟରେ କଡ଼େଇରୁ ଗରମ ତେଲ ଢାଳି ହୋଇଯିବାରୁ ମା’ ଓ ୨ ଝିଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ହେମନ୍ତ ମଲ୍ଲିକଙ୍କ ସ୍ତ୍ରୀ ସୁଲୋଚନା ମଲ୍ଲିକ, ବଡ଼ ଝିଅ ଲକ୍ଷ୍ମୀପ୍ରିୟା(୧୬) ଓ ସାନ ଝିଅ ସରସ୍ୱତୀ((୬)। ସୁଲୋଚନା ରୋଷେଇ କରୁଥିବା ବେଳେ ଲକ୍ଷ୍ମୀପ୍ରିୟା ସାହାଯ୍ୟ କରୁଥିଲେ। ସାନଝିଅ ସରସ୍ୱତୀ ଦାଣ୍ଡରୁ ଖେଳସାରି ହଠାତ୍ ସେମାନଙ୍କ ପାଖକୁ ଦୌଡି ଆସିଥିଲେ। ଏହି ସମୟରେ ଅସାବଧାନତାବଶତଃ ଚୁଲାରେ ବସିଥିବା କଡ଼େଇଟି ଓଲଟି ପଡ଼ିଥିଲା। ଫଳରେ ଗରମ ତେଲ ଲକ୍ଷ୍ମୀପ୍ରିୟା ଓ ସରସ୍ୱତୀଙ୍କ ଉପରେ ଢାଳି ହୋଇଯିବା ସହ ସୁଲୋଚନାଙ୍କ ବାମ ହାତରେ ଛିଟିକି ପଡ଼ିଥିଲା। ଏଥିରେ ୨ଝିଅଙ୍କ ଶରୀରର ପିଠିପାଖ ପୋଡ଼ିଯାଇଥିବା ବେଳେ ସୁଲୋଚନାଙ୍କ ବାମ ହାତ ପୋଡ଼ିଯାଇଛି। ସଙ୍ଗେ ସଙ୍ଗେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ଡାକ୍ତରଖାନା ପଠାଇ ଦିଆଯାଇଛି। ସୁଲୋଚନାଙ୍କ ସ୍ୱାମୀ ଜଣେ ଦିନମଜୁରିଆ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ସରପଞ୍ଚଙ୍କ ପରିବାରକୁ ଆକ୍ରମଣ ଅଭିଯୋଗ

**ବାଲିକୁଦା,୩୧।୫(ସ୍ୱ.ପ୍ର.)**

ବାଲିକୁଦା ଥାନା ଅଧୀନ ତରାସାହି ପଞ୍ଚାୟତ ସରପଞ୍ଚ ପ୍ରିୟଦର୍ଶିନୀ ବେହେରା, ସ୍ୱାମୀ ପ୍ରଦୀପ୍ତ ବେହେରା ଓ ଶ୍ୱଶୁର ଜୟରାମ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ସଂଖ୍ୟା-୧୨୧/୨୦) ରୁଜୁ କରି ତଦନ୍ତ ଚଳାଇଛି। ସରପଞ୍ଚ ବେହେରା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, କରୋନା ମୁକାବିଲା ପାଇଁ ସରକାର ଦେଇଥିବା ୫ ଲକ୍ଷ ଟଙ୍କାକୁ ଠିକ୍‌ରେ ବ୍ୟବହାର କରା ଯାଉ ନ ଥିବା ନେଇ ଗ୍ରାମର ଅରୂପ ବେହେରା ଓ ତାଙ୍କ ବାପା ରବୀନ୍ଦ୍ର ଅଭିଯୋଗ ଆଣିଛନ୍ତି। ସରପଞ୍ଚ ଓ ତାଙ୍କ ସ୍ୱାମୀ ମିଶି ଟଙ୍କା ହେରଫେର କରିଥିବା ନେଇ ଉଭୟ ବାପପୁଅ ସରପଞ୍ଚଙ୍କ ଶଶୁରଙ୍କ ଆଗରେ ପ୍ରକାଶ କରିଥିଲେ। ଏଥିସହିତ ତମ ପୁଅବୋହୂ ଚୋର ବୋଲି କହିଥିଲେ। ଏହାକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସେହିପରି ବାଲିକୁଦା ବ୍ଲକ ଏଇଇ(ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର) କୈଳାସ ବେହେରାଙ୍କୁ ଯେପରି ବ୍ଲକରୁ ବିଦାକଲ ତୁମ ସରପଞ୍ଚ ପଦବୀ ସେମିତି ନେଇଯିବୁ ବୋଲି କହିଥିଲେ। ଏକଥା ଜାଣିବାପରେ ସରପଞ୍ଚ ବେହେରା ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ଉଭୟ ଏସମ୍ପର୍କରେ ସେମାନଙ୍କୁ ପଚାରିବାକୁ ଯାଇଥିଲେ। ମାତ୍ର ବାପପୁଅ ସେମାନଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ସରପଞ୍ଚଙ୍କ ଶ୍ୱଶୁର ଜୟରାମ ପହଞ୍ଚିବାରୁ ତାଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ।

## କୋରେଇ ବ୍ଲକରେ ପାଗଳ କୁକୁର ଆତଙ୍କ

**ଯାଜପୁର ଅଫିସ, ୩୧।୫**

କୋରାଇ ବ୍ଲକ ଗୋହିରାଗାଡିଆ, ପାଟରଙ୍ଗା ଓ ମଲାରିଆ ଅଞ୍ଚଳରେ ପାଗଳା କୁକୁର ଆତଙ୍କରେ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ବର୍ତ୍ତମାନ ସୁଦ୍ଧା ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ କୁକୁର କାମୁଡି ଥିବାବେଳେ ୧୦ରୁ ଉର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ଆହତମାନେ ଯାଜପୁର ରୋଡ, ପଛିକୋଟ ଓ କୋରାଇ ଆଦି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଫଳରେ ସମ୍ପୃକ୍ତ ଗାଁଗୁଡିକରେ ଟାଟି କବାଟ ପଡ଼ିଯାଇଛି। ଲୋକମାନେ ପାଗଳା କୁକୁରଠାରୁ ତ୍ରାହି ପାଇବା ପାଇଁ ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ଆପତ୍ତି ଜଣାଇଛନ୍ତି।

## ବିରୋଧ ଯୋଗୁ ପାଇପ୍‌ଲାଇନ କାର୍ଯ୍ୟ ବନ୍ଦ

**ଖଣ୍ଡପଡ଼ା, ୩୧।୫( ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତର ରେବତୀବଣିଆ ନୂଆସାହିକୁ ପାନୀୟ ଜଳ ଯୋଗାଣ ନିମନ୍ତେ ପାଇପ୍‌ଲାଇନ ବିଛାଇବା କାର୍ଯ୍ୟ ଚାଲିଥିବାବେଳେ ନିକଟ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଏହା ବନ୍ଦ ରହିଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ସୁବ୍ରତ କୁମାର ସାହୁଙ୍କ ଉପସ୍ଥିତିରେ ପାଇପ୍ ବିଛାଇବା ପାଇଁ ରାସ୍ତା ପାର୍ଶ୍ୱ ଖୋଳାଯାଉଥିବା ବେଳେ ନିକଟସ୍ଥ ବେଣାଗାଡିଆ ପଞ୍ଚାୟତ ବରକୋଳି ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଲୋକ ପହଞ୍ଚି ବିରୋଧ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖଣ୍ଡପଡା ଥାନା ଆଇଆଇସି ବିମଳ କୁମାର ମଲ୍ଲିକ ସଦଳବଳ ପହଞ୍ଚି ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। କାମ ବନ୍ଦ ପରେ ନୂଆସାହି ବାସିନ୍ଦାଙ୍କ ପାଇପ ପାଣି ପାଇବା ଆଶା ମଉଳି ଯାଇଛି।

## ଖସିପଡ଼ିଲା ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ଦଧିନଉତି

**ଖଣ୍ଡପଡ଼ା,୩୧।୫(ସ୍ୱ.ପ୍ର.)**

କାଳବୈଶାଖୀ ପ୍ରଭାବରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତସ୍ଥ ମହାନଦୀ ସେତୁ ନିକଟରେ ଅବସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ଦଧିନଉତି ଶନିବାର ଭୋର ସମୟରେ ଖସିପଡିଛି। ଏହି ଘଟଣା ଗ୍ରାମବାସୀ ଜାଣିବା ପରେ ପୁନଃ ଦଧିନଉତି ନିର୍ମାଣ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟ ଶୀଘ୍ର କରାଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଲକ୍ଷାଧିକ ଟଙ୍କାର କାଠଗଣ୍ଡି, ପଟା ଜବତ

**ଓଡ଼ଗାଁ,୩୧।୫(ସ୍ୱ.ପ୍ର.)**

**୫ ଜଣଙ୍କ ବିରୋଧରେ ମାମଲା ରୁଜୁ**

ନୟାଗଡ଼ ବନଖଣ୍ଡ ଏବଂ ଓଡ଼ଗାଁ ବନାଞ୍ଚଳ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ଶାଳ, ଶାଗୁଆନ, ଗମ୍ଭାରି କାଠଗଣ୍ଡି ଓ ୧୦୩ ଖଣ୍ଡ ପଟା ଜବତ ହୋଇଛି। ବନବିଭାଗ କର୍ମଚାରୀ ବାହାଡ଼ାଖୋଲା ସେକ୍ସନ ଅନ୍ତର୍ଗତ କଇଠପଲ୍ଲୀ ଗ୍ରାମରେ ଚଢ଼ାଉ କରି ପଟା ଜବତ କରିଥିଲେ। ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡିଙ୍କ ନିର୍ଦ୍ଦେଶାନୁସାରେ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା ସଦଳବଳ ଚଢାଉ କରିଥିଲେ। ସିଆରୀମାଳ ହରିଜନ ସାହିରେ କେତେଜଣ କାଠ କାଟୁଥିବା ନେଇ ଖବର ମିଳିବା ପରେ ଚଢ଼ାଉ କରାଯାଇଥିଲା। ବନ କର୍ମଚାରୀଙ୍କୁ ଦେଖି କେତେକ ବ୍ୟକ୍ତି ଚମ୍ପଟ ମାରିଥିଲେ। ବିଭାଗ ସେଠାରୁ ୩ ଶାଳଗଣ୍ଡି ସହିତ କେତେକ ଟୁକୁରା କାଠ ଜବତ କରିଥିଲା। ଘଟଣାରେ ବନ ବିଭାଗ ସେହି ଗ୍ରାମର ମରୁତ ନାଏକ, କାହ୍ନୁ ନାଏକ, ଅମର ନାଏକ, କୁମର ନାଏକ ଓ କାମ୍ପ ନାଏକଙ୍କ ବିରୋଧରେ ମାମଲା ରୁଜୁ କରିଛି। ସେହିପରି ବନ କର୍ମଚାରୀମାନେ ଓଡଗାଁ କାର୍ଯ୍ୟାଳୟକୁ ଫେରୁଥିବା ବେଳେ ଏକ ପିକ୍‌ଅପ୍ ଭ୍ୟାନକୁ ପିଛା କରିଥିଲେ। ମଶାବାରୀ କୁସୁମୀ ନଦୀ ବ୍ରିଜ୍ ନିକଟରେ ଡ୍ରାଇଭର ରାସ୍ତା ଉପରେ ଗାଡି ଛାଡି ଦୌଡି ପଳାଇଥିଲେ। ଗାଡିକୁ ବନ ବଭାଗ ଜବତ କରିବା ସହିତ ସେଥିମଧ୍ୟରୁ ଛୋଟ ବଡ଼ ୧୦ ଖଣ୍ଡ ଶାଗୁଆନ ଓ ଗମ୍ଭାରି ଗଣ୍ଡି ଜବତ କରିଥିଲା। ଜବତ ସମସ୍ତ କାଠର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ବନାଞ୍ଚଳ ଅଧିକାରୀ ପ୍ରକାଶ କରିଛନ୍ତି।

# ସଙ୍କଟରେ ବୁଣାକାର ପରିବାର

**ନୟାଗଡ଼ ଅଫିସ,୩୧।୫**



**ନୟାଗଡ଼ ଜିଲା**
- କରୋନା ଯୋଗୁ ରୋଜଗାର ଠପ୍
- ମିଳୁନି ସୂତା, ନାହିଁ ବଜାର ସୁବିଧା
- ସରକାରୀ ସହାୟତା ଦାବି

କରୋନା ମହାମାରୀରେ ପ୍ରଭାବିତ ହୋଇଛନ୍ତି ବୁଣାକାର ପରିବାର। ବୁଡିବାକୁ ବସିଲାଣି ସେମାନଙ୍କ କୁଳବେଉସା। ବେଉସାକୁ ବଞ୍ଚାଇ ରଖିବାକୁ ପ୍ରଚେଷ୍ଟା କରୁଥିଲେ ମଧ୍ୟ ଉପାୟ ଦିଶୁନି। ଅତ୍ୟାବଶ୍ୟକ କଞ୍ଚାମାଲ ସୂତା ମିଳୁ ନାହିଁ। ପୁଣି ପୂର୍ବରୁ ଉତ୍ପାଦିତ ହୋଇଥିବା ସାମଗ୍ରୀଗୁଡ଼ିକ ବଜାର ସୁବିଧା ନ ଥିବାରୁ ବିକ୍ରି ହୋଇ ପାରୁନାହିଁ। ଏଣୁ ନୟାଗଡ ଜିଲାରେ ଆଉ ହସ୍ତତନ୍ତ ଓ ପାୱାର ଲୁମ୍‌ର ଶବ୍ଦ ଶୁଭୁନି। ରୋଜଗାର ନ ଥିବାରୁ ବୁଣାକାରଙ୍କ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି। ତେଣୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଜିଲା ଅଧୀନ ନୟାଗଡ଼ ବ୍ଲକର ଇଟାମାଟି, ଚମ୍ପତିପୁର, ମର୍ଦ୍ଦରାଜପୁର, ଶୁକଳଗାଡିଆ, ରାଜପାଟଣା, ଲାଠିପଡା ଡେରାସାହି, ବଡ଼ପଣ୍ଡୁସର, ଅଶ୍ୱସ୍ଥପଡା, ବିରୁଡା, ଓଡଗାଁ ବ୍ଲକ ଅନ୍ତର୍ଗତ ଡିମିଶର, ରଙ୍ଗଣୀପାଟଣା, ସୋଲପଟା, କଣ୍ଟାବଣିଆ, ତୋଟାପଡ଼ା, କଟରାଝରୀ, ମଗରବନ୍ଧ, କୁରୁଣ୍ଡଙ୍ଗ, ଖଇରପଟି, ହରିଡାବନ୍ଧ ଅଞ୍ଚଳରେ ହସ୍ତତନ୍ତ ବୁଣାକାରଙ୍କ ସଂଖ୍ୟା ଅଧିକ ଥିଲା। ଏହି ଗାଁଗୁଡିକରେ କରୋନା ପୂର୍ବରୁ ଅଧିକାଂଶ ବୁଣାକାର ନିଜର ବୃତ୍ତି ହରାଇଥିଲେ। ଆଉ ଜେତେଜଣ ଥିଲେ କରୋନାରେ ସେମାନଙ୍କ ବୃତ୍ତି ଠପ୍ ହୋଇଯାଇଛି। ଏଭଳିସ୍ଥଳେ କରୋନା ମାଡ଼ରେ ହାତବାନ୍ଧି ବସିଥିବା ବୁଣାକାର କ’ଣ କରିବେ ଚିନ୍ତା କରି ପାରୁନାହାନ୍ତି। ସେମାନଙ୍କୁ ସରକାରୀ ସାହାଯ୍ୟ ମିଳୁ ନାହିଁ। ଏନେଇ ଡିମିଶରର ବୁଣାକାର ବାଳକୃଷ୍ଣ ସ୍ୱାଇଁ କୁହନ୍ତି, ଆଉ ଲୁଗା, ଗାମୁଛା ଓ ସମ୍ବଲପୁରୀ ଶାଢ଼ିର ଚାହିଦା ନାହିଁ। ଗ୍ରାହକ ଏଗୁଡିକ କିଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ୨/୮୦ ମସରାଇଜ, ୪୦ ଏସ୍ କଟନ ସୂତା ଖୋଲା ବଜାରରେ ମିଳୁନାହିଁ। ବୁଣାକାରଙ୍କୁ ଡାକିଲେ ବି ସେମାନେ ଲୁଗା ଓ ଗାମୁଛା ବୁଣିବାକୁ ଆସୁନାହାନ୍ତି। କାମ ନ ହେବାରୁ ହସ୍ତତନ୍ତ ଓ ପାୱାର ଲୁମ୍ ନଷ୍ଟ ହେବାକୁ ଯାଉଛି। ଇଟାମାଟିର ଶରତ ବାଇ କୁହନ୍ତି, ପ୍ରବାସୀ କ୍ୱାରାଣ୍ଟାଇନ ସେଣ୍ଟରରେ କାମ କଲେ ସରକାର ସେମାନଙ୍କୁ ମଜୁରି ଦେବା ବ୍ୟବସ୍ଥା କରିଛନ୍ତି। ନିର୍ମାଣ ଶ୍ରମିକମାନଙ୍କୁ ସରକାରୀ ସହାୟତା ଦିଆଯାଉଛି। ଅନ୍ୟ ଧନ୍ଦାରେ ନିୟୋଜିତ ଲୋକଙ୍କୁ ସହାୟତା ଦେବାକୁ ବିରୋଧ କରାଯାଉନି। ତେବେ ବୁଣାକାରଙ୍କ ସମସ୍ୟାକୁ ଭୁଲିଯିବା ଦୁର୍ଭାଗ୍ୟଜନକ। ଅନ୍ୟପକ୍ଷେ ସରକାର ଚାହିଁଥିଲେ କ୍ୱାରାଣ୍ଟାଇନ ସେଣ୍ଟରର ବେଡଶିଟ୍ ଓ ଅନ୍ୟ ସାମଗ୍ରୀ ବୁଣାକାର ଯୋଗାଇ କିଛି ରୋଜଗାର ପାଇ ପାରିଥାନ୍ତେ। ମାତ୍ର ତାହା ହେଲା ନାହିଁ। ଏଣୁ ବୁଣାକାରଙ୍କ ପାଇଁ ସୂତା ବ୍ୟବସ୍ଥା, ବଜାରର ସୁବିଧା ସହ ସରକାରୀ ସହାୟତା ଯୋଗାଇବାର ଆବଶ୍ୟକତା ରହିଛି। ନ ହେଲେ ବୁଣାକାର ବେଉସା ହରାଇବାକୁ ବାଧ୍ୟ ହେବେ।

## ସଂକ୍ଷେପରେ

### ୪୨ ବସ୍ତା ଗହମ ଜବତ

ଧାମନଗର,୩୧।୫(ଡି.ଏନ୍.ଏ.)- ଭଦ୍ରକ ଜିଲା ଧାମନଗର ଥାନା ପୋଲିସ ରବିବାର ଚୋରା ଚାଲାଣ ବେଳେ ୪୨ ବସ୍ତା ଗହମ ଜବତ କରିଛି। ଏହି ଘଟଣାରେ ଏକ ପିକ୍ଅପ୍ ଭ୍ୟାନକୁ ପୋଲିସ ଜବତ କରିଥିବା ବେଳେ ଗାଡ଼ି ଚାଳକ ସେକ୍ ମଙ୍ଗୁଲୁଙ୍କୁ ଅଟକ ରଖିଛି। ପୋଲିସ ସୂଚନା ଅନୁଯାୟୀ, ସ୍ଥାନୀୟ ମୁନସିପାଟଣା ଗ୍ରାମରୁ ଏକ ପିକ୍ଅପ୍ ଭ୍ୟାନ୍‌ରେ ଗହମ ବୋଝେଇ ହୋଇ ଧାମନଗର ଥାନା ସମ୍ମୁଖ ଦେଇ ଯାଉଥିବା ବେଳେ ଥାନା ଅଧିକାରୀ ରତିକାନ୍ତ ଗିରି ଏହାକୁ ଅଟକାଇଥିଲେ। ଯାଞ୍ଚ ବେଳେ ୪୨ ବସ୍ତା ଗହମ(୨୧ କୁଇଣ୍ଟାଲ) ଚୋରାଚାଲାଣ ହେଉଥିବା ଜଣାପଡ଼ିଥିଲା। ପୋଲିସ ଗାଡି ସହ ଗହମକୁ ଜବତ କରି ଏକ ମାମଲା(ନଂ.୧୧୯/୨୦୨୦) ରୁଜୁ କରିଛି।

### ୩ ବାଇକ୍ ସହ ଚୋରା କୋଇଲା ଜବତ, ଜଣେ ଗିରଫ

ପଦ୍ମପୁର, ୩୧।୫(ଡି.ଏନ୍.ଏ.)- ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ପୋଲିସ କୋରବାଟିଆ ଛକ ଠାରୁ ୩ଟି ବାଇକ୍ ସହ ୬ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କୋଇଲା ଶନିବାର ସନ୍ଧ୍ୟାରେ ଜବତ କରିଛି। ସୂଚନା ଅନୁଯାୟୀ, ଏକଡାଳ ହତାଶିଆ ରାସ୍ତାରେ ୩ଟି ବାଇକ୍‌ରେ ଚୋରା କୋଇଲା ଆସୁଥିବାର ସୂଚନା ପାଇ ନାୟକାଣିଡିହୀ ଥାନା ଏଏସ୍ଆଇ ଦିଲୀପ କୁମାର ଦେହୁରୀ, କନଷ୍ଟେବଳ ରଞ୍ଜନ କୁମାର ମିଶ୍ର, ରମେଶ ଚନ୍ଦ୍ର ନାୟକ, ଅକ୍ଷୟ କୁମାର ବାରିକ, ମୋଟରସାଇକେଲ ଯୋଗେ ଆସି ଚୋରା କୋଇଲା ବେପାରୀଙ୍କୁ ଦୁଇପଟୁ ଘେରି ଯାଇଥିଲେ। ବାଇକ୍ ଚାଳକମାନେ ପୋଲିସକୁ ଦେଖି ବାଇକ୍ ଏବଂ କୋଇଲା ଛାଡ଼ି ବିଲରେ ଦୌଡ଼ି ୨ ଜଣ ଫେରାର ହୋଇଯାଉଥିବା ବେଳେ ଜଣେ ପୋଲିସ ହାତରେ ଧରା ପଡ଼ିଥିଲେ। ଗିରଫ ବ୍ୟକ୍ତି ଜଣକ ହେଲେ ତିହିଡ଼ି ଥାନା ଅଧୀନ ମଙ୍ଗଳପୁର ଗ୍ରାମର କୃପାସିନ୍ଧୁ ମହାଲିକ। ପୋଲିସ ଘଟଣାସ୍ଥଳରୁ ୩ଟି ବାଇକ୍ ଓ କୋଇଲାକୁ ଜବତ କରି ଥାନାକୁ ନେଇଛି। ଏନେଇ ଥାନାରେ ୩ ଜଣଙ୍କ ନାମରେ ମାମଲା(ନଂ ୫୪/୨୦) ରୁଜୁ କରି ଅଭିଯୁକ୍ତ କୃପାସିନ୍ଧୁଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

### କିରୋସିନ ଢାଳି ହତ୍ୟା ଉଦ୍ୟମ: ୪ ଜଣଙ୍କ ନାମରେ ମାମଲା

ବନ୍ତ,୩୧।୫(ଡି.ଏନ୍.ଏ.)-ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଗଭରପୁର ଗ୍ରାମର ଜଣେ ମହିଳାଙ୍କୁ କିରୋସିନ ଢାଳି ଶାଶୁଘର ଲୋକେ ହତ୍ୟା ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମହିଳାଙ୍କ ସ୍ୱାମୀ ବଜାରକୁ ଯାଇଥିବା ବେଳେ ଶାଶୁ ଓ ଶ୍ୱଶୁର କିରୋସିନ ଢାଳି ତାଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ବିବାହ ପର ଠାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଇଆସୁଥିବା ଅଭିଯୋଗରେ ଦର୍ଶାଯାଇଛି। ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ୪ଜଣଙ୍କ ନାମରେ (ନଂ.୬୧/୨୦) ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ବାଇକ୍‌ରୁ ପଡ଼ି ଯୁବକଙ୍କ ଜୀବନ ଗଲା

ରାଇରଙ୍ଗପୁର,୩୧।୫(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନଥାନା ଅଧୀନ ପାଣପୋଷି ଗ୍ରାମରେ ଶନିବାର ରାତିରେ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କ ପ୍ରାଣହାନି ଘଟିଛି। ମୃତକ ହେଲେ ସେହି ଗ୍ରାମର ଚକ୍ରଧର ମହାନ୍ତ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୮୮/୨୦୨୦) ରୁଜୁ ହୋଇଛି। ଚିକିତ୍ସା ପାଇଁ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଯୁବ ସାମାଜିକ କର୍ମୀ ଗିରଫ

ବନ୍ତ,୩୧।୫(ଡି.ଏନ୍.ଏ.)-ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳର ଜଣେ ଯୁବ ସାମାଜିକ କର୍ମୀଙ୍କୁ ଶନିବାର ରାତିରେ ପୋଲିସ ଗିରଫ କରିଛି। ଗତ ମେ' ୩ ତାରିଖରେ ଜାତିଆଣ ଆକ୍ଷେପ ଓ ଗାଳିଗୁଲଜ ନେଇ ତାଙ୍କ ନାମରେ ଏକ ମାମଲା (ନଂ.୪୬/୨୦) ରୁଜୁ ହୋଇଥିଲା। ଶନିବାର ପୋଲିସ ତାଙ୍କୁ ଗିରଫ କରି ଭଦ୍ରକ ଟାଉନ୍ ଥାନାକୁ ନେଇଯାଇଥିଲା। ରବିବାର ସକାଳେ ଧାମନଗର ଏସ୍‌ଡିପିଓ ସମ୍ପୃକ୍ତ ଗ୍ରାମକୁ ଯାଇ ତଦନ୍ତ କରିଥିଲେ।

### ଦୁର୍ଘଟଣାରେ ବୃଦ୍ଧଙ୍କ ପ୍ରାଣ ଗଲା

ବିଶୋଇ, ୩୧।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଅଶନା ଛକଠାରେ ଏକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଛି। ମୃତକ ହେଲେ ଅଶନା ପଞ୍ଚାୟତର ପାଳଗଡ଼ା ଗ୍ରାମର ଗୋପାଳ ଗିରି (୮୦)। ରବିବାର ସକାଳେ ଗୋପାଳ ଅଶନା ହାଟ ସାରି ସାଇକେଲ ଯୋଗେ ଘରକୁ ଫେରିବା ସମୟରେ ରାଉରକେଲାରୁ କୋଲକାତା ଅଭିମୁଖେ ଯାଉଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା।

# ଖାଦ୍ୟ ବ୍ୟାଗ୍ କାନ୍ଧେଇ ଦେଢ଼ କି.ମି. ଚାଲିଲେ ସରପଞ୍ଚ

## ସାଜିଲେ ଉଦାହରଣ

**ଖଇରା, ୩୧।୫(ଡି.ଏନ.ଏ)**



ଖାଦ୍ୟ ବ୍ୟାଗ୍ କାନ୍ଧେଇ ସରପଞ୍ଚ ଯାଉଛନ୍ତି।

କରୋନା ମୁକାବିଲା ଲାଗି ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରାଯାଇଛି। ପ୍ରବାସରୁ ଫେରି ପଞ୍ଚାୟତ ସଙ୍ଗରୋଧରେ ରହୁଥିବା ଲୋକଙ୍କୁ ରହିବା, ଖାଇବା, ପିଇବା ବ୍ୟବସ୍ଥା ସରପଞ୍ଚଙ୍କ ଉପରେ ନ୍ୟସ୍ତ ରହିଛି। ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ସରପଞ୍ଚ ସଞ୍ଜୟ କୁମାର ସେଠୀ ରାସ୍ତା ଅବସ୍ଥା ଠିକ୍ ନ ଥିବାରୁ ନିଜେ ଖାଦ୍ୟବ୍ୟାଗକୁ କାନ୍ଧେଇ ଦେଢ କି.ମି. ବିଲରେ ପଶି ସଙ୍ଗରୋଧ କେନ୍ଦ୍ରରେ ପହଞ୍ଚାଇବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ମହତୀପୁର ପଞ୍ଚାୟତ ଚକମହାସମପୁର ଗ୍ରାମକୁ ସଂଯୋଗ କରୁଥିବା ସଡକ ଏବେ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଗୁରୁବାର ରାତିରେ ବର୍ଷା ହେବା ପରେ ମାଟି ରାସ୍ତାର ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ହୋଇପଡିଛି। ଶୁକ୍ରବାର ପୂର୍ବାହ୍ନରେ ମହତୀପୁର ଗ୍ରାମ ନିକଟରେ ପ୍ରସ୍ତୁତ ରନ୍ଧାଖାଦ୍ୟକୁ ଚକମହାସମପୁର - କଲରାପାଳ ଗ୍ରାମର ପ୍ରାଥମିକ ସ୍କୁଲରେ ଚାଲିଥିବା ସଙ୍ଗରୋଧ କେନ୍ଦ୍ରରେ ଖାଦ୍ୟ ପହଞ୍ଚାଇବା ଅତ୍ୟନ୍ତ ଜରୁରୀ ଥିଲା। ଏହି ୨ କି.ମି. ରାସ୍ତାରେ ସାଇକେଲ କିମ୍ବା ମୋଟରସାଇକେଲ ଯାଉ ନ ଥିବାରୁ କେହି କେନ୍ଦ୍ରକୁ ଖାଦ୍ୟ ନେବାକୁ ରାଜି ହୋଇ ନ ଥିଲେ। ଶେଷରେ ନିଜେ ସରପଞ୍ଚ ସେଠୀ କାନ୍ଧରେ ଖାଦ୍ୟ ପ୍ୟାକେଟ ଭର୍ତ୍ତି ବ୍ୟାଗ ମୁଣ୍ଡାଇ ଦେଢ କି.ମି. ବିଲ ରାସ୍ତାରେ ଚାଲି ଚାଲି ସଙ୍ଗରୋଧ କେନ୍ଦ୍ରରେ ପହଞ୍ଚାଇଛନ୍ତି। ତେବେ ସଙ୍ଗରୋଧ କେନ୍ଦ୍ରରେ ଖାଦ୍ୟ ପହଞ୍ଚାଇବା ତାଙ୍କର ପ୍ରଥମ କର୍ତ୍ତବ୍ୟ ଥିଲା ବୋଲି ସେଠୀ କହିଛନ୍ତି।

# ରାସ୍ତା ମରାମତି କଲେ ଯୁବଗୋଷ୍ଠୀ



ଯୁବକମାନେ ରାସ୍ତା ମରାମତି କରୁଛନ୍ତି ।

**ଭଦ୍ରକ ଅଫିସ, ୩୧।୫**

ସରକାର ଗମନାଗମନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। କିନ୍ତୁ ଦୀପ ତଳ ଅନ୍ଧାର ଭଳି ଭଦ୍ରକ ବ୍ଲକ ମୁଖ୍ୟାଳୟଠାରୁ ୫ କି.ମି ଦୂର ଚରମ୍ପା ପଞ୍ଚାୟତ ଝାଟିଆ ଜାନୁମଞ୍ଜି ଗାଁ ରାସ୍ତା ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ଦୀର୍ଘ ୬ବର୍ଷ ହେଲା ଏହି ରାସ୍ତାର ପୁନରୁଦ୍ଧାର ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଗ୍ରାମବାସୀ ନୟାନ୍ତ ହେଲେଣି। ମାଟିରାସ୍ତା ହୋଇଥିବାରୁ ବର୍ଷା ହେଲେ ୧୫ ଦିନ ପର୍ଯ୍ୟନ୍ତ ଖାଲଖମାରେ ପାଣି ରହି ଯାତାୟାତରେ ବାଧା ଉପୁଜେ। ରବିବାର ଗାଁର କେତେକ ଉତ୍ସାହୀ ଯୁବକ ପ୍ରଶାସନ ଉପରୁ ଭରସା ତୁଟାଇ ନିଜେ ନିଜ ଗାଁ ରାସ୍ତା ମରାମତି କରିଛନ୍ତି। ନିଜ ପକେଟ୍ ଖର୍ଚ୍ଚରୁ ଚାନ୍ଦା କରି ଡଷ୍ଟ ଆଣି ଖାଲଖମା ଭର୍ତ୍ତି କରି ରାସ୍ତାକୁ ଯାତାୟାତ ଉପଯୋଗୀ କରିଛନ୍ତି। ଏହି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଯେ,ଏହି ରାସ୍ତା ଦେଇ ପ୍ରତିଦିନ ୫ ହଜାରରୁ ଅଧିକ ଲୋକ ଯିବା ଆସିବା କରିଥାନ୍ତି।

## ବିଡିଓଙ୍କ ସହ ଆଲୋଚନା ପରେ ହଟିଲା ଆନ୍ଦୋଳନ

**ବାସୁଦେବପୁର, ୩୧।୫(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଖରିଦା ବିନାୟକପୁର ପଞ୍ଚାୟତ ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ଥିବା ପ୍ରବାସୀମାନେ ସେମାନଙ୍କ କେତେକ ସମସ୍ୟା ନେଇ ରବିବାର ଆନ୍ଦୋଳନ କରିଥିଲେ। ବିଡିଓ ପ୍ରଣବ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରବାସୀମାନେ ସଙ୍ଗରୋଧ କେନ୍ଦ୍ରରୁ ବାହାରକୁ ଆସି ସାମ୍ନା ରାସ୍ତା ଅବରୋଧ ସହିତ ହୋହଲ୍ଲା କରିଥିଲେ।

## ଜଙ୍ଗଲରୁ ଶିଶୁ ପୁତ୍ର ଉଦ୍ଧାର

**ଚିତ୍ରଡ଼ା,୩୧।୫(ଡି.ଏନ୍.ଏ.)–**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଜଙ୍ଗଲରୁ ଶନିବାର ସନ୍ଧ୍ୟାରେ ଏକ ଶିଶୁପୁତ୍ର ଉଦ୍ଧାର ହୋଇଛି। ମୁଲୁକ ଚାନ୍ଦ ମହନ୍ତ ନାମକ ଜଣେ ବୃଦ୍ଧ ଜଙ୍ଗଲକୁ ପତ୍ର ତୋଳିବା ପାଇଁ ଯାଇଥିଲା ବେଳେ ଶିଶୁଟି କାନ୍ଦୁଥିବା ଦେଖି ଶିଶୁଟିକୁ ଘରକୁ ନେଇ ଆସିଥିଲେ। ଚିତ୍ରଡ଼ା ଫାଣ୍ଡି ଅଧିକାରୀ ଶିଶୁଟିକୁ ନେଇ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ଜଗନ୍ନାଥଙ୍କ ପଟିଦିଅଁ ଅଙ୍କନ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ, ୩୧।୫**



ନୀଳଗିରି ରାଜା ଜୟନ୍ତ ମର୍ଦ୍ଦରାଜ ଓ ରାଣୀ ମନୋଜା ମଞ୍ଜରୀ ଦେବୀ ପଟିଦିଅଁ ଅଙ୍କନ ଲାଗି ଅନୁମତି ପ୍ରଦାନ କରୁଛନ୍ତି।

ଜଗନ୍ନାଥ ସଂସ୍କୃତିର ଅନନ୍ୟ ଚିତ୍ର ପରମ୍ପରା ପଟିଦିଅଁ ଅଙ୍କନ ଉତ୍ସବ ବାଲେଶ୍ୱର କଳା କେନ୍ଦ୍ର ଓ ନୋସି ଇମ୍ପାର ମିଳିତ ଆନୁକୂଲ୍ୟରେ ରବିବାର ୬ଷ୍ଠ ପଟିଦିଅଁ ଅଙ୍କନ କାର୍ଯ୍ୟକ୍ରମ ରେମୁଣା ଗୋଲେଇ ନିକଟସ୍ଥ ମଙ୍ଗଳପୁର ଜଗନ୍ନାଥ ମନ୍ଦିର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ନୀଳଗିରି ରାଜା ଜୟନ୍ତ ମର୍ଦ୍ଦରାଜ ଓ ରାଣୀ ମନୋଜା ମଞ୍ଜରୀ ଦେବୀ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପଟିଦିଅଁ ଅଙ୍କନ ଉତ୍ସବର ଆବାହକ ଶିଳ୍ପୀ କେଶୁଦାସ ପୌରୋହିତ୍ୟ କରିଥିବା ବେଳେ ମଙ୍ଗଳପୁର ଜଗନ୍ନାଥ ମନ୍ଦିର ସେବକ ମନୋରଞ୍ଜନ ସାହୁ, ଅଭିମନ୍ୟୁ ସାହୁ ଓ ପଟିଦିଅଁ ଅଙ୍କନର ଚିତ୍ରକର ପ୍ରୀତମ ନାୟକ, ଅରୁଣ ବାରିକ, ପ୍ରବୀର ପାତ୍ର, ଦିବ୍ୟ ରାଉତ, ଗୋପାଳ ପରିଡ଼ା, ହିମାଂଶୁ ବଇଠା, ଆଦିତ୍ୟ ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ପଟିଦିଅଁ ପରମ୍ପରା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଚଳିତବର୍ଷ ପଟିଦିଅଁ ଅଙ୍କନ କାର୍ଯ୍ୟକ୍ରମ ୫ତାରିଖ (ସ୍ନାନ ପୂର୍ଣ୍ଣିମା) ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବାଲେଶ୍ୱରର ୫ଟି ଜଗନ୍ନାଥ ମନ୍ଦିର ଯଥା ନୀଳଗିରି, ଶାସଙ୍ଗ, ଜୟଦେବ କସବା, ମଙ୍ଗଳପୁର ଓ ଦୁବଲାଗଡି ଲାଗି ପଟିଦିଅଁ ଅଙ୍କନ କରାଯିବ। ଲକ୍‌ଡାଉନର ସରକାରୀ ନିୟମକୁ ପାଳନ କରାଯାଇ କାର୍ଯ୍ୟକ୍ରମ କରାଯିବ ବୋଲ ସ୍ଥିର କରାଯାଇଛି । ଏଥିରେ ମନ୍ଦିର ପୂଜକ ସହ ନିରଞ୍ଜନ ଗିରି, ନିରଞ୍ଜନ ସାହୁ, ସଞ୍ଜୁଲତା ସାହୁ, ରାଜଶ୍ରୀ ସାହୁ ଓ ସଞ୍ଜୁତା ଭୁକ୍ତା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବାଲେଶ୍ୱର ଇସ୍କନ ସଦସ୍ୟ ଜିତାମିତ୍ର ଦାସ ଧନ୍ୟବାଦ ଦେଇଥିଲେ।

# ଆସିଲାନି ଆମ୍ବୁଲାନ୍ସ,ଖଟିଆରେ ବୁହା ହେଲେ ରୋଗୀ

**ପଦ୍ମପୁର,୩୧।୫(ଡି.ଏନ୍.ଏ.)**



ଖଟିଆରେ ରୋଗୀଙ୍କୁ ବୋହି ମେଡିକାଲ ନିଆଯାଉଛି।

ଗାଁକୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ଜଣେ ମହିଳା ରୋଗୀଙ୍କୁ ପରିବାର ଲୋକେ ଖଟିଆରେ ବୋହିନେଇ ଡାକ୍ତରଖାନାରେ ପହଞ୍ଚିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିରସ ପଞ୍ଚାୟତର ବହୁପୋଖରୀ ଗ୍ରାମରେ ଏହି ଘଟଣା ଘଟିଛି। ଏହି ଗାଁକୁ ସବୁଦିନିଆ ରାସ୍ତା ନାହିଁ। ଗ୍ରାମର ଭାରତୀ ମହାଲିକ ନାମ୍ନୀ ଜଣେ ମହିଳାଙ୍କ ରବିବାର ଛାତି ଓ ପେଟ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସକୁ ଫୋନ୍ କରାଯାଇଥିଲା। କିନ୍ତୁ ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ପରିବାର ଲୋକେ ଏକ ଖଟିଆରେ ବୋହି ତାଙ୍କୁ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିବା ସହ ବିପୁଳ ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ଏହାର ବାସ୍ତବ ପ୍ରତିଫଳନ ହୋଇ ପାରୁ ନ ଥିବା ଉକ୍ତ ଘଟଣାରୁ ସ୍ପଷ୍ଟ ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ଦେବେନ୍ଦ୍ର ନାୟକ, ବିଜୟ ମହାଲିକ, ଅଜୟ ବେହେରା, ସୁକାନ୍ତ ବେହେରା ପ୍ରମୁଖ ତୁରନ୍ତ ଗ୍ରାମରାସ୍ତାକୁ ସବୁଦିନିଆ ରାସ୍ତାରେ ପରିଣତ କରିବା ପାଇଁ ଦାବି କରିଛନ୍ତି। ଏସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଦୟାନିଧି ଦାସଙ୍କୁ ପଚାରିବାରୁ ଚଳିତବର୍ଷ ରାସ୍ତାର ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ସେ ଆକ୍ସନପ୍ଲାନ ତିଆରି କରି ଅନୁମୋଦନ ପାଇଁ ପ୍ରଶାସନ ନିକଟରେ ଉପସ୍ଥାପନ କରିଥିବା କହିଛନ୍ତି।

## ସୀତାନଦୀରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ପାଟଣା,୩୧।୫(ସ୍ୱ.ପ୍ର.)–ପାଟଣା ବ୍ଲକ ଚିନାବାଳିପଶି ପଞ୍ଚାୟତ ନୂଆପଡା ଚିନାବାଳିପଶି ଆର୍‌ଡି ରାସ୍ତାର ନୂଆପଡା ନିକଟରେ ଥିବା ସୀତାନଦୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଛି। ସ୍ଥାନୀୟ ଲୋକେ ମୃତଦେହ ଭାସୁଥିବାର ଦେଖି ଘଟଗାଁ ପୋଲିସକୁ ଖବର ଦେଇଥିଲେ। ତେବେ ଏହା ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ଘଟଗାଁ ପୋଲିସ ତରଫରୁ ଏଏସ୍ଆଇ ସତ୍ୟନାରାୟଣ ପରିଡା ଘଟଣା ସ୍ଥଳରେ ପହଞ୍ଚି ଘଟଗାଁ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରିଛନ୍ତି। ଘଟଗାଁ ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ଉତ୍ତର ଓଡ଼ିଶାରେ ପୁଣି ୧୫ ଆକ୍ରାନ୍ତ ଚିହ୍ନଟ

**ବାରିପଦା ଅଫିସ/ରାସଗୋବିନ୍ଦପୁର/କେନ୍ଦୁଝର,୩୧।୫(ଡି.ଏନ୍.ଏ./ସ୍ୱ.ପ୍ର.)**

ଉତ୍ତର ଓଡ଼ିଶାର ୩ ଜିଲାରେ ରବିବାର ପୁଣି ୧୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲାରେ ୬, କେନ୍ଦୁଝରରେ ୩ ଓ ବାଲେଶ୍ୱରରେ ୬ ଜଣଙ୍କ ପଜିଟିଭ ରିପୋର୍ଟ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ମୟୂରଭଞ୍ଜର ୬ ଆକ୍ରାନ୍ତଙ୍କ ମଧ୍ୟରେ ମହାରାଷ୍ଟ୍ରରୁ ଫେରିଥିବା ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳର ୪ ଜଣ ଓ କର୍ଣ୍ଣାଟକ ଫେରନ୍ତା ବାରିପଦା ବ୍ଲକର ୨ ଜଣ ଅଛନ୍ତି। ସେମାନେ ସଙ୍ଗରୋଧ କେନ୍ଦ୍ରରେ ରହି ଆସୁଥିଲେ। ଚିହ୍ନଟଙ୍କ ମଧ୍ୟରେ ୫ ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି। ସେମାନଙ୍କ ବୟସ ଯଥାକ୍ରମେ ୨୨,୨୯, ୩୫,୨୬, ୩୪ ହୋଇଥିବା ବେଳେ ମହିଳା ଜଣଙ୍କ ୨୦ ବର୍ଷର ଅଟନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ବାଙ୍କିଶୋଳସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠା ଯାଇଛି। ଏହାକୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୩ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ଜିଲାର ୧୧ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅନ୍ୟ ୧୨ଜଣ ଚିକିତ୍ସାଧୀନ ଅଛନ୍ତି।

କେନ୍ଦୁଝର ଜିଲାରେ ପୁଣି ୩ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସଂକ୍ରମିତଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ଚିହ୍ନଟ ୩ ନୂଆ ଆକ୍ରାନ୍ତ ତାମିଲନାଡୁରୁ ଫେରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିଲେ। ସେମାନଙ୍କ ଘର ଘଷିପୁରା ବ୍ଲକ ଅଞ୍ଚଳରେ। ଜିଲାର ୮ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅନ୍ୟମାନେ ଚିକିତ୍ସାଧୀନ ଅଛନ୍ତି।

## ବିଭିନ୍ନ ଦାବି ନେଇ ଧାରଣା ଚେତାବନୀ

**ଯୋଡ଼ା, ୩୧।୫ (ଡି.ଏନ.ଏ.)**

ଯୋଡା ସହର ଏକ ଖଣିପ୍ରବଣ ଉପାନ୍ତ ଅଞ୍ଚଳ। ଏହି ଅଞ୍ଚଳରୁ ସରକାର ହଜାର କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି। ଯୋଡାବାସୀ ବିଭିନ୍ନ ମୌଳିକ ସୁବିଧାରୁ ଏବେ ବି ବଞ୍ଚିତ ହୋଇରହିଛନ୍ତି। ଏହାର ପ୍ରତିବାଦରେ ଯୋଡା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ପୂରଣ ନେଇ ଜୁନ୍ ୧ ତାରିଖ ସୋମବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦେବାପାଇଁ ଯୋଡାବାସୀଙ୍କୁ ଆହ୍ୱାନ ଦିଆଯାଇଛି । ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦିଆଯିବ ବୋଲି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶିରିଶ ଚନ୍ଦ୍ର ମହାନ୍ତି କହିଛନ୍ତି।

# ପାଣିଟାଙ୍କି ଉପରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଧମକ



ପାଣି ଟାଙ୍କି ଉପରେ ଚଢ଼ିଯାଇଥିବା ଯୁବକଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଚାଲିଛି।

## ପୋଲିସ, ଅଗ୍ନିଶମ କର୍ମଚାରୀ ନାକେଦମ୍

**ପଦ୍ମପୁର,୩୧।୫(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ସାନକାଳିଦାସପୁର ପାଣିଟାଙ୍କି ଉପରେ ରବିବାର ପୂର୍ବାହ୍ନରେ ଜଣେ ଯୁବକ ଚଢ଼ି ଆତ୍ମହତ୍ୟା ଧମକ ଦେଇଥିଲେ। ଯୁବକ ଜଣକ ଟ୍ରାକ୍ଟର ଚାଳକ ହୋଇଥିବା ବେଳେ ତାଙ୍କ ନାମ ଶିବ ପ୍ରସାଦ ମଳିକ। ତାଙ୍କ ଘର ବାଲେଶ୍ୱର ଜିଲାର କାନ୍ତିଗଡିଆ ଗ୍ରାମରେ। ଖବର ପାଇ ନାୟକାଣିଡିହୀ ପୋଲିସ ଓ ବାସୁଦେବପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ବୁଝାଶୁଝା କରି ନାକେଦମ୍ ହୋଇପଡ଼ିଥିଲେ। ଏହାପରେ ପୋଲିସ ଓ ଅଗ୍ନିଶମ ବିଭାଗର କର୍ମକର୍ତ୍ତା ମାନେ ଯୁବକଙ୍କୁ ଶାନ୍ତ କରିବା ପାଇଁ ଦୀର୍ଘ ସମୟ ଧରି ବୁଝାଶୁଝା କରିବା ସହ ତାଙ୍କ ପରିବାର ଲୋକଙ୍କ ସହ କଥାବାର୍ତ୍ତା କରାଇଥିଲେ। ଯୁବକ ଜଣକ ପରିବାର ଲୋକଙ୍କ ସହ କଥାବାର୍ତ୍ତା ହେବା ପରେ ଓ ପୋଲିସ ଠାରୁ ନିଜ ଘରକୁ ଯିବା ପାଇଁ ନିରାପତ୍ତା ଦେବା ପ୍ରତିଶ୍ରୁତି ପରେ ଯୁବକ ଜଣକ ତଳକୁ ଓହ୍ଲାଇଥିଲେ। ଏହାପରେ ଅଗ୍ନିଶମ ବିଭାଗ ଯୁବକଙ୍କୁ ହେପାଜତକୁ ନେଇ ତାଙ୍କ ଘରେ ଛାଡ଼ିଥିଲା।

## କରୋନା ଯୋଦ୍ଧାଙ୍କୁ ଫୁଲଚନ୍ଦନ ଦେଇ ସମ୍ବର୍ଦ୍ଧନା



ପୋଲିସ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ରାଇରଙ୍ଗପୁର, ୩୧।୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁରର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଅଞ୍ଚଳର କରୋନା ଯୋଦ୍ଧାମାନଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶନିବାର ପରିଷଦ ପକ୍ଷରୁ ସୁପ୍ରିୟା ଜେନା ଓ ଜ୍ୟୋତିପ୍ରକାଶ ରଣାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ରାଇରଙ୍ଗପୁର ଟାଉନ ଥାନା ଏବଂ ହସ୍ପିଟାଲ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଏନ୍‌ଏଚ୍‌ଆର୍‌ସିଙ୍କଠାରେ ରୁଜୁ ହେଲା ମାମଲା

## ଟୁଇଟ୍ ପରେ କନଷ୍ଟେବଳ ନିଲମ୍ବନ ଘଟଣା

**ଭଦ୍ରକ ଅଫିସ, ୩୧।୫**

ଭଦ୍ରକ ଜିଲା ବନ୍ତ ଥାନାଧିକାରିଣୀଙ୍କ ଉପସ୍ଥିତିରେ ଲକ୍‌ଡାଉନ ସମୟରେ ଜଣେ ଯୁବକ ମାସ୍କ ପିନ୍ଧି ନ ଥିବା କାରଣରୁ ବନ୍ତ ଥାନା ନିକଟରେ ରାସ୍ତା ଉପରେ ୬ଜଣ ପୋଲିସ ଯୁବକ ଜଣଙ୍କୁ ଗୋଡ଼ାଇ ଗୋଡ଼ାଇ ଲାଠିରେ ପିଟିଥିଲେ। ଏହି ଭିଡିଓ କିଛିଦିନ ପରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସ୍ଥାନୀୟ ଜଣେ ସାମାଜିକ କର୍ମୀ ଘଟଣା ସମ୍ପର୍କରେ ଟୁଇଟର୍ ଯୋଗେ ଏସ୍‌ପି, ଡିଆଇଜି, ମୋ ସରକାର ଓ ୫–ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଗତ ୨୫ ତାରିଖରେ ଏସ୍‌ପି ରାଜେଶ ପଣ୍ଡିତ ତରବରିଆ ଭାବେ ଜଣେ କନଷ୍ଟେବଳଙ୍କୁ ନିଲମ୍ବନ କରିଥିଲେ। ଏହି ଘଟଣାରେ ସାମାଜିକ କର୍ମୀ କେନ୍ଦୁଝର ଜିଲା ଶାଳଣିଆର ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି)ଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଏନେଇ ସେ ଏକ ଅଭିଯୋଗ ଦାଏର କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତି କରି ମାମଲା(ନଂ.୬୯୯୫/ ଆଇଏମ୍/ ୨୦୨୦) ରୁଜୁ ହୋଇଛି। ସେ ଅଭିଯୋଗରେ ମାଡ଼ ଖାଇଥିବା ଯୁବକଙ୍କୁ ପୋଲିସ ମହାନିର୍ଦ୍ଦେଶକ ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କ ଦରମାରୁ କାଟି ୩ ସପ୍ତାହ ମଧ୍ୟରେ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦିଅନ୍ତୁ ଓ ୩ ସପ୍ତାହ ମଧ୍ୟରେ ନ୍ୟାୟିକ ତଦନ୍ତ କରି ପଦକ୍ଷେପ ନିଅନ୍ତୁ ବୋଲି ସେ ଆୟୋଗଙ୍କ ନିକଟରେ ଯୁକ୍ତି ବାଢ଼ିଛନ୍ତି।

# ବାରିପଦାରେ ଆରମ୍ଭ ହେଲା କରୋନା ଟେଷ୍ଟିଂ

**ବାରିପଦା ଅଫିସ,୩୧।୫**



ଜିଲାପାଳ ବିନୀତ ଭରଦ୍ୱାଜ କରୋନା ଟେଷ୍ଟିଂ ଲ୍ୟାବ୍‌କୁ ଉଦ୍‌ଘାଟନ କରୁଛନ୍ତି।

ମୟୂରଭଞ୍ଜ ଜିଲା ବାରିପଦାର ରଙ୍ଗମାଟିଆସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜରେ ରବିବାରଠାରୁ କରୋନା ଟେଷ୍ଟିଂ ଆରମ୍ଭ ହୋଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଏହି ଟେଷ୍ଟିଂ ଲ୍ୟାବ୍‌କୁ ଉଦ୍‌ଘାଟନ କରିଛନ୍ତି। ପ୍ରତିଦିନ ଏଠାରେ ୧୦୦ ଜଣଙ୍କ ସ୍ୱାବ୍ ପରୀକ୍ଷା ହେବ ଓ ଆଗକୁ ଟେଷ୍ଟିଂ ସଂଖ୍ୟା ବୃଦ୍ଧି କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ମାଇକ୍ରୋ ଭାଓରୋଲୋଜି ବିଭାଗ ପକ୍ଷରୁ ୨ଟି ଲ୍ୟାବ୍‌ରେ ୨ଟି ମେଶିନ୍‌ରେ ପରୀକ୍ଷା କରାଯିବ। ପୂର୍ବରୁ କରୋନା ସନ୍ଦେହରେ ଯେଉଁ ସ୍ୱାବ୍ ସାମ୍ପୁଲ ସଂଗ୍ରହ କରାଯାଉଥିଲା ତାହା କଟକ ଓ ଭୁବନେଶ୍ୱରକୁ ପରୀକ୍ଷା ପାଇଁ ପଠାଯାଉଥିଲା। ବର୍ତ୍ତମାନ ଆଉ ସେଭଳି କରା ନ ଯାଇ ଯେଉଁ ଦିନ ସାମ୍ପୁଲ ସଂଗ୍ରହ କରାଯିବ ସେହିଦିନ ରିପୋର୍ଟ ଆସିପାରିବ। ମାଗଣାରେ ଏହି ପରୀକ୍ଷା କରାଯିବ। କରୋନା ସନ୍ଦେହ ବ୍ୟକ୍ତି, ଲକ୍ଷଣ ଦେଖାଯାଉଥିବା ବ୍ୟକ୍ତି, ବୃଦ୍ଧାବୃଦ୍ଧ, ଗର୍ଭବତୀ, ପ୍ରବାସୀ, ପଜିଟିଭ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ସ୍ୱାବ୍‌ପରୀକ୍ଷା କରାଯିବାକୁ ପ୍ରାଥମିକତା ଦିଆଯିବ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମେଡ଼ିକାଲ କଲେଜର ଡିନ୍ ଏବଂ ଅଧକ୍ଷ ଡା. ରାମାରମଣ ମହାନ୍ତି, ମାଇକ୍ରୋବାୟୋଲୋଜି ବିଭାଗ ପ୍ରଫେସର ଡା.ଦୀପ୍ତିଲତା ପଣ୍ଡା, ପ୍ରଫେସର ବୈକୁଣ୍ଠନାଥ ମହାପାତ୍ର, ଅତିରିକ୍ତ ଜିଲାପାଳ ବିବେକାନନ୍ଦ ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ରୂପଭାନୁ ମିଶ୍ର , ମେଡ଼ିକାଲ ଅଫିସର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ମୟୂରଭଞ୍ଜ ଜିଲାରେ ମୋଟ ୨୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟ ୧୨ ଜଣ ବାଙ୍କିଶୋଳସ୍ଥିତ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ହତ୍ୟା ଉଦ୍ୟମ ମାମଲା, ଜେଲ୍ ଗଲେ ୨ ଭାଇ

ଦିଗପହଣ୍ଡି,୩୧।୫(ଡି.ଏନ୍.ଏ.):ଗଞ୍ଜାମ ଜିଲା କେ.ନୂଆଗାଁ ପୋଲିସ ବ୍ରାହ୍ମଣ ନୂଆପଡ଼ା ଗ୍ରାମର ୨ ଭାଇ ବି.ଶ୍ୟାମସୁନ୍ଦର ଏବଂ ବି.ଶ୍ରୀରାମୁଲୁଙ୍କୁ ରବିବାର ଏକ ହତ୍ୟା ଉଦ୍ୟମ ମାମଲାରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ କହିଛନ୍ତି। ମାମଲା ନଂ. ୧୦୮/୨୦ରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ନୂଆପଡ଼ା ଗ୍ରାମ ନୂଆସାହିର ମୋହନ ଗୌଡ ତାଙ୍କ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ଶୁକ୍ରବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତ ଶ୍ୟାମସୁନ୍ଦର, ଶ୍ରୀରାମୁଲୁ ଓ ତାଙ୍କ ବାପା ଠେଙ୍ଗାରେ ଆକ୍ରମଣ କରିଥିଲେ।

### ବେଧଡ଼କ ଚାଲିଛି ପଥରଫଟା

କବିସୂର୍ଯ୍ୟନଗର,୩୧।୫:ଲକ୍‌ଡାଉନ୍‌ରେ ବେଧଡ଼କ ଚାଲିଛି ପଥର ଫଟା। ପାହାଡରେ ବ୍ଲାଷ୍ଟିଂ କରି ପଥର ମାଫିଆ ମାଲାମାଲ ହେଉଥିବା ବେଳେ ପ୍ରଶାସନ ରାଜସ୍ୱ ହରାଉଛି। ତହସିଲ ନିକଟରେ ଏହା ଚାଲିଥିଲେ ମଧ କେହି ଦୃଷ୍ଟି ଦେଉନାହାନ୍ତି। ଜରଡ଼ ଛକଠାରୁ ମାତ୍ର ୫ ଶହ ମିଟର ଦୂରରେ ରହିଛି ପଥରକ୍ୱାରୀ। ଏହାସହ ଗୁଡ଼ିଆଳି, ବକ୍ସିପଲ୍ଲୀ, ତାଳିଆମାପଲ୍ଲୀ, ଗୁଣ୍ଡିରିବାଡ଼ି, ଆଠଗଡ଼ ଓ ସୁବଳୟା ଆଦି ଅଞ୍ଚଳରେ ମଧ ଚାଲିଛି ବେଆଇନ ପଥରକ୍ୱାରୀ। ଦିନରାତି ବିସ୍ଫୋରଣ କରାଯାଉଛି। ପ୍ରବଳ ଧୂଆଁ ସହ ପଥରଗୁଣ୍ଡ ନିକଟ ଚାଷଜମିରେ ପଡ଼ି ନଷ୍ଟ ହେଉଛି। ନିକଟସ୍ଥ ଗାଁଗୁଡ଼ିକ ବିସ୍ଫୋରଣରେ ଥରି ଉଠୁଛି। ଏନେଇ ତହସିଲଦାର ପ୍ରକାଶ ମିଶ୍ର କହିଛନ୍ତି, କ୍ରସରଗୁଡ଼ିକୁ ଲାଇସେନ୍ସ ଆଣିବାକୁ କୁହାଯାଇଛି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### କ୍ୱାରାଣ୍ଟାଇନ୍ ସେଣ୍ଟରରେ ଯୋଗ, ପ୍ରବଚନ

ଜଗନ୍ନାଥପ୍ରସାଦ,୩୧।୫(ଡି.ଏନ.ଏ.): କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଓ ମାନସିକ ସ୍ଥିତି ଠିକ୍ ରଖିବାପାଇଁ ଯୋଗ, ପ୍ରାଣାୟାମ ଶିକ୍ଷା ଦିଆଯାଉଥିବା ବେଳେ ଭାଗବତ କଥା ମଧ ଶୁଣାଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ଜଗନ୍ନାଥପ୍ରସାଦ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡ଼ିକରେ ଅନ୍ତେବାସୀମାନେ ସାମାଜିକ ଦୂରତ୍ୱ ରକ୍ଷା କରି ଯୋଗ ଓ ବ୍ୟାୟାମ ଅଭ୍ୟାସ କରୁଛନ୍ତି। ଯୋଗଗୁରୁ କ୍ଷୀରୋଦ ଚନ୍ଦ୍ର ଦାଶ ସେମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ସେହିପରି ସ୍ଥାନୀୟ ଅଞ୍ଚଳର ବିଶ୍ୱଜିତ ଷଡ଼ଙ୍ଗୀ ଭଗବାନଙ୍କ କଥା ଶୁଣାଉଛନ୍ତି। ବିଡିଓ ସୁରେଶ ଚନ୍ଦ୍ର ପଣ୍ଡା, କନ୍ଧମାଳ ଏମ୍‌ପି ପ୍ରତିନିଧି ବିପ୍ର ଚରଣ ବାରିକ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ବେହେରା, ଉପାଧାକ୍ଷ ହିମାଂଶୁ ଶେଖର ବାରିକଙ୍କ ସମେତ ସରପଞ୍ଚମାନେ ସଙ୍ଗରୋଧରେ ରହୁଥିବା ଲୋକଙ୍କ ପାଇଁ ଅହରହ କାମ କରୁଛନ୍ତି।

### ଶିକ୍ଷକଙ୍କୁ ଆକ୍ରମଣ କରି ଲୁଟ୍

ଶେରଗଡ଼,୩୧।୫(ଡି.ଏନ୍.ଏ.):ଶେରଗଡ଼ ବ୍ଲକ ଡ଼ିଙ୍ଗିଶାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ କେନ୍ଦ୍ର ଦାୟିତ୍ୱରେ ଥିବା ଶିକ୍ଷକ ସୌମ୍ୟରଞ୍ଜନ ଗୌଡ଼ କାମସାରି ଶନିବାର ରାତି ପ୍ରାୟ ୯ଟାରେ ଘରକୁ ଫେରୁଥିଲେ। ବିଜୟ ରଘୁନାଥପୁର ଗ୍ରାମ ଛକରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ମୋବାଇଲ, ଏଟିଏମ୍ କାର୍ଡ, ଟଙ୍କା ଛଡାଇ ନେଇଛନ୍ତି। ସୌମ୍ୟରଞ୍ଜନ ଶେରଗଡ଼ ଥାନାରେ ରବିବାର ଏତଲା ଦେବାସହ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କୁ ଅବଗତ କରାଇଛନ୍ତି। ଶେରଗଡ଼ ଥାନାରେ ଏକ ଚୋରି ମାମଲା ରୁଜୁ ହୋଇଛି। କ୍ୱାରାଣ୍ଟାଇନ୍ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସୌମ୍ୟରଞ୍ଜନ ଶେରଗଡ଼ ବିଡ଼ିଓ ଓ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ଫୁଲବାଣୀ ଅଫିସ, ୩୧।୫-ଖଜୁରିପଡ଼ା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସତ୍ୟ ମାଝି(୨୩) । ତାଙ୍କୁ ବୌଦ୍ଧ ଜିଲା ହରଭଙ୍ଗାରୁ ଗିରଫ କରାଯିବା ପରେ କୋର୍ଟଚାଲାଣ କରାଯାଇଛି। ଗତ ୨୭ ତାରିଖ ରାତି ପ୍ରାୟ ୯ଟାରେ ୧୪ ବର୍ଷିୟା ନାବାଳିକା ଜଣକ ଗାଧୋଇବା ପାଇଁ ଘର ପାଖ କୂଅ ନିକଟକୁ ଯାଇଥିଲେ । ସତ୍ୟ ସେଠାରୁ ତାଙ୍କୁ ଉଠାଇ ନେଇ ନିକଟସ୍ଥ ଏକ ପରିତ୍ୟକ୍ତ ଘର ବାରଣ୍ଡାରେ ବଳାତ୍କାର କରିଥିଲେ। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ପରିବାର ଲୋକେ ଝିଅକୁ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରୁ ଉଦ୍ଧାର କରିଥିଲେ। ତାଙ୍କଠାରୁ ସବୁ ଶୁଣିବା ପରେ ଖଜୁରିପଡ଼ା ଥାନାରେ ଅଭିଯୋଗ କରିଥିଲେ । ପୋଲିସ୍ ନଂ. ୪୯/୨୦ରେ ମାମଲା ରୁଜୁ କରି ନାବାଳିକାଙ୍କ ଡାକ୍ତରୀମାଇନା କରାଇଥିଲା ।

# ମଦକୁ ବିରୋଧ କରିବାରୁ ସରପଞ୍ଚଙ୍କୁ ଆକ୍ରମଣ

ପୋଲସରା,୩୧।୫(ଡି.ଏନ.ଏ.)

- ସଙ୍ଗରୋଧରେ ଥିବା ସମ୍ପର୍କିୟଙ୍କୁ ଦେଇପାରି ନ ଥିଲେ ମଦ
- ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

ସଙ୍ଗରୋଧ କେନ୍ଦ୍ରରେ ଥିବା ଅନ୍ତେବାସୀଙ୍କୁ ସମ୍ପର୍କୀୟ ମଦ ଦେବାକୁ ଯାଇଥିବାବେଳେ ଏହାକୁ ବିରୋଧ କରିବାରୁ ଗଞ୍ଜାମ ଜିଲା ପୋଲସରା ବ୍ଲକ କଳମ୍ବ ସରପଞ୍ଚଙ୍କୁ ରବିବାର ଆକ୍ରମଣ ହୋଇଛି। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପୋଲିସ ଓ ପ୍ରଶାସନ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକା ହଟିଛି।


ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି।

ରବିବାର ୩ ଯୁବକ କଳମ୍ବ ନୋଡାଲ ୟୁପି ସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ଥିବା ସମ୍ପର୍କିୟଙ୍କୁ ମଦ ଦେବାକୁ ଯାଇଥିଲେ। ସେଠାରେ କୋଭିଡ୍ ଡ୍ୟୁଟିରେ ଥିବା ସାମାଜିକ କର୍ମୀ ଓ କଳମ୍ବ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ ଏହାକୁ ବିରୋଧ କରିଥିଲେ। ସମ୍ପୃକ୍ତ ୩ ଯୁବକ ସରପଞ୍ଚଙ୍କ ସହ ପାଟିତୁଣ୍ଡ କରିବା ସହ ଆକ୍ରମଣ କରିଥିଲେ। ଏହି ଘଟଣା ପ୍ରଘଟ ହେବାପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ କଳମ୍ବ-ପୋଲସରା ମୁଖ୍ୟରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଓ ମଦ କାରବାର ବନ୍ଦ କରିବାକୁ ଦାବି କରିଥିଲେ। ଖବରପାଇ ପୋଲସରା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଶୁଣି ନ ଥିଲେ। ପରେ ପୋଲସରା ତହସିଲଦାର ସୁକାନ୍ତ ମିଶ୍ର ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଅନ୍ୟପକ୍ଷରେ ମଦକୁ ନେଇ ପଞ୍ଚାୟତରେ ବାରମ୍ବାର ବିଶୃଙ୍ଖଳା ହେଉଛି, ପୋଲିସକୁ ଜଣାଇଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସରପଞ୍ଚ ଅଭିଯୋଗ କରିଛନ୍ତି।

# କୋଭିଡ୍ ହସ୍ପିଟାଲରେ ୯ ଭର୍ତ୍ତି

ଫୁଲବାଣୀ ଅଫିସ,୩୧।୫

କନ୍ଧମାଳ ଜିଲା ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ୯ ଜଣ ଭର୍ତ୍ତି ହୋଇଛନ୍ତି। ହେଲେ ଏ ନେଇ ଜିଲା ପ୍ରଶାସନ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ରାଇକିଆର ଏକ ସଙ୍ଗରୋଧ କେନ୍ଦ୍ରରେ ଥିବା ଚେନ୍ନାଇ ଫେରନ୍ତାଙ୍କ ମଧ୍ୟରୁ ୮ ଜଣଙ୍କୁ ଶନିବାର ରାତିରେ ଆମ୍ବୁଲାନ୍ସ ଦ୍ୱାରା କୋଭିଡ୍ ହସ୍ପିଟାଲକୁ ଅଣାଯାଇଛି। ପୂର୍ବରୁ ସେମାନଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ସେମାନଙ୍କ ରିପୋର୍ଟ କ'ଣ ଆସିଛି ଏ ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ସେହିପରି ଦିଲ୍ଲୀରୁ ଖଜୁରିପଡା ଫେରିଥିବା ଅନ୍ୟ ଜଣେ ପ୍ରବାସୀଙ୍କୁ ମଧ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଗଞ୍ଜାମରେ ୭୭ ପଜିଟିଭ ଆକ୍ଟିଭ

ଛତ୍ରପୁର, ୩୧।୫(ଡି.ଏନ୍.ଏ.)

**୨ ଆଶାକର୍ମୀ, ଜଣେ ଶିକ୍ଷକଙ୍କ ସମେତ ୧୬ ସୁସ୍ଥ**

ଗଞ୍ଜାମ ଜିଲାରେ ବର୍ତ୍ତମାନ ସୁଦ୍ଧା ୪୧୪ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଥିବା ୨ ଜଣ ଆଶାକର୍ମୀ ଓ ଜଣେ ଶିକ୍ଷକ ରବିବାର ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ଟାଟା କୋଭିଡ୍ ହସ୍‌ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିବା ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହି କରୋନା ଯୋଦ୍ଧାଙ୍କୁ ଜିଲାପାଳ ସାଲ୍ୟୁଟ୍ ଜଣାଇଛନ୍ତି। ରବିବାର ଏମାନଙ୍କୁ ମିଶାଇ ମୋଟ ୧୬ ଜଣ ସୁସ୍ଥ ହୋଇ କୋଭିଡ୍ ହସ୍ପିଟାଲରୁ ଫେରିଛନ୍ତି। ବର୍ତ୍ତମାନ ସୁଦ୍ଧା ୩୩୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ୩ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ୭୭ ପଜିଟିଭ ଆକ୍ଟିଭ ଅଛନ୍ତି, ଏମାନଙ୍କୁ ଶୀତଳାପଲିସ୍ଥିତ କୋଭିଡ୍ ହସ୍ପିଟାଲ ଓ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ଖୋଲିଥିବା କୋଭିଡ୍ କେୟାର ହସ୍ପିଟାଲରେ ଚିକିତ୍ସା କରାଯାଉଛି।

# ସଙ୍ଗରୋଧ କେନ୍ଦ୍ରରେ ମହିଳା ସରପଞ୍ଚଙ୍କୁ ଆକ୍ରମଣ

ଦିଗପହଣ୍ଡି,୩୧।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧୀନ ଏକ ଗାଁର ସଙ୍ଗରୋଧ କେନ୍ଦ୍ରରେ ଜଣେ ଅନୁସୂଚିତ ଜାତିର ମହିଳା ସରପଞ୍ଚଙ୍କୁ ଆକ୍ରମଣ ଓ ଅସଦାଚରଣ ନେଇ ଅଭିଯୋଗ ହୋଇଛି। ସରପଞ୍ଚଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ.୧୨୭/୨୦ରେ ଅନୁସୂଚିତ ଜାତି ଓ ଜନଜାତି ସୁରକ୍ଷା ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି। ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ ଘଟଣାର ତଦନ୍ତ ଚଳାଇଛନ୍ତି। ଗିରଫ ଭୟରେ ଅଭିଯୁକ୍ତ ଫେରାର ଥିବା ଏସ୍‌ଡିପିଓ କହିଛନ୍ତି।

ଏତଲା ଅନୁଯାୟୀ, ମହିଳା ସରପଞ୍ଚ ଶନିବାର ସକାଳେ ସାନଖେମୁଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ସଙ୍ଗରୋଧ କେନ୍ଦ୍ରରେ ସକାଳ ଜଳଖିଆ ବ୍ୟବସ୍ଥା ତଦାରଖ କରୁଥିଲେ। ଅଭିଯୁକ୍ତ ଜଣକ କେନ୍ଦ୍ର ମଧକୁ ଜବରଦସ୍ତ ପଶି ସେଠାରେ ଥିବା ସୁରଟ ଫେରନ୍ତା ତାଙ୍କ ପୁଅ ଓ କେତେକ ଅନ୍ତେବାସୀଙ୍କୁ ଖାଦ୍ୟ ସହ ନିଶାଦ୍ରବ୍ୟ ଦେବାକୁ ଉଦ୍ୟମ କରିଥିଲେ। ଏନେଇ ସରପଞ୍ଚ ବାରଣ କରିବାରୁ ତାଙ୍କୁ ଆକ୍ରମଣ କରିବା ସହ ଅସଦାଚରଣ କରିଥିଲେ। ଏପରିକି ସରପଞ୍ଚଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ ମଧ କରିଥିଲେ। ସେଠାରେ ଉପସ୍ଥିତ ଦିଗପହଣ୍ଡି ଥାନା ହୋମଗାର୍ଡ ନିରଞ୍ଜନ ସେଠୀ, ମହିଳା ସ୍ୱୟଂ ସହାୟିକା ସଙ୍ଗୀତା ବାଡତ୍ୟା ତାଙ୍କୁ ଦୁର୍ବୃତ୍ତଙ୍କ କବଳରୁ ଉଦ୍ଧାର କରିଥିବା ଏତଲାରେ ଉଲ୍ଲେଖ ରହିଥିବା ପୋଲିସ କହିଛି।

## ସଙ୍ଗରୋଧ ଅବଧି ସାରି ଘରକୁ ଗଲେ ୨୦

ବୁଗୁଡ଼ା,୩୧।୫(ଡି.ଏନ.ଏ.)

**ପଞ୍ଚାୟତକୁ ଉପହାର ଦେଲେ**

ବୁଗୁଡ଼ା ବ୍ଲକ ଗୋଳିଆ ପଞ୍ଚାୟତ ଅନ୍ତର୍ଗତ ଚିରିକିପଡ଼ା ସଙ୍ଗରୋଧ କେନ୍ଦ୍ରରେ ୭ ଦିନିଆ ଅବଧି ସାରି ୨୦ ଜଣ ଘରକୁ ଫେରିଛନ୍ତି। ଏମାନେ ବାଲିପଦର, ଆଦିପୁର, ପାଙ୍ଗିଡ଼ି, ଅରଖପୁର ଆଦି ଅଞ୍ଚଳର। ସଙ୍ଗରୋଧ କେନ୍ଦ୍ରରେ ଉତ୍ତମ ସେବା ପାଇଥିବାରୁ ଖୁସିହୋଇ ଗୋଳିଆ ପଞ୍ଚାୟତକୁ ଉପହାର ପ୍ରଦାନ କରି ଉଦାହରଣ ସୃଷ୍ଟି କରିଛନ୍ତି।


ଉପହାର ଗ୍ରହଣ କରୁଛନ୍ତି ୱାର୍ଡମେମ୍ବର।

## ପୂର୍ବ ଶତ୍ରୁତାରୁ ଆକ୍ରମଣ: ୬ ଗିରଫ

ଗୋପାଳପୁର,୩୧।୫(ଡି.ଏନ୍.ଏ.)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ମାମଲାରେ ଗୋପାଳପୁର ପୋଲିସ ରବିବାର ୬ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଏସ୍. ଧନରାଜ, ଏସ୍. ଚନ୍ଦ୍ରେୟା, ଜେ. ରାଜକୁମାର, ଏନ୍. ମୁସେୟା, ଜେ. ରାମେୟା ଓ ଏସ୍. ମଧୁ। ନୂଆଗୋଳାବନ୍ଧର କେ.ବୈରାଗୀ ଓ ଉକ୍ତ ଗ୍ରାମର ଏସ୍. ଧନରାଜଙ୍କ ମଧ୍ୟରେ ପୂର୍ବଶତ୍ରୁତା ଥିଲା। କୌଣସି ଏକ ବିଷୟକୁ ନେଇ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଧନରାଜ ତାଙ୍କର କେତେଜଣ ସମର୍ଥକଙ୍କ ସହ ବୈରାଗୀଙ୍କ ଘର ପାଖକୁ ଯାଇଥିଲେ। ବୈରାଗୀଙ୍କ ପୁଅ ମାଧେୟା ଓ ଧନରାଜଙ୍କ ମଧ୍ୟରେ ବଚସା ହୋଇଥିଲା। ପାଖ ପଡୋଶୀ ଆସି ଏତେ ରାତିରେ ପାଟିତୁଣ୍ଡ କରିବାକୁ ବାରଣ କରିବାରୁ ଧନରାଜ ଓ ସେମାନଙ୍କ ସମର୍ଥକ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଉକ୍ତ ଗ୍ରାମର କେ.ଆପେୟା, ଏସ୍.ବୈରାଗୀ, ଏସ୍.ରାଜେଶ, ଜେ.କାର୍ଲେୟା ଓ ଜେ.ଜାଡୁ ଆହତ ହୋଇଥିଲେ। ଶନିବାର ମାଧେୟା ଗୋପାଳପୁର ଥାନାରେ ଏତଲା ଦେଇଥିଲେ। ମାମଲା (ନଂ.୭୪/୨୦) ରୁଜୁକରି ରବିବାର ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରାଯାଇଛି।

# କାର୍ ମାଲିକଙ୍କୁ ଆକ୍ରମଣ କରି ଲୁଟ୍

ଜି.ଉଦୟଗିରି/ ଶଙ୍କରାଖୋଲ, ୩୧।୫(ଡି.ଏନ୍.ଏ.)

**କଳିଙ୍ଗା ଘାଟିରେ ଡକାୟତି**



କାଚ ଭାଙ୍ଗି ଦେଇଥିବା କାର।

କନ୍ଧମାଳ ଜିଲା ଜି.ଉଦୟଗିରି ଥାନା କଳିଙ୍ଗା ଘାଟିରେ ଶନିବାର ରାତିରେ ଦୁର୍ବୃତ୍ତମାନେ ଏକ କାର୍‌କୁ ଅଟକାଇ ମାଲିକଙ୍କୁ ଆକ୍ରମଣ କରିବା ସହ ଟଙ୍କା ଓ ମୋବାଇଲ ଲୁଟି ନେଇଛନ୍ତି। ଏନେଇ କାର ମାଲିକ ଶଙ୍କରାଖୋଲ ଗ୍ରାମର ଦ୍ୱିତୀକୃଷ୍ଣ ପାଢୀଙ୍କ ଏତଲାକ୍ରମେ ପୋଲିସ ନଂ.୪୨/୨୦ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଦ୍ୱିତୀକୃଷ୍ଣ ତାଙ୍କ କାର୍ (ନଂ.ଓଡି୦୨ଏସ୍-୧୦୦୭)ରେ ଶନିବାର ମହାରାଷ୍ଟ୍ରରୁ ଆସିଥିବା ଝିଅ-ଜ୍ୱାଇଁଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରୁ ଆଣି ଗଞ୍ଜାମ ଜିଲା ବେଲଗୁଣ୍ଠାରେ ଛାଡ଼ିଥିଲେ। ସେଠାରୁ ନିଜ ଗ୍ରାମ ଶଙ୍କରାଖୋଲକୁ କାର୍‌ରେ ଫେରୁଥିବା ବେଳେ କଳିଙ୍ଗା ଘାଟି ଭାଲିଙ୍ଗିଆ ବୁଲାଣୀରେ ରାତି ପ୍ରାୟ ୧୨ଟାବେଳେ ବିଭିନ୍ନ ମାରଣାସ୍ତ୍ରଧାରୀ ୫ରୁ ୭ଜଣ ଦୁର୍ବୃତ୍ତ ରାସ୍ତାରେ ବାଲିବସ୍ତା ପକାଇ ଅଟକାଇଥିଲେ। କାର୍ ଅଟକିବା ପରେ ତାଙ୍କୁ ଆକ୍ରମଣ କରି ଦଶହଜାର ଟଙ୍କା ଓ ମୋବାଇଲ ଲୁଟି ନେବା ସହ କାର୍ କାଚ ଭାଙ୍ଗି ଦେଇଥିଲେ। ଲକ୍‌ଡାଉନ୍ ଯୋଗୁ ଘାଟିରାସ୍ତା ଶୁନ୍‌ଶାନ୍ ଥିବାରୁ ଏପରି ବାରମ୍ବାର ଡକାୟତି ହେଉଛି। ଜି.ଉଦୟଗିରି ଓ ଭଞ୍ଜନଗର ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ସାଧାରଣରେ ଦାବି ହେଉଛି।

# ଖବରକାଗଜ ବିତରକଙ୍କୁ ଖାଦ୍ୟ ବଣ୍ଟନ

ବ୍ରହ୍ମପୁର ଅଫିସ,୩୧।୫

ମହାନଗର ବିଜେଡି ଓ ରାଧାକୃଷ୍ଣ ବଣିଜ ସଂଘ ପକ୍ଷରୁ ରବିବାର ଖବରକାଗଜ ବିତରକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଲକ୍‌ଡାଉନ ଯୋଗୁ ଖବରକାଗଜ ବିତରଣ ପ୍ରଭାବିତ ହୋଇଥିଲା । ଫଳରେ ବିତରକମାନେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ମହାନଗର ବିଜେଡି ଓ ରାଧାକୃଷ୍ଣ ବଣିଜ ସଂଘ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ବ୍ରହ୍ମପୁର ମହାନଗର ନିଗମ ୫ ନଂ. ୱାର୍ଡ ତୁଳସୀନଗର ଦ୍ୱିତୀୟ ଲାଇନ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ଗଞ୍ଜାମ ଜିଲା ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରତ୍ୟେକଙ୍କୁ ଚାଉଳ, ଡାଲି, ତେଲ ଓ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ୧୮୦ ଖବର କାଗଜ ବିତରକଙ୍କୁ ବଣ୍ଟନ କରାଯାଇଥିଲା। ରାଧାକୃଷ୍ଣ ବଣିଜ ସଂଘ ସଭାପତି ଆର. ମୁରଲୀ ମୋହନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ମହିଳା ସଭାନେତ୍ରୀ ସଂଘମିତ୍ରା ଦଳାଇ, ଗଞ୍ଜାମ ଜିଲା ପାଇକାରୀ ଭଣ୍ଡାର ସଭାପତି ସୁଧୀର ରାଉତ, ପୂର୍ବତନ ବିଡିଏ ଅଧକ୍ଷ ସୁବାସ ମହାରଣା, ଗଞ୍ଜାମ ଜିଲା ଛାତ୍ର ବିଜେଡି ସଭାପତି ଧନଞ୍ଜୟ ରାଓ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।


ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି ।

# ଆକ୍ରମଣରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୩୧।୫

**ହତ୍ୟା ଉଦ୍ୟମ ହେଲା ହତ୍ୟା ମାମଲା**

ଗୋଶାଣୀନୂଆଗାଁ ଥାନା ଡ଼ିମ୍ବିରା ବାଉରୀ ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୁଧବାର ଜଣେ ବୃଦ୍ଧ ତ୍ରିନାଥ ଦାସଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଗୁରୁତର ଅବସ୍ଥାରେ କଟକ ବଡ଼ମେଡିକାଲରେ ଚିକିତ୍ସା ଚାଲିଥିବାବେଳେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ପୂର୍ବରୁ ଥାନାରେ ରୁଜୁ ହୋଇଥିବା ହତ୍ୟା ଉଦ୍ୟମ ମାମଲା (ନଂ.୮୨/୨୦) ଏବେ ହତ୍ୟା ମାମଲାରେ ରୂପାନ୍ତରିତ ହୋଇଛି। ମୁଖ୍ୟ ଅଭିଯୁକ୍ତ ଡିମ୍ବିରା ବାଉରୀସାହିର କେଦାର ଦାସ (୨୦), ବାପି ଦାସ(୨୦), ସୁଶାନ୍ତ ଦାସ(୧୯) ଓ କାହ୍ନୁ ଦାସ(୨୧)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ତ୍ରିନାଥ ଓ କେଦାରଙ୍କ ପରିବାର ମଧ୍ୟରେ ପୂର୍ବଶତ୍ରୁତା ଥିଲା। ବୁଧବାର ଉଭୟ ପରିବାର ମଧ୍ୟରେ ଏନେଇ ଗଣ୍ଡଗୋଳ ହୋଇଥିଲା। କେଦାର ଓ ତାଙ୍କର ଅନ୍ୟ ସହଯୋଗୀମାନେ ତ୍ରିନାଥଙ୍କୁ ଖଣ୍ଡା ଓ ଲୁହାଛଡ଼ରେ ଆକ୍ରମଣ କରିଥିଲେ।

# ପୋଖରୀରେ ବୁଡ଼ି ଜଣେ ମୃତ

ଭଞ୍ଜନଗର,୩୧।୫(ଡି.ଏନ.ଏ.)

ଭଞ୍ଜନଗର ଥାନା ଅନ୍ତର୍ଗତ ଖମାରେଞ୍ଚୀ ଗ୍ରାମର ଜଣେ ବ୍ୟକ୍ତିଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ତ୍ରିଲୋଚନ ବିଷୋୟୀ। ଶନିବାର ରାତି ପ୍ରାୟ ୮ଟାରେ ତ୍ରିଲୋଚନ ପୋଖରୀକୁ ଗାଧୋଇ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ପରିବାର ଲୋକ ଏହା ଜାଣିବା ପରେ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ରବିବାର ଭଞ୍ଜନଗର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ଡିଆଇପିଆର୍‌ଓଙ୍କୁ ବିଦାୟ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧିତ କରାଯାଉଛି ।

ଛତ୍ରପୁର,୩୧।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ବିରଞ୍ଚି ପ୍ରଧାନ ରବିବାର ଅବସର ଗ୍ରହଣ କରିଛନ୍ତି। ସେ ୨୦୧୧ରୁ ୨୦୧୬ ଏବଂ ୨୦୧୮ରୁ ଅବସର ପର୍ଯ୍ୟନ୍ତ ଗଞ୍ଜାମ ଡିଆଇପିଆର୍‌ଓ ଭାବେ କାର୍ଯ୍ୟ କରୁଥିଲେ। ଜିଲାରେ ଆର୍‌ଟିଆଇ କାର୍ଯ୍ୟ ମଧ ସେ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ପ୍ରଭାକର ବାରିକ, ଶ୍ୟାମଘନ ପାତ୍ର, ବିଚିତ୍ର ସେଠୀ, ଶେଖ ରଜାକ୍ ହୋସେନ, ହର ମୋହନ ସାସମଲ, ଜଗନ୍ନାଥ ଘଡେଇ, କିରଣ ପଲେଇ, ଭାଗ୍ୟଲକ୍ଷ୍ମୀ ପାତ୍ର, ମମତା ମହାନ୍ତି, ଜୟନ୍ତୀ ମଲ୍ଲିକ, ପଦ୍ମ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଥ୍ରୀ-ଜି ସେବା ପାଇଁ ଦାବି କଲେ ଛାତ୍ରୀଛାତ୍ର

ଦାରିଙ୍ଗବାଡ଼ି,୩୧।୫(ଡି.ଏନ୍.ଏ.)

**ଅନ୍‌ଲାଇନ୍ ପାଠପଢ଼ାରେ ନେଟ୍‌ୱର୍କ ବାଧକ**

କରୋନା ପାଇଁ ଛାତ୍ରୀଛାତ୍ରଙ୍କ ପାଠପଢାରେ ଡୋରି ବନ୍ଧାହୋଇଛି। ଫଳରେ ଅନ୍‌ଲାଇନ୍‌ରେ ପଢିବାକୁ ସରକାର ବ୍ୟବସ୍ଥା କରିଛନ୍ତି। ମାତ୍ର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଟାୱାର ନ ଥିବାବେଳେ କେତେକ ଅଞ୍ଚଳରେ ଟାୱାର ଥିଲେ ସେଠାରେ ୨ଜି ନେଟ୍‌ୱାର୍କ ରହିଛି। ଫଳରେ ଛାତ୍ରୀଛାତ୍ର ପଢିବାରେ ଅସୁବିଧା ହେଉଛି।

ଏଭଳି ସମସ୍ୟା ନେଇ ଦାରିଙ୍ଗବାଡ଼ି ବ୍ଲକ ତାଜୁଙ୍ଗିଆ ପଞ୍ଚାୟତ ସିକରମାହା ଗ୍ରାମର ଛାତ୍ରୀଛାତ୍ର ବିଡିଓ ଡ. ଜଗଦୀଶ ଷଡଙ୍ଗୀଙ୍କ ନିକଟରେ ଲିଖିତ ଭାବେ ଜଣାଇଛନ୍ତି। ସେମାନେ କହିଛନ୍ତି, ସିକରମାହାରେ ୨ଜି କିମ୍ବା ୩ଜି ନେଟ୍‌ୱର୍କ ନାହିଁ। କେବଳ କଥା ହେବାପାଇଁ ମୋବାଇଲ ଟାୱାର ରହିଛି। ତୁରନ୍ତ ଥ୍ରୀଜି ନେଟ୍‌ୱର୍କ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ତାଜୁଙ୍ଗିଆ ସରପଞ୍ଚ ଶିବାଜୀନୀ ମୁଠାମାଝିଙ୍କ ଦାବି ଯଥାର୍ଥ ବୋଲି କହିଥିବାବେଳେ ତୁରନ୍ତ ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ପୂର୍ବତନ ସରପଞ୍ଚ ଯୋହନ ମାଝି କହିଛନ୍ତି।

# ସିଟି ହସ୍ପିଟାଲରେ କୋଭିଡ୍ ହେଲଥ ସେଣ୍ଟରକୁ ବିରୋଧ

ବ୍ରହ୍ମପୁର ଅଫିସ,୩୧।୫

**ସ୍ଥାନାନ୍ତର କରିବାକୁ ଅଞ୍ଚଳବାସୀଙ୍କ ଦାବି**

ବ୍ରହ୍ମପୁର ସିଟି ହସ୍ପିଟାଲରେ ଖୋଲା ଯାଇଥିବା ଡେଡିକେଟେଡ୍ କୋଭିଡ୍ ହେଲଥ ସେଣ୍ଟରକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶନିବାର ସେଣ୍ଟରରେ କରୋନା ସଂକ୍ରମିତଙ୍କୁ ରଖାଯାଉଥିବା ବେଳେ କୌଣସି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରା ନ ଯିବାକୁ ନେଇ ଡାକ୍ତରମାନେ ଅଭିଯୋଗ କରିଥିଲେ। ଏହାପରେ ରବିବାର ସ୍ଥାନୀୟ ଅଞ୍ଚଳବାସୀ ଏହି ସେଣ୍ଟରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ଏନେଇ ଅପରାହ୍ନରେ ସିଟି ହସ୍ପିଟାଲକୁ ଲାଗିଥିବା ବଗୁଲିସାହି ଲୋକ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ପିଏଚଓ) ଡା. ଉମାଶଙ୍କର ମିଶ୍ରଙ୍କୁ ସାକ୍ଷାତ୍ କରି ସେଣ୍ଟରକୁ ଜନଗହଳିଠାରୁ ଦୂରକୁ ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ସିଟି ହସ୍ପିଟାଲକୁ ଲାଗି ରହିଥିବା ବଗୁଲିସାହିରେ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଏଭଳି ସ୍ଥିତିରେ ସିଟି ହସ୍ପିଟାଲରେ ଏହି ସେଣ୍ଟର ସ୍ଥାପନ ହେଲେ ସ୍ଥାନୀୟ ଲୋକ ଭୟ କରୁଛନ୍ତି । ଅନ୍ୟପକ୍ଷରେ ସେଣ୍ଟରରେ କରୋନା ସଂକ୍ରମିତଙ୍କୁ ରଖାଯାଉଥିବା ନେଇ ଚର୍ଚ୍ଚା ହେଉଛି। ତେଣୁ ଅଞ୍ଚଳବାସୀ ତଥା ସହରବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ସେଣ୍ଟରକୁ ସହର ବାହାରକୁ ସ୍ଥାନାନ୍ତର କରାଯିବାକୁ ଅଞ୍ଚଳବାସୀ ସିଡିଏମ୍‌ପିଏଚଓଙ୍କୁ ନିବେଦନ କରିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବା ନେଇ ଚେତାବନୀ ଶୁଣାଇଥିଲେ। ଏନେଇ ଜିଲାପାଳଙ୍କୁ ଅବଗତ କରିବାକୁ ସିଡିଏମ୍‌ପିଏଚଓ ଡା. ମିଶ୍ର କହିଛନ୍ତି ।


ସିଡିଏମ୍‌ପିଏଚଓଙ୍କ ସହ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ

### ସୁବର୍ଣ୍ଣପୁରରେ ପୁଣି ୩ କରୋନା ପଜିଟିଭ

ସୋନପୁର,୩୧।୫(ନି.ପ୍ର.): ସୁବର୍ଣ୍ଣପୁର ଜିଲାରେ ପୁଣି ତାମିଲନାଡୁ ଫେରନ୍ତା ୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଏକ ଦମ୍ପତି ଓ ଅନ୍ୟ ଜଣେ ଯୁବକ ଅଛନ୍ତି। ଆକ୍ରାନ୍ତ ଦମ୍ପତିଙ୍କ ଘର ବିନିକା ବ୍ଲକ ଅମାମୁଣ୍ଡା ଗ୍ରାମରେ। ତାମିଲନାଡୁରୁ ସେମାନେ ଫେରିବା ପରେ ୨୧ ତାରିଖରୁ ସିଂଘିଯୁବା ଟିଏମ୍‌ସିରେ ରହିଥିଲେ। କ୍ବାରାଣ୍ଟାଇନ୍ ଅବଧି ସରିବା ପରେ ୨୮ତାରିଖରେ ସେମାନେ ଘରକୁ ଫେରିଥିଲେ। ଶନିବାର ଦମ୍ପତିଙ୍କ ସ୍ବାବ୍ ରିପୋର୍ଟ ପଜିଟିଭ୍ ଆସିବା ପରେ ପୁଣି ଜିଲା କୋଭିଡ ସ୍ବାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସଂକ୍ରମିତଙ୍କ ପରିବାରର ମୋଟ ୧୦ଜଣଙ୍କ ସ୍ବାବ୍ ସଂଗ୍ରହ ହୋଇଛି। ସେମାନଙ୍କୁ ହୋମ କ୍ବାରାଣ୍ଟାଇନ୍‌ରେ ରହିବା ପାଇଁ ପରାମର୍ଶ ଦିଆଯାଇଥିବା ଜିଲାପାଳ ମୋନିଷା ବାନାର୍ଜୀ ସୂଚନା ଦେଇଛନ୍ତି। ସେହିପରି ଡୁଙ୍ଗୁରିପାଲି ବ୍ଲକ ବଡଫଂଟାମୁଣ୍ଡାର ୩୫ ବର୍ଷୀୟ ଯୁବକ ଜଣକ ତାମିଲନାଡୁରୁ ଫେରି ବେହେରାମାଲ ଟିଏମସିରେ ଥିଲେ। କ୍ବାରାଣ୍ଟାଇନ୍ ପରେ ୨୯ରେ ସେ ଘରକୁ ଫେରିଥିଲେ । ରବିବାର ତାଙ୍କ ରିପୋର୍ଟ ପଜିଟିଭ ଜଣାପଡିଥିଲା । ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି।

# କ୍ବାରାଣ୍ଟାଇନ୍ ଅବଧି ହ୍ରାସ, ବଢୁଛି ସଂକ୍ରମଣ ଭୟ

ବରଗଡ଼ ଅଫିସ୍,୩୧।୫

କରୋନା ଭୂତାଣୁ ସଂକ୍ରମଣ ପ୍ରତିହତ ପାଇଁ ଲକ୍‌ଡାଉନ୍-୪ରେ ରାଜ୍ୟ ସରକାର ଫେରନ୍ତା ପ୍ରବାସୀଙ୍କ କ୍ବାରାଣ୍ଟାଇନ ଅବଧିକୁ କୋହଳ କରିଛନ୍ତି। କ୍ବାରାଣ୍ଟାଇନ ସେଣ୍ଟର କିମ୍ବା ଅସ୍ଥାୟୀ ସ୍ବାସ୍ଥ୍ୟ କେନ୍ଦ୍ର(ଟିଏମସି)ରେ ପୂର୍ବରୁ ଫେରନ୍ତା ଶ୍ରମିକଙ୍କୁ ଅତିକମ୍‌ରେ ୧୪ରୁ ୨୧ଦିନ ରଖାଯାଉଥିଲା। ଏହାପରେ ପୁଣି ୭ଦିନ ହୋମ୍ କ୍ବାରାଣ୍ଟାଇନ୍‌ରେ ରଖିବାକୁ ପରାମର୍ଶ ଦିଆଯାଉଥିଲା। ରାଜ୍ୟ ସରକାରଙ୍କ ନୂତନ ଗାଇଡ୍‌ଲାଇନ୍ ଅନୁସାରେ କରୋନା ଲକ୍ଷଣ ନ ଥିଲେ କ୍ବାରାଣ୍ଟାଇନ ସେଣ୍ଟରରେ ୭ଦିନ ରଖାଯାଉଛି ଏବଂ ସ୍ବାବ୍ ନମୁନା ସଂଗ୍ରହ କରାଯାଉ ନାହିଁ। ୭ଦିନ ଅବଧି ସରିବା ପରେ ସେମାନଙ୍କୁ ପୁଣି ୭ଦିନ ହୋମ୍ କ୍ବାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଉଛି। କ୍ବାରାଣ୍ଟାଇନ୍ ସେଣ୍ଟରରୁ ପ୍ରବାସୀମାନେ ଘରକୁ ଫେରିବାକୁ ନେଇ ଅଞ୍ଚଳବାସୀଙ୍କୁ ସଂକ୍ରମଣ ଭୟ ଘାରୁଛି । ଗାଁ ଲୋକେ ଭୟରେ ରହିଥିବା ଯୋଗୁ ପ୍ରବାସୀମାନେ ହୋମ୍ କ୍ବାରାଣ୍ଟାଇନ୍‌ରେ ରହି ପାରୁନାହାନ୍ତି। ସେମାନଙ୍କୁ ବାହାରେ ଆଶ୍ରୟ ନେବାକୁ ପଡୁଛି। ଗୋଟିଏ ପଟେ ସଂକ୍ରମଣ ବଢ଼ି ଚାଲିଥିବାବେଳେ ଅନ୍ୟପଟେ କ୍ବାରାଣ୍ଟାଇନ୍ ଅବଧି କୋହଳ ବରଗଡ଼ ଜିଲାବାସୀଙ୍କ ପାଇଁ ଅଡୁଆ ସାଜିଛି ।


ସଂକ୍ରମଣ ଭୟରେ ଗାଁରେ ପୂରାଇ ନ ଦେବା ଯୋଗୁ ପାଇକମାଳ ଅଞ୍ଚଳର ୨ ଜଣ ଏକ ପରିବା କିଆରିରେ ତମ୍ବୁ ଟାଣି ଆଶ୍ରୟ ନେଇଛନ୍ତି।

## ଗାଁକୁ ପଶିପାରିଲେନି, ପରିବା କିଆରିରେ ତମ୍ବୁ ଟାଣି ଆଶ୍ରୟ ନେଲେ

ବରଗଡ଼ ଜିଲା ପାଇକମାଳ ବ୍ଲକ ମିଠପାଲି ପଞ୍ଚାୟତ ଅନ୍ତର୍ଗତ ବୁଟୁରାଖମାର ଗ୍ରାମର ୨ଜଣ ତାମିଲନାଡୁରୁ ଫେରିବା ପରେ ହଟହଟାର ସମ୍ମୁଖୀନ ହୋଇଛନ୍ତି। ନିଜ ଅଞ୍ଚଳକୁ ଫେରି ସେମାନେ ଆଶ୍ବସ୍ତି ଲାଭ କରିଛନ୍ତି ସତ, କିନ୍ତୁ ଏପର୍ଯ୍ୟନ୍ତ ନିଜଘରେ ପାଦ ଥାପି ପାରି ନ ଥିବା ଯୋଗୁ ମନରେ ଅବସାଦ ଲାଗିରହିଛି। ତାମିଲନାଡୁରୁ ଫେରିବା ପରେ ସେମାନଙ୍କୁ ମିଠାପାଲି କ୍ବାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ତେବେ ସେଠାରେ ୭ଦିନ ରହିବା ପରେ ସେମାନଙ୍କୁ ଶନିବାର ଛଡ଼ାଯାଇଥିଲା। ହେଲେ ସଂକ୍ରମଣ ଭୟରେ କେତେଜଣ ଲୋକେ ସେମାନଙ୍କୁ ଗ୍ରାମକୁ ନ ଆସିବାକୁ କହିଥିଲେ । ଫଳରେ ସେମାନେ ବାଧ୍ୟ ହୋଇ ଗାଁ ବାହାରେ ଏକ ପରିବା କିଆରିରେ ତମ୍ବୁ ଟାଣି ଆଶ୍ରୟ ନେବା ଭଳି ଘଟଣା ପଦାକୁ ଆସିଛି ।

## ସ୍ବେଚ୍ଛାସେବୀ ଯୋଗାଇଲେ ହୋମ୍ କ୍ବାରାଣ୍ଟାଇନ୍ ସୁବିଧା

ବରଗଡ଼ ଜିଲା ବିଜେପୁର ବ୍ଲକ ଯୋଖିପାଲି ଗ୍ରାମର ୬ଜଣ ଶ୍ରମିକ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ। ଗତ ୨୦ତାରିଖ ସେମାନେ ସେଠାରୁ ବାହାରି ୨୩ତାରିଖ ବିଜେପୁର ପହଞ୍ଚିଥିଲେ। ଏହାପରେ ସେମାନଙ୍କୁ ପଥର୍ଲା ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ତେବେ ସରକାରଙ୍କ ନିୟମାନୁସାରେ ୭ଦିନ ସେଠାରେ ରହିବା ପରେ ସେମାନଙ୍କୁ ସେଠାରୁ ଛଡ଼ା ଯାଇଥିଲା ଏବଂ ନିଜ ଘରେ ପୁଣି ୭ଦିନ ହୋମ୍ କ୍ବାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ମାତ୍ର ସମ୍ପୃକ୍ତ ଶ୍ରମିକଙ୍କ ଘରେ ସଙ୍ଗରୋଧ ତଥା ହୋମ୍ କ୍ବାରାଣ୍ଟାଇନରେ ରହିବାର ସୁବିଧା ନାହିଁ। ଫଳରେ ଗ୍ରାମର କୌଣସି ଏକ ସ୍ଥାନରେ ସଙ୍ଗରୋଧ ବ୍ୟବସ୍ଥାରେ ରହିବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରିଥିଲେ । ଏହା ଜାଣିବା ପରେ ସ୍ଥାନୀୟ ସ୍ବେଚ୍ଛାସେବୀ ଦିବସ କୁମାର ସାହୁ ସେମାନଙ୍କୁ ସହଯୋଗ ପାଇଁ ଆଗେଇ ଆସିଥିଲେ । ବିଜେପୁର ବିଡିଓଙ୍କୁ ଯୋଗାଯୋଗ କରି ଗ୍ରାମର ସ୍କୁଲରେ ସେମାନଙ୍କୁ ରଖିବା ପାଇଁ ଦିବସ ଅନୁରୋଧ କରିଥିଲେ। ବିଡିଓ ସେଥିରେ ସହମତି ପ୍ରକାଶ କରିବା ପରେ ସମ୍ପୃକ୍ତ ଶ୍ରମିକମାନେ ଗ୍ରାମର ସ୍କୁଲରେ ସଙ୍ଗରୋଧଭାବେ ରହିଛନ୍ତି । ସ୍ବେଚ୍ଛାସେବୀ ଦିବସ ନିଜ ଖର୍ଚ୍ଚରେ ସେମାନଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରିବା ସହିତ ତାହା ଯୋଗାଇ ଆସୁଛନ୍ତି।

### ଲୁହାପଙ୍କ କ୍ବାରାଣ୍ଟାଇନ୍ ସେଣ୍ଟରରୁ ଆଉ ଜଣେ ସଂକ୍ରମିତ ଚିହ୍ନଟ

ସମ୍ବଲପୁର/ରେଢାଖୋଲ, ୩୧।୫ (ବ୍ୟୁରୋ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଲୁହାପଙ୍କ କ୍ବାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା ଜଣେ ୨୨ବର୍ଷୀୟ ଯୁବକ କରୋନା ସଂକ୍ରମଣ ହୋଇଥିବା ନେଇ ରବିବାର ପ୍ରଶାସନ ସୂଚନା ଦେଇଛି। ସଂକ୍ରମିତ ଯୁବକ ଅହମଦାବାଦରେ ଶ୍ରମିକ ଭାବେ କାମ କରୁଥିଲେ। ବସ୍ ଭଡା କରି ନିଜସ୍ବ ଖର୍ଚ୍ଚରେ ସେ ଗତ ୧୧ତାରିଖରେ ଅନ୍ୟ ୨୦ଜଣଙ୍କ ସହ ଫେରିଥିଲେ। ସେମାନଙ୍କୁ କ୍ବାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ସମସ୍ତଙ୍କ ସ୍ବାବ୍ ନମୁନା ପରୀକ୍ଷା ପାଇଁ ବୁର୍ଲା ପଠାଯାଇଥିଲା । ଉକ୍ତ ସେଣ୍ଟରରୁ ଏ ଯାଏ ଦୁଇଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେଲେଣି। ଏହାକୁ ମିଶାଇ ଜିଲାରେ ସଂକ୍ରମଣ ସଂଖ୍ୟା ୯ରେ ପହଞ୍ଚିଛି ।

### ସୁନ୍ଦରଗଡ଼: ୫୭ରେ ପହଞ୍ଚିଲା ଆକ୍ରାନ୍ତଙ୍କ ସଂଖ୍ୟା

ସୁନ୍ଦରଗଡ, ୩୧।୫ (ଡି.ଏନ୍.ଏ.): ସୁନ୍ଦରଗଡ ଜିଲାରେ ରବିବାର ପୁଣି ୩ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ବର୍ତ୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୭ରେ ପହଞ୍ଚିଛି। ୩ଜଣ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୨ଜଣ ରାଉରକେଲା କଣ୍ଟେନମେଣ୍ଟ ଜୋନ୍ ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ବୋଲି ଜିଲା ସ୍ବାସ୍ଥ୍ୟ ବିଭାଗ ତରଫରୁ କୁହାଯାଇଛି ।

### ବିଦ୍ୟୁତ୍ ଖୁଣ୍ଟରେ ଲାଗି ଦୁଇ ବଳଦ ମୃତ

ଲଇକେରା, ୩୧।୫ (ଡି.ଏନ.ଏ.): ଝାରସୁଗୁଡା ଜିଲା ଲଇକେରା ବ୍ଲକ ଖୁନ୍ତାମାଲ ଗ୍ରାମ କ୍ଷେତରେ ଘାସ ଖାଉଥିବା ବେଳେ ୧୧ କେଭି ବିଦ୍ୟୁତ ଖମ୍ବ ସଂସ୍ପର୍ଶରେ ଆସି ଦୁଇଟି ବଳଦଙ୍କ ମୃତ୍ୟୁ ଘଟିଛି। ଶନିବାର ବିଦ୍ୟୁତ୍ ଖମ୍ବ ନିକଟରେ କୁଲେମୁରାର ଭାଗିରଥି ନାଏକଙ୍କ ଗାଈ ସେହି ବିଦ୍ୟୁତ ତାରରେ ଲାଗି ମରିଥିବା ବେଳେ ୨୪ଘଣ୍ଟା ନ ପୂରୁଣୁ ପୁଣି ଖୁନ୍ତାମାଲର ସୁରେଶ ସାହ, ଲଳିତ ଭୋଇଙ୍କ ଦୁଇ ବଳଦ ମରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

### ତେଲଙ୍ଗାନାରୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

ଖପ୍ରାଖୋଲ, ୩୧।୫(ଡି.ଏନ.ଏ.): ତେଲଙ୍ଗାନା ରାଜ୍ୟକୁ ଦାଦନ ଶ୍ରମିକଭାବେ କାମ କରିବାକୁ ଯାଇ ଜୀବନ ହରାଇଛନ୍ତି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ଭରୁଆମୁଣ୍ଡା ଗାଁର ବାଲେଶ୍ବର ମାଝୀ(୨୦)। ରବିବାର ତାଙ୍କ ମୃତଦେହ ଏଠାକୁ ଆସିବା ପରେ ଶୋକର ଛାୟା ଖେଳିଯାଇଛି। ଘରେ ବିଧବା ମା' ନିଜ ରୋଜଗାରିଆ ପୁଅକୁ ହରାଇ ଭାଙ୍ଗି ପଡିଥିବା ବେଳେ ୧୦ବର୍ଷର ସାନଭାଇ ଯେମିତି ନିର୍ବାକ ହୋଇଯାଇଛନ୍ତି। ଗତ ସେପ୍ଟେମ୍ବର ମାସରେ ତେଲଙ୍ଗାନା ରାଜ୍ୟ କାମାରେଡ୍ଡୀ ଜିଲାର ଏକ ଇଟାଭାଟିକୁ କାମ କରିବାକୁ ଯାଇଥିଲେ ବାଲେଶ୍ବର। ଗତ ଶୁକ୍ରବାର ସେଠାରେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁସାରେ ସହାୟତା ଯୋଗାଇ ଦିଆଯିବ।

# ଅସ୍ଥାୟୀ ସ୍ବାସ୍ଥ୍ୟ ଶିବିରରୁ ତଡ଼ିଦେଲେ ସରପଞ୍ଚ

## ୫ବର୍ଷର ଝିଅ ସହ ୬ପ୍ରବାସୀ ଶ୍ରମିକ ୨୨କି.ମି. ଚାଲି ଘରକୁ ଆସିଲେ

ଗୋଲାମୁଣ୍ଡା,୩୧।୫(ଡି.ଏନ.ଏ.)

ତେଲଙ୍ଗାନାରୁ ଜନ୍ମମାଟି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଭିମୁଖେ ଆସୁଥିବା ୬ ପ୍ରବାସୀ ଶ୍ରମିକଙ୍କୁ ନୂଆପଡା ଜିଲା ସିନାପାଲି ବ୍ଲକ ବରଗାଁ ଅସ୍ଥାୟୀ ସ୍ବାସ୍ଥ୍ୟ ଶିବିର(ଟିଏମସି)ରେ ଗୋଟିଏ ଦିନ ରଖାଯାଇଥିଲା। ତେବେ ଅନ୍ୟ ବ୍ଲକର ହୋଇଥିବାରୁ ଏଠାରେ ରଖାଯାଇ ପାରିବ ନାହିଁ ବୋଲି କହି ସ୍ଥାନୀୟ ସରପଞ୍ଚ ସେମାନଙ୍କୁ ସେଠାରୁ ତଡିଦେଇଥିଲେ। ପରେ ସେମାନେ ଦୀର୍ଘ ୨୨କିଲୋମିଟର ଚାଲିଚାଲି ଗୋଲାମୁଣ୍ଡା ବ୍ଲକକୁ ଆସିବା ପରେ ବ୍ଲକ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୋଲାମୁଣ୍ଡା ବ୍ଲକ ନୂଆଗାଁ ପଞ୍ଚାୟତର ଗୋଟିଏ ପରିବାର ୫ବର୍ଷର କୁନି ଝିଅ ସମେତ ୪ ଜଣ ଓ ଚପ୍ରିଆ ପଞ୍ଚାୟତ ଅନ୍ତର୍ଗତ ଟିଙ୍ଗିପଦର ଗ୍ରାମର ଗୋଟିଏ ପରିବାର ଦୁଇଜଣ ତେଲଙ୍ଗାନାର ଏକ ଇଟାଭାଟିରେ କାମ କରୁଥିଲେ। ସେମାନେ ବହୁକଷ୍ଟରେ ଓଡ଼ିଶା ଛତିଶଗଡ଼ ସୀମାନ୍ତ ଖରିଆରରୋଡ଼ରେ ପହଞ୍ଚିବା ପରେ ନୂଆପଡ଼ା ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ସେମାନଙ୍କୁ ଏକ ବସ୍ ଯୋଗେ ପ୍ରଥମେ ଖରିଆର ଓ ପରେ ନୂଆପଡା ବ୍ଲକ ବରଗାଁରେ ଆଣି ରଖିବାର ବ୍ୟବସ୍ଥା କରାଯାଇଥିଲା। ସେଠାରେ ସେମାନେ ରବିବାର ଦିନତମାମ ରହିଥିଲେ। ସନ୍ଧ୍ୟା ସମୟରେ ତାଙ୍କୁ ସେଠାକାର ସରପଞ୍ଚ ତୁମେ ଗୋଲାମୁଣ୍ଡା ବ୍ଲକର ହୋଇଥିବାରୁ ଏଠାରେ ରହିବା ସମ୍ଭବ ନୁହେଁ ବୋଲି କହିଥିଲେ। ସନ୍ଧ୍ୟା ହୋଇ ଯାଇଥିବାରୁ ସେଠାରେ ସେମାନେ ରାତ୍ରିଯାପନ କରି ପରଦିନ ଚାଲିଚାଲି ଗୋଲାମୁଣ୍ଡା ଅଭିମୁଖେ ଆସିଥିଲେ। ଗୋଲାମୁଣ୍ଡାରେ ପହଞ୍ଚିବା ପରେ ସେମାନେ ତୁମୁରା ଆରଏମ୍‌ସି ଗୋଦାମ ପାଖରେ ରହିଥିଲେ। ଏ ସଂକ୍ରାନ୍ତରେ ଖବର ପାଇ ସାମାଜିକ କର୍ମୀ ସାଉଲ ମଙ୍ଗରାଜ ବ୍ଲକ ପ୍ରଶାସନ ସହିତ ଯୋଗାଯୋଗ କରି ସେମାନଙ୍କୁ ମାନଝରୀ ଟିଏମସି କେନ୍ଦ୍ରରେ ରହିବାର ବ୍ୟବସ୍ଥା କରିଥିଲେ। ସିନାପାଲି ବ୍ଲକ ପ୍ରଶାସନ କିପରି ଜାଣି ପାରିଲା ନାହିଁ ସେଥିପାଇଁ ନୂଆପଡା ଜିଲାପାଳ ଉପଯୁକ୍ତ ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ବରଗାଁ ପଞ୍ଚାୟତ ସରପଞ୍ଚ ଭୁବନେ ମାଝୀଙ୍କୁ ପଚାରିବାରୁ ବାଟରେ ଯାଉଥିବା ବେଳେ ଗୋଲାମୁଣ୍ଡା ଅଞ୍ଚଳର ୩୦ଜଣ ଶ୍ରମିକଙ୍କୁ ମାନବିକତା ଦେଖାଇ ଖାଦ୍ୟ ଓ ପାନୀୟ ଦେବା ପରେ ଆଶ୍ରୟ ଦେଇଥିଲୁ। ପଞ୍ଜୀକରଣ ହୋଇ ନ ଥିବା କହି ପରଦିନ ସେମାନେ ଏଠାରୁ ସ୍ବଇଚ୍ଛାରେ ଘରକୁ ପଳାଇ ଯାଇଥିଲେ ବୋଲି କହିଛନ୍ତି।


ଶ୍ରମିକମାନେ ପିଲା ଛୁଆଙ୍କ ସହ ଚାଲିଚାଲି ଫେରୁଛନ୍ତି।

## ଘରବାରି ପଟ୍ଟା ନ ଦେଲେ ଆନ୍ଦୋଳନ


ମନମୁଣ୍ଡା ଆରଆଇଙ୍କ ଅଫିସ ଆଗରେ ଭୂମିହୀନମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମନମୁଣ୍ଡା, ୩୧।୫ (ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ତହସିଲ ମନମୁଣ୍ଡା ଆରଆଇ ସର୍କଲ ଅଧୀନ ଦେଉଳି ମୌଜାରେ ସ୍ଥାନୀୟ ଭୂମିହୀନ ଲୋକେ ଘରବାରୀ ପଟ୍ଟା ପ୍ରଦାନ କରା ନ ଗଲେ ଆନ୍ଦୋଳନ କରିବାକୁ ଜିଲା ପ୍ରଶାସନକୁ ଧମକ ଦେଇଛନ୍ତି। ଦେଉଳିରେ ସରକାରୀ ଜମି ରହିଛି। ହେଲେ ଉକ୍ତ ସାହିର ଅନେକ ଲୋକ ଭୂମିହୀନ ସତ୍ତ୍ୱେ ଘରବାରି ପଟ୍ଟା ଦିଆଯାଉନି। ସ୍ଥାନୀୟ ଆରଆଇ ଓ ତହସିଲଦାରଙ୍କଠାରେ ସେମାନେ ଘରବାରି ପଟ୍ଟା ପାଇଁ ଦୀର୍ଘ ବର୍ଷ ହେବ ଆବେଦନ କରିଛନ୍ତି। ହେଲେ ସେମାନଙ୍କ ଆବେଦନକୁ ଶୁଣା ଯାଉନାହିଁ। ଅପରପକ୍ଷେ କେତେକ ବାହାର ବ୍ୟକ୍ତିଙ୍କୁ ସେଠାରେ ଘରବାରି ଯୋଗାଇ ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜାଣିବାକୁ ପାଇ ଲୋକେ ତାତି ଉଠିଛନ୍ତି। ଏଣୁ ମନମୁଣ୍ଡା ଆରଆଇଙ୍କ ଅଫିସରେ ଏହି ଭୂମିହୀନମାନେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରତିବାଦ ଜଣାଇଛନ୍ତି।

## ପୋଲିସ ବିରୋଧରେ ମାଜିଷ୍ଟ୍ରେଟଙ୍କୁ ଅଭିଯୋଗ

ବଡଗାଁ, ୩୧।୫ (ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ସିଆଁମାଲ ଗାଁରେ ଜଣେ ବ୍ୟକ୍ତି ଓ ତାଙ୍କ ଝିଅଙ୍କୁ ଏପ୍ରିଲ ୧୬ ତାରିଖରେ ଗୋଟିଏ ପରିବାରର ୩ଜଣ ଲୋକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଚୁପ୍ ବସିଛି। ରବିବାର ଏ ନେଇ ସେ ଆଇନ ସହାୟତା ପରାମର୍ଶ କେନ୍ଦ୍ର ଅଧିକାରୀ ବିରେନ୍ଦ୍ର ରାଉତରାୟଙ୍କ ସହଯୋଗରେ ମାଜିଷ୍ଟ୍ରେଟ ପଲ୍ଲବୀରାଣୀ ସାହୁଙ୍କ ନିକଟରେ ପୋଲିସ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ସିଆଁମାଲ ଗାଁର ସଂକ୍ରାନ୍ତି ସେଲମା (୬୩) ନାମକ ଜଣେ ବ୍ୟକ୍ତି ଘଟଣାଦିନ ଅପରାହ୍ନ ୩ଟାରେ ଶ୍ରମିକକାର୍ଡରେ ୧୫ ଶହ ଟଙ୍କା ପାଇ ଘରକୁ ଫେରୁଥିଲେ। ଏହିସମୟରେ ତାଙ୍କୁ ସୁଧସୂତ୍ରରେ ୧୦ହଜାର ଟଙ୍କା ଦେଇଥିବା ଗାଁର ଗୋକୁଳ ଖୁଣ୍ଟିଆ ନିଜ ଘରକୁ ଟାଣିନେଇ ଅଟକ ରଖିବା ସହ ରାତି ପର୍ଯ୍ୟନ୍ତ ମାରପିଟ କରିଥିଲେ। ତେବେ ଏହା ଜାଣିବା ପରେ ସଂକ୍ରାନ୍ତିଙ୍କ ଝିଅ ସଙ୍ଗୀତା ଗୋକୁଳଙ୍କ ଘରକୁ ଯାଇ ବାପାଙ୍କୁ ଛାଡିଦେବାକୁ ନେହୁରା ହୋଇଥିଲେ। ହେଲେ ଗୋକୁଳ ତାଙ୍କୁ ବି ଛାଡି ନ ଥିଲେ। ନିଜ ପୁଅ ଓ କାକା ସହ ମିଶି ଗୋକୁଳ ବାପାଝିଅଙ୍କୁ ମାଡ ମାରିଥିଲେ। ଶେଷରେ ରାତି ୧୦ଟାରେ ଛାଡିବା ବେଳେ ସଂକ୍ରାନ୍ତିଙ୍କଠାରୁ ଗୋକୁଳ ୧୫ ଶହ ଟଙ୍କା ଛଡାଇ ରଖି ଧମକଚମକ ଦେଇଥିଲେ। ସଙ୍ଗୀତାଙ୍କ ଅଭିଯୋଗ ପୋଲିସ ଶୁଣୁ ନ ଥିବାରୁ ବାଧ୍ୟହୋଇ ରବିବାର ସେ ମାଜିଷ୍ଟ୍ରେଟଙ୍କୁ ଜଣାଇଛନ୍ତି। ଡିଏସ୍‌ପି ସତ୍ୟବ୍ରତ ଦାସଙ୍କୁ ପଚାରିବାରୁ, ତାଙ୍କୁ ଅଭିଯୋଗ କଲେ ସେ ତଦନ୍ତ କରିବେ ବୋଲି କହିଛନ୍ତି ।

## ସଙ୍ଗରୋଧ କେନ୍ଦ୍ରରେ ମଦ ଯୋଗାଇ ଧରା ପଡ଼ିଲେ

ବାଲିଶଙ୍କରା, ୩୧।୫ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ରାଉଳଡେଗା ସେବାଶ୍ରମ କ୍ବାରେଣ୍ଟାଇନ ସେଣ୍ଟରରେ ପ୍ରବାସୀଙ୍କୁ ଚୋରାରେ ମଦ ଯୋଗାଇ ଦିଆଯାଉଛି। ଗ୍ରାମବାସୀଙ୍କ ସୂଚନା ଅନୁସାରେ ପ୍ରବାସୀଙ୍କ ଦୁଇ ଜଣ ସାଥୀ ପାଣି ଯୋଗାଇବା ବାହାନାରେ ଦେଶୀ ମହୁଲି ମଦ ଯୋଗାଇ ଫେରାର ହୋଇଯାଇଥିଲେ। ରବିବାର ପୁଣି ସେଣ୍ଟରରେ ସଫେଇ କାର୍ଯ୍ୟରେ ନିଯୁକ୍ତ ଦୁଇ ଜଣ ଦେଶୀ ମଦ ଯୋଗାଉଥିବା ବେଳେ ଧରା ପଡ଼ିଛନ୍ତି। ପରେ ଆଉ ୨ ଜଣ ଯୁବକ ମଧ ମଦ ଦେବାକୁ ଆସି ଗ୍ରାମବାସୀଙ୍କ ହାବୁଡରେ ପଡ଼ିଥିଲେ। ପୋଲିସ ଏମାନଙ୍କୁ ଅଟକ ରଖିଛି।

## ୧୫ ରାଜ୍ୟରୁ ଫେରିଲେଣି ୨୬୭ ପ୍ରବାସୀ

### କ୍ବାରାଣ୍ଟାଇନରୁ ଗଲେଣି ୯୧ଜଣ

ନାକଟୀଦେଉଳ, ୩୧।୫ (ଡି.ଏନ.ଏ)

କରୋନା (କୋଭିଡ୍-୧୯) ଏବେ ବିଶ୍ବ ମହାମାରୀର ରୂପ ନେଇଛି। ଏହାକୁ ପ୍ରତିହିତ କରିବା ପାଇଁ ସରକାର ସାରା ଦେଶରେ ଲକ୍‌ଡ଼ାଉନ ସମୟ ସୀମାକୁ ପର୍ଯ୍ୟାୟ କ୍ରମେ ବୃଦ୍ଧି କରିଛନ୍ତି। ଏପରିକି ଲକଡ଼ାଉନ ଯୋଗୁ ରାଜ୍ୟ ବାହାରେ ଫସି ରହିଥିବା ପ୍ରବାସୀ ଓଡ଼ିଆମାନଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣିବା ଦିଗରେ ସରକାର ପଦକ୍ଷେପ ନେଇଛନ୍ତି। ଏଥିପାଇଁ ସରକାର ଏକ ପୋର୍ଟାଲ ଖୋଲି ଏହା ମାଧ୍ୟମରେ ପ୍ରବାସୀ ଶ୍ରମିକମାନଙ୍କର ନାମ ପଞ୍ଜୀକୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅଞ୍ଚଳରୁ ରାଜ୍ୟ ବାହାରେ ଥିବା ପ୍ରବାସୀଙ୍କ ମଧ୍ୟରୁ ସମୁଦାୟ ୧୦୭୮ଜଣ ଫେରିବା ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ମେ ୩୦ତାରିଖ ସୁଦ୍ଧା ନାକଟୀଦେଉଳ ବ୍ଲକକୁ ପର୍ଯ୍ୟାୟ କ୍ରମେ ୧୫ଟି ରାଜ୍ୟରୁ ୨୬୭ଜଣ ପ୍ରବାସୀ ଶ୍ରମିକ ଫେରିଛନ୍ତି। ଫେରିଥିବା ପ୍ରବାସୀଙ୍କ ମଧ୍ୟରେ ଗୁଜୁରାଟରୁ ୬୭, ପଶ୍ଚିମବଙ୍ଗରୁ ୬, ତେଲେଙ୍ଗାନାରୁ ୧୧, ଝାଡ଼ଖଣ୍ଡରୁ ୩, ମଧ୍ୟପ୍ରଦେଶରୁ ୨, ମହାରାଷ୍ଟ୍ରରୁ ୪୨, ତାମିଲନାଡୁରୁ ୯୫, କର୍ଣ୍ଣାଟକରୁ ୧୮, ଆନ୍ଧ୍ରପ୍ରଦେଶରୁ ୧୪, ଛତିଶଗଡ଼ରୁ ୧, ରାଜସ୍ଥାନରୁ ୧, କେରଳରୁ ୧, ଦିଲ୍ଲୀରୁ ୧, ଗୋଆରୁ ୨ ଏବଂ ହରିୟାଣାରୁ ଜଣେ ଶ୍ରମିକ ରହିଛନ୍ତି। ଫେରିଥିବା ସମସ୍ତ ପ୍ରବାସୀଙ୍କୁ ବ୍ଲକରେ ଥିବା ୧୪ଟିରୁ ୧୦ଟି କ୍ବାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ବଳମ କ୍ବାରାଣ୍ଟାଇନରେ ୨୫ଜଣ, ଡ଼ଇଁଚା ୧୯, ବାଟଗାଁ ୪୯, ଗୋଗୁଆ ୨୧, କିସିଣ୍ଡା ୫୩, ପାଣିମୁରା କେନ୍ଦ୍ରରେ ୧୪, ସାହେବୀ ୪୦, ସାଲେଭଟା ୧, ସରାପାଲି ୫ ଏବଂ ଶିମିଳିପାଳ କ୍ବାରାଣ୍ଟାଇନରେ ୪୦ଜଣ ପ୍ରବାସୀ ରହିଥିବା ଜଣାପଡ଼ିଛି। ତେବେ ସେମାନଙ୍କ ମଧ୍ୟରୁ ଡ଼ଇଁଚା ଏବଂ ଗୋଗୁଆ କ୍ବାରାଣ୍ଟାଇନରେ ଥିବା ସମସ୍ତ ପ୍ରବାସୀଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ସମସ୍ତେ ଘରକୁ ଫେରିଛନ୍ତି।

# ଟୋକନ ପାଇ ଟାର୍ଗେଟ୍‌କୁ ଚାହିଁ ବସିଛନ୍ତି ଚାଷୀ

ଖପ୍ରାଖୋଲ, ୩୧।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଅପର ସୁକତେଲ ମଧ୍ୟମ ଜଳସେଚନ ପ୍ରକଳ୍ପ ଜଳସେଚିତ ଅଞ୍ଚଳ ଓ ସୁକତେଲ ନଦୀକୂଳରେ ଥିବା ଦମେଇପାଲି, ଯୁରିଆ, ଗୌଡପାଲି ପ୍ରମୁଖ ଲୁହାସିଂହା କୃଷି ସମବାୟ ସମିତି ଅଞ୍ଚଳର ଚାଷୀ ରବିଧାନ ଅମଳ କରିସାରିଲେଣି । ଧାନବିକ୍ରି ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ବେଳେ ଟୋକନ ମଧ୍ୟ ପାଇଛନ୍ତି। ହେଲେ ବିକ୍ରି ଟାର୍ଗେଟ୍ ଆବଶ୍ୟକ ଅନୁଯାୟୀ ଆସୁ ନ ଥିବାରୁ ଚିନ୍ତାରେ ଚାଷୀ । ଅମଳ ଧାନକୁ ଖଳାରେ ଅଥବା ଘର ଦାଣ୍ଡରେ ରଖି ଟାର୍ଗେଟ୍‌କୁ ଅପେକ୍ଷା କରି ରହିଛନ୍ତି ଚାଷୀ। ଗତବର୍ଷ ଖପ୍ରାଖୋଲ କୃଷି ସମବାୟ ସମିତିରେ ରବିଧାନ ବିକ୍ରିକୁ ନେଇ ରାସ୍ତାରୋକୋ ଆନ୍ଦୋଳନ ଆଦି ହୋଇଥିଲା। ଚଳିତ ବର୍ଷ ଏହି ଅଞ୍ଚଳରେ ୧୯୩ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୯ ହଜାର ୫ ଶହ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ୍ ଦିଆଯାଇଛି। ହେଲେ ପ୍ରଥମେ ଯୋଗାଣ ବିଭାଗ ୬ ଶହ କୁଇଣ୍ଟାଲ ଧାନ କିଣା ଲାଗି ଟାର୍ଗେଟ୍ ଦେଇଥିବାବେଳେ ତାହା କିଣା ସରିଛି । ଏବେ ପୁଣି ୧ ହଜାର କୁଇଣ୍ଟାଲ ଟାର୍ଗେଟ୍ ଆସିଥିବା ଜଣାଯାଇଛି । ସେହିପରି ଲୁହାସିଂହା କୃଷି ସମବାୟ ସମିତିରେ ୬୬ଜଣ ଚାଷୀ ଧାନବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୬ ଜଣ ଚାଷୀଙ୍କ ପାଇଁ ୩ ହଜାର ୮୧୦ କୁଇଣ୍ଟାଲ ଧାନ ବିକ୍ରି ଲାଗି ଟୋକନ୍ ଆସିଥିବା ବେଳେ ଟାର୍ଗେଟ କେବଳ ୧୧ଶହ କୁଇଣ୍ଟାଲ କିଣା ସରିଛି । ଏଠାରେ ମଧ୍ୟ ଅନେକେ ଧାନ ଅମଳ କରି ଘରେ ରଖିଥିବାବେଳେ ଶହଶହ ବସ୍ତା ଧାନ କୃଷି ସମବାୟ ସମିତି ଗୋଦାମ ଘରେ ଚାଷୀ ରଖିଛନ୍ତି। ତୁରନ୍ତ ଟାର୍ଗେଟ୍ ବଢ଼ାଇ ଧାନ କିଣିବାକୁ ଭାଲୁଡୁଙ୍ଗୁରୀ ଗାଁର ଚାଷୀ ଗଣେଶ ସାହୁ, ତରଣୀ ସାହୁ, ଲୁହାସିଂହା କୃଷି ସମବାୟ ଅଞ୍ଚଳର ରାଜକିଶୋର ମେହେର, ବିଜୟ କୁମାର ଯୋଶୀ, ଦାମୋଦର ଥପା ପ୍ରମୁଖ ଦାବି କରିଛନ୍ତି। ଏ ନେଇ ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟକୁମାର କୁଲୁଙ୍କୁ ପଚାରିବାରୁ କୃଷି ସମବାୟ ସମିତି ତାଙ୍କ ଧାନ ବିକ୍ରି ଆବଶ୍ୟକତା ସମ୍ପର୍କରେ ଏ.ଆର. ମାଧ୍ୟମରେ ଜଣାଇଲେ ଜିଲା ଯୋଗାଣ ଅଧିକାରୀ ଟାର୍ଗେଟ ପ୍ରଦାନ କରିବେ ବୋଲି କହିଛନ୍ତି।


ଲୁହାସିଂହା ପ୍ୟାକ୍ସ ସମ୍ମୁଖରେ ଚାଷୀଙ୍କ ଧାନ ପଡିରହିଛି।

# ମିଲର୍ସଙ୍କ ମର୍ଜିରେ ଚାଲିଛି ଧାନକିଣା

ସୋନପୁର,୩୧।୫(ନି.ପ୍ର.)

- ମଣ୍ଡିରେ ପଡି ରହିଛି ଧାନ
- କଟ୍‌ନି ଛଟ୍‌ନି ନ ହେଲେ ଧାନ ଉଠୁନି
- ମଣ୍ଡିକୁ ଯାଉନାହାନ୍ତି ପ୍ରଶାସନିକ ଅଧିକାରୀ

ସୁବର୍ଣ୍ଣପୁର ଜିଲାରେ ଗତ ୧୫ ତାରିଖରୁ ରବି ଧାନକିଣା ଆରମ୍ଭ ହୋଇଛି। କିନ୍ତୁ ବିଭିନ୍ନ କାରଣରୁ ମଣ୍ଡିରୁ ଧାନ ବିକ୍ରି ନ ହୋଇ ପଡିରହିଛି। ଏପଟେ ମିଲର୍ସଙ୍କ ମର୍ଜିରେ ଧାନକିଣା ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ଗତ ଏପ୍ରିଲ ୨୯ ତାରିଖରେ ରବିଧାନ ସଂଗ୍ରହ ନେଇ ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର ବିଧାୟକ ତଥା ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂହଦେଓ ଓ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଉପସ୍ଥିତ ଥିଲେ। ଚାଷୀ ଯେମିତି କଟ୍‌ନି ଛଟ୍‌ନିର ଶିକାର ନ ହୋଇ ସୁରୁଖୁରୁରେ ଧାନ ବିକ୍ରି କରି ପାରିବେ ସେଥିପ୍ରତି ପ୍ରଶାସନ ଯତ୍ନବାନ ହେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଧାନକ୍ରୟରେ ସ୍ୱଚ୍ଛତା ପାଇଁ ପ୍ୟାକ୍ସସ୍ତରୀୟ କମିଟି ଗଠନ ଓ ଜିଲାର ବରିଷ୍ଠ ଅଧିକାରୀମାନେ ମଣ୍ଡି ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ଧାନ ସଂଗ୍ରହର ୧୫ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ମଣ୍ଡିକୁ ଜିଲାର ପ୍ରଶାସନିକ ଅଧିକାରୀ ପରିଦର୍ଶନରେ ଯାଇନାହାନ୍ତି। ଏପରିକି ଶନିବାର ଡୁଙ୍ଗୁରିପାଲି ବ୍ଲକର ନାଇକେନପାଲିଠାରେ ଚାଷୀ ଧାନ ବସ୍ତା ରଖି ୨ଘଣ୍ଟା ରାସ୍ତାରୋକୋ କରିଥିଲେ ମଧ୍ୟ ସ୍ଥାନୀୟ ତହସିଲଦାର, ବିଡିଓ କିମ୍ବା ଜିଲାସ୍ତରରୁ କୌଣସି ଅଧିକାରୀ ଘଟଣାସ୍ଥଳକୁ ଯାଇ ନ ଥିଲେ। ସ୍ଥାନୀୟ ବିଧାୟକ ପୂଜାରୀ ସେହି ରାସ୍ତାରେ ଯାଉଥିବା ବେଳେ ଚାଷୀଙ୍କ ସହିତ ଏ ନେଇ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ରବି ଧାନ ବିକ୍ରି ପାଇଁ ୨୬ ହଜାର ୮୭୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସୁବର୍ଣ୍ଣପୁର ଜିଲାର ୪୧ଟି ଓ ସମ୍ବଲପୁର ଜିଲାର ୧୯ ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ୫୪ଟି ପ୍ୟାକ୍ସ ଓ ୨୬ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଧାନକ୍ରୟ ହେଉଛି। ଅନ୍‌ଲାଇନ ଟୋକନ ବ୍ୟବସ୍ଥା ଅନୁଯାୟୀ ରବିବାର ଅପରାହ୍ନ ସୁଦ୍ଧା ୯,୮୪୮ ଚାଷୀଙ୍କଠାରୁ ୯ଲକ୍ଷ ୨୭ହଜାର ୪୩୯କୁଇଣ୍ଟାଲ ୮କିଲୋ ଧାନକ୍ରୟ କରାଗଲାଣି। ତେବେ ପୂର୍ବବର୍ଷ ଭଳି ଜିଲାରେ ମିଲର୍ସଙ୍କ ମର୍ଜିରେ ଚାଲିଛି ଧାନକିଣା। ଇଚ୍ଛା ଅନୁସାରେ ସେମାନେ ମଣ୍ଡି ଚୟନ କରୁଛନ୍ତି। ଏଫଏକ୍ୟୁ ଆଳ ଦେଖାଇ କୁଇଣ୍ଟାଲ ପ୍ରତି ୩ରୁ ୪ କେଜି ଧାନ କାଟି ନେଉଛନ୍ତି। ଯେଉଁଠି ଚାଷୀ କଟ୍‌ନି ଛଟ୍‌ନିକୁ ବିରୋଧ କରୁଛନ୍ତି ସେହି ମଣ୍ଡିରୁ ଧାନ ଉଠୁନି। ଟ୍ରକ୍ ଓ ଶ୍ରମିକର ଅଭାବ ଥିବା ଆଳ ଦେଖାଯାଉଛି। ବାହାର ଜିଲାର ମିଲର୍ସ ଧାନ ଉଠାଇବା ସମୟରେ ସେମାନଙ୍କୁ ବିରୋଧ କରାଯାଉଛି। ଇତିମଧ୍ୟରେ କଟ୍‌ନି ଛଟ୍‌ନିରେ ମିଲର୍ସଙ୍କ ଖାତାକୁ ଚାଲିଗଲାଣି ହଜାର ହଜାର କୁଇଣ୍ଟାଲ ଧାନ। ଏହି ଧାନ ମିଲର୍ସଙ୍କ ଖାତାକୁ ଯାଉଥିଲେ ମଧ୍ୟ ଏହାର ତଦନ୍ତ ହେଉନାହିଁ। ମିଲର୍ସଙ୍କ ଉପରେ ପ୍ରଶାସନ ନିୟନ୍ତ୍ରଣ ହରାଇ ଥିବାରୁ ଏପରି ଚାଲିଛି।


ଡୁଙ୍ଗୁରିପାଲି-ରାମପୁର ରାସ୍ତାର ନାଇକେନପାଲିଠାରେ ଚାଷୀ ରାସ୍ତାରୋକୋ କରିଛନ୍ତି।

ଏହି କଟ୍‌ନି ଛଟ୍‌ନିରେ ମିଲର୍ସ, ପ୍ୟାକ୍ସ କର୍ମଚାରୀ ଓ ଯୋଗାଣ ବିଭାଗ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ଧାନ ସଂଗ୍ରହ ବୈଠକରେ ଏହା ଉପରେ ରୋକ ଲଗାଇବାକୁ ନିଷ୍ପତ୍ତି ହୋଇଥାଏ। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେଉନାହିଁ। ଯାହାର ପୁନରାବୃତ୍ତି ଚଳିତ ରବିଧାନ ସଂଗ୍ରହରେ ଦେଖିବାକୁ ମିଳିଛି। ଡୁଙ୍ଗୁରିପାଲି ବ୍ଲକର ନାଇକେନପାଲି, ରାମପୁର, ଭୀମଟିକିରା ଓ ମାୟାବାହାଁରୁ ଧାନ ଉଠି ପାରୁନାହିଁ। ଟୋକନ ପାଇବା ପରେ ରାମପୁର ପ୍ୟାକ୍ସ ଅଞ୍ଚଳର ଚାଷୀମାନେ ୫ହଜାର ବସ୍ତା ଧାନ ନୂତନ ମାର୍କେଟ୍ ୟାର୍ଡକୁ ଆଣିଥିଲେ। ତେବେ ମିଲର୍ସ ଧାନ ଉଠାଇ ନ ଥିଲେ। ଶୁକ୍ରବାର ଅଦିନିଆ ବର୍ଷାରେ ଧାନ ବସ୍ତାଗୁଡିକ ଭିଜି ଯାଇଥିଲା। ଶନିବାର ଧାନ ବିକିବା ଆଶାରେ ଏହି ମାର୍କେଟ ୟାର୍ଡକୁ ଶିବ ପ୍ରସାଦ ପଧାନ ନାମକ ଜଣେ ଚାଷୀ ଖରାରେ ଆସି ଚେତାଶୂନ୍ୟ ହୋଇ ପଡିଥିଲେ। ଏହାର ପ୍ରତିବାଦରେ ଚାଷୀମାନେ ରାମପୁର-ଡୁଙ୍ଗୁରିପାଲି ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ସ୍ଥାନୀୟ ମିଲର୍ସ ଧାନ ଉଠାଇବାରେ ବିଳମ୍ବ କରିବାରୁ ସମ୍ବଲପୁରର ମିଲର୍ସଙ୍କୁ ଏହି ପ୍ୟାକ୍ସରେ ଟ୍ୟାଗ୍ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ଲକ୍ଷ ୬୬ହଜାର ୯୧୧କୁଇଣ୍ଟାଲ ଧାନ କ୍ରୟ ପାଇଁ ରାଜ୍ୟ ସରକାର ଟାର୍ଗେଟ୍ ଦେଇଥିଲେ। ଶନିବାର ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ୭ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ପାଇଁ ସରକାର ଟାର୍ଗେଟ୍ ଦେଇଛନ୍ତି। ମୌସୁମୀ ବର୍ଷା ପୂର୍ବରୁ ଚାଷୀଙ୍କ ଧାନ କ୍ରୟ କରିବା ପାଇଁ ଚାଷୀ ସଂଗଠନଗୁଡିକ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କୁହନ୍ତି, ଚାଷୀଙ୍କ ଧାନ ଶୀଘ୍ର ଉଠାଇବା ପାଇଁ ଉଦ୍ୟମ କରୁଛୁ। ରାଜ୍ୟ ସରକାର ସମ୍ବଲପୁରର ୧୯ ମିଲର୍ସଙ୍କୁ ସୁବର୍ଣ୍ଣପୁର ଜିଲାର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରିଛନ୍ତି। ସେମାନଙ୍କୁ ଟାର୍ଗେଟ୍ ଦିଆଯାଇଛି। ଧାନ ସଂଗ୍ରହ ଏବେ ଆହୁରି ତ୍ୱରାନ୍ୱିତ ହେବ।

## ହତ୍ୟା ମାମଲାର ପର୍ଦ୍ଦାଫାଶ, ସିଆରସିସିଙ୍କ ସମେତ ୪ ଗିରଫ

ବରଗଡ଼ ଅଫିସ,୩୧।୫

ବରଗଡ଼ ଜିଲା ଅମ୍ବାଭୋନା ଥାନା ସାହ୍ଲେପାଲିରେ କିଛିଦିନ ତଳେ ସଂଘଟିତ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ପ୍ରେମଜିତ ସୁନା, ଇନ୍ଦ୍ରଜିତ ସୁନା, ହୀରା ସୁନା ଏବଂ ରଞ୍ଜିତ ସୁନା। ଗିରଫ ଅଭିଯୁକ୍ତ ପ୍ରେମଜିତ ରୁଚିଦା ସିଆରସିସି(କ୍ଲଷ୍ଟର ରିସୋର୍ସ କୋ-ଅର୍ଡ଼ିନେଟର) ଅଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବଜେଲକୁ ପଠାଇ ଦିଆଯାଇଛି। ଗତ ୧୯ତାରିଖ ଅଭିଯୁକ୍ତମାନେ ସାହ୍ଲେପାଲି ଗ୍ରାମର ଅଗିତରାମ ସୁନାଙ୍କ ଘରକୁ ଆସି ଆକ୍ରମଣ କରିଥିଲେ। ସେଥିରେ ଅଗିତରାମ ଗୁରୁତର ହୋଇଥିଲେ। ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୬ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ପୂର୍ବରୁ ମୃତକଙ୍କ ପରିବାର ଲୋକେ ଅମ୍ବାଭୋନା ଥାନାରେ ଏତଲା ଦେଇଥିବାବେଳେ ପୋଲିସ ହାଲୁକାଭାବେ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ପରିବାର ଲୋକେ ଗତ ୨୭ତାରିଖ ଏସ୍‌ପି ପଦ୍ମିନୀ ସାହୁଙ୍କୁ ଫେରାଦ ହୋଇଥିଲେ।

## ସଂକ୍ଷେପରେ

### ଦେବଗଡ଼: ଚିହ୍ନଟ ୪ ସଂକ୍ରମିତ ତାମିଲନାଡୁ ଫେରନ୍ତା

ଦେବଗଡ଼,୩୧।୫(ଡି.ଏନ.ଏ.) ଦେବଗଡ ଜିଲାରେ ରବିବାର ଆଉ ୪କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମସ୍ତ ୪ ଆକ୍ରାନ୍ତ ତାମିଲନାଡୁ ଫେରନ୍ତା ଓ ସେମାନେ କ୍ୱାରେଣ୍ଟାଇନରେ ରହିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆକ୍ରାନ୍ତମାନଙ୍କୁ ଦେବଗଡ଼ କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଜିଲାରେ ଏଯାଏ ୩୨ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ୩୦ଜଣ ଆକ୍ଟିଭ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୯ ଜଣ ଦେବଗଡ଼ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ବିଶୃଙ୍ଖଳିତ ଆଚରଣ ଯୋଗୁ ଜଣଙ୍କୁ ରାଉରକେଲାସ୍ଥିତ ହାଇଟେକ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

### ଲୁହାଛଡ ଚୋରି କରି ୪ ଗିରଫ

ଦେବଗଡ଼,୩୧।୫(ଡି.ଏନ.ଏ) ଦେବଗଡ ପୁରୁଣାଗଡଠାରେ ନିର୍ମାଣାଧୀନ ୪୯ନମ୍ବର ଜାତୀୟ ରାଜପଥ ବାଇପାସ ଫ୍ଲାଇଓଭରରୁ ଲୁହାଛଡ ଚୋରି ଅଭିଯୋଗରେ ଦେବଗଡ ଥାନା ପୋଲିସ ରବିବାର ୪ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ପୁରୁଣାଗଡ ପେଟ୍ରୋଲ ପମ୍ପ ସାହି ଅଞ୍ଚଳର ମୁନା ହସ୍ତୀ (୨୫), ନରେଶ ହସ୍ତୀ (୨୯), ପୁଲିନ ସୁନା (୩୪) ଓ ସମ୍ରାଟ ଭାସ୍କର (୨୧) । ପୋଲିସ ସେମାନଙ୍କ ନିକଟରୁ ସାଢେ ୩ କୁଇଣ୍ଟାଲ ଲୁହାଛଡ ଜବତ କରିଛି।

### ଖସିଗଲେ ୨ ଗଞ୍ଜେଇ ଚୋରାଚାଲାଣକାରୀ

ରେଢାଖୋଲ ୩୧।୫(ଡି.ଏନ.ଏ) ସମ୍ବଲପୁର ଜିଲା ଚାରମାଳ ପୋଲିସ ରବିବାର ଭୋରରୁ ଚଢାଉ କରି ଚାରମାଲ-ବଡମାଲ ରାସ୍ତାର ତେଲିଘନା ଛକ ନିକଟରୁ ୨ବାଇକ୍ (ଓଡି୧୫ଏଫ-୧୦୦୪ ଏବଂ ଓଆର ୧୪ଏମ-୦୪୪୭)ସହ ୩୫ କେଜି ଗଞ୍ଜେଇ ଜବତ କରିଛି। ତେବେ ପୋଲିସକୁ ଦେଖି ଚୋରାଚାଲାଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ଏ ନେଇ ଚାରମାଲ ଥାନାରେ ଏକ ମାମାଲା (ନଂ.୮୯/୨୦) ରୁଜୁ ହୋଇଛି। ଜବତ ବାଇକର ନମ୍ବରକୁ ଭିତ୍ତି କରି ତଦନ୍ତ କରାଯାଉଥିବା ପୋଲିସ କହିଛି।

### ତମାଖୁ ପୋଡ଼ିଲା ସମ୍ବିଧାନ ସୁରକ୍ଷା ମଞ୍ଚ

ବରଗଡ଼ ଅଫିସ୍,୩୧।୫- ବରଗଡ଼ର ଏକ ଅନୁଷ୍ଠାନ ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ରବିବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଛି। ଏହି ଅବସରରେ ତମାଖୁ ପୋଡ଼ି ମଞ୍ଚ ପକ୍ଷରୁ ତମାଖୁ ବର୍ଜନ ପାଇଁ ଆହ୍ୱାନ କରାଯାଇଛି। ତମାଖୁ ବର୍ଜନ ଉପରେ ପ୍ଲାକାର୍ଡ଼ ଧରି ସଚେତନତା ସୃଷ୍ଟି କରାଯାଇଛି। ଯୁବ ଚିତ୍ରକର ହେମନ୍ତ କୁମ୍ଭାର ଆଙ୍କିଥିବା ଚିତ୍ର ତମାଖୁ ବର୍ଜନ ପାଇଁ ସଚେତନତାର ବାର୍ତ୍ତା ଦେଇଛି। ସମ୍ବିଧାନ ସୁରକ୍ଷା ମଞ୍ଚର ରମେଶ ମହାପାତ୍ର, ପବିତ୍ର ଦେହେରୀ, ଅଲିମ ରିଜଭି, ମାରିୟମ ବାର୍ଲା, ଭବାନୀ ସାହୁ, ଧ୍ୟାନ ଦିପକ, ବସନ୍ତ କୁମ୍ଭାର, ବିପିନ ଦାଶ, ଉମା ଷାଣ୍ଡ, ଗୁରୁଚରଣ ହରିପାଲ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

### ଶ୍ରମିକ ସ୍ପେଶାଲ ଟ୍ରେନ୍ ଯାତ୍ରୀଙ୍କୁ ଏମ୍‌ସିଏଲ୍‌ର ସହାୟତା

ସମ୍ବଲପୁର,୩୧।୫(ବ୍ୟୁରୋ): ଶ୍ରମିକ ସ୍ପେଶିଆଲ ଟ୍ରେନ ଯାତ୍ରୀଙ୍କୁ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ପକ୍ଷରୁ ରବିବାରଠାରୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଗୁଜୁରାଟରୁ ଆସିଥିବା ସ୍ପେଶାଲ ଟ୍ରେନ୍‌ଗୁଡିକ ସମ୍ବଲପୁର ଷ୍ଟେଶନ ଦେଇ ଅତିକ୍ରମ କରିବା ଏହାକୁ ଦୃଷ୍ଟିରେ ରଖି ଏମ୍‌ସିଏଲ ପ୍ରତ୍ୟେକ ଦିନ ୧ହଜାର ୬ଶହ ପ୍ୟାକେଟ ଶୁଖିଲା ଖାଦ୍ୟ ଓ ୧ହଜାର ୬ଶହ ଲିଟର ପାନୀୟ ଜଳ ଭାରତୀୟ ରେଳ ମାଧ୍ୟମରେ ବିତରଣ କରାଯାଉଥିବା କମ୍ପାନୀର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି।

# ସିକ୍ୟୁରିଟି ଗାର୍ଡ ଉଠାଉଛନ୍ତି ୧୧, ପାଉଛନ୍ତି ୭


ଘରୋଇ ସୁରକ୍ଷା କର୍ମୀଙ୍କ ଟଙ୍କା ହଡ଼ପ ନେଇ ରାଉରକେଲା ଶ୍ରମିକ ସଂଘ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛି।

ରାଉରକେଲା ଅଫିସ,୩୧।୫

ଘରୋଇ ସୁରକ୍ଷା ସଂସ୍ଥା ଦ୍ୱାରା ଷ୍ଟିଲ ସିଟିର ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ନିଯୁକ୍ତି ପାଇଥିବା ସୁରକ୍ଷା କର୍ମୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏମାନଙ୍କ ପାଇଁ ଧାର୍ଯ୍ୟ ମଜୁରିକୁ ଚଞ୍ଚକତା କରାଯାଇ ହଡପ କରାଯାଉଛି। ନିଯୁକ୍ତକାରୀ କମ୍ପାନୀ ଏଭଳି ବେଆଇନ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏଭଳି ଘଟଣାକୁ ନେଇ ରାଉରକେଲା ଶ୍ରମିକ ସଂଘ(ଆରଏସ୍‌ଏସ୍) ରବିବାର ସ୍ୱର ଉଠାଇଛି। କେଉଁ ପରିସ୍ଥିତିରେ ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଥିବା ସୁରକ୍ଷା କର୍ମୀ ଶୋଷଣର ଶିକାର ହେଉଛନ୍ତି ତାହାକୁ ସ୍ପଷ୍ଟ କରିଛି ୟୁନିୟନ। ଏଥିରେ କୁହାଯାଇଛି ଯେ, ଆରଏସପି ଅଧୀନରେ ରହିଥିବା ଇସ୍ପାତ ଜେନେରାଲ ହସ୍ପିଟାଲ, ରାଉରକେଲା ହାଉସ, ସିଭିକ ସେଣ୍ଟର, ଇସ୍ପାତ ଷ୍ଟାଡିୟମ ଓ ପମ୍ପ ହାଉସ ଭଳି ବିଭିନ୍ନ ଗୁରିତ୍ୱପୂର୍ଣ୍ଣ ସ୍ଥାନରେ ଘରୋଇ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ନିଯୁକ୍ତି ସମୟରେ ଏହି ଗାର୍ଡଙ୍କଠାରୁ ବେଆଇନ ଭାବେ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଉଛି। ଦରମା ପ୍ରଦାନ ସମୟରେ ଗାର୍ଡଙ୍କୁ ନିକାଞ୍ଚନ ସ୍ଥାନକୁ ଡକାଯାଉଛି। ଏଟିଏମରୁ ଦରମା ଉଠାଇ ୪ ହଜାର ଫେରସ୍ତ କରିବାକୁ ବାଧ କରାଯାଉଛି। ନ ଦେଲେ କାମରୁ ବାହାର କରିବାକୁ ଧମକ ମିଳୁଛି। ମୋଟ ୧୧ହଜାର ଦରମାରୁ ସମ୍ପୃକ୍ତ ସୁରକ୍ଷା କର୍ମୀଙ୍କୁ ମାତ୍ର ୭ ହଜାର ଦେଇ ବାକି ୪ ହଜାର ଟଙ୍କା ନିଯୁକ୍ତିକାରୀ କମ୍ପାନୀ ହାତେଇ ନେଉଛି। କେବଳ ଏତିକି ନୁହେଁ ବିନା ସାପ୍ତାହିକ ଛୁଟିରେ କାମ କରୁଥିବା ଗାର୍ଡଙ୍କୁ ଅନ୍ୟ ପ୍ରାପ୍ୟ ମଧ୍ୟ ଦିଆଯାଉନି। ଛୁଟିରେ ଡ୍ୟୁଟି କଲେ ବି ଦରମା ମିଳୁନି। ଜାଲ କାଗଜ ପତ୍ର ପ୍ରସ୍ତୁତ କରାଯାଇ ବିଲ୍ ଉଠାଯାଉଛି। ଏମିତି ଲମ୍ବା ଅଭିଯୋଗ କରି ଆସୁଥିବା ଶ୍ରମିକମାନେ ଆଜି ପର୍ଯ୍ୟନ୍ତ ନ୍ୟାୟ ପାଇଁ ଗୁହାରି କରି ଆସୁଛନ୍ତି। ହେଲେ ଏହାକୁ କେହି କର୍ଣ୍ଣପାତ କରୁ ନ ଥିବା ଶ୍ରମିକ ସଂଘ ଅଭିଯୋଗ କରିଛି। ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ୟୁନିୟନ ସାଧାରଣ ସଂପାଦକ ପ୍ରଶାନ୍ତ ବେହେରା ଏହି ସୂଚନା ଦେଇଛନ୍ତି।

## ତଦନ୍ତ କଲେ ବ୍ଲକ ପ୍ରୋଗ୍ରାମ ସହାୟକ

ଲୋଇସିଂହା,୩୧।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟିପୋଲି ଗାଁର ମୃତା ଶାନ୍ତି ସାହୁଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଇଥିବା ନେଇ ତାଙ୍କ ବୋହୂ ଅନୁସୟା ସାହୁ ଅଭିଯୋଗ କରିଥିଲେ। ବ୍ଲକ ସାମଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରୋଗ୍ରାମ ସହାୟକ କର୍ମଚାରୀ ଶ୍ରୀକାନ୍ତ ଗଡତ୍ୟା ଏହାର ତଦନ୍ତ ପାଇଁ କେଉଁଟିପୋଲି ଯାଇଥିଲେ । ଟିପ ଦେଇ ଜାଲିଆତି କରି ଟଙ୍କା ଉଠାଇଥିବା ବ୍ୟକ୍ତି ମାସକ ମଧ୍ୟରେ ଅର୍ଥ ଫେରାଇବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିବା ତଦନ୍ତ ପରେ ଗଡତ୍ୟା କହିଛନ୍ତି। କେଉଁଟିପୋଲିର ଶାନ୍ତି ସାହୁଙ୍କର ଗତ ଫେବୃୟାରୀ ୧୪ତାରିଖରେ ମୃତ୍ୟୁ ଘଟିଥିଲା। ଜନୈକା ପଡୋଶୀ କୌଶଳ କରି ତାଙ୍କ ମଧୁବାବୁ ଭତ୍ତା ଖାତା ମାଗିନେଇ ଟଙ୍କା ଉଠାଇଥିଲେ। ପରବର୍ତ୍ତୀ ସମୟରେ ଆଧାର କାର୍ଡ ମାଗିବାରୁ ଅନୁସୟା ସନ୍ଦେହ କରି ଆଧାର କାର୍ଡ ଦେବାକୁ ମନା କରିବା ସହ ଭତ୍ତା ଖାତା ଫେରାଇ ନେଇଥିଲେ। ଭତ୍ତା ଖାତା ଅନୁସୟାଙ୍କ ହସ୍ତଗତ ପରେ ସେଥିରେ ଟଙ୍କା ଉଠାଯାଇଥିବା ଜଣାପଡିଥିଲା । ଖାତାର ଗୋଟିଏ ପୃଷ୍ଠା ଚିରା ଯାଇଥିବାରୁ ଲକ୍‌ଡାଉନ ସମୟର ଏକକାଳୀନ ୪ମାସର ଭତ୍ତା ଟଙ୍କା ଉଠିଥିବା ଅନୁସୟା ସନ୍ଦେହ କରିଥିଲେ। ଏ ସଂକ୍ରାନ୍ତରେ ଗତ ୨୪ତାରିଖ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ପ୍ରକାଶିତ ଖବରକୁ ୟୁଥ ଏଗେନଷ୍ଟ କରପସନ ତରଫରୁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ, ଜିଲାପଳ ଓ ଭିଜିଲାନ୍ସ ବିଭାଗକୁ ଟୁଇଟ କରି ଦୁର୍ନୀତିର ପର୍ଦ୍ଦାଫାଶ କରିବାକୁ ଦାବି କରାଯାଇଥିଲା। ଟୁଇଟକୁ ଦେଖି ଭିନକ୍ଷମ ଓ ସମାଜିକସୁରକ୍ଷା ବିଭାଗ ସଚିବ ଭାସ୍କର ଶର୍ମା ଏହାର ତଦନ୍ତ କରି ଜଣାଇବାକୁ ଜିଲାପାଳଙ୍କୁ ଟୁଇଟ କରି ଜଣାଇଥିଲେ।

## ବଲାଙ୍ଗୀର: ୮୦କୁ ବଢ଼ିଲା କରୋନା ସଂକ୍ରମିତଙ୍କ ସଂଖ୍ୟା

ବଲାଙ୍ଗୀର ଅଫିସ, ୩୧।୫

**ଜିଲାରେ ୬ ସୁସ୍ଥ, ୭୪ ସକ୍ରିୟ**

ବଲାଙ୍ଗୀର ଜିଲାରେ ରବିବାର ପୁଣି ୧୧ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୮୦କୁ ବୃଦ୍ଧି ପାଇଛି। ତେବେ ପୂର୍ବରୁ ଜିଲାର ୬ ଜଣ ସଂକ୍ରମିତ ସୁସ୍ଥ ହୋଇଥିବାରୁ ଏବେ ଜିଲାରେ ୭୪ ଜଣ କରୋନା ସଂକ୍ରମିତ ସକ୍ରିୟ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ମୁରିବାହାଲ ବ୍ଲକ ତେନ୍ତୁଳିଖୁଣ୍ଟି ଓ ଗଡଗଡବାହାଲରୁ ଦୁଇ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନେ କେଉଁ ସ୍ଥାନରୁ ଫେରିଥିଲେ ତା'ର ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଏମାନଙ୍କୁ ପ୍ରାଇମେରୀ କଣ୍ଟାକ୍ଟ ବୋଲି ଉଲ୍ଲେଖ କରାଯାଇଛି। ଏହି ଦୁଇଜଣଙ୍କ ମଧ୍ୟରୁ ତେନ୍ତୁଳିଖୁଣ୍ଟିର ସଂକ୍ରମିତ ଜଣକ ଗତ ୧୬ରୁ ୨୬ ମେ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନ୍ ଓ ୨୭ ତାରିଖରୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ ବୋଲି ସୂଚନା ଦିଆଯାଇଛି। ଗଡଗଡବାହାଲର ସଂକ୍ରମିତ ଜଣକ ୧୪ରୁ ୨୪ ପର୍ଯ୍ୟନ୍ତ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍ ଓ ୨୫ରୁ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ଏହାସହିତ ବଙ୍ଗୋମୁଣ୍ଡା ବ୍ଲକ ଜାମୁଖୁଣ୍ଟା-ଦୁରେକେଲାର ୩ ଜଣ ମୁମ୍ବାଇ ଫେରନ୍ତା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନେ ୧୪ରୁ ୨୪ ତାରିଖ ପର୍ଯ୍ୟନ୍ତ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍ ସେଣ୍ଟର ଓ ୨୫ରୁ ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ। ଦୁରେକେଲା ବ୍ଲକ ମହଖଣ୍ଡର ମହାରାଷ୍ଟ୍ର ଫେରନ୍ତା ୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନେ କ୍ୱାରାଣ୍ଟାଇନ୍‌ରେ ଏ ପର୍ଯ୍ୟନ୍ତ ରହିଛନ୍ତି। ଟିଟିଲାଗଡ ବ୍ଲକ୍ ବିନେକେଲା ପଞ୍ଚାୟତର ଦୁଇଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ଦୁଇଜଣ ମୁମ୍ବାଇରୁ ଫେରି ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଛନ୍ତି।

## ମନ୍ତ୍ରୀ, ବିଧାୟକଙ୍କୁ ଭେଟିଲା କଳାକାର ମହାସଂଘ

ବରଗଡ଼ ଅଫିସ୍,୩୧।୫

କଳାକାରମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ପଶ୍ଚିମଓଡ଼ିଶା ମିଳିତ କଳାକାର ମହାସଂଘର ଏକ ପ୍ରତିନିଧି ଦଳ ଶ୍ରମ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଲକ୍‌ଡାଉନ ଯୋଗୁ ଜୀବିକା ହରାଇଥିବା ଯୋଗୁ କଳାକାରଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା, ବାଦ୍ୟକଳାକୁ କଟକଣାମୁକ୍ତ କରାଯିବା, ପଞ୍ଜିକୃତ କଳାକାରଙ୍କୁ ବସ୍‌ଭଡ଼ାରେ ୫୦ ପ୍ରତିଶତ ରିହାତି, ପଞ୍ଚାୟତଠାରୁ ଆରମ୍ଭ କରି ଜିଲାସ୍ତରୀୟ ଲୋକ ମହୋତ୍ସବ ପାଇଁ ଆର୍ଥିକ ଅନୁଦାନ, କଳାକାର ଭତ୍ତାକୁ ୨ହଜାର ଟଙ୍କାକୁ ବୃଦ୍ଧି ଆଦି ଦାବି କରାଯାଇଛି । ପଦ୍ମଶ୍ରୀ ହଲଧର ନାଗ, ମହାସଂଘର ସଭାପତି ତଥା ସଙ୍ଗୀତ ନାଟକ ଏକାଡ଼େମୀର ସଦସ୍ୟ ଚୈତନ୍ୟ ପାଇକଙ୍କ ସମେତ ଅନ୍ୟ କର୍ମକର୍ତ୍ତା, ସଭ୍ୟବୃନ୍ଦ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ସଙ୍ଗରୋଧ କେନ୍ଦ୍ରରେ ନିଯୁକ୍ତ ଶିକ୍ଷକଙ୍କୁ ବୀମାଭୁକ୍ତ କର

**ଦେବଗଡ଼,୩୧।୫(ଡି.ଏନ.ଏ):** କରୋନାରୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ନିୟୋଜିତ ସରକାରୀ କର୍ମଚାରୀ ଜୀବନକୁ ବାଜି ଲଗାଇ ନିଜ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି। ଏପରି ସ୍ଥଳେ ଅନେକ ବିଭାଗ କରୋନା କାର୍ଯ୍ୟରେ ନିୟୋଜିତ ସେମାନଙ୍କର କର୍ମଚାରୀଙ୍କ ପାଇଁ ବୀମା ବ୍ୟବସ୍ଥା କରିଛନ୍ତି। ହେଲେ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ନିୟୋଜିତ ଶିକ୍ଷକଙ୍କ ପାଇଁ କୌଣସି ବୀମା ବ୍ୟବସ୍ଥା କରାଯାଇ ନାହିଁ। ଏଣୁ ଶିକ୍ଷକ ମହଲରେ କ୍ଷୋଭ ପ୍ରକାଶ ପାଇଛି। କରୋନା କାର୍ଯ୍ୟରେ ନିୟୋଜିତ ଶିକ୍ଷକଙ୍କୁ ବୀମାଭୁକ୍ତ କରିବା ପାଇଁ ଦେବଗଡ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସୁଜିତ କୁମାର ପାତ୍ର ଏକ ପ୍ରେସ୍ ବିବୃତିରେ ସରକାରଙ୍କଠାରେ ଦାବି କରିଛନ୍ତି। ଜିଲାର ୩ଟି ଯାକ ବ୍ଲକର ବିଭିନ୍ନ ସ୍ଥାନରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ନିୟୋଜିତ ଶିକ୍ଷକଙ୍କୁ ପ୍ରଶାସନ ପକ୍ଷରୁ ମାସ୍କ, ହ୍ୟାଣ୍ଡ ଗ୍ଲୋଭ୍‌ସ୍, ସାନିଟାଇଜର ଓ ସାବୁନ ଯୋଗାଇବାକୁ ସେ ଅନୁରୋଧ କରିଛନ୍ତି।

## ରାସ୍ତାକଡ଼ରୁ ଉଦ୍ଧାର ଅସହାୟ ବୃଦ୍ଧ ଭରସା କେନ୍ଦ୍ରକୁ ଗଲେ

ଲଖନପୁର,୩୧।୫(ଡି.ଏନ୍.ଏ.) ଝାରସୁଗୁଡ଼ା ଜିଲା ଲଖନପୁର ନିକଟ ଗୋବିନ୍ଦପୁରସ୍ଥିତ ବୃଦ୍ଧାଶ୍ରମରେ ଜଣେ ଅସହାୟ ବୃଦ୍ଧଙ୍କୁ ଥଇଥାନ କରାଯାଇଛି। ବୃଦ୍ଧ ଜଣକ ହେଲେ ଭଅଁରଖୋଲ ପଞ୍ଚାୟତ ପତ୍ରାପାଲି ଗ୍ରାମର ବିଜୟ କୁମାର ସିଂହ(୭୪)। ଗତ ୪ଦିନ ହେଲା ସେ ବନ୍ଧବାହାଲ ଅଞ୍ଚଳରେ ବୁଲୁଥିଲେ। ବନ୍ଧବାହାଲ ସରପଞ୍ଚ ରାଜେନ୍ଦ୍ର ନାୟକଙ୍କ ଦୃଷ୍ଟିକୁ ଆସିବା ପରେ ସେ ତାଙ୍କ ଥଇଥାନ ବନ୍ଦୋବସ୍ତ କରିଥିଲେ। ଭଅଁରଖୋଲ ସରପଞ୍ଚ ଅଶ୍ୱିନୀ କୁମାର ପ୍ରଧାନଙ୍କ ସହିତ ଯୋଗାଯୋଗ କରିବାରୁ ଏହି ବୃଦ୍ଧ ଜଣକ ଏମ୍‌ସିଏଲ୍‌ର ଅବସରପ୍ରାପ୍ତ କର୍ମଚାରୀ। ସେ ଗାଁରେ ରହୁଥିଲେ। ଏକମାତ୍ର ପୁଅ ଓ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ୨ଝିଅ ବିବାହ କରି ସାରିଛନ୍ତି। ଘରେ ଆଉ କେହି ନାହାନ୍ତି। ଏଣୁ ସେ ଏଣେତେଣେ ବୁଲି ମାଗି ଖାଉଥିଲେ ବୋଲି ଜଣା ପଡ଼ିଛି। ଉଭୟ ସରପଞ୍ଚ ବୃଦ୍ଧାଶ୍ରମ 'ଭରସା କେନ୍ଦ୍ର' ପରିଚାଳନା ଦାୟିତ୍ୱ ନେଇଥିବା ପିପୁଲସ୍ ଫୋରମ୍ ପଶ୍ଚିମ ଓଡିଶା ମୁଖ୍ୟ ସଞ୍ଜୟ ଜେଠି ଓ କେନ୍ଦ୍ର ମୁଖ୍ୟ ପରିଚାଳକ ସଞ୍ଜିତ କୁମାର ଦାଶଙ୍କ ସହ ଆଲୋଚନା କରି ଥଇଥାନ କରିଛନ୍ତି।


ଅସହାୟ ବୃଦ୍ଧ ବିଜୟ କୁମାର ସିଂହଙ୍କୁ ବୃଦ୍ଧାଶ୍ରମକୁ ନିଆଯାଉଛି।

# କରୋନା ଛଡ଼ାଇ ନେଲା ୭୫ ବର୍ଷର ବ୍ୟବସାୟ

ସମ୍ବଲପୁର, ୩୧।୫ (ବ୍ୟୁରୋ)

**ପୂଜା ସାମଗ୍ରୀ ଦୋକାନରେ ପନିପରିବା**

ସାରା ବିଶ୍ୱବାସୀ ମହାମାରୀ କରୋନା (କୋଭିଡ- ୧୯)ରେ କବଳିତ ହୋଇଛନ୍ତି। ଭାରତ ବର୍ଷ ମଧ୍ୟ ବାଦ୍ ପଡିନାହିଁ। ଫଳରେ ଦେଶର ଆର୍ଥିକ ମାନଦଣ୍ଡ ମଧ୍ୟ ଭୁଷୁଡି ପଡିଛି। ସବୁକ୍ଷେତ୍ରକୁ କରୋନା ପ୍ରଭାବିତ କରିଛି। ସମସ୍ତଙ୍କ ସ୍ଥିତି, ପରିସ୍ଥିତି ବଦଳି ଯାଇଛି। ଲୋକଙ୍କ ପେଷା ବା ବୃତ୍ତିରେ ପରିବର୍ତ୍ତନ ଘଟିଛି। ପ୍ରାୟ ଲୋକ ପରିବା ବ୍ୟବସାୟକୁ ଆପଣେଇ ନେଇଛନ୍ତି। ଲକ୍ ଡାଉନ ଯୋଗୁ ଦେବାଳୟ ଗୁଡିକରେ ତାଲା ପଡିଛି। ଦେବାଳୟ ଗୁଡିକ ସମ୍ମୁଖରେ ପୂଜା ସାମଗ୍ରୀ ବିକ୍ରି କରି ଚଳୁଥିବା ବ୍ୟବସାୟୀମାନେ ପରିବାର ଚଳାଇବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂଜା ସାମଗ୍ରୀ ପରିବର୍ତ୍ତେ ସେମାନେ ଆଳୁ, ପିଆଜ, ପନିପରିବା ବିକ୍ରି କରି ଜୀବନ ଜୀବିକା ନିର୍ବାହ କରୁଛନ୍ତି। ଏହି କ୍ରମରେ ସମ୍ବଲପୁର ସମଲେଇ ମନ୍ଦିର ସମ୍ମୁଖରେ ଦୀର୍ଘ ୭୫ ବର୍ଷ ହେବ ପୂଜା ସାମଗ୍ରୀ ବିକ୍ରି କରି ଆସୁଥିବା ସନ୍ତୋଷ ପତି ମଧ୍ୟ ବ୍ୟବସାୟରେ ପରିବର୍ତ୍ତନ କରିଛନ୍ତି। ସେ ନିରୁପାୟ ହୋଇ ପ୍ରାୟ ୧ ମାସ ହେବ ପୂଜା ସାମଗ୍ରୀ ଦୋକାନରେ ଆଳୁ, ପିଆଜ ବିକ୍ରି କରୁଛନ୍ତି। ଏ ନେଇ ସେ କହନ୍ତି, ବାପାଙ୍କ ସମୟରୁ ସେ ସମଲେଇ ମନ୍ଦିର ଛକଠାରେ ପୂଜା ସାମଗ୍ରୀ ବିକ୍ରି କରି ଆସୁଛନ୍ତି। ଏବେ ଲକ୍ ଡାଉନ ଯୋଗୁ ଗଚ୍ଛିତ ରଖିଥିବା ପ୍ରାୟ ୪୦ ହଜାର ଟଙ୍କାର ନଡିଆ ଓ ଭୋଗ ସାମଗ୍ରୀ ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷେ ସଞ୍ଚିତ କରି ରଖିଥିବା ଟଙ୍କା ସରିଗଲାଣି। ଲକ୍ ଡାଉନ ପରେ ଦୋକାନ ଖୋଲିବା ସମ୍ଭବପର ନୁହେଁ। ପରିବାରର ୮ଜଣ ସଭ୍ୟ ଏହି ଦୋକାନ ଉପରେ ନିର୍ଭରଶୀଳ। ରାସନକାର୍ଡ କି ଚାକିରି ନାହିଁ। ତେଣୁ ଦୋକାନରେ ପୂଜା ସାମଗ୍ରୀ ବଦଳରେ ଆଳୁ, ପିଆଜ ବିକ୍ରି କରିବାକୁ ପଡୁଛି। ସେହିପରି ବାଲିବନ୍ଧା ସୋମନାଥ ମନ୍ଦିରର ପୂଜା ସାମଗ୍ରୀ ଦୋକାନୀ ଅରକ୍ଷୀତ ନାୟକ କହନ୍ତି, ବିଗତ ୨୦ ବର୍ଷ ହେବ ବାଲିବନ୍ଧା ସୋମନାଥ ମନ୍ଦିର ସମ୍ମୁଖରେ ସେ ପୂଜା ସାମଗ୍ରୀ ବିକ୍ରି କରଥିଲେ। ବେଲପତ୍ର, ଧୂପ, ଦୀପ ପ୍ରଭୃତି ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ କରୋନା କଟକଣା ଯୋଗୁ ମନ୍ଦିରରେ ତାଲା ପଡିଛି। ଏହାଦ୍ୱାରା ପରିବାର ଚଳିବା କଷ୍ଟକର ହେଉଛି। ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ସୁବିଧା ମିଳିନାହିଁ। ପୂଜା ଦୋକାନ ବ୍ୟତୀତ ଅନ୍ୟ କୌଣସି ରୋଜଗାର ମାଧ୍ୟମ ନାହିଁ। ଏହି ପରିସ୍ଥିତିରେ ଚଳିବା କଷ୍ଟକର ହେଉଛି। ତେଣୁ କିଛି ଆର୍ଥିକ ସହାୟତା ମିଳିଲେ ଅନ୍ୟ କିଛି ବ୍ୟବସାୟ କରନ୍ତେ ବୋଲି ଚିନ୍ତା କରିଛନ୍ତି।


ସମ୍ବଲପୁର ସମଲେଇ ମନ୍ଦିର ନିକଟସ୍ଥ ପୂଜା ସାମଗ୍ରୀ ଦୋକାନରେ ଆଳୁ ଓ ପିଆଜ ବିକ୍ରି ହେଉଛି।

## ସଂକ୍ଷେପରେ

### ଦିନକ ପରେ ମିଳିଲା ସୁସ୍ଥଙ୍କ ସୂଚନା

**ଅନୁଗୋଳ ଅଫିସ, ୩୧।୫:** ଅନୁଗୋଳ ଜିଲାର ଦୁଇ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେମାନଙ୍କୁ ମିଶାଇ ଏଯାଏ ମୋଟ୍ ୧୭ ଜଣ ସଂକ୍ରମିତ କରୋନାମୁକ୍ତ ହୋଇପାରିଛନ୍ତି। ତାଳଚେରସ୍ଥିତ ସ୍ୱତନ୍ତ୍ର କୋଭିଡ୍ ମେଡିକାଲରୁ ଫେରିଥିବା ଦୁଇ ଜଣଙ୍କୁ ରବିବାର ଅପରାହ୍ନରେ ପ୍ରଶାସନ ପଞ୍ଚମହଲାସ୍ଥିତ ଅସ୍ଥାୟୀ ମେଡିକାଲ ସେଣ୍ଟରରେ ରଖିଛି। ଅନୁଗୋଳ ବ୍ଲକର ଏହି ୨ଜଣ ଗତ ୧୯ ତାରିଖରେ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଜଣେ ଗତ ୧୦ ତାରିଖରେ ଓ ଅନ୍ୟଜଣେ ୧୩ ତାରିଖରେ ସୁରଟରୁ ଫେରିଥିଲେ। ଅନ୍ୟପକ୍ଷରେ ଅଦ୍ୟାବଧି ମୋଟ୍ ୪୫୯୪ ଜଣଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବାବେଳେ ୪୨୬୩ ଜଣଙ୍କ ରିପୋର୍ଟ ପ୍ରଶାସନର ହସ୍ତଗତ ହୋଇଛି। ସେଥିମଧ୍ୟରୁ ୪୨୩୭ ଜଣଙ୍କ ନେଗେଟିଭ ଥିବାବେଳେ ୨୬ଜଣଙ୍କ ପଜିଟିଭ୍ ଚିହ୍ନଟ ହୋଇଥିଲା। ୩୩୧ ଜଣଙ୍କ ରିପୋର୍ଟ ଆସି ନାହିଁ ବୋଲି ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଦୁର୍ବ୍ୟବହାର ଘଟଣାର ତଦନ୍ତ ଆରମ୍ଭ

**ଅନୁଗୋଳ ଅଫିସ, ୩୧।୫:** ଅନୁଗୋଳ ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ଅଧକ୍ଷ ଏକ ବୃଦ୍ଧ ଦମ୍ପତିଙ୍କୁ ଦୁର୍ବ୍ୟବହାର କରିଥିବା ଶନିବାର ଅନୁଗୋଳ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଅନୁଗୋଳ ଥାନାରେ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ରବିବାର ଆରମ୍ଭ ହୋଇଛି। ଏହି ମାମଲାକୁ କ୍ରାଇମ ଡିଏସ୍‌ପି ଦିଲୀପ ନାୟକ ନେଇଥିବାବେଳେ ଅନୁଗୋଳ ଆଡିସନାଲ ଏସ୍‌ପି ବସନ୍ତ କୁମାର ପ୍ରଧାନ ମାମଲାର ସୁପରଭିଜନ କରୁଛନ୍ତି ବୋଲି ସୂଚନା ମିଳିଛି। ତେବେ ରବିବାର ଛୁଟି ଥିବାରୁ ସୋମବାର ଘଟଣାର ଖୋଳତାଡ଼ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କଲେ ଜିଲାବାସୀ

**ଅନୁଗୋଳ ଅଫିସ, ୩୧।୫:** ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଅପରାହ୍ନ ୫ଟା ୩୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବନ୍ଦେ ଉତ୍କଳ ଜନନୀ ଗାନ ବେଳେ ବିଭ୍ରାଟ ଦେଖାଦେଇଥିଲା। ଘଟଣା ଜଣାପଡ଼ିବା ପରେ ଜିଲାର ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏପରି କି ଘଟଣା ସମ୍ପର୍କରେ ରବିବାର ମୁଖ୍ୟମନ୍ତ୍ରୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଅନୁଗୋଳବାସୀ ଟୁଇଟ୍ କରି ଅବଗତ କରିଥିବା ସୂଚନା ମିଳିଛି।

### ଠିକା ସଂସ୍ଥାକୁ ଚିଠି ଲେଖିଲା ପୌରପାଳିକା
#### ଅସହଯୋଗ କରୁଛନ୍ତି ସଫେଇ କର୍ମଚାରୀ

ଅନୁଗୋଳ ଅଫିସ, ୩୧।୫- ଅନୁଗୋଳ ପୌରପାଳିକାରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ୧୫୦ ଜଣଙ୍କ ମଧ୍ୟରୁ ୧୩୧ ଜଣ ଠିକା ସଂସ୍ଥା ଦ୍ୱାରା ନିଯୁକ୍ତ ହୋଇଛନ୍ତି। କିନ୍ତୁ ସମ୍ପୃକ୍ତ ଠିକା କର୍ମଚାରୀଙ୍କ ମଧ୍ୟରୁ ଅନେକେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମକୁ ଆସୁନାହାନ୍ତି। ଏପରି କି ସହର ସଫେଇ କାର୍ଯ୍ୟରେ ମଧ ପୌରପାଳିକାକୁ ଉପଯୁକ୍ତ ସହଯୋଗ କରୁ ନ ଥିବା ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ଏ ନେଇ ସମ୍ପୃକ୍ତ ଠିକା ସଂସ୍ଥାକୁ ଚିଠି କରାଯାଇଥିବା ପଣ୍ଡା ସୂଚନା ଦେଇଛନ୍ତି। ନିର୍ବାହୀ ଅଧିକାରୀ କହିଛନ୍ତି, ପୌରପାଳିକା କାଉନସିଲ ହଲ୍‌ରେ ରବିବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ପକ୍ଷରୁ କରୋନା ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଥିଲା। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ପୂର୍ବରୁ ଠିକା ସଂସ୍ଥାର ସୁପରଭାଇଜର ଓ ମାଲିକଙ୍କୁ ଅବଗତ କରାଯାଇଥିଲା। ହେଲେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମାତ୍ର ୩୦ ଜଣ ଠିକା ସଫେଇ କର୍ମଚାରୀ ଯୋଗ ଦେଇଥିଲେ। ଏହା ଦେଖି ଏତେ କମ୍ ସଂଖ୍ୟାରେ କର୍ମଚାରୀମାନେ କାହିଁକି ଆସିଛନ୍ତି ବୋଲି ଏମ୍‌ପି ପ୍ରଶ୍ନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଗତ ଶନିବାର ଅପରାହ୍ନରେ ବନ୍ଦେ ଉତ୍କଳ ଜନନୀ ଗାନ କରିବାକୁ ସମସ୍ତଙ୍କୁ କୁହାଯାଇଥିଲେ ମଧ ଠିକା ସଫେଇ କର୍ମଚାରୀମାନେ ଯୋଗଦେଇ ନ ଥିଲେ। ତେଣୁ ସରକାରୀ କାର୍ଯ୍ୟକ୍ରମରେ ଅସହଯୋଗ କରୁଥିବାରୁ ଠିକା ସଂସ୍ଥାକୁ ଚିଠି ଲେଖାଯାଇଥିବା ନିର୍ବାହୀ ଅଧିକାରୀ ପଣ୍ଡା ପ୍ରକାଶ କରିଛନ୍ତି।

# ନନ୍ଦିରା ଉପରେ ନିର୍ଭର

**ବଅଁରପାଳ,୩୧।୫(ଡି.ଏନ.ଏ.)**


ରଙ୍ଗାସିଂହା ଗ୍ରାମର ମହିଳାମାନେ ନନ୍ଦିରା ନାଳରୁ ପାଣି ସଂଗ୍ରହ କରୁଛନ୍ତି।

- ରଙ୍ଗାସିଂହାକୁ ସଂଯୋଗ ହୋଇନି ପାଇପ୍ ପାଣି
- ୮୦ ପରିବାର ପିଉଛନ୍ତି ନାଳ ଜଳ
- ପ୍ରସ୍ତାବରେ ଅଟକିଯାଇଛି ପ୍ରଶାସନ

ପ୍ରତି ଘରେ ପହଞ୍ଚିବ ପାଇପ୍ ପାଣି। ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବାକୁ ବର୍ଷ ବର୍ଷ ଧରି ଏପରି ଆଶ୍ୱାସନା ଦେଉଛନ୍ତି ସରକାର। ହେଲେ ଘର ତ ଦୂରର କଥା ସମସ୍ତ ଗାଁରେ ମଧ ଏଯାଏ ପହଞ୍ଚିନି ସରକାରଙ୍କ ପାନୀୟ ଜଳ ପ୍ରକଳ୍ପ ଯୋଜନା। ଫଳରେ କେଉଁଠି ଖୋଲାକୂଅ ତ ଅନ୍ୟକେଉଁଠି ନଦୀ, ନାଳ ନଚେତ ଚୁଆ ପାଣି ପିଇବାକୁ ପଡୁଛି ଲୋକଙ୍କୁ। ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁକୁଡାଙ୍ଗ ପଞ୍ଚାୟତର ରଙ୍ଗାସିଂହା ଗ୍ରାମବାସୀ ବି ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଡ଼ୋଶୀ ଗାଁରେ ଜଳ ପ୍ରକଳ୍ପ ଥିଲେ ମଧ ରଙ୍ଗାସିଂହାକୁ ପାଇପ୍ ସଂଯୋଗ ହୋଇପାରି ନାହିଁ। ଫଳରେ ନଳକୂଅ ପାଣି ପର୍ଯ୍ୟାପ୍ତ ହେଉ ନ ଥିବାରୁ ଖରାଦିନେ ଏଠାକାର ଲୋକେ ନିକଟସ୍ଥ ନନ୍ଦିରା ଉପରେ ନିର୍ଭର କରୁଛନ୍ତି।

ରଙ୍ଗାସିଂହା ଗ୍ରାମରେ ପ୍ରାୟ ୮୦ ପରିବାର ରୁହନ୍ତି। ପାନୀୟ ଜଳ ପାଇଁ ଏଠାରେ ୭ ନଳକୂଅ ଓ ଗୋଟିଏ ଖୋଲା କୂଅ ବ୍ୟବସ୍ଥା ଅଛି। ହେଲେ ସେଥିରୁ ୪ଟି ନଳକୂଅ ଅଚଳ ହୋଇପଡିଛି। ବାକି ୩ ନଳକୂଅ ଭୂତଳ ଜଳ ହ୍ରାସ କାରଣରୁ ଆବଶ୍ୟକ ପରିମାଣର ପାଣି ଯୋଗାଇ ପାରୁନାହିଁ। ତେଣୁ ବହୁ ସମୟରେ ଲୋକେ ଗ୍ରାମ ନିକଟ ନନ୍ଦିରାନାଳର ଅପରିଷ୍କାର ପାଣି ବ୍ୟବହାର କରୁଛନ୍ତି। ଗ୍ରାମର ଜଲି ରାଣୀ ଦାସ, ସୁଭଦ୍ରା ଦାସ, ରଶ୍ମି ଦାସ, ଶିଶିର ଦାସ ପ୍ରମୁଖ କହିଛନ୍ତି, ପଡୋଶୀ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ହୋଇଥିଲେ ହେଁ ରଙ୍ଗାସିଂହା ସେଥିରୁ ବଞ୍ଚିତ ରହିଛି। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଚଳ ନଳକୂଅଗୁଡ଼ିକୁ ମଧ ମରାମତି କରାଯାଉ ନାହିଁ। ତେଣୁ ପାନୀୟ ଜଳର ଅଭାବ ମେଣ୍ଟାଇବାକୁ ବାଧ ହୋଇ ନନ୍ଦିରା ପାଣି ଘରକୁ ନେବାକୁ ପଡୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ସରପଞ୍ଚ ପ୍ରତାପ ସେନାପତି କହିଛନ୍ତି, ରଙ୍ଗାସିଂହାକୁ ପାଇପ୍ ପାଣି ପହଞ୍ଚି ନ ଥିବାରୁ ସେଠାରେ ଜଳ ସଙ୍କଟ ରହିଛି। ଯେତେଶୀଘ୍ର ସମ୍ଭବ ପାଇପ୍ ପାଣି ବ୍ୟବସ୍ଥା କରିବାକୁ ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି। ବଅଁରପାଳ ବିଡିଓ ଏଲିଜା ମିଶ୍ର କହିଛନ୍ତି, ଯଦି ଉକ୍ତ ଗ୍ରାମରେ ଜଳ ସଙ୍କଟ ଥାଏ ତାହାର ଅନୁଧ୍ୟାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।

# ବସ୍‌କୁ ଯାତ୍ରୀ ହେଉନାହାନ୍ତି, କ୍ଷତି ଆଶଙ୍କା କଲେ ମାଲିକ

**ଅନୁଗୋଳ ଅଫିସ, ୩୧।୫**

ରାଜ୍ୟରେ ବସ୍ ଚଳାଚଳକୁ ସରକାର ଅନୁମତି ଦେଇଥିଲେ ହେଁ ଆବଶ୍ୟକ ସଂଖ୍ୟକ ଯାତ୍ରୀ ହେଉ ନ ଥିବାରୁ ଦ୍ୱନ୍ଦ୍ୱରେ ପଡିଛନ୍ତି ଗାଡ଼ି ମାଲିକ। ଗତ ଗୁରୁବାର ଅନୁଗୋଳରୁ ଆଠମଲ୍ଲିକକୁ ଏକ ବସ୍‌ରେ ମାତ୍ର ୫ ଜଣ ଯାତ୍ରୀ ଯିବା ଓ ସେଠାରୁ ୧୫ ଜଣ ଆସିବା ପରେ ଏବେ ଆନ୍ତଃଜିଲା ବସ୍ ଚଲାଇବାକୁ ନେଇ ଚିନ୍ତା ପ୍ରକଟ କରିଛି ଅନୁଗୋଳ ଜିଲା ବସ୍ ମାଲିକ ସଂଘ। ଯାତ୍ରୀ ନ ହେଲେ ବହୁ ମାତ୍ରାରେ କ୍ଷତି ସହିବାକୁ ପଡିବ ବୋଲି ସଂଘ ସଦସ୍ୟ ରାଜୁ ମିଶ୍ର କହିଛନ୍ତି।

ସଦସ୍ୟ ମିଶ୍ରଙ୍କ କହିବା ଅନୁଯାୟୀ, ଅନୁଗୋଳରୁ ରାଜ୍ୟର ବିଭିନ୍ନ ଜିଲା ତଥା ରାଜ୍ୟ ବାହାରକୁ ଯାଉଥିବା ବସ୍‌ଗୁଡିକ ପୁନଃ ଚଳାଚଳ ପାଇଁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ହେଲେ ଆଗଭଳି ଆଉ ଯାତ୍ରୀ ହେଉନାହାନ୍ତି। ଅନ୍ୟ ଜିଲାରୁ ବସ୍‌ଗୁଡ଼ିକ ଅନୁଗୋଳକୁ ମଧ ଆସୁନାହିଁ। ଆବଶ୍ୟକ ଯାତ୍ରୀ ନ ହେଲେ ବସ୍ ମାଲିକ, କର୍ମଚାରୀ କ୍ଷତି ସହିବେ। ସେହିପରି ବହୁ ଗାଡ଼ିର କର୍ମଚାରୀ ଲକ୍‌ଡାଉନ ସମୟରେ ଘରକୁ ଯାଇଥିବାବେଳେ ସେମାନେ ଏପର୍ଯ୍ୟନ୍ତ ଫେରିପାରି ନାହାନ୍ତି। କେତେକ ଗାଡ଼ି ମରାମତି ହେବାକୁ ଗ୍ୟାରେଜ୍‌ରେ ପଡ଼ିଛି। ତେଣୁ ପୂର୍ଣ୍ଣମାତ୍ରାରେ ବସ୍ ଚଳାଚଳ କରିବା ନେଇ ଚିନ୍ତା ଦେଖାଦେଇଛି। ସୋମବାର ଭୋର୍‌ରୁ ଏକ ବସ୍ ବାଲେଶ୍ୱରରୁ ସମ୍ବଲପୁର ଅଭିମୁଖେ ଯିବାକୁ ସ୍ଥିର ହୋଇଛି। ଏହା ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଭୋର ୫ଟାରେ ପହଞ୍ଚି ସାଢ଼େ ୫ଟାରେ ଛାଡ଼ିବ। ସେଥିରେ ଯିବାକୁ କେତେ କଣ ଯାତ୍ରୀ ହେଉଛନ୍ତି ତାହା ବସ୍ ଅନୁଗୋଳ ଆସିବା ପରେ ଜଣାପଡ଼ିବ। ସେହିପରି କଟକ ଗାଡ଼ି ମାଲିକମାନେ ଯଦି ଅନୁଗୋଳକୁ ବସ୍ ଗଡ଼ାଇବେ ତେବେ ଯାତ୍ରୀ ପରିବହନ ହେବ। କିନ୍ତୁ ଅନୁଗୋଳରୁ ଗାଡ଼ି ଏବେ କଟକ ଓ ଭୁବନେଶ୍ୱର ଯିବା ଏକପ୍ରକାର ଅସମ୍ଭବ ମନେ ହେଉଛି ବୋଲି ମିଶ୍ର ପ୍ରକାଶ କରିଛନ୍ତି।

## କଟକଣା କୋହଳ ପରେ...
# ଦ୍ୱନ୍ଦ୍ୱ, ଭୟ, ଆଶଙ୍କା

**କୋହଳ ହେଉଛି ତାଲାବନ୍ଦ କଟକଣା। ଆଉ ତା' ସହିତ ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛି ଜୀବନ। ଦୁଇମାସ ହେଲା ଜୀବିକା ଚିନ୍ତାରେ ଥିବା ମଣିଷ କର୍ମକ୍ଷେତ୍ର ଆଡ଼କୁ ମୁହାଁଇଲେଣି। ଯାନବାହନ ଚଳାଚଳ ଆରମ୍ଭ ହୋଇଥିବାବେଳେ ଖୋଲିଲାଣି ଶପିଂମଲ, ହୋଟେଲ, ଟେଲର ଦୋକାନ, ସେଲୁନ୍, ବିୟୁଟିପାର୍ଲର। ହେଲେ ବ୍ୟବସାୟ ଆଉ ଆଗଭଳି ନାହିଁ। ଏହାକୁ ନେଇ ଦ୍ୱନ୍ଦ୍ୱ, ଭୟ, ଆଶଙ୍କା ଭିତରେ ଅଛନ୍ତି ବୃତ୍ତିଧାରୀ। କରୋନା ସଙ୍କଟର ଘଡ଼ିସନ୍ଧି ମୁହୂର୍ତ୍ତରେ ଜୀବିକା କ୍ଷେତ୍ରକୁ ବାହୁଡ଼ିଥିବା ଏପରି କେତେଜଣଙ୍କ ପ୍ରତିକ୍ରିୟାକୁ ନେଇ ଏହି ଉପସ୍ଥାପନା...**

**– ରିପୋର୍ଟ: ସୁଧୀର କୁମାର ପରିଡ଼ା**

### ଆଗଭଳି ବ୍ୟବସାୟ ହେବ କି ନାହିଁ ସନ୍ଦେହ



ଅଢେଇ ମାସ ହେଲା ବସ୍ ଚଳାଚଳ ବନ୍ଦ ହୋଇଯାଇଥିଲା। ଚକ ଗଡ଼ିବା ବନ୍ଦ ହେବା ପରେ ବସ୍ କର୍ମଚାରୀ ହାତବାନ୍ଧି ବସିଥିଲେ। ସରକାର ଆମ ଦୁଃଖ ବୁଝି ରୋଡ୍ ଟ୍ୟାକ୍ସ ଛାଡ଼ କରିଛନ୍ତି। ଗାଡ଼ି ଚଳାଚଳ ଲାଗି ଅନୁମତି ଦେଇଛନ୍ତି। ତଥାପି ସଂକ୍ରମଣ ଭୟରେ ଲୋକମାନେ ଯାତ୍ରା କରିବାକୁ ଅମଙ୍ଗ ହେଉଛନ୍ତି। ଆବଶ୍ୟକ ଯାତ୍ରୀ ନ ହେଲେ ଗାଡ଼ି ଚଳାଇବା ଅସମ୍ଭବ। ଯାତ୍ରୀଙ୍କ ଲାଗି ସାମାଜିକ ଦୂରତ୍ୱ ନିୟମ କଡ଼ାକଡ଼ି କରାଯାଇଥିବାରୁ ଆଗଭଳି ବ୍ୟବସାୟ ହେବ କି ନାହିଁ ତାହା ବି ସନ୍ଦେହ।

**– ଲଛମନ ଜେନା, କାମାକ୍ଷାନଗର ବସ୍ ମାଲିକ ସଂଘ ସଭାପତି**

### କ୍ଷତିଭରଣା କରିବାକୁ ସମୟ ଲୋଡ଼ା



ଦୁଇମାସ ମଧ୍ୟରେ ଅନେକ କ୍ଷତି ସମ୍ଭାଳିବାକୁ ପଡିଛି । ଦୋକାନ ବନ୍ଦ ଥିଲେ ମଧ ବିଦ୍ୟୁତ୍ ବିଲ୍, ଘରଭଡ଼ା ଦିଆଯାଇଛି। ବ୍ୟବସାୟ ନ ଥିଲେ ମଧ ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଶତାଧିକ କର୍ମଚାରୀ ଆମ ସହିତ ଜଡ଼ିତ ଥିଲେ। ସେମାନଙ୍କ ପରିବାର ଚଳାଇବା ଲାଗି ଦରମା ଦିଆଯାଇଛି। ଏବେ ଅଧା ସମୟ ଦୋକାନ ଖୋଲିବାକୁ ସରକାର ଅନୁମତି ଦେଇଛନ୍ତି। ଜୀବନଯାତ୍ରା ସ୍ୱାଭାବିକ ହେଲେ ମଧ ଆଗଭଳି ବେପାର ନାହିଁ । କ୍ଷତି ଭରଣା କରିବାକୁ ଢେର ସମୟ ଲାଗିବ।

**– ଦୀପକ ଖେମକା, ଶପିଂ ମଲ୍ ମାଲିକ**

### ଭୟ କମିବା ପରେ ବେପାର ବଢ଼ିବ



ଲକ୍‌ଡାଉନ୍ ଯୋଗୁ ଟେଲରିଂ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ଥିଲା। ଏଠାରେ କାମ କରୁଥିବା ଅନ୍ୟ କାରିଗରମାନେ ଜୀବିକା ହରାଇଥିଲେ। କାମ ନ ଥିବାରୁ ସେମାନଙ୍କୁ ଦରମା ଦେବା ଅସମ୍ଭବ ହୋଇପଡ଼ିଥିଲା। ଦୁଇମାସ ହେଲା ସେମାନେ ବଡ କଷ୍ଟକର ପରିସ୍ଥିତି ଦେଇ ଗତି କରିଛନ୍ତି। ଲକ୍‌ଡାଉନ୍ ନିୟମ କୋହଳ ହେବାରୁ ଜୀବନଯାତ୍ରା ସ୍ୱାଭାବିକ ହେଉଛି। ତଥାପି ଲୋକଙ୍କ ଭିତରେ ଭୟ ରହୁଛି। ଏହା କମିବା ପରେ ବେପାର ବଢ଼ିବ। ସାମାଜିକ ଦୂରତ୍ୱ ନିୟମ ମାନି ଗ୍ରାହକମାନେ ଦୋକାନକୁ ଆସିଲେ କାରିଗରମାନେ ଦି ପଇସା ପାଇପାରିବେ।

**– ଧୀରେନ୍ଦ୍ର ସାହୁ, ଟେଲର ମାଲିକ**

### ଲୋକଙ୍କ ନିକଟତର ହେବାକୁ ସମୟ ଲାଗିବ



ବିୟୁଟିପାର୍ଲର ଶିଳ୍ପ ମୁଖ୍ୟତଃ ମହିଳା, ଯୁବତୀଙ୍କ ଉପରେ ନିର୍ଭରଶୀଳ। ତେବେ ବିବାହ ଋତୁ ସମୟରେ ଲକ୍‌ଡାଉନ୍ ହୋଇଥିଲା। ଏ ଭିତରେ ଉତ୍ସବ, ପର୍ବପର୍ବାଣି ଚାଲିଯାଇଛି। ଏହି କାରଣରୁ ବିୟୁଟିସିଆନ୍‌ମାନେ ଅନେକ କ୍ଷତି ସହିଛନ୍ତି। କେବଳ ବିୟୁଟିସିଆନ୍ ନୁହନ୍ତି, ତାଙ୍କ ସହ କାମ କରୁଥିବା ସହଯୋଗୀମାନେ ମଧ ରୋଜଗାର ହରାଇଥିଲେ। କଟକଣା କୋହଳ ପରେ ଏବେ ଦୋକାନ ଖୋଲିଥିଲେ ମଧ ଭୟରେ ମହିଳାମାନେ ଆସୁନାହାନ୍ତି। ହଠାତ୍ ବେପାର ବନ୍ଦ ହୋଇଯିବା ଯୋଗୁ ଲୋକସମ୍ପର୍କ ମଧ କମିଯାଇଛି। ଲୋକଙ୍କ ନିକଟତର ହେବାକୁ ସମୟ ଲାଗିବ ।

**– ତୃପ୍ତିମୟୀ ସାହୁ, ବିୟୁଟିସିଆନ**

# ଆଉ ଜଣେ ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ, ୩୧।୫**

ଢେଙ୍କାନାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି। ହିନ୍ଦୋଳ ବ୍ଲକ ଖଣ୍ଡତିର ସଙ୍ଗରୋଧ କେନ୍ଦ୍ରର ଥିବା ଜଣେ ପ୍ରବାସୀଙ୍କ ନିକଟରୁ କରୋନା ଭୂତାଣୁ ଠାବ କରାଯାଇଛି। ସେ ମହାରାଷ୍ଟ୍ରର ଏକ ହୋଟେଲରେ କାମ କରୁଥିବାବେଳେ ୨୦ ତାରିଖରେ ବସ୍‌ରେ ଆସି ସଙ୍ଗରୋଧରେ ଥିଲେ। କରୋନା ଲକ୍ଷଣ ଦେଖାଦେବା ପରେ ଗତ ୨୭ ତାରିଖରେ ତାଙ୍କର ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ପଠାଯାଇଥିଲା। ଶନିବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଏହାପରେ ଉକ୍ତ ସଙ୍ଗରୋଧ କେନ୍ଦ୍ରକୁ ବିଶୋଧନ କରାଯାଇଛି। ଏହାକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଚିହ୍ନଟ ବ୍ୟକ୍ତି ଜଣକ ମହାରାଷ୍ଟ୍ରରୁ ଆସି ସଙ୍ଗରୋଧ କେନ୍ଦ୍ରରେ ରହୁଥିବାରୁ ଗୋଷ୍ଠୀ ସଂକ୍ରମଣର ଆଶଙ୍କା ନ ଥିବା ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି ।

# ଦୂର ହେଉନି ରୀନାଙ୍କ ଦୁଃଖ

**ଆଠମଲ୍ଲିକ, ୩୧।୫(ଡି.ଏନ.ଏ.)**


ଭିନ୍ନକ୍ଷମ ରୀନା ଲୋଇ।

- ପ୍ରଶାସନ ଦେଇଛି ଭିନ୍ନକ୍ଷମ ପ୍ରମାଣପତ୍ର
- ବାରମ୍ବାର ଆବେଦନ ସତ୍ତ୍ୱେ ମିଳୁନି ଭତ୍ତା
- ସରପଞ୍ଚ କହିଲେ ଜାଣି ନ ଥିଲି, ଧ୍ୟାନ ଦେବି

ଭିନ୍ନକ୍ଷମ ବୋଲି ଚିହ୍ନଟ କରିଛି ପ୍ରଶାସନ। ପ୍ରମାଣପତ୍ର ମଧ ଦେଇଛି ତାଙ୍କୁ। ହେଲେ ସେ କେମିତି ସରକାରୀ ଯୋଜନାରେ ସାମିଲ ହୋଇ ଉପକୃତ ହେବେ ସେ ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବାରମ୍ବାର ବ୍ଲକକୁ ଦୌଡ଼ି ନିଜ ଦୁଃଖ ଜଣାଉଥିଲେ ବି କର୍ତ୍ତୃପକ୍ଷ ସରକାରଙ୍କ ଭତ୍ତା ଯୋଜନାରେ ତାଙ୍କୁ ସାମିଲ କରୁନାହାନ୍ତି। ଫଳରେ ପେଟ ପାଇଁ ଦାନା ଯୋଗାଡ଼ କରିପାରୁନାହାନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପୁରୁଣାମାଣିତ୍ରୀ ଗ୍ରାମର ରୀନା ଲୋଇ(୨୪)। ପ୍ରଶାସନ କେବେ ତାଙ୍କ ଦୁଃଖ ଦୂର କରିବା ତାହାକୁ ଅପେକ୍ଷା କରିଛନ୍ତି ରୀନା।

ପୁରୁଣାମାଣିତ୍ରୀ ଗ୍ରାମ ଜାଗେଶ୍ୱର ଲୋଇଙ୍କ ଝିଅ ରୀନା ଜନ୍ମରୁ ଭିନ୍ନକ୍ଷମ। ରୀନାଙ୍କ କହିବା ମୁତାବକ, ହାତ ଗୋଡ଼ ଦୁର୍ବଳ ଯୋଗୁ ସେ ଚଲାବୁଲା କରିପାରୁନାହାନ୍ତି। ଏଥିପାଇଁ ତାଙ୍କ ବିବାହ ମଧ ହୋଇପାରିନାହିଁ। ପ୍ରଶାସନ ପକ୍ଷରୁ ତାଙ୍କୁ ଭିନ୍ନକ୍ଷମ ବୋଲି ଚିହ୍ନଟ କରାଯାଇ ପ୍ରମାଣପତ୍ର ଦିଆଯାଇଛି। ସେଥିରେ ତାଙ୍କ ଶରୀର ୭୦ ଭାଗ ଅଚଳ ଥିବା ଦର୍ଶାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କୁ ଭିନ୍ନକ୍ଷମ ଭତ୍ତାଟିଏ ପ୍ରଦାନ କରାଯାଇନାହିଁ। ୨ ବର୍ଷ ହେବ ଭତ୍ତା ଯୋଜନାରେ ତାଙ୍କୁ ସାମିଲ କରିବାକୁ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ନିୟମ ଅନୁଯାୟୀ ଆବେଦନ କରୁଛନ୍ତି। ହେଲେ କେହି ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ସହୃଦୟ ହୋଇ ଏ ଦିଗରେ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ପୁରୁଣାମାଣିତ୍ରୀ ସରପଞ୍ଚ ବୀରେନ୍ଦ୍ର ବଡମାଳି କହିଛନ୍ତି, ଏବେ ରୀନାଙ୍କ ଅଭିଯୋଗ ଦୃଷ୍ଟିକୁ ଆସିଛି। ପୂର୍ବରୁ କେହି ଯୋଗାଯୋଗ କରି ନ ଥିଲେ। ଖୁବ୍‌ଶୀଘ୍ର ରୀନାଙ୍କୁ ଭତ୍ତା ପ୍ରଦାନ ଦିଗରେ ଧ୍ୟାନ ଦିଆଯିବ।



ରଥଯାତ୍ରା ପାଇଁ ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ରଠାରେ କାରିଗରମାନେ ରଥ ନିର୍ମାଣ କାମ କରୁଛନ୍ତି। (ଫଟୋ- ବୁବୁ)

# ୨୬୦୬.୯୬ କୋଟି ଋଣ ଯୋଗାଣ ଲକ୍ଷ୍ୟ

**ଅନୁଗୋଳ ଅଫିସ, ୩୧।୫**



ବୈଠକରେ ବାର୍ଷିକ ଋଣ ଯୋଜନା ପୁସ୍ତିକା ଉନ୍ମୋଚନ କରାଯାଉଛି।

## ବ୍ୟାଙ୍କସମୂହର ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ

ଅନୁଗୋଳ ଜିଲାର ବ୍ୟାଙ୍କଗୁଡ଼ିକର ଏକ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବର୍ଗର ଲୋକଙ୍କୁ ଋଣ ଯୋଗାଣ ଉପରେ ଆଲୋଚନା କରାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ଜିଲାରେ କୃଷି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଗୃହ, ଶିକ୍ଷା ଆଦି ବିଭିନ୍ନ କ୍ଷେତ୍ର ପାଇଁ ସର୍ବମୋଟ ୨୬୦୬.୯୬ କୋଟିର ଋଣ ଯୋଗାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଜଣାପଡିଛି।

ଲକ୍‌ଡାଉନ ପରେ ଘରକୁ ଫେରିଥିବା ଶ୍ରମିକମାନେ ଚାଷ କିମ୍ବା ବ୍ୟବସାୟ କରିବାକୁ ଚାହିଁଲେ ସେମାନଙ୍କୁ ବ୍ୟାଙ୍କ ଋଣ ଯୋଗାଇଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଜିଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରିବା ଉପରେ ମଧ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ଚାଷୀ ଯେଭଳି ଫସଲ ବୀମାର ଫାଇଦା ଉଠାଇ ପାରିବେ ସେ ନେଇ ମଧ ଆଲୋଚନା ହୋଇଥିଲା। ଦୁର୍ବଳ ଅର୍ଥନୀତି ସଜାଡିବାକୁ ଗୁରୁଦାୟିତ୍ୱ ଭାବେ ନେଇ କାର୍ଯ୍ୟ ସମ୍ପାଦନ କରିବାକୁ ବ୍ୟାଙ୍କ ସମୂହକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ୨୦୨୦-୨୧ ଆର୍ଥିକ ବର୍ଷ ଋଣ ଯୋଜନା ପୁସ୍ତିକାକୁ ଜିଲାପାଳ ଉନ୍ମୋଚନ କରିଥିଲେ। ଏହି ଯୋଜନା ଅନୁଯାୟୀ କୃଷି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ର, ଗୃହ, ଶିକ୍ଷା ଆଦି କ୍ଷେତ୍ର ପାଇଁ ୨୬୦୬.୯୬ କୋଟିର ଋଣ ଯୋଗାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉକ୍ତ ବୈଠକରେ ଓଡିଏମ୍, ନାବାର୍ଡ, ଆର୍‌ସିଟିର ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ଆର୍‌ସିଟିର ସମ୍ପାଦକ ନିହାର ଭୂଷଣ ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅଗ୍ରଣୀ ଜିଲା ପ୍ରବନ୍ଧକ ମହେଶ୍ୱର ଗୌଡ଼ଙ୍କ ନେତୃତ୍ୱରେ ସମସ୍ତ ବ୍ୟାଙ୍କ ଓ ଜିଲାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୃଥକ୍ ମାମଲା, ଗିରଫ ୨ କୋର୍ଟଚାଲାଣ

**କଣିହାଁ, ୩୧।୫(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ ପୋଲିସ ୨ଟି ପୃଥକ୍ ମାମଲାରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ସରୋଜ କୁମାର ସାମଲ କହିଛନ୍ତି, ଶନିବାର ରାତିରେ ପାଟ୍ରୋଲିଂ ସମୟରେ ପୋଡାଗଡ ଗ୍ରାମର ଧରଣୀ ବେହେରା ମଦ ବିକ୍ରି କରୁଥିବାବେଳେ ଧରା ପଡିଥିଲେ। ତାଙ୍କଠାରୁ ମଦ ଜବତ ସହ ନଂ. ୬୭/୨୦ରେ ମାମଲା ରୁଜୁ କରାଯାଇଛି। ସେହିପରି ଘରୋଇ କଳହକୁ କେନ୍ଦ୍ର କରି ବଜ୍ରକୋଟ ଗ୍ରାମର ଆର୍ତ୍ତ ବେହେରା ଭାଇ ରବୀନ୍ଦ୍ରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ନଂ.୬୬/୨୦ରେ ମାମଲା ରୁଜୁ ସହ ଆର୍ତ୍ତଙ୍କୁ ଗିରଫ କରାଯାଇଛି।

## କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କଲେ ବିଧାୟକ, ଜିଲାପାଳ

ଜୟପୁର, (ନି.ପ୍ର.)-ଜୟପୁର ପୌର କାର୍ଯ୍ୟାଳୟ ପରିସରରେ କରୋନା ସହ ଲଢ଼େଇ ଜାରି ରଖିଥିବା କୋଭିଡ୍ ଯୋଦ୍ଧାଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଛନ୍ତି ବିଧାୟକ ଓ ଜିଲାପାଳ। ସ୍ୱଚ୍ଛସାଥୀ, ପୌର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ରବିବାର ସମ୍ମାନିତ କରାଯାଇଛି। ସେହିପରି ଲକ୍‌ଡାଉନ ଜାରି ହେବାଠାରୁ ଏହାକୁ ଠିକ୍ ଭାବେ ପରିଚାଳନା କରିଥିବାରୁ ବିଧାୟକ ତାରାପ୍ରସାଦ ବାହିନୀପତି ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ସମ୍ମାନିତ କରିଛନ୍ତି। ଏହି ଅବସରରେ ମଧ ପିଡି ପ୍ରବୀର କୁମାର ନାୟକ, ଉପଜିଲାପାଳ ଲୋକନାଥ ଦଳବେହେରା, ପୌର ନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟ, ଏସ୍‌ଡିପିଓ ପୀତବାସ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା।

### ସଂକ୍ଷେପରେ

## ମାଲକାନଗିରିରେ ପୁଣି ଚିହ୍ନଟ ହେଲେ ଜଣେ କରୋନା ଆକ୍ରାନ୍ତ

ମାଲକାନଗିରି,୩୧।୫(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ପୁଣି ଜଣେ କରୋନା ରୋଗୀ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ପୂର୍ବରୁ ୧୯ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ରବିବାର ଚିହ୍ନଟ ରୋଗୀଙ୍କୁ ମିଶାଇ ସଂଖ୍ୟା ୨୦ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୩୨୬୭ ରକ୍ତ ନମୁନା ସଂଗ୍ରହ ହୋଇ ପରୀକ୍ଷା ପାଇଁ ଯାଇଥିଲା। ସେଥିରୁ ୩୨୧୩ ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସଛି। ସେଥିରେ ୨୦ ଜଣଙ୍କ ପଜିଟିଭ୍ ରହିଛି। ଅନ୍ୟମାନଙ୍କ ନମୁନା ଏଯାଏ ୧୩ ଜଣ ମହିଳା ୬ ଏବଂ ଜଣେ ଛୋଟ ଶିଶୁ ରହିଛନ୍ତି। ରବିବାର ଚିହ୍ନଟ ହୋଇଥିବା ରୋଗୀ ଏମ୍‌ଭି- ୭୨ ସଙ୍ଗରୋଧ କେନ୍ଦ୍ରର ବୋଲି ଜଣାପଡିଛି। ସେ ତାମିଲନାଡୁରୁ ଫେରି ଏହି କେନ୍ଦ୍ରରେ ଥିଲେ ବୋଲି ପ୍ରଶାସନ ସୂଚନା ଦେଇଛି।

## ଆହାର କେନ୍ଦ୍ର ପାଇଁ ନୂଆ ଘର



ଜୟପୁର,୩୧।୫ (ଡି.ଏନ୍.ଏ. )- କୋରାପୁଟ ଜିଲା ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରର ଏକ ଗୃହରେ ଆହାର କେନ୍ଦ୍ର ଚାଲିଥିଲା। ଏବେ ଏହି କେନ୍ଦ୍ର ପାଇଁ ଶୀତତାପ ନିୟନ୍ତ୍ରିତ ଗୃହ ନିର୍ମାଣ ପରେ ରବିବାର ଏହା ଉଦ୍‌ଘାଟିତ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ର ଏବଂ ବିଧାୟକ ତାରାପ୍ରସାଦ ବାହିନୀପତି ମିଳିତ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ସୋମବାରଠାରୁ ଏଠାରେ ରୋଗୀଙ୍କ ସହାୟକ ଏବଂ ଗରିବ ଲୋକେ ଆହାର ପାଇବେ। ସିଡିଏମ୍‌ଓ ଡା. ମକରନ୍ଦ ବେଉରା, ଚିକିତ୍ସାଳୟ ଅଧୀକ୍ଷକ ଡା. ରାମଚନ୍ଦ୍ର ମହାନ୍ତି, ପିଡି ପବିତ୍ର ନାୟକ, ନିର୍ବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଏଠାରେ ପ୍ରତ୍ୟହ ୨୫୦ରୁ ୩୦୦ ଜଣଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥାଏ।

## ବଜ୍ରପାତରେ ୫ ମଇଁଷି ମୃତ

ଦାମନଯୋଡି,୩୧।୫(ଡି.ଏନ.ଏ.)- କୋରାପୁଟ ଜିଲା ଦାମନଯୋଡି ନିକଟସ୍ଥ ଅଲାଁବାଡି କଲୋନୀର ସାପୁରା ସାଉଁତାଙ୍କ ୫ଟି ମଇଁଷିଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ରବିବାର ସାପୁରା ମଇଁଷିଙ୍କୁ କଲୋନୀ ପାଖରେ ଥିବା ଏକ ପଣସ ଗଛ ମୂଳେ ବାନ୍ଧିଥିଲେ। ଅପରାହ୍ନରେ ଘଡଘଡି ସହ ବର୍ଷା ହୋଇଥିଲା। ବ୍ରଜପାତ ହେବାରୁ ୫ଟିଯାକ ମଇଁଷିଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ସାପୁରା ଭାଙ୍ଗି ପଡିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## କଟକଣା ମଧ୍ୟରେ ପାଳନ ହେବ ରଥଯାତ୍ରା

ଗୁଣପୁର,୩୧।୫(ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଣପୁରଠାରେ ଶାନ୍ତିଶୃଙ୍ଖଳାର ସହ ସ୍ନାନଯାତ୍ରା ଓ ରଥଯାତ୍ରା ଉତ୍ସବ ପାଳନ ନେଇ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। କରୋନା ଗାଇଡ୍‌ଲାଇନ ଅନୁଯାୟୀ, ଅଳ୍ପ ସଂଖ୍ୟକ ସେବାୟତଙ୍କୁ ନେଇ ମହାପ୍ରଭୁଙ୍କ ଉତ୍ସବ ପାଳନ କରିବା ପାଇଁ ଏଠାରେ ଆଲୋଚନା ହୋଇଥିଲା। ବୈଠକରେ ତହସିଲଦାର ଲକ୍ଷ୍ମୀନାରାୟଣ ସାବତଙ୍କ ସମେତ ଅନ୍ୟ ସେବାୟତମାନେ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଅନ୍ୟପକ୍ଷରେ ବଡ଼ଦାଣ୍ଡରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପୁରୀ ଭଳି ଏଠାରେ ମଧ କଟକଣା ମଧ୍ୟରେ ଯାତ୍ରା ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ୨୯ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାତ୍ରା ପାଳନ ପାଇଁ ସ୍ଥିର ହୋଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ରଥଯାତ୍ରାର ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ବିଶ୍ୱ ତମାଖୁ ବର୍ଜନ ଦିବସ

ରାୟଗଡ଼ା ଅଫିସ,୩୧।୫: ରାୟଗଡ଼ା ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରବିବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ତମାଖୁ ବ୍ୟବହାର ଦ୍ୱାରା ଫୁସ୍‌ଫୁସ ସମେତ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ଉପରେ ମଧ କୁପ୍ରଭାବ ପଡ଼ିଥାଏ। ଏହାଦ୍ୱାରା କରୋନା ଭୂତାଣୁ ସଂକ୍ରମଣ ଆଶଙ୍କା ବଢ଼ିଥାଏ। ତେଣୁ ଏଥିରୁ ଦୂରେଇ ରହିବା ପାଇଁ ରଥ ସହରର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରିବ।

# ୩ ମାସରେ ଅଜଣା ରୋଗ ନେଲାଣି ୧୭ ଜୀବନ

ମାଲକାନଗିରି,୩୧।୫(ଡି.ଏନ୍.ଏ.)

- ରୋଗୀଙ୍କ ପାଦରୁ ଆଣ୍ଠୁ ପର୍ଯ୍ୟନ୍ତ ଫୁଲିଯାଏ
- ଚିକିତ୍ସା କଲେ ଭଲ ହେଉଛନ୍ତି ରୋଗୀ
- ଗ୍ରାମକୁ ଯାଇ ଅନୁଧାନ କରିବ ଡାକ୍ତରୀ ଦଳ

ଅଜଣା ରୋଗରେ ମାଲକାନଗିରି ଜିଲାରେ ଗୋଟିଏ ଗ୍ରାମରେ ୩ ମାସ ମଧ୍ୟରେ ୧୭ଜଣଙ୍କ ମୃତ୍ୟୁ ହୋଇଛି। ଜିଲା ସଦର ବ୍ଲକ୍ ପେଡ଼ାକୋଣ୍ଡା ପଞ୍ଚାୟତ କେନ୍ଦୁଗୁଡ଼ା ଗ୍ରାମରେ ଫେବୃୟାରୀ ୨୫ରୁ ଏପର୍ଯ୍ୟନ୍ତ ଏତେ ସଂଖ୍ୟକ ଲୋକ ପ୍ରାଣ ହରାଇବା ଆଲୋଚନାର ବିଷୟ ହୋଇଛି। ପ୍ରଥମେ ରୋଗୀମାନଙ୍କ ପାଦଠାରୁ ଆଣ୍ଠୁ ପର୍ଯ୍ୟନ୍ତ ଫୁଲିଯାଏ। ପରେ ଜ୍ୱର ହୋଇଥାଏ । ଜ୍ୱର ହେବାର ୩/୪ ଦିନ ମଧ୍ୟରେ ରୋଗୀଙ୍କ ମୃତ୍ୟୁ ଘଟିଥାଏ। ଗତ ମାର୍ଚ୍ଚରେ ଗ୍ରାମର ୭ଜଣଙ୍କ ମୃତ୍ୟୁ ହୋଇଥିଲା। ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା। ସେ ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ଡାକ୍ତରୀ ଦଳ ଗ୍ରାମକୁ ଯାଇ ପରୀକ୍ଷା ନିରୀକ୍ଷା କରି ଆକ୍ରାନ୍ତ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରିଥିଲେ। ଚିକିତ୍ସାଧୀନ ରୋଗୀମାନେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ମାତ୍ର କିଛିଦିନ ପରେ ପୁଣି ଏହି ରୋଗ ଦେଖାଦେଇଥିଲା। ଫଳରେ ଲକ୍‌ଡାଉନ ସମୟରେ ଏପ୍ରିଲରେ ଆଉ ୭ଜଣଙ୍କ ମୃତ୍ୟୁ ହୋଇଥିଲା। ମେ ୨୦ରୁ ଏଯାଏ ସମାରୁ କବାସୀ, ଉଙ୍ଗା ମାଡକାମି, ଆଇତା ମୁସାକି ପ୍ରମୁଖ ୩ ଜଣଙ୍କ ଏହି ରୋଗରେ ମୃତ୍ୟୁ ହୋଇଛି। ଏବେ ମଧ ଗ୍ରାମରେ ଅନେକ ବ୍ୟକ୍ତି ଏହି ରୋଗରେ ପୀଡ଼ିତ ଥିବା ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମିଙ୍କ ସହ ଗ୍ରାମବାସୀ କହିଛନ୍ତି। ଏ ନେଇ ପଡିଆମି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅନିଲ କୁମାର ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏକ ଡାକ୍ତରୀ ଦଳ ସେହି ଗ୍ରାମକୁ ଯାଇ ପୁଣି ଥରେ ଏହି ରୋଗ ସମ୍ପର୍କରେ ଅନୁଧାନ କରିବେ ବୋଲି ପାଢ଼ୀ କହିଛନ୍ତି। ତେବେ କେଉଁ କାରଣରୁ କେବଳ ଏହି ଗୋଟିଏ ଗ୍ରାମରେ ଏପରି ରୋଗ ହୋଇ ଲୋକଙ୍କ ମୃତ୍ୟୁ ଘଟୁଛି ଏହାର ସବିଶେଷ ଅନୁଧାନ କରାଯିବା ନେଇ ମତ ପ୍ରକାଶ ପାଉଛି।

## ଗ୍ରାମବାସୀଙ୍କୁ ସଚେତନ କଲେ ସରପଞ୍ଚ

ରାୟଗଡ଼ା ଅଫିସ,୩୧।୫:

### ଅଜଣା ଜ୍ୱର

ରାୟଗଡ଼ା ଜିଲା ହାଲୁଆ ପଞ୍ଚାୟତ ଅଧୀନ ବାରିଖୋଲା ଗ୍ରାମରେ ୩ ସପ୍ତାହ ହେଲା ଦେଖାଦେଇଥିବା ଅଜଣା ଜ୍ୱର ନେଇ ଭୟଭୀତ ନ ହେବାକୁ ପ୍ରଶାସନ ପରାମର୍ଶ ଦେଇଛି। ଏନେଇ ପଞ୍ଚାୟତର ଗ୍ରାମଗୁଡ଼ିକରେ ସରପଞ୍ଚ ସରସ୍ୱତୀ ବିଡିକା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଗ୍ରାମରେ ବ୍ଲିଚିଂ ପକାଯାଇଛି। ପରିବେଶକୁ ସଫା ରଖିବା ନେଇ ସେ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଥମେ ଜ୍ୱର ହେବା ପରେ ଆଣ୍ଠୁଗଣ୍ଠି ବ୍ୟଥା ହେଉଛି। ଇତିମଧ୍ୟରେ ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଜ୍ୱର ପାଇଁ ଔଷଧ ଖାଇଲେ କମିଯାଉଛି ମାତ୍ର ଶରୀର ପୀଡ଼ା କମୁନି। ଏ ସମ୍ପର୍କରେ ଜାଣିବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି। ଚିକୁନଗୁନିଆ ସନ୍ଦେହରେ ୧୫ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ କଟକ ପଠାଯାଇଛି। ଉଲ୍ଲେଖଯୋଗ୍ୟ, ଗ୍ରାମରେ ପାଣି ଜମି ରହିବା ସହ ପରିମଳ ବ୍ୟବସ୍ଥା ଠିକ୍ ନ ଥିବା ଯୋଗୁ ଏପରି ହୋଇଥିବା ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ବି.ଏଲ.ଏନ୍. ପୃଷ୍ଟି କହିଛନ୍ତି। ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକଙ୍କୁ ପଚାରିବାରୁ ସେ ମଧ ପରିମଳ ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ତେବେ ପରୀକ୍ଷା ପାଇଁ ଯାଇଥିବା ନମୁନା ସୋମବାର ଆସିପାରେ ବୋଲି ସେ ସୂଚନା ଦେଇଛନ୍ତି।

## କ୍ୱାରାଣ୍ଟାଇନ୍‌ରେ ନିମ୍ନମାନର ଖାଦ୍ୟ ପ୍ରଦାନ ଅଭିଯୋଗ

ବୈପାରିଗୁଡା,୩୧।୫ (ଡି.ଏନ୍.ଏ.)

### ଖାଇ ନ ପାରି ଫୋପାଡିଲେ ଲୋକେ



କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡି ପଞ୍ଚାୟତର କ୍ୱାରାଣ୍ଟାଇନ ସେଣ୍ଟରରେ ନିମ୍ନମାନର ଖାଦ୍ୟ ପ୍ରଦାନ ନେଇ ଅନ୍ତେବାସୀ ଅଭିଯୋଗ କରଛନ୍ତି। ଶନିବାର ଦରସିଜା ଭାତ ଓ ଟମାଟୋ ଚାରୁ ଖାଇବାକୁ ଦେବାରୁ ଏହା ଖାଇ ନ ପାରି ଅସନ୍ତୁଷ୍ଟ ହୋଇ ଲୋକେ ଫୋପାଡି ଦେଇଥିଲେ । ତେବେ ଏ ସମ୍ପର୍କରେ ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି। ଖାଦ୍ୟ ମେନୁ ଅନୁସାରେ ପ୍ରସ୍ତୁତ ହୋଇଥିଲା। ଲୋକେ ବଳକା ଖାଦ୍ୟକୁ ଫିଙ୍ଗିଥିବା ସମ୍ପୃକ୍ତ ପଞ୍ଚାୟତର ଅଙ୍ଗନୱାଡି ସୁପରଭାଇଜର ରିପୋର୍ଟ ଦେଇଛନ୍ତି ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ସରପଞ୍ଚ କମଳି ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ବାହାରେ ରୋଷେଇ କରାଯାଉଥିବା ବେଳେ ବର୍ଷା ଯୋଗୁ ଚୁଲି ଲିଭିଯିବାରୁ ଭାତ ଶିଝି ନ ଥିଲା। ଭାତ ସହ ଟମାଟୋ ଚାରୁ ଓ ଘାଣ୍ଟ ତରକାରି ଅନ୍ତେବାସୀଙ୍କୁ ପ୍ରଦାନ କରାଯାଇଥିଲା। ଦରସିଜା ଭାତ ଲୋକେ ଫିଙ୍ଗିଥିବା ସରପଞ୍ଚ କହିଥିଲେ । ତେବେ ଘଟଣାସ୍ଥଳକୁ ତଦନ୍ତ କରିବାକୁ କୌଣସି ସୁପରଭାଇଜର ଆସି ନ ଥିବା ସେ କହିଛନ୍ତି। ଦଣ୍ଡାବାଡିର ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ୧୭୦ ଜଣଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେଉଛି। ତେବେ ବିଡିଓ ଓ ସରପଞ୍ଚଙ୍କ ମତରେ ମେଳ ନ ରହିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

# ଗଜପତିରେ ପୁଣି ୧୬ କରୋନା ପଜିଟିଭ

ପାରଳାଖେମୁଣ୍ଡି, ୩୧।୫ (ସ୍ୱ.ପ୍ର.)

### ଆକ୍ରାନ୍ତଙ୍କ ସଂଖ୍ୟା ୩୬ରେ ପହଞ୍ଚିଲା

ଗଜପତି ଜିଲାରେ ପୁଣି ୧୬ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ସେମାନଙ୍କୁ ଆର୍.ସୀତାପୁରଠାରେ ଥିବା କୋଭିଡ୍ ହସ୍ପିଟାଲରେ ରବିବାର ଭର୍ତ୍ତି କରାଯାଇଛି। ଗଜପତି ଜିଲାପାଳ ଅନୁପମ ଶାହା ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଏହା ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଗଜପତିରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୬ରେ ପହଞ୍ଚିଛି। ଯେଉଁ ୧୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି ସେମାନେ ଗତ ୧୮ ଓ ୧୯ତାରିଖରେ ମହାରାଷ୍ଟ୍ରରୁ ଗଜପତି ଫେରିଥିଲେ । ସେମାନେ ଗଜପତି ଜିଲାର ପ୍ରବାସୀ । ସେମାନଙ୍କୁ ଏକ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା । ସେମାନଙ୍କଠାରୁ ସ୍ୱାବ୍ ସଂଗ୍ରହ କରାଯାଇଥିଲା । ୧୬ ଜଣଙ୍କ ପଜିଟିଭ୍ ରିପୋର୍ଟ ଆସିଥିଲା । ସେମାନଙ୍କ ମଧ୍ୟରେ ୨ ମହିଳା, ୧୩ ପୁରୁଷ ଓ ଜଣେ ୧୫ ବର୍ଷର ନାବାଳକ ଅଛନ୍ତି। ୨ ମହିଳାଙ୍କ ବୟସ ୨୦ ଓ ୨୫ ବର୍ଷ ହୋଇଥିବା ବେଳେ ପୁରୁଷଙ୍କ ବୟସ ୧୯ରୁ ୪୫ ବର୍ଷ ମଧ୍ୟରେ ରହିଛି । କୌଣସି ଲକ୍ଷଣ ପରିଲକ୍ଷିତ ନ ହେବାରୁ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରୁ ୨୮୦୦ଜଣଙ୍କୁ ସୁସ୍ଥ ଭାବେ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି ବୋଲି ଜିଲାପାଳ ସୂଚନା ଦେଇ ଛନ୍ତି। ବର୍ତ୍ତମାନ ସୁଦ୍ଧା ଗଜପତି ଜିଲାକୁ ବାହାର ରାଜ୍ୟରୁ ୮୫୯୯ ପ୍ରବାସୀ ଫେରିଛନ୍ତି । ଗଜପତି ଜିଲାରୁ ମୋଟ ୨୨୫୭ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି । ୧୯୨୪ ଜଣଙ୍କ ରିପୋର୍ଟରୁ ୩୬ଜଣ ପଜିଟିଭ ଥିବା ବେଳେ ଅନ୍ୟମାନେ ନେଗେଟିଭ୍ ଅଛନ୍ତି।

# ଅଟକ ଝିଅକୁ ଉଦ୍ଧାରକଲା କଂଗ୍ରେସ

ନବରଙ୍ଗପୁର,୩୧।୫(ବି.ପ୍ର.)

### ମା'ଙ୍କ ଚିକିତ୍ସା ପାଇଁ ଟଙ୍କା ଆଣିବା ଘଟଣା



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ ।

ମା'ନିଜ ଚିକିତ୍ସା ପାଇଁ ଟଙ୍କା ଆଣିଥିବାରୁ ସିକନ୍ଦରାବାଦର ଏକ ଇଟାଭାଟି ମାଲିକ ନିକଟରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମା କେନାଲସାହିର ସାଗରିକା ଅଟକ ଥିଲେ। ଜିଲା କଂଗ୍ରେସ ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇଛି। ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ନିଜ ଗାଡି ସହ ଚନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତିଙ୍କୁ ପଠାଇ ତାଙ୍କୁ ଉଦ୍ଧାରକରି ଆଣିଥିଲେ। ସାଗରିକା ନବରଙ୍ଗପୁରରେ ପହଞ୍ଚିବା ପରେ ଜିଲା କଂଗ୍ରେସ ପକ୍ଷରୁ ରବିବାର ଆହୂତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତିଯେ, ସାଗରିକାଙ୍କ ବାପାଙ୍କର ୩ବର୍ଷ ତଳେ ମୃତ୍ୟୁ ହୋଇଥିଲା। ଦୁଇ ଝିଅଙ୍କୁ ଧରି ମା' ଅନାଦି ଚୌହାନ ସିକନ୍ଦରାବାଦ ଯାଇ ସେଠାରେ ଏକ ଇଟାଭାଟିରେ କାମ କରୁଥିଲେ। ଅସୁସ୍ଥତା କାରଣରୁ ସେଠାରୁ ୬୦ହଜାର ଟଙ୍କା ଧାରକରି ବଡ଼ ଝିଅ ପ୍ରିୟଙ୍କା ସହ ଅନାଦି ଚନ୍ଦାହାଣ୍ଡିକୁ ଫେରିଥିଲେ । ଟଙ୍କା ଆଣିଥିବାରୁ ସାନଝିଅ ସାଗରିକା ସେଠାରେ ମାଲିକଙ୍କ ନିକଟରେ ଅଟକ ରହିଥିଲେ । ଚନ୍ଦାହାଣ୍ଡି ଆସିବା ପରେ ଗତ ୪ ତାରିଖରେ ଅନାଦିଙ୍କ ମୃତ୍ୟୁ ଘଟିଥିଲା । ତେବେ ଟଙ୍କା ଫେରିପାଇ ନ ଥିବାରୁ ଇଟାଭାଟି ମାଲିକ ସାଗରିକାଙ୍କୁ ଛାଡ଼ି ନ ଥିଲେ । ସାଗରିକାଙ୍କୁ ଉଦ୍ଧାରକରି ଆଣିବା ପାଇଁ ଜିଲା ପ୍ରଶାସନ ନିକଟରେ କଂଗ୍ରେସ ଓ ଭାଜପା ପକ୍ଷରୁ ଦାବି କରାଯାଇଥିଲା । ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ନ ଥିଲା। ଏହାକୁ ନେଇ ପ୍ରଶାସନକୁ ପ୍ରଦୀପ ତୀବ୍ର ନିନ୍ଦା କରିଛନ୍ତି। ସାଗରିକା ଓ ତାଙ୍କ ବଡ଼ ଭଉଣୀଙ୍କ ଭବିଷ୍ୟତ ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି । ସେହିପରି ପ୍ରବାସୀଙ୍କୁ ଫେରାଇ ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି। ରାଜ୍ୟ ସରକାର ଶ୍ରମିକମାନଙ୍କୁ ମାଗଣାରେ ଆଣିବା ପାଇଁ ବ୍ୟବସ୍ଥା କରନ୍ତୁ ବୋଲି ଦାବି କରିଛନ୍ତି। ନଚେତ୍ ଜିଲା ପ୍ରଶାସନକୁ ଅଚଳ କରାଯିବ ଏବଂ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟର ପ୍ରତ୍ୟେକ ମନ୍ତ୍ରୀ ବାହାର ରାଜ୍ୟକୁ ଯାଇ ଶ୍ରମିକଙ୍କୁ ଓଡ଼ିଶାକୁ ଆଣିବା ପାଇଁ ବ୍ୟବସ୍ଥା କରନ୍ତୁ ବୋଲି ପୂର୍ବତନ ବିଧାୟକ ଭୂଜବଳ ମାଝି ଦାବି କରିଛନ୍ତି। ମା', ବାପା ଛେଉଣ୍ଡ ଦୁଇ ଭଉଣୀର ଭରଣପୋଷଣ ଦାୟିତ୍ୱ ରାଜ୍ୟ ସରକାର ନିଅନ୍ତୁ ବୋଲି ପିସିସି ସମ୍ପାଦକ କ୍ଷମରାଜ ବାଘ ଦାବି କରିଥିଲେ । ରାଜ୍ୟ ସରକାରକୁ ଜିଲା ସଭାପତି ମୁନା ତ୍ରିପାଠୀ ତୀବ୍ର ସମାଲୋଚନା କରିଥିଲେ । ଦୁଇ ଭଉଣୀ ପ୍ରିୟଙ୍କା ଓ ସାଗରିକା ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ତାଙ୍କ ପରିବାରର ଦୁଃଖଦ ଘଟଣା କହିଥିଲେ। ନଗର ସଭାପତି ଉତ୍ତମ ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ଗଣେଶ୍ୱର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# କୋରାପୁଟ: ଘରୋଇ ବସ୍ କର୍ମଚାରୀଙ୍କ ବିକ୍ଷୋଭ

ଜୟପୁର ୩୧। ୫ (ନି.ପ୍ର.)



ବସ୍ କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

- ୩ ଦାବି ନେଇ ଦେଇଛନ୍ତି ଧାରଣା
- ନିଜ ସୁରକ୍ଷା ନେଇ ଉଠାଇଛନ୍ତି ପ୍ରଶ୍ନ
- ଦାବି ପୂରଣ ନ ହେଲେ ଗଡ଼ି ନ ପାରେ ବସ୍

ଲକ୍‌ଡାଉନ କୋହଳ କରାଯାଇ ୧ରୁ ବସ୍ ଚାଲିବା ନେଇ ସରକାର ନିଷ୍ପତ୍ତି ନେଇଥିଲେ । ମାତ୍ର କୋରାପୁଟ ଜିଲାରେ ଘରୋଇ ବସ୍ ଚାଲିବା ନେଇ ଅନିଶ୍ଚିତତା ଦେଖାଦେଇଛି । ଜିଲାର ସମସ୍ତ ଘରୋଇ ବସ୍ କର୍ମଚାରୀ ବିକ୍ଷୋଭ ପ୍ରଦର୍ଶନକରି ଜୟପୁର ପୁରୁଣା ବସ୍‌ଷ୍ଟାଣ୍ଡର ଟିକେଟ କାଉଣ୍ଟରଠାରେ ଧାରଣା ଦେଇଛନ୍ତି। ଲକ୍‌ଡାଉନ ଯୋଗୁ ଆମେ ବସ୍‌ରେ କାର୍ଯ୍ୟରତ କର୍ମଚାରୀ ପ୍ରଶାସନଠାରୁ କୌଣସି ସହାୟତା ପାଇନାହୁଁ। ସରକାର ମାଲିକମାନଙ୍କ ଦାବି ପୂରଣ କରି ବସ୍ ଚଳାଚଳ ନିର୍ଦ୍ଦେଶ ଦେଇଛନ୍ତି । ବସ୍ ଚାଲିଲେ ମାଲିକମାନେ ଟଙ୍କା ପାଇବେ, ସରକାର ଟ୍ୟାକ୍ସ ପାଇବେ, ଜନସାଧାରଣ ଉପକୃତ ହେବେ । ଏପରି ସ୍ଥିତିରେ କର୍ମଚାରୀମାନେ ନିଜ ସୁରକ୍ଷା ପାଇଁ ପ୍ରଶ୍ନ ଉଠାଇଛନ୍ତି। ବସ୍‌କୁ ସାନିଟାଇଜ୍ କରିବା, ଡ୍ୟୁଟିରେ ଥାଇ ଯଦି କୌଣସି ବସ୍ କର୍ମଚାରୀ କରୋନା ସଂକ୍ରମିତ ହୋଇ କ୍ୱାରାଣ୍ଟାଇନରେ ରହିଲେ ତାଙ୍କ ପରିବାରର ଭରଣପୋଷଣ ପାଇଁ ବସ୍ ମାଲିକ ମାସିକ ୩୦ ହଜାର ଟଙ୍କା ପରିବାରକୁ ଦେବା, କୌଣସି କର୍ମଚାରୀ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କଲେ ମାଲିକ ସଂଘ ତରଫରୁ ସମ୍ପୃକ୍ତ କର୍ମଚାରୀଙ୍କ ପରିବାରକୁ ୩୦ ଦିନ ମଧ୍ୟରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେବା, ସେମାନଙ୍କୁ ପ୍ରଶାସନ କରୋନା ଯୋଦ୍ଧା ମାନ୍ୟତା ଦେବାକୁ ଦାବିକରି ଜୟପୁରଠାରେ ଧାରଣାରେ ବସିଛନ୍ତି।

## ଟ୍ରେନ୍‌ରେ ତାମିଲନାଡୁରୁ ଫେରିଲେ ୧୭୩ ପ୍ରବାସୀ

ରାୟଗଡ଼ା ଅଫିସ,୩୧।୫:

ପ୍ରବାସୀ ଓଡ଼ିଆଙ୍କୁ ନେଇ ତାମିଲନାଡୁରୁ ବାହାରିଥିବା ଏକ ସ୍ୱତନ୍ତ୍ର ଟ୍ରେନ୍ ରବିବାର ସନ୍ଧ୍ୟାରେ ରାୟଗଡ଼ା ଷ୍ଟେଶନରେ ପହଞ୍ଚିଥିଲା। ଏଥିରୁ ମାଲକାନଗିରି ଜିଲାର ୫ ଶ୍ରମିକ, ନବରଙ୍ଗପୁର ୨୧, କୋରାପୁଟ ୪, କନ୍ଧମାଳ ୭୬ ଏବଂ ରାୟଗଡ଼ା ଜିଲାର ୩୨ ଶ୍ରମିକ ରାୟଗଡ଼ାଠାରେ ଓହ୍ଲାଇଥିଲେ। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା, ଏସ୍‌ପି ଶର୍ବଣା ବିବେକ ଏମ୍, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଷ୍ଟେଶନରେ ଉପସ୍ଥିତ ରହି ପ୍ରବାସୀ ଓଡ଼ିଆଙ୍କୁ ସ୍ୱାଗତ କରିଥିଲେ। ପରେ ଶ୍ରମିକମାନଙ୍କ ନାମ ପଞ୍ଜୀକରଣ ଓ ହାତରେ ଷ୍ଟାମ୍ପ ଲଗାଯାଇଥିଲା। ସେମାନଙ୍କୁ ଖାଦ୍ୟ ଦିଆଯିବା ପରେ ଉପସ୍ଥିତ ସମ୍ପୃକ୍ତ ଜିଲାର ଅଧିକାରୀଙ୍କ ସହ ନିଜ ଜିଲାକୁ ବସ୍ ଯୋଗେ ପଠାଯାଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

## ନିୟମଗିରି ପାଦଦେଶରେ ହାତୀପଲ

ମୁନିଗୁଡ଼ା,୩୧।୫(ଡି.ଏନ୍.ଏ.):



ହାତୀପଲ ନଷ୍ଟ କରିଥିବା ଫସଲ ।

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅଧୀନ ନିୟମଗିରି ପାଦଦେଶରେ ଏକ ହାତୀପଲ ବୁଲୁଥିବା ସୂଚନା ମିଳିଛି। ଏଥିରେ ଏକ ଦନ୍ତାହାତୀ, ୪ ମାଇହାତୀ ସମେତ ଏକ ଛୁଆ ହାତୀ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। କଲ୍ୟାଣସିଂପୁର ଅଞ୍ଚଳରୁ ଆସିଥିବା ଏହି ହାତୀପଲ ୩ ଦିନ ହେଲା ବ୍ଲକ୍‌ର ଶିବପଦର ପଞ୍ଚାୟତ ଅଧୀନ ଖମ୍ବେସୀ, ସେରକାପାଡ଼ି, ଗ୍ରାମଦେଇ, ପାତ୍ରଗୁଡ଼ା ପଞ୍ଚାୟତର ବୋରିଗୁଡ଼ା ଏବଂ ମୁନିଖୋଲ ପଞ୍ଚାୟତର କୁନାମଣ୍ଡଳୀ, ଶକଟା ଆଦି ଗ୍ରାମ ନିକଟରେ ବୁଲୁଛନ୍ତି। ଫସଲ ଉପରେ ନଜର ରଖିବା ପାଇଁ ଶକଟାଠାରେ ନିର୍ମାଣାଧୀନ ଏକ ଅସ୍ଥାୟୀ କୁଡ଼ିଆ ଘରକୁ ହାତୀମାନେ ଭାଙ୍ଗିଦେଇଥିବାବେଳେ ବୋରିଗୁଡ଼ା ଗାଁରେ ଜଣେ ଚାଷୀଙ୍କ ଖଳାରୁ ପ୍ରାୟ ୨୫ ଡେସିମିଲ ଜମିର ଧାନ ଖାଇ ଦେଇଥିବା ଅଭିଯୋଗ ହୋଇଛି। ସେହିପରି ରାଜୁଲୁଗୁଡ଼ା ଗ୍ରାମର ହରିବନ୍ଧୁ କାଡ୍ରାକାଙ୍କ ସପୁରି ବଗିଚା ଏବଂ ଏକ କୁଡ଼ିଆ ମଧ ନଷ୍ଟ କରିଥିବା ଜଣାପଡ଼ିଛି। ଏ ନେଇ ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର କହିଛନ୍ତି, କ୍ଷୟକ୍ଷତି ବହୁତ କମ୍। ତେବେ ଏହାର ଆକଳନ କରାଯାଇ କ୍ଷତିପୂରଣ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଦିନେ ଦୁଇଦିନ ମଧ୍ୟରେ ହାତୀପଲ ପୂର୍ବସ୍ଥାନକୁ ଫେରିଯିବା ସମ୍ଭାବନା ରହିଛି ବୋଲି ମଧ କହିଛନ୍ତି। ଅନ୍ୟପକ୍ଷରେ ବନପାଳ ହରିଶ୍ଚନ୍ଦ୍ର ମାର୍ଥା ହାତୀପଲ ଉପରେ ନଜର ରଖାଯାଇଥିବା କହିଛନ୍ତି। ସେହିପରି ଗ୍ରାମବାସୀ ହାତୀମାନଙ୍କୁ ନ ଚିଡ଼ାଇ ବିଭାଗର ସହାୟତା ନେବାକୁ କହିଛନ୍ତି ।

## ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସନ୍ତାନ ଜନ୍ମ ଦେଲେ ମହିଳା

ଚିତ୍ରକୋଣ୍ଡା,୩୧।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଗୁଣ୍ଠାୱାର୍ଡରେ ଖୋଲିଥିବା କରୋନା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜଣେ ମହିଳା ସନ୍ତାନ ଜନ୍ମ ଦେଇଛନ୍ତି। ସେ ବାହାର ରାଜ୍ୟରୁ ଫେରି ଏଠାରେ ରହିଥିଲେ। ତାଙ୍କ ଘର ଗୁଣ୍ଠାୱାର୍ଡ ପଞ୍ଚାୟତର କନ୍ଦଗୁଡ଼ା ଗ୍ରାମରେ। ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହେବା ପରେ ଖବରପାଇ ବିଡିଓ ଲଚିମନ ଖରସେଲ ଓ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ଆମ୍ବୁଲାନ୍ସ ପଠାଇଥିଲେ । ଆମ୍ବୁଲାନ୍ସରେ ମହିଳା ଜଣକ ଏକ ପୁତ୍ର ସନ୍ତାନ ଜନ୍ମଦେଇଥିଲେ। ପରେ ସେମାନଙ୍କୁ ଚିତ୍ରକୋଣ୍ଡା ଡାକ୍ତରଖାନା ଅଣାଯାଇ ରଖାଯାଇଛି। ଉଭୟେ ସୁସ୍ଥ ଅଛନ୍ତି। ଏହି ଖବର ଜିଲାପାଳ ମନୀଷ ଅଗ୍ରୱାଲ ଜାଣିବା ପରେ ସମ୍ପୃକ୍ତା ମହିଳାଙ୍କୁ ରେଡ୍‌କ୍ରସ୍‌ରୁ ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି।

## ସାଇବର କ୍ରାଇମ୍ ରୋକିବାକୁ ପୋଲିସର ପ୍ରୟାସ

କାଶୀନଗର,୩୧।୫(ଡି.ଏନ୍.ଏ.):

ସାଇବର କ୍ରାଇମ୍ ରୋକିବା ପାଇଁ ଗଜପତି ଜିଲା କାଶୀନଗର ପୋଲିସ ପକ୍ଷରୁ ଜିଲାର କେ. ସୀତାପୁର ଓ ହାଡୁଭାଙ୍ଗିଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗଜପତି ଏସ୍‌ପି ସାରା ଶର୍ମା ଯୋଗଦେଇ ଏହି ଅପରାଧକୁ କିପରି ରୋକାଯାଇପାରିବ, ସେ ନେଇ ଲୋକଙ୍କୁ ବୁଝାଇଥିଲେ। ପଥପ୍ରାନ୍ତ ନାଟକ ଜରିଆରେ ବିଭିନ୍ନ ସାଇବର ଅପରାଧ ସମ୍ପର୍କରେ ଲୋକେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି ସମୟରେ ଆଇଆଇସି ଆନନ୍ଦଚନ୍ଦ୍ର ପାତ୍ର, ଏସ୍‌ଆଇ ମମତା ପଣ୍ଡା ଉପସ୍ଥିତ ଥିଲେ। କେ. ସୀତାପୁର ଓ ହାଡୁଭାଙ୍ଗିଠାରେ ନାକା ଗେଟ୍‌କୁ ଏହି ଅବସରରେ ଏସ୍‌ପି ଉଦ୍‌ଘାଟନ କରିଥିଲେ।

# ହିତାଧିକାରୀଙ୍କୁ ଡାଲି ମିଳୁନି, କିରୋସିନ ବାଟମାରଣା

ନବରଙ୍ଗପୁର,୩୧।୫(ବି.ପ୍ର.)



ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝୀ ଓ ଅନ୍ୟମାନେ ।

ନବରଙ୍ଗପୁର ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଯୋଗଦେଇ ହିତାଧିକାରୀଙ୍କ ଡାଲି ଓ କିରୋସିନ ବାଟମାରଣା କରାଯାଉଥିବା ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଜିଲାକୁ କେନ୍ଦ୍ର ସରକାର ଡାଲି ଯୋଗାଇ ଦେଇଥିଲେ ମଧ ହିତାଧିକାରୀଙ୍କ ନିକଟରେ ଏହା ପହଞ୍ଚିପାରି ନାହିଁ । ପ୍ରତି ପରିବାରକୁ ୨ ଲିଟର ଲେଖାଏଁ କିରୋସିନ ୧୫ ଟଙ୍କା ଲିଟର ପ୍ରତି ଦରରେ ଦେବାର ନିୟମ ରହିଥିବା ବେଳେ କେତେକ ଅଞ୍ଚଳରେ ୪୫ ଟଙ୍କାରେ ବିକ୍ରି କରାଯାଉଛି । ବଳକା କିରୋସିନ କଳାବଜାର କରାଯାଇଥିବା ସେ ଅଭିଯୋଗ ଆଣିଛନ୍ତି । ସେହିପରି କେତେକ ସ୍ଥାନରେ ନିମ୍ନମାନର ଡାଲି ଯୋଗାଇ ଦିଆଯାଉଛି । ଜିଲାର ପ୍ରତି ହିତାଧିକାରୀଙ୍କୁ ୧ କିଲୋ ଲେଖାଏଁ ଡାଲି ଓ ୨ ଲିଟର କିରୋସିନ ରିହାତି ଦରରେ ଯୋଗାଇଦେବାକୁ ସେ ଦାବି କରିଛନ୍ତି । କରୋନା ସମୟରେ ବିଜେଡି ସରକାର ଲୋକଙ୍କ ସେବା କରିବା ପରିବର୍ତ୍ତେ ଶୋଷଣ କରୁଥିବା ଅଭିଯୋଗ କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଶ୍ରମିକ କାମ ପାଉନାହାନ୍ତି । ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ବ୍ୟକ୍ତିଙ୍କ ରହଣି ଅବଧି ସରିବା ପରେ ୨ ହଜାର ଟଙ୍କା ଦିଆଯିବ ବୋଲି ସରକାର ଘୋଷଣା କଲେ। ତେବେ ଏହି ଟଙ୍କା ଦିଆଯାଉନି । ରାଜ୍ୟ ସରକାର ୨୦ ବର୍ଷରେ ୨୦ ଲକ୍ଷ ଲୋକଙ୍କୁ କାମଧନ୍ଦା ଯୋଗାଇବାରେ ବିଫଳ ହୋଇଛି ବୋଲି ବଳଭଦ୍ର ଅଭିଯୋଗ କରିଛନ୍ତି। ଜିଲାରେ ୯ ହଜାର ୪ ଶହ କୁଇଣ୍ଟାଲ ଡାଲି କେନ୍ଦ୍ର ସରକାର ଯୋଗାଇଦେଇଥିବା ବେଳେ ରାଜ୍ୟ ସରକାର ୧୧ଶହ କୁଇଣ୍ଟାଲ ଡାଲି

### ଅଭିଯୋଗ ଆଣିଲା ଭାଜପା

ଉମରକୋଟ, ନବରଙ୍ଗପୁର ସହରାଞ୍ଚଳ ଓ ରାଇଘର ବ୍ଲକର କିଛି ପଞ୍ଚାୟତ ଅଞ୍ଚଳରେ ଯୋଗାଇ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ହିତାଧିକାରୀ ମାଗଣା ଡାଲି ପାଇ ନାହାନ୍ତି । ରାଜ୍ୟ ସରକାର କ'ଣ ପାଇଁ ବିଳମ୍ବ କରୁଛନ୍ତି ତାହା ସନ୍ଦେହଜନକ ବୋଲି ଯୁବନେତା ଗୌରୀଶଙ୍କର ମାଝି ପ୍ରଶ୍ନ ଉଠାଇଛନ୍ତି । କିରୋସିନର କଳାକାରବାର, ନିମ୍ନ ମାନର ଡାଲି ଯୋଗାଣ ଓ ବାଟମାରଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଜିଲା ଭାଜପା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ ଦାବି କରିଛନ୍ତି। ନଚେତ୍ ଭାଜପା ସମଗ୍ର ଜିଲାରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ସେ ଦେଇଛନ୍ତି। ଜିଲା ପଛୁଆବର୍ଗ ସଭାପତି ମନୋଜ ମହାନ୍ତୁଡ ମଞ୍ଚାସୀନ ଥିଲେ ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଜୁନ୍ ୧/୨୦୨୦ Monday, June 1/2020


## ସଂକ୍ଷେପରେ

### ପାକିସ୍ତାନ ହକି ଖେଳାଳି ସ୍ମଗଲିଂ କରିଥିଲେ

**କରାଚୀ, ୩୧।୫ (ପି.ଟି.):** ୧୯୮୩ରେ ହଂକଂ ଟୁର୍‌ରୁ ଫେରିବା ବେଳେ ପାକିସ୍ତାନ ହକି ଦଳର କେତେଜଣ ସଦସ୍ୟ ମୂଲ୍ୟବାନ ସାମଗ୍ରୀ ଚୋରାରେ ଦେଶକୁ ଆଣିଥିଲେ। ବହୁବର୍ଷ ପରେ ଏହି ଅଭିଯୋଗ ଆଣିଛନ୍ତି ତତ୍କାଳୀନ ହକି ଅଧିନାୟକ ହନିଫ୍ ଖାଁ। କେତେଜଣ ଟିମ୍ ଅଫିସିଆଲ ମଧ୍ୟ ଏହି କାର୍ଯ୍ୟରେ ଲିପ୍ତ ଥିଲେ। ୧୯୮୩ରେ ହଂକଂରେ ଏକ ଇଣ୍ଟରନ୍ୟାଶନାଲ ଇଭେଣ୍ଟରେ ଭାଗନେଇ ଆମେ ଫେରୁଥିଲୁ। ସ୍ମଗ୍‌ଲିଂ ସାମଗ୍ରୀ ମଧ୍ୟରେ କାର୍ ସ୍ପେୟାର ପାର୍ଟ୍ସ, ଭିସିଆର, ଗ୍ଲାସଫ୍ରେମ ରହିଥିଲା। ସେ ସମୟରେ ଏସବୁ ଦେଶକୁ ସ୍ମଗ୍‌ଲିଂ କରି ଆଣିବାରେ କଟକଣା ରହିଥିଲା। ଟିମ୍‌ର ଲଗେଜ ଭିତରେ ଏସବୁ ଆସିଥିଲା ବୋଲି ହନିଫ୍ ଦାବି କରିଛନ୍ତି। ସେ ସମୟରେ ଏହାର ମୂଲ୍ୟ ୧୫ ନିୟୁତ ଟଙ୍କା ହେବ। ବହିଃଶୁଳ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇଥିବା ଏକ ତଦନ୍ତ ଦ୍ୱାରା ଜଣାପଡ଼ିଥିଲା ଯେ, ଟିମ୍‌ର କେତେଜଣ ଖେଳାଳି ଓ ଅଫିସିଆଲ ସ୍ମଗ୍‌ଲିଂ ର୍‍ୟାକେଟ୍‌ରେ ସମ୍ପୃକ୍ତ। ମାତ୍ର କୌଣସି କାରଣରୁ ଏହି ଖବରକୁ ସେ ସମୟରେ ଚପାଇ ଦିଆଯାଇଥିଲା। ସୂଚନାଯୋଗ୍ୟ, ହନିଫ୍ କିଛିବର୍ଷ ହେଲା ଜାତୀୟ ଦଳର ମୁଖ୍ୟ କୋଚ୍ ଓ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି।

### ଶ୍ରୀଲଙ୍କା କ୍ରିକେଟରଙ୍କ ଟ୍ରେନିଂ ଆଜିଠାରୁ

**କଲମ୍ବୋ,୩୧।୫ (ପି.ଟି.):** କୋଭିଡ୍-୧୯ ମହାମାରୀ ଜାରି ରହିଥିବା ବେଳେ ୧୩ ଶ୍ରୀଲଙ୍କା କ୍ରିକେଟରଙ୍କୁ ନେଇ ଏକ ଗ୍ରୁପ୍ ସୋମବାରଠାରୁ ଟ୍ରେନିଂ ଆରମ୍ଭ କରିବାକୁ ଯାଉଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ଖେଳାଳି ବୋଲର ବୋଲି ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍‌ଏଲ୍‌ସି) ତରଫରୁ କୁହାଯାଇଛି। କଲମ୍ବୋ କ୍ରିକେଟ କ୍ଲବ୍‌ରେ ଆଗାଧାଡିର ଏହି ୧୩ଜଣ କ୍ରିକେଟର ରେସିଡେନ୍ସିଆଲ ଟ୍ରେନିଂ କ୍ୟାମ୍ପରେ ଅଭ୍ୟାସ ଆରମ୍ଭ କରିବେ ବୋଲି ଏସ୍‌ଏଲ୍‌ସି କହିଛି। ୩ଟି ଟାକ ଫର୍ମାଟକୁ ଦୃଷ୍ଟିରେ ରଖି ଟ୍ରେନିଂ ପାଇଁ ଏହି ଖେଳାଳିମାନଙ୍କୁ ଚୟନ କରାଯାଇଛି। ଏମାନଙ୍କ ମଧ୍ୟରେ ଅଧିକାଂଶ ବୋଲର ରହିଛନ୍ତି। କାରଣ ମ୍ୟାଚ୍‌ରେ ଭାଗ ନେବା ପୂର୍ବରୁ ବୋଲରମାନେ ଫିଟ୍ ହେବା ପାଇଁ ଓ ଫର୍ମକୁ ଫେରିବା ପାଇଁ ଅଧିକ ସମୟ ନେଇଥାନ୍ତି ବୋଲି ବୋର୍ଡ ତରଫରୁ କୁହାଯାଇଛି। ୪ଜଣ ସଦସ୍ୟଙ୍କୁ ନେଇ କୋଚିଂ ଷ୍ଟାଫ୍ ଏହି ଟ୍ରେନିଂ କ୍ୟାମ୍ପର ତଦାରଖ କରିବେ। କୋଭିଡ୍-୧୯ ପାଇଁ ସରକାରଙ୍କ ତରଫରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ମାନିବା ପାଇଁ ଖେଳାଳିମାନଙ୍କୁ କୁହାଯାଇଛି। ପୂର୍ବରୁ ଇଂଲଣ୍ଡ କ୍ରିକେଟରମାନେ ପ୍ରଥମେ ଟ୍ରେନିଂ ପାଇଁ ପଡିଆକୁ ଓହ୍ଲାଇଥିଲେ। ଆଗକୁ କେତୋଟି ସିରିଜ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିବାରୁ ଖେଳାଳିଙ୍କ ଟ୍ରେନିଂକୁ ଏସ୍‌ଏଲ୍‌ସି ଗୁରୁତ୍ୱ ଦେଉଛି।

# ଫୋଗଟ୍‌ଙ୍କ ନାମ ଖେଳରତ୍ନ ପାଇଁ ସୁପାରିସ ହେବ

**ନୂଆଦିଲ୍ଲୀ, ୩୧।୫ (ପି.ଟି.)**



ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ଭିନେଶ ଫୋଗଟ୍‌ଙ୍କ ନାମ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଖେଳରତ୍ନ ପୁରସ୍କାର ଲାଗି ସୁପାରିସ କରାଯିବ। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଆସିଷ୍ଟାଣ୍ଟ ସେକ୍ରେଟାରି ବିନୋଦ ତୋମାର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରିଓ ଅଲିମ୍ପିକ ବ୍ରୋଞ୍ଜ ବିଜୟିନୀ ସାକ୍ଷୀ ମଲିକ ପୂର୍ବରୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ଲାଭ କରିସାରିଥିଲେ ମଧ୍ୟ ଏଥର ଅର୍ଜୁନ ପୁରସ୍କାର ପାଇଁ ପ୍ରାର୍ଥୀ ହେବେ। ବର୍ତ୍ତମାନ ସ୍ଥଗିତ ରଖାଯାଇଥିବା ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ଭିନେଶ ହେଉଛନ୍ତି ଏକମାତ୍ର ଭାରତୀୟ ମହିଳା ରେସ୍‌ଲର। ସେ ଗତବର୍ଷ ମଧ୍ୟ ଖେଳରତ୍ନ ପୁରସ୍କାର ପାଇଁ ଆବେଦନ କରିଥିଲେ। ମାତ୍ର ତାଙ୍କୁ ପଛରେ ପକାଇ ବଜରଙ୍ଗ ପୁନିଆ ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ଜିତିଥିଲେ। ଭିନେଶ ଗତ ୩ ବର୍ଷ ହେଲା ସ୍ଥିର ପ୍ରଦର୍ଶନ କରି ଆସୁଛନ୍ତି। ଜାକର୍ତ୍ତାରେ ସେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ଜିତିଛନ୍ତି। ୨୦୧୯ରେ ନୁର୍ ସୁଲତାନଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ହାସଲ କରିଛନ୍ତି। ଚଳିତବର୍ଷ ପ୍ରଥମ ଭାଗରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ସେ ଏକ ବ୍ରୋଞ୍ଜ ଜିତିଥିଲେ। ତୋମାର କହିଛନ୍ତି, ଆମେ ସୋମବାର ଖେଳରତ୍ନ ପୁରସ୍କାର ପାଇଁ ଭିନେଶଙ୍କ ଦରଖାସ୍ତ ପଠାଇବୁ। ପୁରସ୍କାର ପାଇଁ ସେ ଅନ୍ୟତମ ପ୍ରମୁଖ ଦାବିଦାର। କିନ୍ତୁ ଅର୍ଜୁନ ପୁରସ୍କାର ପାଇଁ ଆବେଦନକାରୀଙ୍କ ସଂଖ୍ୟା ଅଧିକ ରହିଥିବାରୁ ଆମେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇପାରିନାହୁଁ। କେଉଁ ଆବେଦନକାରୀଙ୍କ ନାମ ସୁପାରିସ ହେବ ତାହା ଡବ୍ଲ୍ୟୁଏଫ୍‌ଆଇ ସଭାପତି ସ୍ଥିର କରିବେ। ଆମ ପାଖରେ ଜୁନ୍ ୩ ପର୍ଯ୍ୟନ୍ତ ସମୟ ରହିଛି। ହେଲେ ଅଧିକାଂଶଙ୍କ ନାମ ସୋମବାର ପଠାଇଦିଆଯିବ ବୋଲି ସେ କହିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ସୂତ୍ରରୁ ପ୍ରକାଶ ସାକ୍ଷୀ ଏବେ ଫର୍ମ ଫେରିପାଇବାକୁ ସଂଘର୍ଷ ଜାରି ରଖିଥିଲେ ମଧ୍ୟ ଅର୍ଜୁନ ପୁରସ୍କାର ପାଇଁ ଆବେଦନ କରିଛନ୍ତି। ସେ ୨୦୧୬ରେ ଜିମ୍ନାଷ୍ଟ ଦୀପା କର୍ମାକାର ଓ ଶୁଟର ଜିତୁ ରାୟଙ୍କ ସହିତ ଖେଳରତ୍ନ ପୁରସ୍କାର ଲାଭ କରିଥିଲେ। ନିକଟରେ ସେ ସ୍ୱଳ୍ପ ବୟସ୍କା ରେସ୍‌ଲର ସୋନମ ମଲିକଙ୍କଠାରୁ ଦୁଇ ଥର ପରାଜିତ ହେବା ଦ୍ୱାରା ଏସିଆନ ଅଲିମ୍ପିକ କ୍ୱାଲିଫାୟର୍ସ ପାଇଁ ଯୋଗ୍ୟତା ହାସଲ କରିପାରି ନଥିଲେ। ଏଥର ଅର୍ଜୁନ ପୁରସ୍କାର ପାଇଁ ୨୦୧୯ ୱାର୍ଲ୍ଡ଼ଚାମ୍ପିୟନଶିପ୍ ରୌପ୍ୟ ହାସଲ କରିଥିବା ଦୀପକ ପୁନିଆ (୮୬କେଜି) ଓ ପ୍ରତିଭା ସମ୍ପନ୍ନ ରାହୁଲ ଆୱାରେ (୬୧କେଜି, ଅଣ-ଅଲିମ୍ପିକ କାଟେଗୋରୀ) ଡବ୍ଲ୍ୟୁଏଫ୍‌ଆଇ୍ ଦରଖାସ୍ତ କରିଥିବାରୁ ଡବ୍ଲ୍ୟୁଏଫ୍‌ଆଇ ସାକ୍ଷୀଙ୍କ ନାମ ସୁପାରିସ କରୁଛି କି ନା ଲକ୍ଷ୍ୟ କରିବା କଥା। ରିଓ ଗେମ୍ସ ପୂର୍ବରୁ ସାକ୍ଷୀ କୌଣସି ଉଲ୍ଲେଖନୀୟ ସଫଳତା ହାସଲ କରି ନ ଥିଲେ। ତେଣୁ ତାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ପଠାଯାଇ ନ ଥିଲା। ମାତ୍ର ସେ ରିଓରେ ଏକ ବ୍ରୋଞ୍ଜ ଜିତିବାରୁ ସେ ସମୟରେ ସିଧାସଳଖ ଖେଳରତ୍ନ ପୁରସ୍କାର ପାଇଥିଲେ।

# ଡିଙ୍ଗ୍‌କୋ ସିଂ କରୋନା ପଜିଟିଭ୍

**ନୂଆଦିଲ୍ଲୀ, ୩୧।୫ (ପି.ଟି.):** ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ପୂର୍ବତନ ବକ୍ସର ଡିଙ୍ଗ୍‌କୋ ସିଂ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଲିଭର କ୍ୟାନ୍‌ସରରେ ପୀଡ଼ିତ ଅଛନ୍ତି। ରାଡିଏଶନ୍ ଥେରାପି ପାଇଁ ସେ ନୂଆଦିଲ୍ଲୀ ଯାଇଥିଲେ। ତାଙ୍କୁ ପୁଣି ଜଣ୍ଡିସ୍ ହୋଇଥିବା ଜଣାପଡ଼ିବାରୁ ନିଜ ରାଜ୍ୟ ମଣିପୁରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ନୂଆଦିଲ୍ଲୀ ଗସ୍ତ ପୂର୍ବରୁ ତାଙ୍କର କୋଭିଡ୍-୧୯ ଟେଷ୍ଟ ହୋଇଥିଲା। ଫଳାଫଳ ନେଗେଟିଭ୍ ଆସିଥିଲା। ମାତ୍ର ସେ ମଣିପୁରକୁ ପ୍ରତ୍ୟାବର୍ତ୍ତନ ପରେ ତାଙ୍କର ପୁଣି ଟେଷ୍ଟ ହେବାରୁ ସେ କରୋନା ପଜିଟିଭ୍ ଥିବା ଜଣାପଡ଼ିଥିଲା। ୪୧ ବର୍ଷୀୟ ଡିଙ୍ଗ୍‌କୋ ଜଣେ ପୂର୍ବତନ ବ୍ୟାଣ୍ଟମୱେଟ୍ ବକ୍ସର। ସେ ବ୍ୟାଙ୍କକ୍‌ଠାରେ ଏସିଆନ ଗେମ୍ସର ୧୯୯୮ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଅର୍ଜୁନ ଓ ପଦ୍ମଶ୍ରୀ ପୁରସ୍କାର ମଧ୍ୟ ଲାଭ କରିଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହେ ପର୍ଯ୍ୟନ୍ତ ସେ ଦିଲ୍ଲୀରେ ଥିବାବେଳେ ତାଙ୍କ ଦାୟିତ୍ୱରେ ଥିବା ଜଣେ ନର୍ସ କରୋନା ପଜିଟିଭ୍ ବୋଲି ଜଣାପଡ଼ିଥିଲା। ଡିଙ୍ଗ୍‌କୋ ମେଡିକାଲ ଛାଡ଼ିବା ବେଳେ ତାଙ୍କର କୋଭିଡ୍-୧୯ ଟେଷ୍ଟ ହୋଇଥିଲା ଏବଂ ସେ ନେଗେଟିଭ୍ ଥିବା ଜଣାପଡ଼ିଥିଲା। ସିଂଙ୍କର ପ୍ରକୃତରେ ମାର୍ଚ୍ଚରେ ରାଡିଏଶନ୍ ଥେରାପି ହେବାର ଥିଲା। ନ୍ୟାଶନାଲ ଲକ୍‌ଡାଉନ୍ କାରଣରୁ ତାଙ୍କୁ ଦିଲ୍ଲୀ ଆଣିବାରେ ବିଳମ୍ବ ଘଟିଥିଲା। ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ତରଫରୁ ଏୟାର ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବାରେ ସେ ଏପ୍ରିଲ ଶେଷ ସପ୍ତାହରେ ଦିଲ୍ଲୀ ଯାଇଥିଲେ। ମାତ୍ର ଜଣ୍ଡିସ୍ ଯୋଗୁ ତାଙ୍କର



ଥେରାପି ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା। ମଣିପୁରକୁ ଆସିବା ଲାଗି ତାଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ସଡ଼କ ପଥରେ ଦୀର୍ଘ ୨୪୦୦ କିଲୋମିଟର କଷ୍ଟସାଧ୍ୟ ଯାତ୍ରା କରିବାକୁ ପଡ଼ିଥିଲା। ହୁଏତ ଆମ୍ବୁଲାନ୍ସ କିମ୍ବା ଦିଲ୍ଲୀରେ ଥିବାବେଳେ କାହା ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଉଛି।

# ହଙ୍ଗେରୀରେ ଦର୍ଶକ ଉପଭୋଗ କଲେ ମ୍ୟାଚ



**ମିସ୍‌କୋଲ୍‌କ (ହଙ୍ଗେରୀ), ୩୧।୫ (ଏଏଫ୍‌ପି):** କରୋନାଭାଇରସ୍ ଯୋଗୁ ଦୁଇ ମାସ ବ୍ରେକ୍ ପରେ ହଙ୍ଗେରୀରେ ଫୁଟ୍‌ବଲ ମ୍ୟାଚ ଆରମ୍ଭ ହୋଇଛି। ଦର୍ଶକମାନେ ଷ୍ଟାଡିୟମରେ ମ୍ୟାଚକୁ ଉପଭୋଗ କରିଛନ୍ତି। ସମଗ୍ର ୟୁରୋପରେ ଏହା ପ୍ରଥମ। ମହାଦେଶରେ ପୁଣି ଆରମ୍ଭ ହୋଇଥିବା ଅନ୍ୟ ଲିଗ୍ ଗୁଡ଼ିକ ରୁଦ୍ଧଦ୍ୱାରରେ ଖେଳାଯାଉଛି। ହଙ୍ଗେରିଆନ ଫୁଟ୍‌ବଲ ଆସୋସିଏଶନ (ଏମ୍‌ଏଲ୍‌ଏସ୍‌ଜି) ମାର୍ଚ୍ଚ ପରଠାରୁ ପ୍ରଥମେ କ୍ଲବଗୁଡ଼ିକର ସମର୍ଥକଙ୍କୁ ସର୍ତ୍ତ ଭିତ୍ତିରେ ଷ୍ଟାଡିୟମ ଭିତରକୁ ଅନୁମତି ଦେଇଥିଲା। ଷ୍ଟାଡିୟମର ପ୍ରତି ଦ୍ୱିତୀୟ ଧାଡ଼ି ଖାଲି ରହିବ। ଦୁଇ ଦେଖଣାହାରୀଙ୍କ ମଧ୍ୟରେ ତିନୋଟି ଆସନ ଖାଲି ରହିବ। ଶନିବାର ଉତ୍ତର-ପୂର୍ବାଞ୍ଚଳ ସହର ମିସ୍‌କୋଲକ ସହରରେ ଡିଓସ୍‌ଗ୍ୟୋର୍ କ୍ଲବ ଷ୍ଟାଡିୟମରେ ମ୍ୟାଚ ଖେଳାଯାଇଥିଲା। ଏହି କ୍ଲବ ମୋଜୋକୋଭେଡ୍ ବିପକ୍ଷରେ ମ୍ୟାଚ୍ ଖେଳିଥିଲା। ଷ୍ଟାଡିୟମରେ ୨,୨୫୫ ଦର୍ଶକ ଉପସ୍ଥିତ ଥିଲେ। ଦୁଇ କ୍ଲବର ସମର୍ଥକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ୩୬ ବର୍ଷୀୟ ରିଚାର୍ଡ କୋଭାକ୍ସ କହିଥିଲେ ଆମକୁ ନିୟମ ମାନି ଚଳିବାକୁ ପଡ଼ିବ। ତା' ନହେଲେ ମ୍ୟାଚ ରୁଦ୍ଧଦ୍ୱାରରେ ଖେଳାଯିବ। ଡିଓସ୍‌ଗ୍ୟୋର୍ ଫେସ୍‌ମାସ୍କ ପରିଧାନ କରିଥିବା ୧୮ବର୍ଷୀୟ ଜଣେ ଛାତ୍ର ସିସାବା ଗାସପାରିକ୍ସ କହିଛନ୍ତି ଭାଇରସ୍‌ର ମୂଳୋତ୍ପାଟନ ହୋଇନାହିଁ। ଆମକୁ ଦୂରତ୍ୱ ବଜାୟ ରଖିବାକୁ ପଡ଼ିବ। ୪୧ବର୍ଷୀୟ ଗାବର ଲେଙ୍ଗୟେଲ କହିଛନ୍ତି ମହାମାରୀ ଅପେକ୍ଷା ଆମେ ବିଜୟ ପରାଜୟ ନେଇ ଚିନ୍ତିତ।

# ଅକମଲଙ୍କ ଅପିଲର ଶୁଣାଣି କରିବେ ପୂର୍ବତନ ସୁପ୍ରିମକୋର୍ଟ ଜଜ୍

**କରାଚି, ୩୧।୫ (ପି.ଟି.):** ପାକିସ୍ତାନ ବ୍ୟାଟ୍ସମ୍ୟାନ ଉମର ଅକମଲଙ୍କ ମାମଲାର ଶୁଣାଣି କରିବେ ପୂର୍ବତନ ସୁପ୍ରିମକୋର୍ଟ ଜଜ୍ ଫକିର ମହମ୍ମଦ ଖୋଖାର। ଦୁର୍ନୀତି କରିବାକୁ ଆକମଲଙ୍କୁ ପ୍ରସ୍ତାବ ଦିଆଯାଇ ନ ଥିଲେ ମଧ୍ୟ ସେ ଏ ସଂକ୍ରାନ୍ତରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ଜଣାଇ ନଥିଲେ। ଫଳରେ ପିସିବି ତାଙ୍କୁ ୩ ବର୍ଷ ବାସନ୍ଦ କରିଥିଲା। ଏବେ ଏହା ବିରୋଧରେ ଅକମଲ ଅପିଲ କରିଛନ୍ତି । ଫକିର ଏହି ଅପିଲର ଶୁଣାଣି କରିବେ ବୋଲି ପିସିବି ତରଫରୁ କୁହାଯାଇଛି।

ଅକମଲଙ୍କୁ ଗତମାସ ପିସିବି ସବୁ ପ୍ରକାର କ୍ରିକେଟ କାର୍ଯ୍ୟକଳାପରୁ ବାସନ୍ଦ କରିଥିଲା। ବୋର୍ଡର ଶୃଙ୍ଖଳାଗତ କମିଟି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା। ଚଳିତ ବର୍ଷ ପ୍ରାରମ୍ଭରେ ପାକିସ୍ତାନ୍ ସୁପର ଲିଗ୍ ଆରମ୍ଭ ହେବା ପୂର୍ବରୁ ଦୁର୍ନୀତି ନେଇ ପ୍ରସ୍ତାବ ମିଳିଥିଲେ ମଧ୍ୟ ଅକମଲ ପିସିବିକୁ ରିପୋର୍ଟ କରି ନ ଥିଲେ। ତେଣୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହା ବାସନ୍ଦାଦେଶ ବିରୋଧରେ ୩୦ ବର୍ଷୀୟ ଅକମଲ ଚ୍ୟାଲେଞ୍ଜ୍ କରିଥିଲେ। ଏବେ ଏହାର ନିରପେକ୍ଷ ତଦନ୍ତ ହେବ। ଏହି ମାମଲାରେ ସାହାଯ୍ୟ କରିବାକୁ ଅକମଲ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ପାର୍ଲାମେଣ୍ଟାରୀ ଆଫେୟାର୍ସ ଆଡ୍‌ଭାଇଜର ବାବର ଆୱାନଙ୍କର ସହାୟତା ନେଇଛନ୍ତି। ପିଏସ୍‌ଏଲ ଆରମ୍ଭ ହେବା ପୂର୍ବରୁ ଅକମଲଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ଉମର ହେଉଛନ୍ତି ପୂର୍ବତନ ଉଇକେଟକିପର ବ୍ୟାଟ୍ସମ୍ୟାନ କାମରାନ ଅକମଲଙ୍କ ସାନ ଭାଇ। ସେ ମଧ୍ୟ ଅଧିନାୟକ ବାବର ଆଜମଙ୍କର ସମ୍ପର୍କୀୟ ଭାଇ। ଉମର ପାକିସ୍ତାନ ପାଇଁ ୧୬ ଟେଷ୍ଟ, ୧୨୧ ଦିନିକିଆ ଓ ୮୪ଟି ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୧୦୦୩, ୩୧୯୪ ଓ ୧୬୯୦ ରନ ସଂଗ୍ରହ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟରେ ପଦାର୍ପଣ କରି ସେ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ପରେ ସେ ଏହି ସଫଳତାକୁ ଦୋହରାଇ ପାରି ନ ଥିଲେ।

# ସାଇ ଲଞ୍ଚ୍ କରିବ ଇ-ପାଠଶାଳା

**ନୂଆଦିଲ୍ଲୀ, ୩୧।୫ (ପି.ଟି.)**

ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ପାଇଁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଏକ ଅଭିନବ ପ୍ରୟାସ ଆରମ୍ଭ କରିବାକୁ ଯାଉଛି। ଜୁନ୍ ୧ ତାରିଖରୁ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ (ଏସ୍‌ଏସ୍‌ଏଫ୍)ଗୁଡିକ ସହିତ ମିଳିତ ଭାବେ ସାଇ ଅନ୍‌ଲାଇନ୍‌ରେ ଖେଲୋ ଇଣ୍ଡିଆ ଇ- ପାଠଶାଳା ଆରମ୍ଭ କରିବ। ଏହା ମାଧ୍ୟମରେ ତୃଣମୂଳସ୍ତରର ଆଥଲେଟଙ୍କ ପାଇଁ କୋଚିଂ ଓ ଏଜୁକେଶନ ପ୍ରୋଗ୍ରାମ ପ୍ରଦାନ କରାଯିବ।

କେନ୍ଦ୍ର କୀଡ଼ାମନ୍ତ୍ରୀ କିରେନ ରିଜିଜୁ ଓ ଆଦିବାସୀ ଉନ୍ନୟନ ମନ୍ତ୍ରୀ ତଥା ଭାରତୀୟ ତୀରନ୍ଦାଜୀ ଆସୋସିଏଶନ ଅଧ୍ୟକ୍ଷ ଅର୍ଜୁନ ମୁଣ୍ଡା ୧ ତାରିଖ ସକାଳ ୯ଟାରେ ଏହି ପ୍ରୋଗ୍ରାମ ଉଦ୍‌ଘାଟନ କରିବେ। ଏହି ଅବସରରେ ତୀରନ୍ଦାଜ, ତୀରନ୍ଦାଜ କୋଚ୍ ଓ ବିଭିନ୍ନ କ୍ରୀଡ଼ାବର୍ଗର ବିଶେଷଜ୍ଞମାନେ ଉପସ୍ଥିତ ରହିବେ। ଏହି କ୍ରୀଡ଼ାରେ ଆଥଲେଟିକ୍ସ, ତୀରନ୍ଦାଜୀ, ବକ୍ସିଂ, ସାଇକ୍ଲିଂ, ଫେନ୍ସିଂ, ଫୁଟବଲ, ଜିମ୍ନାଷ୍ଟିକ୍ସ, ହକି, ଜୁଡୋ, କାୟାକିଂ ଓ କାନୋଇଂ, କବାଡ଼ି, ପାରା ଗେମ୍ସ, ରୋଇଂ, ଶୁଟିଂ, ଟାଏକୋଣ୍ଡୋ, ଟେବଲ ଟେନିସ, ଭଲିବଲ, ୱେଟ୍‌ଲିଫ୍ଟିଂ, ରେସଲିଂ ଓ ଉଷୁ ସମେତ ୨୧ କ୍ରୀଡ଼ା ସାମିଲ ରହିବ।

ଏହି ଅନ୍‌ଲାଇନ୍ ପ୍ରୋଗ୍ରାମରେ ଜଣାଶୁଣା ଆଥଲେଟ ଯୋଗଦେବେ ଓ ଯୁବ ଆଥଲେଟମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିବେ। କ୍ରୀଡ଼ାବିତମାନଙ୍କ ପ୍ରତିଭା ତଥା କ୍ଷମତାର ଉନ୍ନତି ହେଉଛି ଏହି ପ୍ରୋଗ୍ରାମର ମୂଳ ଲକ୍ଷ୍ୟ। ଜଣାଶୁଣା କୋଚ୍‌ଙ୍କୁ ନେଇ ଗଠିତ କମିଟି ଏହି ପ୍ରୋଗ୍ରାମରେ ଦିଗ୍‌ଦର୍ଶନ ଦେବେ। ସେହିପରି ସ୍ପୋର୍ଟ୍ସ ସାଇଣ୍ଟିଷ୍ଟ, ହାଇ- ପରଫରମାନ୍ସ ଡାଇରେକ୍ଟର ଓ ହାଇ- ପରଫର୍ମାନ୍ସ ମ୍ୟାନେଜରଙ୍କୁ ନେଇ ଗଠିତ କମିଟି ଏହାର ତଦାରଖ କରିବ। ଏହି କମିଟି ପ୍ରୋଗ୍ରାମ ସଂକ୍ରାନ୍ତରେ ଫିଡ୍‌ବ୍ୟାକ ଦେବ।

# ଧୋନୀଙ୍କୁ ଶ୍ରେୟ ଦେଲେ କୋହଲି



**ନୂଆଦିଲ୍ଲୀ, ୩୧।୫:** ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଶ୍ରେୟ ଦେଇଛନ୍ତି କ୍ରିକେଟ ସୁପରଷ୍ଟାର ବିରାଟ କୋହଲି। ଭାରତୀୟ ଦଳର ଅଧିନାୟକ ହେବା ପଛରେ ଧୋନୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କୋହଲି କହିଛନ୍ତି। ଦଳରେ ସ୍ଥାନ ପକ୍କା କରିବା ପରେ ଧୋନୀଙ୍କୁ ବିଭିନ୍ନ ରଣନୀତି ଓ ଯୋଜନା ସମ୍ପର୍କରେ ପ୍ରଶ୍ନ ପଚାରିଥାଏ। ବୋଧ ହୁଏ ଏହି କାରଣରୁ ତାଙ୍କ ଉତ୍ତରାଧିକାରୀ ହେବା ପାଇଁ ଧୋନୀଙ୍କ ବିଶ୍ୱାସ ହାସଲ କରିଥିଲି। ସବୁବେଳେ ଦାୟିତ୍ୱ ନେବା ପାଇଁ ଉତ୍ସୁକ ଥିଲି ବୋଲି ଏକ ଇନ୍‌ଷ୍ଟାଗ୍ରାମ୍‌ରେ ଲାଇଭ୍ ଚାଟ୍‌ରେ ଅଂଶଗ୍ରହଣ କରି କୋହଲି ଅଶ୍ୱିନଙ୍କୁ କହିଛନ୍ତି। ପଦାର୍ପଣ କରିବା ପରେ ଦଳର ନିୟମିତ ସଦସ୍ୟ ହେବାକୁ ପ୍ରୟାସ କରିଥିଲି। ଏହାପରେ ଧୋନୀଙ୍କ ସହିତ ସବୁବେଳେ ଆଲୋଚନା କରିଆସୁଥିଲି। ଫଳରେ ମୋ ଉପରେ ତାଙ୍କ ବିଶ୍ୱାସ ଓ ଭରସା ବଢିଥିଲା। ତାଙ୍କ ନେତୃତ୍ୱ ନେବାର ପ୍ରକ୍ରିୟା ଓ କଳା କୌଶଳଙ୍କୁ ମଧ୍ୟ ଦୀର୍ଘ ସମୟଧରି ନିରୀକ୍ଷଣ କରିଆସୁଥିଲି। ଜଣେ ଅଧିନାୟକଙ୍କଠାରୁ ରାତାରାତି ଦାୟିତ୍ୱ ନିଆଯାଇ ନ ଥାଏ। ସମସ୍ତଙ୍କ ବିଶ୍ୱାସଭାଜନ ହେବା ସହ ନେତୃତ୍ୱ ନେବାକୁ ନିଜର ସାମର୍ଥ୍ୟକୁ ମଧ୍ୟ ପ୍ରମାଣ କରିବାକୁ ହୋଇଥାଏ ବୋଲି ସେ ମୋତେ କହିଥିଲେ। ତେଣୁ ମୋତେ ଅଧିନାୟକ ଦାୟିତ୍ୱ ମିଳିବାରେ ତାଙ୍କର ପ୍ରଚ୍ଛନ୍ନ ଭୂମିକା ରହିଛି ବୋଲି କୋହଲି କହିଛନ୍ତି।


## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତା ଚିନ୍ମୟ କର/ ତ୍ରିପାଠୀ**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ
ଶ୍ରୀରାମ ନଗର, ଭୁବନେଶ୍ୱର,
ଆବିର୍ଭାବ: ୨୭।୦୧।୧୯୫୬
ତିରୋଧାନ: ୧୪।୦୬।୨୦୧୬
ଏହି ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୫୯୮୭୦

### ପ୍ରଥମ ବର୍ଷ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ପ୍ରିତିଶ ପ୍ରିନ୍ସ ସାହୁ (ବିଶାଲ)**
ବଡ଼ଦାଣ୍ଡ ସାହି, ତିନି ମୁଣ୍ଡିଆ ମନ୍ଦିର ନିକଟ
ଓଲ୍ଡ ଟାଉନ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୨୨।୧୧।୧୯୯୪
ତିରୋଧାନ: ୧୨।୦୬।୨୦୧୯
ବିଶାଲ ତୋର ଅକାଳ ବିୟୋଗ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଲା। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
:ଶୋକସନ୍ତପ୍ତ:
ବାପା: ଭଗତ, ମାମା: ବିନୋଦିନୀ, ବବ୍‌ଲୁ, ବିକି, କ୍ୱିଲ୍, ଗୁଡି, ଓମ୍, ସୋମ୍, ସ୍ନେହା, ସୁହାନୀ ।
ଧ-୬୯୫୦୯


# ୩ ଥର ଅଲିମ୍ପିକ୍ ଚାମ୍ପିୟନଙ୍କ ପରଲୋକ

**ସାନ ବେନିଟୋ,୩୧।୫(ଏପି):** ୩ଥର ଅଲିମ୍ପିକ୍ ଚାମ୍ପିୟନ ହୋଇଥିବା ପୂର୍ବତନ ଆମେରିକୀୟ ଧାବକ ବବି ଜୋଏ ମୋରୋଙ୍କ ପରଲୋକ ହୋଇଛି। ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ଟେକ୍ସାସର ଏହି ସ୍ପ୍ରିଣ୍ଟର ୩ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ଆବିଲେନ ଖ୍ରୀଷ୍ଟିଆନ ବିଶ୍ୱବିଦ୍ୟାଳୟରେ ପଢୁଥିବା ବେଳେ ଏହି ବିରଳ ସଫଳତା ହାସଲ କରିଥିବା ମୋରୋ ୮୪ ବର୍ଷ ବୟସରେ ସାନି ବେନିଟୋସ୍ଥିତ ବାସଭବନରେ ମୃତ୍ୟୁ ବରଣ କରିଛନ୍ତି। ମେଲବୋର୍ନ ଅଲିମ୍ପିକ୍ସରେ ସେ ୧୦୦, ୨୦୦ ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ୪୦୦ ମି. ରିଲେ ଦୌଡରେ ମଧ୍ୟ ସ୍ୱର୍ଣ୍ଣ ଜିଣିଥିଲେ। ୨୦୦ ମି.ରେ ସେ ୨୦.୬ ସେକେଣ୍ଡ ନେଇ ରେକର୍ଡରେ ସମକକ୍ଷ ହେବା ସହ ନିଜ ରିଲେ ଦଳକୁ ମଧ୍ୟ ବିଶ୍ୱ ରେକର୍ଡର ଅଧିକାରୀ କରିଥିଲେ। କ୍ୟାରିୟରରେ ସେ ଏକାଧିକ ପୁରସ୍କାର ଅର୍ଜନ କରିଥିଲେ। ସ୍ପୋର୍ଟ୍ସ ଇଲୁଷ୍ଟ୍ରେଟେଡ ତରଫରୁ ତାଙ୍କୁ 'ସ୍ପୋର୍ଟ୍ସମ୍ୟାନ ଅଫ୍ ଇୟର' ପୁରସ୍କାର ପ୍ରଦାନ କରାଯାଇଥିଲା। ହାରଲିନ୍‌ଗେନ୍‌ରେ ଜନ୍ମିତ ମୋରୋ ସାନ ବେନିଟୋରେ ବଡ଼ ହୋଇଥିଲେ। ସାନ ବେନିଟୋ ହାଇସ୍କୁଲ୍‌ରେ ସେ ଟ୍ରାକ ଆଣ୍ଡ ଫୁଟବଲ୍ ସହିତ ଜଡିତ ରହିଥିଲେ। ଏଠାରେ ଫୁଟବଲ ଷ୍ଟାଡିୟମକୁ ବବି ମୋରୋଙ୍କ ନାମରେ ନାମିତ କରାଯାଇଛି। ୧୯୮୯ରେ ତାଙ୍କୁ ଟ୍ରାକ୍ ଆଣ୍ଡ ଫିଲ୍ଡ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା।



ଗୋଟିଏ ଅଲିମ୍ପିକ୍ସରେ ୧୦୦, ୨୦୦ ଦୌଡ଼ ଓ ୪୦୦ମି. ରିଲେ ରେସ୍‌ରେ ସେ ହାସଲ କରିଥିବା ରେକର୍ଡର ପରେ ସମକକ୍ଷ ହୋଇଥିଲେ ଆମେରିକାର କାର୍ଲ ଲୁଇସ୍ ଓ ଜାମାଇକାନ ଉସେନ ବୋଲ୍ଟ। ୧୯୫୮ରେ ସେ ଆଥଲେଟିକ୍ସରୁ ଅବସର ଘୋଷଣା କରିଥିଲେ। ଏହାପରେ ସେ ୧୯୬୦ରେ ଅବସରରୁ ଫେରିବାକୁ ପ୍ରୟାସ କରିଥିଲେ ମଧ୍ୟ ୟୁଏସ୍ ଅଲିମ୍ପିକ ଦଳ ପାଇଁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ